DHARITRI
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୭/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, April 27/2023 Page 16 ₹ 7.00
୪୯ଶ ଭାଗ ୧୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 152 ମୂଲ୍ୟ ₹୭/-



**ଜାସନ ରୟଙ୍କ ଅର୍ଦ୍ଧଶତକ**
ଆଇପିଏଲ୍‌ର ବୁଧବାର ଅନୁଷ୍ଠିତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି କୋଲକାତା ନାଇଟ ରାଇଡର୍ସର ଜାସନ ରୟ। **୧୬**

**୦୨** **ପ୍ରଧାନମନ୍ତ୍ରୀ ମୋଦିଙ୍କ 'ମନ୍ କି ବାତ୍'କୁ ଆମିରଙ୍କ ପ୍ରଶଂସା**
ବଲିଉଡ୍ ଅଭିନେତା ଆମିର ଖାନ୍ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମ 'ମନ୍ କି ବାତ୍'କୁ ଖୁବ୍ ପ୍ରଶଂସା କରି ଚର୍ଚ୍ଚାକୁ ଆସିଛନ୍ତି।





ପୁରୀ ରଥଖଳାରେ ମହାରଣା ସେବକମାନେ ବୁଧବାର ଡୁମ୍ବ ପ୍ରସ୍ତୁତ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର)

# ଚାଷ ପ୍ରତି ବିମୁଖ ଭାଗଚାଷୀ

**ରାଜ୍ୟ କୃଷି କ୍ଷେତ୍ରର ବିକାଶରେ ପ୍ରମୁଖ ଭୂମିକା ନିଭାଉଥିବା ଭାଗଚାଷୀ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ହତାଶ ହୋଇପଡ଼ିଛନ୍ତି। ସରକାରୀ ସ୍ତରରେ ସେମାନେ ଚାଷୀ ଭାବେ ଗଣତି ହେବା ପାଇଁ ବ୍ୟବସ୍ଥା ହୋଇପାରିନାହିଁ। ଏଥିଯୋଗୁ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଜମି ମାଲିକ ପାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଜନିତ ସରକାରୀ କ୍ଷତିପୂରଣ, ବ୍ୟାଙ୍କ ଋଣ, ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ରେ ଧାନ ବିକ୍ରି ଭଳି ସୁବିଧାଠାରୁ ସେମାନେ ବହୁ ଦୂରରେ ରହିଛନ୍ତି। ଏସବୁର ସମାଧାନ ହୋଇପାରୁ ନ ଥିବାରୁ ଚାଷ ପ୍ରତି ଭାଗଚାଷୀ ବିମୁଖ ହୋଇଗଲେଣି, ଯାହାକି ରାଜ୍ୟର ଶସ୍ୟ ଉତ୍ପାଦନରେ ଗୁରୁତର ପ୍ରଭାବ ପକାଇବା ସ୍ପଷ୍ଟ ହେଉଛି।**

- **କାଳିଆ, ପ୍ରଧାନମନ୍ତ୍ରୀ କିଷାନ ଯୋଜନାଠୁ ଦୂରରେ**
- **ବ୍ୟାଙ୍କ ଋଣ ଦେଉନି, ଧାନ ବିକ୍ରି ହେଉନି**



କେନ୍ଦ୍ରାପଡ଼ା ଅଫିସ/ଯାଜପୁର ଅଫିସ/ବରଗଡ଼ ଅଫିସ୍, ୨୬।୪

ଓଡ଼ିଶା ଦିବସ ପାଳନ ଅବସରରେ ରାଜ୍ୟ ସରକାର ୪୩ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କାଳିଆ ଯୋଜନା ମାଧ୍ୟମରେ ୮୭୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସୋମବାର ୩୫ ଲକ୍ଷ ଚାଷୀଙ୍କୁ ୪୪୧.୭୬ କୋଟି ଟଙ୍କାର ସୁଧ ରିହାତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ କୃଷକ କଲ୍ୟାଣକାରୀ ଯୋଜନା, ଓଡ଼ିଶା ପଣସ ମିଶନ, ଓଡ଼ିଶା ମିଲେଟ ମିଶନ ଆଦିରେ ଅର୍ଥ ବ୍ୟୟ ବରାଦ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଭାଗଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଦୃଢ଼ ମନୋଭାବରେ ଚାଷ କାର୍ଯ୍ୟକୁ ଆଗେଇ ନେଉଥିବା ଏହି ଶ୍ରେଣୀର ଚାଷୀ ଚଳିତବର୍ଷର ଚାଷ ପାଇଁ ବିମୁଖ ହେଉଛନ୍ତି।

କେନ୍ଦ୍ରାପଡ଼ା ବ୍ଲକ କଂସାର ଗ୍ରାମର ଭାଗଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତି, ତାଙ୍କର ନିଜର ଜମି ନାହିଁ। ୬ ଜଣିଆ ପରିବାର ପୋଷିବା ପାଇଁ ୫ ଏକର ଜମି ଭାଗରେ ନେଇ ଚାଷ କରୁଛନ୍ତି। ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲରୁ ଦୁଇ ପଞ୍ଚମାଂଶ ଜମିମାଲିକଙ୍କୁ ଦେବାକୁ ପଡୁଛି। ହେଲେ ରୋଗପୋକ ଓ ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଥିବାବେଳେ ଅମଳ ପରେ ତାଙ୍କ ଭାଗକୁ ଆସୁଥିବା ଧାନ ସରକାରୀ ମଣ୍ଡିରେ ବିକ୍ରି କରିବା ସମ୍ଭବ ହେଉନାହିଁ। ତେଣୁ ସେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ନିଜ ନାମରେ ଜମି ନ ଥିବାରୁ ବ୍ୟାଙ୍କ ଋଣ ଦେଉନାହିଁ। ଅଧିକ ସୁଧରେ ମହାଜନଙ୍କଠାରୁ ଋଣ ଆଣି ତାହାକୁ ଶୁଝିବା ପରେ ଯେତିକି ପାରିଶ୍ରମିକ ମିଳୁଛି, ସେଥିରେ ପରିବାର ଗୁଜରାଣ ମେଣ୍ଟାଇବା କଷ୍ଟକର ହେଉଥିବା ପରିଡ଼ା କହିଛନ୍ତି।

ବରଗଡ଼ ଜିଲା ବରଗଡ଼ ବ୍ଲକ କଳାପାଣି ଗ୍ରାମର ଭାଗଚାଷୀ ସୁରେଶ ନେକାଣ୍ଡି କହିଛନ୍ତି, ସେ ୧୦ଏକର ଜମି ଭାଗଚାଷ କରୁଛନ୍ତି। ହେଲେ ଭାଗଚାଷୀଙ୍କ ପାଇଁ କିଛି ☞ପୃଷ୍ଠା-୪

# ଦାନ୍ତେୱାଡ଼ାରେ ଲାଲ ଆତଙ୍କ

## ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ: ୧୦ ଯବାନ, ଡ୍ରାଇଭର ମୃତ

ରାୟପୁର/ନୂଆଦିଲ୍ଲୀ/ମାଲକାନଗିରି(ଡିଏନ୍ଏ),୨୬।୪

ଛତିଶଗଡ଼ର ଦାନ୍ତେୱାଡ଼ାରେ ବୁଧବାର ପୁଣି ଲାଲ ଆତଙ୍କ ଦେଖିବାକୁ ମିଳିଛି। ମାଓବାଦୀଙ୍କ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣରେ ୧୦ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନ ଓ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣ ପରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ନେଇ ପୁନର୍ବାର ପ୍ରଶ୍ନ ଉଠିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟରରେ ମୃତ ପୋଲିସ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସହ ଫୋନ୍‌ରେ ଆକ୍ରମଣ ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟକୁ କେନ୍ଦ୍ର ପକ୍ଷରୁ ଯଥାସମ୍ଭବ ସହାୟତା ପ୍ରଦାନ ପାଇଁ ଶାହା ତାଙ୍କୁ



ବିସ୍ଫୋରଣ ସ୍ଥଳ

ପ୍ରତିଶ୍ରୁତି ଦେଇଛନ୍ତି। ଆକ୍ରମଣ ପରେ ସତର୍କତା ଦୃଷ୍ଟିରୁ ଓଡ଼ିଶାର ବିଭିନ୍ନ ସୀମାନ୍ତ ଅଞ୍ଚଳରେ ଆଲର୍ଟ ଜାରି କରାଯାଇଛି।

ଛତିଶଗଡ଼ର ସର୍ବାଧିକ ମାଓବାଦୀ ପ୍ରଭାବିତ ଜିଲାଗୁଡ଼ିକ ମଧ୍ୟରୁ ଦାନ୍ତେୱାଡ଼ା ଅନ୍ୟତମ। ଅନ୍ୟ ଜିଲାଗୁଡ଼ିକ ହେଲା ବସ୍ତର, ବିଜାପୁର, କାଙ୍କେର, କୋଣ୍ଡାଗାଁ, ନାରାୟଣପୁର, ରାଜନନ୍ଦଗାଁ ଏବଂ ସୁକ୍‌ମା। ଏହି ରେଡ୍ କରିଡରରେ ଦୀର୍ଘ ☞ପୃଷ୍ଠା-୪

### ମାଲକାନଗିରି, କୋରାପୁଟ, ନବରଙ୍ଗପୁରରେ ହାଇ ଆଲର୍ଟ

ଭୁବନେଶ୍ୱର,୨୬।୪

ଛତିଶଗଡ଼ ଦାନ୍ତେୱାଡ଼ାରେ ବୁଧବାର ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୧୦ ଡିଆର୍‌ଜି ଯବାନଙ୍କ ସମେତ ୧୧ଜଣ ଶହୀଦ ହେବା ଘଟଣାକୁ ଗୁରୁତ୍ୱର ସହ ନେଇଛି ଓଡ଼ିଶା ପୋଲିସ। ଏହି ଘଟଣା ପରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଜିଲାଗୁଡ଼ିକରେ ହାଇ ଆଲର୍ଟ ଜାରି କରାଯାଇଛି। ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନଙ୍କୁ ☞ପୃଷ୍ଠା-୪

# ୨ ଚକିଆ ଇ-ଯାନକୁ ସର୍ବାଧିକ ୨୦ ହଜାର ଟଙ୍କାର ରିହାତି

- **୩ ଚକିଆ ପାଇଁ ୩୦ ହଜାର, ୪ ଚକିଆ ଲାଗି ସର୍ବାଧିକ ଦେଢ଼ ଲକ୍ଷ ଟଙ୍କା**
- **ଇ-ଯାନ ପଞ୍ଜୀକରଣ ସନ୍ତୋଷଜନକ ନ ହେବାରୁ ରିହାତି ବୃଦ୍ଧି କଲେ ସରକାର**

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ସବୁ ପ୍ରକାର ଇ-ଯାନ କିଣିଲେ ଏଣିକି ପୂର୍ବ ଅପେକ୍ଷା ଅଧିକ ଟଙ୍କାର ରିହାତି ମିଳିବ। ଦୁଇ ଚକିଆ ଇ-ଯାନ ଲାଗି ପ୍ରତି କେଡବ୍ଲ୍ୟୁଏଚ୍ (କିଲୋୱାଟ୍ ଆୱାର) ପାଇଁ ୫ ହଜାର ଟଙ୍କା ରିହାତି ଦର ସ୍ଥିର ହୋଇଥିବା ବେଳେ ସର୍ବାଧିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ସେହିପରି ତିନି ଚକିଆ ଯାନ ଲାଗି ୩୦ ହଜାର ଟଙ୍କା ଏବଂ ୪ ଚକିଆ ଯାନ ଲାଗି ୧୦ ହଜାରରୁ ସର୍ବାଧିକ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିପାରିବ। ରାଜ୍ୟରେ ପ୍ରଦୂଷଣ ହ୍ରାସ କରିବା ସହିତ ଅନ୍ୟ କେତେକ ଏ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ରାଜ୍ୟ ସରକାର ଇଲେକ୍ଟ୍ରିକ୍ ଭେହିକିଲ ୨୦୨୧ ପିଲିସି ଆରମ୍ଭ କରିଥିଲେ। ହେଲେ ତାହା ସଫଳ ହେଲା ନାହିଁ। ତେଣୁ ରାଜ୍ୟ ସରକାର ଏନେଇ ଏକ ନୂଆ ପଦକ୍ଷେପ ନେଇଛନ୍ତି। ଇ-ଯାନ ଉପରେ ଅଧିକ ରିହାତି ଦେବା ନିମନ୍ତେ ବୁଧବାର ରାଜ୍ୟ ସରକାର ଘୋଷଣା କରିଛନ୍ତି। ପ୍ରଥମେ ଗତ ସୋମବାର ଇ-ଯାନ ଉପରେ ରିହାତି ଦର ବଢ଼ାଇବା ନେଇ କ୍ୟାବିନେଟ୍ ମଞ୍ଜୁରୀ ମିଳିବା ପରେ ଏହାକୁ ଲାଗୁ କରିବା ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଇ-ଯାନ ☞ପୃଷ୍ଠା-୪

## ଛାତ୍ରୀଛାତ୍ରଙ୍କ ପାଇଁ 'ଷ୍ଟୁଡେଣ୍ଟ ୟୁନିକ୍ ଆଇଡି ସିଷ୍ଟମ'

ଭୁବନେଶ୍ୱର, ୨୬।୪ (ବ୍ୟୁରୋ)

ଶିକ୍ଷା କ୍ଷେତ୍ରରେ ଜାଲିଆତି ରୋକିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବଡ ପଦକ୍ଷେପ ନିଆଯିବ। ଖୁବ୍‌ଶୀଘ୍ର ଛାତ୍ରୀଛାତ୍ରଙ୍କ ପାଇଁ ଲାଗୁ ହେବାକୁ ଯାଉଛି 'ଷ୍ଟୁଡେଣ୍ଟ ୟୁନିକ୍ ଆଇଡି ସିଷ୍ଟମ'। ଏହା ଆଧାର ସହ ଲିଙ୍କ୍ କରାଯିବ। ଏହାଦ୍ୱାରା ପ୍ରକୃତ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯିବା ସହ ସେମାନେ ବିଭିନ୍ନ ସୁବିଧା ପାଇ ପାରିବେ। ଏବେ ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଭିନ୍ନ ପୋର୍ଟାଲରେ ଡ୍ରାଫ୍ଟ ଡକ୍ୟୁମେଣ୍ଟ ଭାବେ ଉପଲବ୍ଧ ରହିଛି। ମେ ୫ ପର୍ଯ୍ୟନ୍ତ ଏନେଇ ମତାମତ ନିଆଯିବ। ଆବଶ୍ୟକ ପଡିଲେ ଏଥିରେ ପରିବର୍ତ୍ତନ ମଧ୍ୟ କରାଯିବ। ଅଗଷ୍ଟରୁ ପଞ୍ଜୀକରଣ ଆରମ୍ଭ ହେବ ବୋଲି ଜି-୨୦ ସମ୍ମିଳନୀରେ ଯୋଗଦେଇ ନ୍ୟାଶନାଲ ଏଜୁକେଶନାଲ୍ ଆଣ୍ଡ୍ ଟେକ୍ନୋଲୋଜି ଫୋରମ୍(ଏନ୍ଇଏଫ୍‌ଟି)ର ଅଧ୍ୟକ୍ଷ ଡ. ଅନିଲ ସହସ୍ରବୁଦ୍ଧେ କହିଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ଫେକ୍ ସାର୍ଟିଫିକେଟ ବା ପ୍ରମାଣପତ୍ର ଜାଲିଆତି ଘଟଣା ସାମ୍ନାକୁ ଆସୁଛି। ଏହାକୁ ଗୁରୁତ୍ୱର ସହ ନେଇ ନ୍ୟାଶନାଲ ଏଜୁକେଶନାଲ ଆଣ୍ଡ୍ ଟେକ୍ନୋଲୋଜିକାଲ ଫୋରମ ଏଭଳି ପଦକ୍ଷେପ ନେବାକୁ ଯାଉଛି। ପଞ୍ଜୀକରଣ ପରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଗତ ଯୋଗ୍ୟତା ଓ ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟର ତାଲିକା ୱେବ୍‌ସାଇଟ୍ ଜରିଆରେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବ। ଶିକ୍ଷାନୁଷ୍ଠାନ ବଦଳିଲେ କିମ୍ବା ରାଜ୍ୟ ବାହାରକୁ ପଢିବାକୁ ଗଲେ, ସାଙ୍ଗରେ ସମସ୍ତ ସାର୍ଟିଫିକେଟ୍ ବା ଦସ୍ତାବିଜ୍ ନେଇ ଯିବାକୁ ପଡିବ ନାହିଁ। ☞ପୃଷ୍ଠା-୪

**ଜାଲିଆତି ରୋକିବାକୁ ପଦକ୍ଷେପ**

## ୟୁନିୟନ ବ୍ୟାଙ୍କରେ ଡକାୟତି

### ଲୁଟିନେଲେ ୪୯ଲକ୍ଷ, ୨ କେଜିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର

ଭୋଗରାଇ,୨୬।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ଚନ୍ଦନେଶ୍ୱର ବଜାର ଅନତି ଦୂରରେ ବୁଧବାର ଦିନ ଦ୍ୱିପ୍ରହରରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆରେ ସଶସ୍ତ୍ର ଡକାୟତି ହୋଇଛି। ୬ ରୁ ୭ଜଣ ଡକାୟତ ୩ଟି ନମ୍ବର ବିହୀନ ବାଇକ୍‌ରେ ଆସି ବ୍ୟାଙ୍କରେ ପଶି ୧୨ଜଣ ଗ୍ରାହକଙ୍କ ସହ ୫ଜଣ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଓ ମାଡ଼ ମାରି ନଗଦ ୪୯ ଲକ୍ଷ ଟଙ୍କା ଓ ଆନୁମାନିକ ୨ କେଜି ମୂଲ୍ୟର ସୁନା ଅଳଙ୍କାର ଲୁଟିନେଇ ଚନ୍ଦନେଶ୍ୱର ସୀମାନ୍ତ ରାସ୍ତାରେ ଚମ୍ପଟ ମାରିଛନ୍ତି।

ପ୍ରତ୍ୟକ୍ଷଦର୍ଶୀ ଗ୍ରାହକଙ୍କ କହିବା ଅନୁଯାୟୀ, ମୁହଁରେ ମାସ୍କ ଓ ରୁମାଲ ବାନ୍ଧି ୬ଜଣ ଦୁର୍ବୃତ୍ତ ଆସିଥିଲେ। ଜଣେ ବ୍ୟାଙ୍କ ମୁଖ୍ୟ ଗେଟ୍‌ରେ ଜଗି ରହିଥିବା ବେଳେ ଅନ୍ୟ ୫ଜଣ ଆକସ୍ମିକ ଭାବେ ବ୍ୟାଙ୍କ ଭିତରେ ପଶିଥିଲେ। ଜଣେ ଦୁର୍ବୃତ୍ତ ଗ୍ରାହକମାନଙ୍କୁ ଫିଲ୍ମ ଷ୍ଟାଇଲରେ ବନ୍ଧୁକ ଦେଖାଇ ସମସ୍ତଙ୍କର ମୋବାଇଲ ନେବା ସହିତ ତଳେ ବସିଯିବାକୁ ଧମକ ଦେଇଥିଲେ। ସେମାନେ ହିନ୍ଦୀ, ବଙ୍ଗଳା ଓ ଓଡ଼ିଆରେ କଥାବାର୍ତ୍ତା ହେଉଥିଲେ ବୋଲି ବ୍ୟାଙ୍କ ଗ୍ରାହକ ପ୍ରକାଶ କରିଛନ୍ତି। ଅନ୍ୟ ୪ଜଣ ଦୁର୍ବୃତ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ବ୍ୟାଙ୍କର ଲକର ଖୋଲିବାକୁ କ୍ୟାଶିୟର ବିକ୍ରମ ପ୍ରଧାନଙ୍କୁ ଧମକ ଦେଇଥିଲେ। କ୍ୟାଶିୟର ଲକର ଚାବି ଖୋଲିବାରେ ବିଳମ୍ବ କରିବାରୁ ଜଣେ ଦୁର୍ବୃତ୍ତ ତାଙ୍କୁ ଏକ ଚାପୁଡ଼ା ମାରିଥିଲେ। ଫଳରେ ସେ ଭୟରେ ଲକର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ତିନି ବୈଦିକ ନାରୀ**

# ପ୍ରେମ ପାଇଁ ଜୀବନ ଗଲା

## ଯୁବକଙ୍କୁ ହତ୍ୟାକରି ଜଙ୍ଗଲରେ ଫିଙ୍ଗିଦେଲେ

ପରଜଙ୍ଗ, ୨୬।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୋଇ ଗ୍ରାମ ନିକଟବର୍ତ୍ତୀ କାଜୁ ଜଙ୍ଗଲରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ବୁଧବାର ଜବତ କରାଯାଇଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ମନୋଜ ବିଶ୍ୱାଳ। ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଗୋଟିଏ ପରିବାରର ୪ଜଣ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସମଗ୍ର ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ମନୋଜ ବାଇକ୍‌ରେ ଅଁଳାକଟା ଗ୍ରାମରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ବୁଧବାର



ମନୋଜ ବିଶ୍ୱାଳ

ସକାଳେ ତାଙ୍କର କ୍ଷତାକ୍ତ ମୃତଦେହ ଗାଁ ପାଖ କାଜୁ ବଗିଚାରୁ ଠାବ କରାଯାଇଥିଲା। ସୂଚନା ପାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ସମେତ ଢେଙ୍କାନାଳରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ବଡ଼ଭାଇ ସରୋଜ ବିଶ୍ୱାଳଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏହି ହତ୍ୟାକାଣ୍ଡ ପଛରେ ଏକ ପରିବାରର ୪ ଜଣଙ୍କ ସମ୍ପୃକ୍ତି ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

ମୃତକଙ୍କ ବଡ଼ଭାଇ ସରୋଜଙ୍କ କହିବା କଥା, ଗ୍ରାମର ☞ପୃଷ୍ଠା-୪

# ଚନ୍ଦ୍ର ମୃତ୍ତିକାରୁ ଅମ୍ଳଜାନ ବାହାର କଲେ ନାସା ବୈଜ୍ଞାନିକ

ୱାଶିଂଟନ,୨୬।୪

ଆମେରିକାର ମହାକାଶ ଗବେଷଣା ସଂସ୍ଥା (ନାସା) ଆର୍ଟେମିସ୍ ମିଶନ ଜରିଆରେ ଚନ୍ଦ୍ରପୃଷ୍ଠକୁ ମହାକାଶଚାରୀଙ୍କୁ ପ୍ରେରଣ କରିବା ଲାଗି ଉଦ୍ୟମ ଚଳାଇଥିବାବେଳେ ଏହାର ବୈଜ୍ଞାନିକମାନେ ଚନ୍ଦ୍ର ମୃତ୍ତିକା ଅନୁରୂପ ପଦାର୍ଥରୁ ଅମ୍ଳଜାନ ବାହାର କରିବାରେ ସଫଳ ହୋଇଛନ୍ତି। ଚନ୍ଦ୍ରର ଉପରିଭାଗରେ ରହିଥିବା ମାଟି ଅତ୍ୟନ୍ତ ସୂକ୍ଷ୍ମ ଦାନାଯୁକ୍ତ ପଦାର୍ଥ। ଏକ ଶୂନ୍ୟ ପରିବେଶରେ ସେଥିରୁ ଅମ୍ଳଜାନ ବାହାର କରାଯିବାକୁ ଏକ ବଡ଼ ସଫଳତା କୁହାଯାଉଛି। ଆଗାମୀ ଦିନରେ ମହାକାଶଚାରୀମାନେ ଚନ୍ଦ୍ର ପରିବେଶର ସମ୍ବଳକୁ ବ୍ୟବହାର କରିବା ସହ ସେଥିରୁ ଅମ୍ଳଜାନ ବାହାର କରିପାରିବେ ବୋଲି କୁହାଯାଉଛି।

ଚନ୍ଦ୍ରପୃଷ୍ଠରେ ଦୀର୍ଘଦିନ ଅବସ୍ଥିତି ପାଇଁ ଅମ୍ଳଜାନ ଅତି ଗୁରୁତ୍ୱପୂର୍ଣ୍ଣ ମୌଳିକ ଉପାଦାନ। ଏହାକୁ ଶ୍ୱାସକ୍ରିୟାରେ ବ୍ୟବହାର କରାଯିବା ସହ ପରିବହନ ଲାଗି ଏକ ପ୍ରୋପେଲାଣ୍ଟ ଭାବେ ବ୍ୟବହାର କରାଯାଇପାରିବ। ନାସା ସଫଳତାର ସହ ଏହାର ପରୀକ୍ଷା ଶେଷ କରିବା ପରେ ଚନ୍ଦ୍ରପୃଷ୍ଠରେ ଥିବା ପଦାର୍ଥରୁ ଅମ୍ଳଜାନ ବାହାର କରାଯାଇପାରିବ ବୋଲି ସ୍ପଷ୍ଟ କରିଛି। ନାସାର କାର୍ବୋଥର୍ମାଲ ରିଡକ୍ସନ ଡେମୋନଷ୍ଟ୍ରେଶନ (କାର୍ଡ) ଟିମ୍ ହ୍ୟୁଷ୍ଟନ୍‌ର ଜନ୍‌ଶନ ସ୍ପେସ୍ ସେଣ୍ଟରରେ ଏହି ପରୀକ୍ଷା କରିଥିଲେ। ସେମାନେ ୧୫ ଫୁଟ୍ ☞ପୃଷ୍ଠା-୪



**ଏନ୍‌ସିଇଆର୍‌ଟିର ସଂଶୋଧିତ ପାଠ୍ୟକ୍ରମକୁ କେରଳ ଲାଗୁ କରିବ ନାହିଁ**

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)ର ସଂଶୋଧିତ ପାଠ୍ୟକ୍ରମକୁ କେରଳ ସରକାର କାର୍ଯ୍ୟକାରୀ କରିବେ ନାହିଁ। ରାଜ୍ୟ ପାଠ୍ୟକ୍ରମରୁ ଏନ୍‌ସିଇଆର୍‌ଟି ଯେଉଁସବୁ ବିଷୟକୁ ବାଦ୍ ଦେଇଛି, ସେଗୁଡ଼ିକୁ କେରଳ ଶିକ୍ଷାନୁଷ୍ଠାନରେ ପଢ଼ାଯିବ। ଏଥିପାଇଁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି କେରଳ) ଅତିରିକ୍ତ ପୁସ୍ତକ ପ୍ରସ୍ତୁତ କରିବ। ଏସ୍‌ସିଇଆର୍‌ଟିର ପାଠ୍ୟକ୍ରମ ଷ୍ଟିଅରିଂ କମିଟି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।



# ୬୪ ବର୍ଷ ପରେ ଦଲାଇ ଲାମାଙ୍କୁ ମିଳିଲା ମାଗାସେସେ ପୁରସ୍କାର



**ଧର୍ମଶାଳା,୨୬।୪ (ପି.ଟି.)**

ଦୀର୍ଘ ୬୪ ବର୍ଷ ପରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କୁ ବୁଧବାର ତାଙ୍କ ବାସଭବନରେ ୧୯୫୯ର ରାମୋନ ମାଗାସେସେ ପୁରସ୍କାର ପ୍ରଦାନ କରାଯାଇଛି। ତିବ୍ବତୀୟମାନଙ୍କ ଧର୍ମର ସୁରକ୍ଷା ପାଇଁ ବୀରତ୍ୱପୂର୍ଣ୍ଣ ସଂଘର୍ଷର ନେତୃତ୍ୱ ନେଉଥିବା ଦଲାଇଲାମାଙ୍କୁ ଏହା ପ୍ରଥମ ଅନ୍ତର୍ଜାତୀୟ ସମ୍ମାନ। ରାମୋନ ମାଗାସେସେ ପୁରସ୍କାର ଫାଉଣ୍ଡେଶନର ଅଧ୍ୟକ୍ଷ ସୁସାନ୍ନା ବି ଆଫାନ୍ ଏବଂ ଟ୍ରଷ୍ଟି ଏମିଲି ଏ ଆବ୍ରେରା ବ୍ୟକ୍ତିଗତ ଭାବେ ଦଲାଇ ଲାମାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ୧୯୫୯ ଅଗଷ୍ଟରେ ଦଲାଇଲାମାଙ୍କ ତରଫରୁ ତାଙ୍କ ବଡ଼ ଭାଇ ଗ୍ୟାଲୋ ଥୋଣ୍ଡେନ୍ ମାନିଲାରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେତେବେଳେ ଦଲାଇ ଲାମା ତିବ୍ବତରୁ ପଳାଇଆସି ଭାରତରେ ନିର୍ବାସନରେ ରହିଥିଲେ। ଫିଲିପାଇନ୍ସର ପୂର୍ବତନ ରାଷ୍ଟ୍ରପତି ରାମୋନ ମାଗାସେସେଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାରକୁ ଏସିଆର ନୋବେଲ ପୁରସ୍କାର ବୋଲି କୁହାଯାଇଥାଏ। ଶାସନରେ ସାଧୁତା, ଲୋକଙ୍କ ପାଇଁ ସାହସିକ ସେବା ଏବଂ ଗଣତାନ୍ତ୍ରିକ ସମାଜରେ ବ୍ୟାବହାରିକ ଆଦର୍ଶବାଦ ଉପରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।



କର୍ଣ୍ଣାଟକର ଶ୍ରୀଙ୍ଗେରୀ ଶାରଦା ପୀଠରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏକ ହାତୀକୁ ଫଳ ଖୁଆଉଛନ୍ତି।

## ସଂକ୍ଷେପରେ

### ସବୁ ଏମ୍‌ସରେ ଆୟୁର୍ବେଦ, ହୋମିଓପାଥି ଓପିଡି ଖୋଲିବ

**ଜୟପୁର,୨୬।୪:** ଦେଶର ସମସ୍ତ ଅଲ୍ ଇଣ୍ଡିଆ ମେଡିକାଲ ସାଇନ୍ସେସ୍ (ଏମ୍‌ସ)ରେ ଆୟୁର୍ବେଦ ଓ ହୋମିଓପାଥିର ଓପିଡି ଏବଂ ଆଇପିଡି ଖୋଲିବାକୁ ଆୟୁଷ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ରାଜସ୍ଥାନର ଜୟପୁରରେ ବୁଧବାର ଆୟୁଷ ରାଷ୍ଟ୍ରମନ୍ତ୍ରୀ ମହେନ୍ଦ୍ର ମୁଞ୍ଜାପାରା ଏହି ସୂଚନା ଦେଇଛନ୍ତି। ଏମ୍‌ସ ସମେତ କେନ୍ଦ୍ର ସରକାରଙ୍କ ଅଧୀନ ଅନ୍ୟ ହସ୍ପିଟାଲଗୁଡ଼ିକରେ ରୋଗୀଙ୍କ ପାଇଁ ଏଲୋପାଥି ସାଙ୍ଗକୁ ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସାର ବିକଳ୍ପ ଉପଲବ୍ଧ କରାଯିବ। ଜୁନ୍ ୨୧ରେ ବିଶ୍ୱ ଯୋଗ ଦିବସ ଉପଲକ୍ଷେ ୧୦୦ ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବର୍ତ୍ତମାନ ଆୟୁର୍ବେଦର ଚାହିଦା ସମଗ୍ର ବିଶ୍ୱରେ ବଢ଼ିବାରେ ଲାଗିଛି। ମୋଦି ସରକାର ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସାକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିବା କେନ୍ଦ୍ରମନ୍ତ୍ରୀ ମୁଞ୍ଜାପାରା କହିଛନ୍ତି।

### ଆମ୍ବ ଚୋର ପୋଲିସ ବରଖାସ୍ତ

**ଥିରୁଭାନନ୍ତପୁରମ୍,୨୬।୪:** କେରଳର ଏକ ଫଳ ଦୋକାନରୁ ଜଣେ ପୋଲିସ କର୍ମଚାରୀ ୧୦ କେ.ଜି. ଆମ୍ବ ଚୋରି କରି ଧରାପଡ଼ିଛନ୍ତି। ପୋଲିସ ବିଭାଗକୁ ଲଜ୍ଜିତ କରିଥିବାରୁ ବୁଧବାର ଏହି ଆମ୍ବ ଚୋରଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିବା ଇଡୁକ୍କି ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଗତ ସେପ୍ଟେମ୍ବରରେ କୋଟ୍ଟାୟମ ଜିଲା କାଞ୍ଜିରାପଲ୍ଲୀସ୍ଥିତ ଏକ ଦୋକାନରୁ ପୋଲିସ ଅଫିସର ପି.ଭି. ଶାହିବ ଏକ ଦାମୀ ଆମ୍ବ ପେଟି ଚୋରି କରି ନିଜ ବାଇକ୍‌ରେ ଧରି ପଳାଇଥିଲେ। ଏହି ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଥିଲା। ଦୋକାନୀ ଦୋକାନ ଖୋଲିବା ପାଇଁ ଆସି ଦେଖିବାବେଳକୁ ଗୋଟିଏ ପେଟି ଆମ୍ବ ନ ଥିବା ଜାଣିଥିଲେ। ସେ ସିସିଟିଭି ଯାଞ୍ଚ କରିବା ପରେ ଏହି ବିଷୟ ସାମ୍ନାକୁ ଆସିଥିଲା। ସୋସିଆଲ ମିଡିଆରେ ଏହା ଭାଇରାଲ ହେବା ପରେ ଇଡୁକି ଆର୍ମଡ ରିଜର୍ଭ କ୍ୟାମ୍ପ ପୋଲିସ ୟୁନିଟରେ କାର୍ଯ୍ୟରତ ଶାହିବ କିଛିଦିନ ଧରି ଉଭାନ ହୋଇଯାଇଥିଲେ। ଦୋକାନୀ ତାଙ୍କ ବିରୋଧରେ ଏତଲା ଦେଇଥିଲେ। ପୋଲିସ ଅଫିସରଙ୍କୁ ଆମ୍ବ ଚୋରି ଅଭିଯୋଗରେ ଏବେ ଚାକିରିରୁ ବିଦା କରାଯାଇଛି।



ପି.ଭି. ଶାହିବ

### ବିଶପ୍ ବୈଠକରେ ମହିଳାଙ୍କୁ ମିଳିଲା ଭୋଟ ଅନୁମତି



ପୋପ୍ ଫ୍ରାନ୍ସିସ୍

**ଭାଟିକାନ୍ ସିଟି,୨୬।୪:** ବିଶପ୍‌ମାନଙ୍କ ଆଗାମୀ ବୈଠକରେ ମହିଳାମାନଙ୍କୁ ଭୋଟ ଅଧିକାର ଦେବା ପାଇଁ ପୋପ୍ ଫ୍ରାନ୍ସିସ୍ ନିଷ୍ପତ୍ତି ନେଇଛନ୍ତି। କାଥୋଲିକ୍ ଚର୍ଚ୍ଚରେ ମହିଳାମାନଙ୍କୁ ବଡ଼ ନିଷ୍ପତ୍ତି ନେବାର ଦାୟିତ୍ୱ ଦେବା ପାଇଁ ପୋପ୍ ଆଶା ରଖିଥିବା ଉପରୋକ୍ତ ନିଷ୍ପତ୍ତିରୁ ପ୍ରତିଫଳିତ ହୋଇଛି। ବିଶପ୍‌ମାନଙ୍କ ସଭା (ସିନୋଡ୍)ର ପରିଚାଳନା ନିୟମାବଳୀରେ ପରିବର୍ତ୍ତନକୁ ପୋପ୍ ଅନୁମୋଦନ କରିଛନ୍ତି। ଉକ୍ତ ସଭାରେ ବିଶ୍ୱର ସବୁ ବିଶପ୍ ଏକାଠି ହୋଇଥାନ୍ତି। ସିନୋଡ୍‌ରେ ଭୋଟ ଅଧିକାର ପାଇଁ ମହିଳାମାନେ ବହୁ ଦଶନ୍ଧି ହେଲା ଦାବି କରିଆସୁଥିଲେ।

# ‘ବିଜୟୀ ହେବେ କୁସ୍ତିଯୋଦ୍ଧା’

**ନୂଆଦିଲ୍ଲୀ,୨୬।୪**

କେନ୍ଦ୍ରର ମୁଣ୍ଡବ୍ୟଥା ସାଜିଥିବା ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ବୁଧବାର ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣାରତ କୁସ୍ତିଯୋଦ୍ଧାଙ୍କ ସହ ସାମିଲ ହୋଇଛନ୍ତି। ଭାଜପା ଏମ୍‌ପି ତଥା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆଗତ ଯୌନ ଉତ୍ପୀଡ଼ନ ମାମଲାରେ ମହିଳା କୁସ୍ତିଯୋଦ୍ଧାମାନେ ବିଜୟୀ ହେବେ ବୋଲି ସେ କହିଛନ୍ତି। ଏଥିସହ ସେମାନଙ୍କ ପ୍ରତି ନିଜ ସମର୍ଥନ ଜଣାଇଛନ୍ତି। ବିକ୍ଷୋଭ ବେଳେ ସତ୍ୟପାଲ କହିଛନ୍ତି, କୁସ୍ତିଯୋଦ୍ଧାମାନେ ଆଣିଥିବା ଅଭିଯୋଗର ତଦନ୍ତ ହେବା ଆବଶ୍ୟକ। ଏହି ଲଢ଼େଇ କେବଳ କୁସ୍ତିଯୋଦ୍ଧାଙ୍କର ନୁହେଁ, ବରଂ ଦେଶର ସମସ୍ତ ମହିଳାଙ୍କ ସଂଗ୍ରାମ। ସେମାନଙ୍କ ପଛରେ ସାରା ଦେଶ ଛିଡ଼ା ହୋଇଛି। ରେସ୍‌ଲିଂ ଜଗତରେ ଦୁର୍ନୀତିର ମୂଳୋତ୍ପାଟନ କଲେ ସେମାନଙ୍କୁ ଇତିହାସ ମନେରଖିବ। ଜଣେ ଝିଅ ମେଡାଲ ଜିତିଲେ ଚା’ ପାଇଁ ଡାକି ତାଙ୍କ ସହ ଅତି ନିର୍ଲଜ ଭାବେ ଫଟୋ ଉଠାଇଥାଉ। ଆଜି ସେମାନେ ରାସ୍ତାକୁ ଓହ୍ଲାଇଛନ୍ତି। ତେଣୁ ଏହି ବିକ୍ଷୋଭରେ ଅଧିକରୁ ଅଧିକ ଲୋକ ସାମିଲ ହେବା ଉଚିତ ବୋଲି ସତ୍ୟପାଲ କହିଛନ୍ତି।

**ଯନ୍ତରମନ୍ତର ଧାରଣାସ୍ଥଳରେ ସତ୍ୟପାଲ ମଲିକ**



### ଚାଷୀଙ୍କ ଭଳି ରେସଲର୍ସଙ୍କୁ ବି କ୍ଷମା ମାଗିବେ ମୋଦି

ଅନ୍ୟପକ୍ଷେ ଏହି ମାମଲାରେ କାହିଁକି ଏଫ୍‌ଆଇଆର୍ କରାଯାଉନାହିଁ ବୋଲି ସୁପ୍ରିମକୋର୍ଟ ଜବାବ ମାଗିଥିବାବେଳେ ଏହାର ତଦନ୍ତ ଆବଶ୍ୟକ ରହିଛି ବୋଲି ଦିଲ୍ଲୀ ପୋଲିସ ପକ୍ଷରୁ ଅଦାଲତଙ୍କୁ ବୁଧବାର ଅବଗତ କରାଯାଇଛି।

ନିକଟରେ ସତ୍ୟପାଲ ‘ଦି ୱେର୍’କୁ ଦେଇଥିବା ସାକ୍ଷାତ୍‌କାରରେ ପୁଲ୍‌ୱାମା ଆକ୍ରମଣ ପାଇଁ କେନ୍ଦ୍ରକୁ ଦାୟୀ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଚୁପ୍ ରହିବା ପାଇଁ ତାଗିଦ୍ କରିଥିବା କହିଥିଲେ। ସତ୍ୟପାଲଙ୍କ ମନ୍ତବ୍ୟ ଭାଇରାଲ ହୋଇଥିବାବେଳେ ତାଙ୍କର ନୂଆ ଅଭିଯୋଗ ମୋଦିଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ସତ୍ୟପାଲଙ୍କ ମତରେ ବର୍ତ୍ତମାନ ଦେଶ ଅତି ବିପଜ୍ଜନକ ବ୍ୟକ୍ତିମାନଙ୍କ ହାତରେ ରହିଛି। ଏହାର ନେତୃତ୍ୱ ଜଣେ ଭୁଲ୍ ବ୍ୟକ୍ତି ନେଉଛନ୍ତି। ତେଣୁ ୨୦୨୪ ସାଧାରଣ ନିର୍ବାଚନ ଭାଜପା ପାଇଁ ଶେଷ ସୁଯୋଗ ହେବାକୁ ଯାଉଛି।

# ଜେଲେନ୍‌ସ୍କିଙ୍କୁ ଫୋନ୍ କଲେ ଜିନ୍‌ପିଙ୍ଗ୍

**ବେଜିଂ,୨୬।୪**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଫୋନ୍ କରି କଥା ହୋଇଛନ୍ତି। ଆଣବିକ ଯୁଦ୍ଧରେ କେହି ବିଜେତା ହୁଅନ୍ତି ନାହିଁ ବୋଲି ଜିନ୍‌ପିଙ୍ଗ୍ ତାଙ୍କୁ ଚେତାଇଦେଇଥିବା ଚାଇନାର ଏକ ସରକାରୀ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଶାନ୍ତି ପାଇଁ ମଧ୍ୟସ୍ଥତା କରିବାକୁ ବେଜିଂ ଆଗ୍ରହ ପ୍ରକାଶ କରିଥିବାରୁ ଦୁଇନେତାଙ୍କ ଆଲୋଚନା ଉପରେ ବିଶ୍ୱର ନଜର ରହିଥିଲା। ସୂଚନାନୁସାରେ ଜିନ୍‌ପିଙ୍ଗ୍ ସରକାର ୟୁକ୍ରେନ୍‌କୁ ରାଜନୈତିକ ସମାଧାନ ପାଇଁ ଜଣେ ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ପଠାଇବ। ପ୍ରକାଶ ଯେ, ୨୦୨୦ ଫେବୃୟାରୀରେ ମସ୍କୋର ୟୁକ୍ରେନ୍ ଆକ୍ରମଣକୁ ଚାଇନା ସମାଲୋଚନା କରିବା ପରିବର୍ତ୍ତେ ନିରପେକ୍ଷ ରହିବାକୁ ଉଚିତ ମଣିଥିଲା। ନିକଟରେ ଜିନ୍‌ପିଙ୍ଗ୍ ମସ୍କୋ ଗସ୍ତକରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା କରିଥିଲେ। ଗତ ଫେବୃୟାରୀରେ ଚାଇନା ଅସ୍ତ୍ରବିରତି ଓ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲା।

**ଆଣବିକ ଯୁଦ୍ଧରେ କାହାର ବିଜୟ ହୁଏନି**



ଶି ଜିନ୍‌ପିଙ୍ଗ୍ ଭୋଲୋଡିମିର ଜେଲେନ୍‌ସ୍କି

# ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଯୋଗଦେବେ ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ

**କେମ୍ବ୍ରିଜ୍,୨୬।୪**



ଜେସିଣ୍ଡା ଆର୍ଡେର୍ନ

ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେର୍ନ ଚଳିତ ବର୍ଷ ଶେଷ ଭାଗରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ସାମୟିକ ଭାବେ ଯୋଗଦେବେ। କେନେଡି ସ୍କୁଲ୍ ଡିନ୍ ଡୋଗ୍‌ଲାସ ଏଲ୍‌ମେଣ୍ଡୋର୍ଫ ଏହି ସୂଚନା ଦେଇଛନ୍ତି। ଆର୍ଡେର୍ନ ବାମଦଳର ବିଶ୍ୱ ଆଇକନ୍ ଏବଂ ମହିଳାମାନଙ୍କ ପାଇଁ ପ୍ରେରଣା। ସେ ହାର୍ଭାର୍ଡ କେନେଡି ସ୍କୁଲ୍‌ରେ ଡୁଆଲ ଫେଲୋଶିପ୍ ପାଇଁ ନିଯୁକ୍ତ ହୋଇଛନ୍ତି। ସୁଦୃଢ଼ ଓ ସହାନୁଭୂତିଶୀଳ ନେତୃତ୍ୱ କ’ଣ ତାହା ଆର୍ଡେର୍ନ ବିଶ୍ୱକୁ ଦେଖାଇଥିଲେ। ସେ ହାର୍ଭାର୍ଡ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ଆଣିବେ ବୋଲି ଏଲ୍‌ମେଣ୍ଡୋର୍ଫ କହିଛନ୍ତି। ୨୦୧୭ରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ହୋଇଥିବା ଆର୍ଡେର୍ନ ଗତ ଜାନୁୟାରୀରେ ଇସ୍ତଫା ଘୋଷଣା କରି ସମସ୍ତଙ୍କୁ ବିସ୍ମିତ କରିଦେଇଥିଲେ।

# ତଲାକ୍ ରୋକିବାରେ ବିଫଳ ହୋଇଛି ନିଷେଧାଦେଶ




**ନୂଆଦିଲ୍ଲୀ,୨୬।୪**

୨୦୧୭ର ଶାୟରା ବାନୋ ମାମଲାରେ ସୁପ୍ରିମକୋର୍ଟ ତିନି ତଲାକ୍ ପ୍ରଥା ଅବୈଧ ବୋଲି ରୁଲିଂ ଦେବା ଏବଂ ସର୍ବଭାରତୀୟ ମୁସ୍‌ଲିମ୍ ପର୍ସନାଲ ଲ’ ବୋର୍ଡର ପ୍ରତିଶ୍ରୁତି ସତ୍ତ୍ୱେ ଦେଶର ବିଭିନ୍ନ ଭାଗରେ ତିନି ତଲାକ୍ ଜରିଆରେ ଛାଡ଼ପତ୍ର ଘଟିଚାଲିଛି। ସୁପ୍ରିମକୋର୍ଟଙ୍କ ରାୟ ଏହାକୁ ରୋକିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ସତ୍ୟପାଠ ଜରିଆରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। ଦଣ୍ଡ ବ୍ୟବସ୍ଥାର ଅଭାବରୁ ପୋଲିସ ନିଃସହାୟ ହୋଇପଡ଼ିଥିଲା ଏବଂ ତଲାକ୍ ଦେଉଥିବା ସ୍ୱାମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନ ଥିଲା ବୋଲି ସତ୍ୟପାଠରେ କୁହାଯାଇଛି। ଏପରିକି ଶିକ୍ଷିତ ବ୍ୟକ୍ତି ମଧ୍ୟ ତତ୍କାଳ ତିନି ତଲାକ୍ ଜରିଆରେ ସେମାନଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଉଥିବା ଖବର ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ ଓ ଖବରକାଗଜରେ ପ୍ରକାଶ ପାଉଛି। ଛାଡ଼ପତ୍ର ମାମଲା ନ କମିବାରୁ ମୁସଲମାନ (ବିବାହ ଅଧିକାର ସୁରକ୍ଷା) ଆଇନ, ୨୦୧୯ ଆଣିବାକୁ ପଡ଼ିଥିଲା। ବିବାହିତ ମୁସଲମାନ ମହିଳା ପ୍ରତି ଲିଙ୍ଗଗତ ନ୍ୟାୟ ଓ ସମାନତାର ସାମ୍ବିଧାନିକ ଲକ୍ଷ୍ୟ ସୁନିଶ୍ଚିତ କରିବା ଲାଗି ଓ ସେମାନଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଉପରୋକ୍ତ ଆଇନ ଅଣାଯାଇଥିଲା ବୋଲି କେନ୍ଦ୍ର ସରକାର ସତ୍ୟପାଠରେ କହିଛନ୍ତି। ମୁସଲମାନ ମହିଳା (ବିବାହ ଅଧିକାରୀ ସୁରକ୍ଷା) ବିଲ୍, ୨୦୧୯କୁ ଅସାମ୍ବିଧାନିକ ଏବଂ ଅନୁଚ୍ଛେଦ ୧୪, ୧୫, ୨୧ ଏବଂ ୨୫ର ଉଲ୍ଲଂଘନ ବୋଲି ଘୋଷଣା କରିବାକୁ ଏକାଧିକ ପିଟିଶନ ସର୍ବୋଚ୍ଚ ଅଦାଲତରେ ଦାଏର ହୋଇଥିବାବେଳେ ସରକାର ଏହାର ଜବାବ ରଖିଛନ୍ତି।

**ସୁପ୍ରିମକୋର୍ଟରେ କେନ୍ଦ୍ରର ସାନି ସତ୍ୟପାଠ**

# ଭାରତୀୟ କମ୍ପାନୀର ତୃତୀୟ ଅପମିଶ୍ରିତ କଫ୍ ସିରପ୍ ଠାବ

**ନୂଆଦିଲ୍ଲୀ,୨୬।୪**

ଭାରତୀୟ କମ୍ପାନୀ ପ୍ରସ୍ତୁତ ତୃତୀୟ କଫ୍ ସିରପ୍ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଦେଶ ମାର୍ଶାଲ ଆଇଲାଣ୍ଡସ୍ ଏବଂ ମାଇକ୍ରୋନେସିଆରୁ ମିଳିଛି। ଏହି ସିରପ୍ ଖାଇ କେତେକ ଶିଶୁ ଅସୁସ୍ଥ ହୋଇପଡ଼ିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଗତବର୍ଷ ଭାରତୀୟ କମ୍ପାନୀ ପ୍ରସ୍ତୁତ ଅନ୍ୟ କଫ୍ ସିରପ୍ ଖାଇ ଗାମ୍ବିଆ, ଇଣ୍ଡୋନେସିଆ ଏବଂ ଉଜ୍‌ବେକିସ୍ତାନରେ ୩୦୦ରୁ ଊର୍ଦ୍ଧ୍ୱ ଶିଶୁ ପ୍ରାଣ ହରାଇଥିଲେ। ଗ୍ୱାଇଫେନେସିନ୍ ସିରପ୍ ଟିଜି ସିରପ୍ ନାମରେ ଉକ୍ତ ଉତ୍ପାଦର ଏକାଧିକ ନମୁନା ପରୀକ୍ଷାରେ ସେଥିରେ ଡାଇଇଥାଇଲିନ୍ ଗ୍ଲିକୋଲ ଏବଂ ଇଥାଇଲିନ୍ ଗ୍ଲିକୋଲ ମାତ୍ରାଧିକ ପରିମାଣରେ ରହିଥିବା ଜଣାପଡ଼ିଥିଲା, ଯାହା ମାନବ ପାଇଁ ବିଷ ସଦୃଶ ଏବଂ ପ୍ରାଣଘାତୀ ହୋଇପାରେ ବୋଲି କୁହାଯାଇଛି।

# ୧ କେଜି ଗଞ୍ଜେଇ ପାଇଁ ଫାଶୀ

**ସିଙ୍ଗାପୁର,୨୬।୪**

ଏକ କିଲୋଗ୍ରାମ ଗଞ୍ଜେଇ ଚୋରା ଚାଲାଣ ଷଡ଼ଯନ୍ତ୍ରରେ ଦୋଷୀସାବ୍ୟସ୍ତ ଜଣେ ବନ୍ଦୀଙ୍କୁ ସିଙ୍ଗାପୁର ସରକାର ବୁଧବାର ଫାଶୀ ଦେଇଛନ୍ତି। ଏପରିକି ଅନ୍ତର୍ଜାତୀୟ ସ୍ତରରେ ଫାଶୀଦଣ୍ଡ ବନ୍ଦ ଲାଗି ଆହ୍ୱାନ ସତ୍ତ୍ୱେ ସିଙ୍ଗାପୁର ଏହାକୁ ଭ୍ରୂକ୍ଷେପ କରିନାହିଁ। ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଫାଶୀ ବନ୍ଦ ରଖିବା ପାଇଁ ବିଚାର କରିବାକୁ ସିଙ୍ଗାପୁରକୁ କୁହାଯାଇଥିଲା। ଟାଙ୍ଗାରାଜୁ ସୁପିଆ(୪୬)ଙ୍କୁ ବୁଧବାର ଚାଙ୍ଗି ଜେଲ୍ କମ୍ପ୍ଲେକ୍ସରେ ଫାଶୀ ଦିଆଯାଇଥିବା ଦେଶର ଜେଲ ବିଭାଗ ମୁଖପାତ୍ର କହିଛନ୍ତି। ୧,୦୧୭.୯ ଗ୍ରାମ ଗଞ୍ଜେଇ ଚୋରା କାରବାର ଅଭିଯୋଗରେ ୨୦୧୭ରେ ଟାଙ୍ଗାରାଜୁଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ୨୦୧୮ରେ ଦେଶର ସର୍ବୋଚ୍ଚ ଅଦାଲତ ତାଙ୍କ ମୃତ୍ୟୁ ଦଣ୍ଡାଦେଶକୁ କାଏମ ରଖିଥିଲେ।



ଟାଙ୍ଗାରାଜୁ ସୁପିଆ

# ପ୍ରଧାନମନ୍ତ୍ରୀ ମୋଦିଙ୍କ ‘ମନ୍ କୀ ବାତ୍’କୁ ଆମିରଙ୍କ ପ୍ରଶଂସା

**ମୁମ୍ବାଇ:** ନିକଟରେ ବଲିଉଡ୍‌ର ମିଷ୍ଟର ପରଫେକ୍ଟ ଆମିର ଖାନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ରାଜଧାନୀ ଦିଲ୍ଲୀରେ ଆୟୋଜିତ ହୋଇଥିବା ଜାତୀୟ କନ୍‌କ୍ଲେଭରେ ଆମିର ଭାଗ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକ୍ରମ ‘ମନ୍ କି ବାତ୍’କୁ ଖୋଲାଖୋଲି ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ‘ମନ କି ବାତ୍’ କାର୍ଯ୍ୟକ୍ରମ ଭାରତୀୟଙ୍କ ମନରେ ଗଭୀର ପ୍ରଭାବ ପକାଉଛି। ମୋଦିଙ୍କ ଏପରି କାର୍ଯ୍ୟକ୍ରମ ଏକ ଐତିହାସିକ ପଦକ୍ଷେପ। ଏନେଇ ଏଏନ୍‌ଆଇ ତା’ ଅଫିସିଆଲ ଟୁଇଟର ହାଣ୍ଡେଲରେ ଏକ ଭିଡିଓ ଶେୟାର କରିଛି, ଯେଉଁଥିରେ ଆମିର ଉକ୍ତ କାର୍ଯ୍ୟକ୍ରମକୁ ମନୋଭରି ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ ମାଧ୍ୟମରେ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କଥା ହୋଇ ତା’ର ସମାଧାନ ହୋଇପାରୁଛି। ଦେଶର ଭବିଷ୍ୟତକୁ ନେଇ ଲୋକଙ୍କ ମତ କେଉଁ ଦିଗ ଆଡ଼କୁ ରହୁଛି, ତାହା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, ଯାହା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଫଳିତ ହେଉଛି ବୋଲି ଆମିର କହିଛନ୍ତି।



# ଛତିଶଗଡ଼ରେ ମାଓବାଦୀ ଆତଙ୍କ

**୨୦୧୦ ଏପ୍ରିଲ ୬:** ଛତିଶଗଡ଼ର ଦାନ୍ତେୱାଡ଼ା ଜିଲା ମୁରାନା ଘଞ୍ଚ ଜଙ୍ଗଲରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଓ ରାଜ୍ୟ ପୋଲିସର ଏକ ଟିମ୍ ଉପରେ ମାଓବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୭୫ ଯବାନ ଶହୀଦ ହୋଇଥିଲେ।

**୨୦୧୩ ମେ’ ୨୫:** ଜଗଦଲପୁରରେ ତତ୍କାଳୀନ ପ୍ରଦେଶ କଂଗ୍ରେସ ସଭାପତି ନନ୍ଦ କୁମାର ପଟେଲ ଓ ବରିଷ୍ଠ ନେତା ମହେନ୍ଦ୍ର କର୍ମାଙ୍କ କାର୍‌କୁ ମାଓବାଦୀମାନେ ଉଡ଼ାଇ ଦେଇଥିଲେ। ପ୍ରାୟ ୨୦୦ ମାଓବାଦୀ ସାମିଲ ଥିବା ଏହି ଆକ୍ରମଣରେ ଦୁଇ କଂଗ୍ରେସ ନେତାଙ୍କ ସମେତ ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୧୭ ଏପ୍ରିଲ ୨୪:** ଶତାଧିକ ମାଓବାଦୀ ଯୋଜନାବଦ୍ଧ ଭାବେ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲେ। ଏଥିରେ କମ୍ପାନୀ କମାଣ୍ଡରଙ୍କ ସମେତ ୨୫ ଯବାନ ଶହୀଦ ହୋଇଥିଲେ।



**୨୦୨୦ ମାର୍ଚ୍ଚ ୨୧:** ସୁକମା ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଏବଂ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ର ୧୭ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୨୧ ଏପ୍ରିଲ ୪:** ବସ୍ତର ଅଞ୍ଚଳର ଏକ ଜଙ୍ଗଲରେ ପ୍ରାୟ ୪୦୦ ମାଓବାଦୀ ଯବାନମାନଙ୍କୁ ଘେରି ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୨୨ ଯବାନଙ୍କ ମୃତ୍ୟୁ ଘଟିଥିଲା।

**୨୦୨୨ ଜୁନ୍ ୨୧:** ଛତିଶଗଡ଼-ଓଡ଼ିଶା ସୀମାର ଏକ ସୁରକ୍ଷା ପୋଷ୍ଟରେ ମାଓବାଦୀଙ୍କ ଆକ୍ରମଣରେ ୩ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ।




# ୫ ଜିଲ୍ଲାର ୩୨୮ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

୫ଗୋଟି ଜିଲ୍ଲାର ୩୨୮ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକାର୍ପଣ କରିଛନ୍ତି। ଏଥିରେ ବଲାଙ୍ଗୀର ଜିଲ୍ଲାର ୧୦୦ଟି ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର ଜିଲ୍ଲାର ୬୧ଟି, ପୁରୀ ଜିଲ୍ଲାର ୫୩, କେନ୍ଦ୍ରାପଡ଼ା ଜିଲ୍ଲାର ୫୬ ଏବଂ କୋରାପୁଟ ଜିଲ୍ଲାର ୫୮ଟି ଉଚ୍ଚ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଅଛି। ଏହାଦ୍ୱାରା ୨ ଦିନରେ ସମୁଦାୟ ୬୮୫ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଲୋକାର୍ପିତ କରାଯାଇଛି। ସୂଚନାଯୋଗ୍ୟ, ଗତ ୨ଟି ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ ବିଦ୍ୟାଳୟ ରୂପାନ୍ତରିତ ହୋଇଛି। ୩ଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬୧୩୨ଟି ବିଦ୍ୟାଳୟ ରୂପାନ୍ତରିତ ହେବ। ଏହି ଅବସରରେ ଆଭାସି ଜରିଆରେ ଯୋଡ଼ିହୋଇଥିବା ବିଦ୍ୟାଳୟଗୁଡ଼ିକରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ

## ପିଲାଙ୍କୁ ସବୁ ପ୍ରକାର ଆଧୁନିକ ସୁବିଧା ଦେବାକୁ ଚେଷ୍ଟା କରାଯାଉଛି: ନବୀନ



ଜଣାଇ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୫-ଟିର ଉପଯୋଗ ସମ୍ପର୍କରେ ବୁଝାଇ ସମୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ସମୟର ଗୁରୁତ୍ୱ ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ତେଣୁ ପିଲାମାନେ ସମୟର ଉପଯୋଗ ଠିକ୍ ଭାବେ କରିପାରିଲେ ସବୁକ୍ଷେତ୍ରରେ ନିଶ୍ଚୟ ଆଗରେ ରହିବେ। ଛାତ୍ରୀଛାତ୍ରଙ୍କ ସଫଳତା ହେଉଛି ଓଡ଼ିଶାର ସଫଳତା। ୫-ଟି ବିଦ୍ୟାଳୟଗୁଡ଼ିକରେ ପିଲାଙ୍କୁ ସବୁ ପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି। ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ, ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ହେବା ସହିତ ସାରା ଓଡ଼ିଶାର ଗୌରବ ବୃଦ୍ଧି ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମକୁ ପରିଚାଳନା କରି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି, ଆସନ୍ତା ୬ ମାସରେ ରାଜ୍ୟର ସବୁ ବିଦ୍ୟାଳୟକୁ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପିଲାମାନଙ୍କ ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁସବୁ ନିର୍ଦ୍ଦେଶ ଦେଉଛନ୍ତି, ସେଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପା ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କୁଷ୍ଠରୋଗୀଙ୍କ ରିକନ୍‌ଷ୍ଟ୍ରକ୍ଟିଭ୍ ସର୍ଜରି ନୈରାଶ୍ୟଜନକ

**ଥଇଥାନ ଏବଂ ଉପଯୁକ୍ତ ଚିକିତ୍ସା ଅଭାବ କୁଷ୍ଠରୋଗୀଙ୍କ ଜୀବନକୁ ଦୁର୍ବିଷହ କରିଛି। ସମାଜରୁ ଏକ ପ୍ରକାର ବାସନ୍ଦହୋଇ ସେମାନେ ଅନାବାଦୀ, ଜଙ୍ଗଲ ଜମି, ରେଲଲାଇନ କଡ଼ରେ ଅକର୍ମଣ୍ୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଗତ ପ୍ରାୟ ୫ ବର୍ଷ ହେବ କୁଷ୍ଠରୋଗୀମାନଙ୍କୁ ସ୍ୱତନ୍ତ୍ର ସ୍ଥାନରେ ବସତି ବ୍ୟବସ୍ଥା କରିବାକୁ ସରକାର ପ୍ରତିଶ୍ରୁତି ଦେଇଆସୁଛନ୍ତି। କିନ୍ତୁ ବସତି ତ ଦୂରର କଥା ସେମାନଙ୍କ କଟିଯାଇଥିବା ହାତ, ଗୋଡ଼, ଆଙ୍ଗୁଠି ଆଦି ଅଙ୍ଗପ୍ରତ୍ୟଙ୍ଗର ରିକନ୍‌ଷ୍ଟ୍ରକ୍ଟିଭ୍ ସର୍ଜରି(ଆର୍‌ସିଏସ୍) ବ୍ୟବସ୍ଥା ନୈରାଶ୍ୟଜନକ ହୋଇଛି।**



ବ୍ୟାସନଗର ଗାନ୍ଧୀ କୁଷ୍ଠ କଲୋନି।

- ନିଷ୍ପତ୍ତି ହେଉଛି, କାର୍ଯ୍ୟକାରୀ ହେଉନି
- ସ୍ୱତନ୍ତ୍ର ସ୍ଥାନରେ ବସତି ବ୍ୟବସ୍ଥା ନାହିଁ

ହର୍ଷବର୍ଦ୍ଧନ ବେହେରା

ଯାଜପୁର ଅଫିସ, ୨୬।୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରିକନ୍‌ଷ୍ଟ୍ରକ୍ଟିଭ୍ ସର୍ଜରି (ଆର୍‌ସିଏସ୍) ପ୍ରକ୍ରିୟାକୁ ସୁଦୃଢ଼ୀକରଣ କରିବାକୁ ୨୦୨୨-୨୩ରେ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ ପ୍ଲାନ୍‌ରୁ ବିଭିନ୍ନ ଯନ୍ତ୍ରପାତି କିଣିବାକୁ ନିର୍ଦ୍ଦେଶ ହୋଇଛି। ଏହାସହ ରାଜ୍ୟର ସମସ୍ତ ୩୦ ଜିଲ୍ଲା ସଦର ଡାକ୍ତରଖାନା ସମେତ କ୍ୟାପିଟାଲ ହସ୍ପିଟାଲରେ କୁଷ୍ଠ ରୋଗୀମାନଙ୍କ ଆର୍‌ସିଏସ୍ ବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରାଯାଇଛି। ସେହିପରି ବେସରକାରୀ ଡାକ୍ତରଖାନାଗୁଡ଼ିକରେ ମାଗଣାରେ ଆର୍‌ସିଏସ୍ ସୁବିଧା ପାଇବାକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ଅନ୍ତର୍ଭୁକ୍ତ କରାଯାଇଛି। ମଜୁରି କ୍ଷତିର ଭରଣା ପାଇଁ ଚିକିତ୍ସାଧୀନ କୁଷ୍ଠରୋଗୀଙ୍କୁ ଏକ ସମୟରେ ୧୨ ହଜାର ଟଙ୍କା ସହାୟତା ସମେତ ୧୫୦୦ ଟଙ୍କା ଯିବାଆସିବା ଖର୍ଚ୍ଚ ଏବଂ ଔଷଧ ଖର୍ଚ୍ଚ ବାବଦକୁ ୫୦୦୦ ଟଙ୍କା ଦିଆଯାଉଛି। ଏନେଇ କୁଷ୍ଠରୋଗୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଆଶାକର୍ମୀମାନଙ୍କୁ ୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ନ୍ୟାଶନାଲ ଲେପ୍ରୋସି ଇରାଡିକେଶନ ପ୍ରୋଗ୍ରାମ (ଏନ୍‌ଏଲ୍‌ଇପି)ରେ ୩ ମାସ ମଧ୍ୟରେ ଏହି ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଆର୍‌ସିଏସ୍ ପ୍ରକ୍ରିୟା ଏଯାଏ କେତେକ ଜିଲ୍ଲାରେ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ଏଠାରେ ଯାଜପୁର ଜିଲ୍ଲାର ବ୍ୟାସନଗର ସହରରେ ଥିବା ଅବହେଳିତ ଗାନ୍ଧୀ କୁଷ୍ଠାଶ୍ରମକୁ ଉଦାହରଣ ଭାବେ ନିଆଯାଇପାରେ। ଏହି କଲୋନିରେ ୧୫୬ ଜଣ ଅନ୍ତେବାସୀ ରହୁଛନ୍ତି। ଏଯାଏ ଜଣେ ବି କୁଷ୍ଠରୋଗୀଙ୍କ ଆର୍‌ସିଏସ୍ ହୋଇପାରି ନ ଥିବା ବସ୍ତିବାସିନ୍ଦାଙ୍କଠାରୁ ସୂଚନା ମିଳିଛି। ସୁଷମା ସିଂ, କଟିଆ ରଣା ପ୍ରମୁଖ କହିଛନ୍ତି, ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସେଠାରେ ଜରାଜୀର୍ଣ୍ଣ ଓ ବିପଦସଙ୍କୁଳ ଅବସ୍ଥାରେ ଝାଟିମାଟି କୁଡ଼ିଆରେ ସେମାନେ କାଳାତିପାତ କରୁଛନ୍ତି। ପକ୍କାଘର ଏମାନଙ୍କ ପାଇଁ ସ୍ୱପ୍ନ ହୋଇଛି। ସ୍ୱତନ୍ତ୍ର ବସତି ସ୍ଥାପନ କରିବେ ବୋଲି ସରକାର କେବଳ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ କିଛି ସୁଫଳ ମିଳିପାରିନାହିଁ। ରୋଗୀମାନଙ୍କୁ ଆର୍‌ସିଏସ୍ କରିବା କଥା ସେମାନେ ନୂଆ ଭାବେ ଶୁଣିବାକୁ ପାଉଛନ୍ତି। ଏଠାରେ କୃଷ୍ଣ ଜେନା, କାର୍ମି ମୁଣ୍ଡା, ଦଶମା ସିଂ ପ୍ରମୁଖ ପ୍ରାୟ ୧୦ ଜଣ କୁଷ୍ଠରୋଗୀଙ୍କ କିଛି ଅଙ୍ଗପ୍ରତ୍ୟଙ୍ଗ କଟି ଯାଇଛି। ସେମାନଙ୍କ ଆର୍‌ସିଏସ୍ କରାଗଲେ ଉପକୃତ ହୋଇପାରିବେ। ହେଲେ ସରକାରୀ ଭାବେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷେ ପ୍ରାୟ ୫ ବର୍ଷ ହେଲା ବ୍ୟାସନଗର ପୌର ପ୍ରଶାସନ ପକ୍ଷରୁ ଯୋଡ଼ାବର ନିକଟସ୍ଥ ଗଣ୍ଡାନାଳ କୂଳରେ ଥଇଥାନ କରିବାକୁ ଯୋଜନା କରାଯାଇଛି। ତାହା ବି ଯୋଜନାରେ ସୀମିତ ରହିଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଲେପ୍ରୋସି ସେଲ୍‌ର ରିପୋର୍ଟ ଅନୁସାରେ ଓଡ଼ିଶାର ୨୨ ଜିଲ୍ଲାର ୮୭ କଲୋନୀରେ ୮,୦୩୨ ଅନ୍ତେବାସୀ ଅବହେଳିତ ଅବସ୍ଥାରେ ରହିଛନ୍ତି। ସେଥିମଧ୍ୟରୁ ଆରୋଗ୍ୟ ଲାଭ କରିଥିବା ୨୭୬ ଜଣଙ୍କ ଆର୍‌ସିଏସ୍ କରିବାକୁ ବିଭାଗ ପକ୍ଷରୁ ଚିହ୍ନଟ ହୋଇଛି। ୧୭୯ ଜଣଙ୍କ ସର୍ଜରି ଚାଲିଥିବାବେଳେ ୨୧ ଜଣ ରୋଗୀଙ୍କ ସର୍ଜରି ମେଡିକାଲ ଅଯୋଗ୍ୟ ବୋଲି ଚିହ୍ନଟ ହୋଇଛି। ୫୯ ଜଣ ଅନିଚ୍ଛା ପ୍ରକାଶ କରିଥିବାବେଳେ ୧୭ ଜଣ ଦାଦନ ଖଟିବାକୁ ଯାଇଛନ୍ତି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୨।୪।୨୦୨୩ରେ ବାଲେଶ୍ୱର, ବରଗଡ଼, କଟକ, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖଙ୍କୁ କୁଷ୍ଠରୋଗୀମାନଙ୍କ ଆର୍‌ସିଏସ୍ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ହୋଇଛି।




**ଆଜିର ମନ୍ତବ୍ୟ**

"ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ ବର୍ଷକୁ ୧୦୦ ଦିନ କାମ ଯୋଗାଇବା ପାଇଁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ କାର୍ଯ୍ୟକାରୀ କରିଥିଲେ। ଏବର ସରକାର ବଜେଟ ହ୍ରାସ କରି ଏହି ଯୋଜନାକୁ ମାରିଦେଉଛି।
–ଉଦିତ୍ ରାଜ, ଅଣସଂଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଆଗରେ ନ ରଖିବ ବେତ ତେନ୍ତୁଳି ତାଳ
ଦକ୍ଷିଣେ ରୋପିବ ନିମ
ଉତ୍ତରେ ରୋପିଲେ କଦଳୀ ସଜନା
ସମୟକୁ ଦେବ କାମ।**

ସାଧାରଣତଃ ଘର ଆଗରେ ବେତ, ତେନ୍ତୁଳି ଓ ତାଳଗଛ ଲଗାଇବା ନେଇ ବାରଣ କରାଯାଇଥିବାବେଳେ ଦକ୍ଷିଣ ଦିଗରେ ନିମ ଏବଂ ଉତ୍ତର ଦିଗରେ କଦଳୀ ଓ ସଜନା ଗଛ ଲଗାଇବା ଉଚିତ ହୋଇଥାଏ। ଏହା ବାସ୍ତୁଶାସ୍ତ୍ର ଅନୁସାରେ ଠିକ୍ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘର ପୋଡ଼ିଠାରୁ ବିପତ୍ତି ନାହିଁ
ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ।**

ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ। ସେହିପରି ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ମନ୍ତ୍ରୀ, ଅଫିସର ଚଢ଼ିବେ ହାଇବ୍ରିଡ୍ ଗାଡ଼ି

## ଅର୍ଥ ବିଭାଗର ଅଫିସ ମେମୋରାଣ୍ଡମ ଏସ୍‌ଟିଏକୁ ପରିବହନ ବିଭାଗର ଚିଠି

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଆଗକୁ ନେତା, ମନ୍ତ୍ରୀ ଏବଂ ଅଫିସର କେବଳ ଇନ୍ଧନଯୁକ୍ତ ଗାଡ଼ି ନୁହେଁ ବରଂ ହାଇବ୍ରିଡ୍ ଗାଡ଼ି ଚଢ଼ିବେ। ଏନେଇ ନିକଟରେ ଅର୍ଥମନ୍ତ୍ରୀଙ୍କ ଅନୁମୋଦନକ୍ରମେ ବିଭାଗର ଅଫିସ ମେମୋରାଣ୍ଡମ ଆସିବା ପରେ ପରିବହନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏପରିକି କିଏ କେତେ ଟଙ୍କାର ଗାଡ଼ି ଚଢ଼ିବେ ସେନେଇ ମଧ୍ୟ ସରକାରୀସ୍ତରରେ ସ୍ଥିର ହୋଇସାରିଥିବା ଜଣାପଡ଼ିଛି। ଇଲେକ୍ଟ୍ରିକ୍ ଗାଡ଼ି ନୁହେଁ ସିଧା ହାଇବ୍ରିଡ୍ ଗାଡ଼ି ମନ୍ତ୍ରୀ ଏବଂ ଅଫିସରମାନେ ବ୍ୟବହାର କରିବେ। ରାଜ୍ୟ ପରିବହନ ପ୍ରାଧିକରଣ କମିଶନରଙ୍କୁ ଜରୁରୀ ଦର୍ଶାଇ ପରିବହନ ବିଭାଗ ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ଚିଠି ମଧ୍ୟ ପଠାଇ ସାରିଛନ୍ତି। କେବଳ କିଏ କେତେ ଟଙ୍କାର ଗାଡ଼ି ଚଢ଼ିବେ ତାହା ନୁହେଁ ବରଂ କେତେ ମାଇଲେଜର

### ସ୍ଥିର ହୋଇସାରିଲାଣି କିଏ କେତେ ଟଙ୍କାର ଗାଡ଼ି ଚଢ଼ିବେ

ଗାଡ଼ି ଚଢ଼ିବେ ସେନେଇ ମଧ୍ୟ ସ୍ଥିର ହୋଇସାରିଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଫିସରମାନେ ୨୫ ଲକ୍ଷ ଟଙ୍କା ମୂଲ୍ୟର ଟୟୋଟା ଇନୋଭା, ମହିନ୍ଦ୍ରା ଏସ୍‌ୟୁଭି ୫୦୦, ଟାଟା ହେକ୍ସା ଭଳି ହାଇବ୍ରିଡ୍ ଗାଡ଼ି ବ୍ୟବହାର କରିବେ। ଏହି ଗାଡ଼ିଗୁଡିକ ୧ଲିଟର ତେଲରେ ୯ କି.ମି. ପର୍ଯ୍ୟନ୍ତ ଯାଇପାରିବ।
ସେହିପରି ଜିଲା ଜଜ୍, ପ୍ରମୁଖ ସଚିବ ତଥା ସଚିବ ପାହ୍ୟାର ଅଧିକାରୀମାନେ ମାରୁତି ସିଆଜ, ହୋଣ୍ଡା ସିଟି ଭଳି ଗାଡ଼ି ବ୍ୟବହାର କରିବେ, ଯାହାର ସର୍ବାଧିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ଥିବାବେଳେ ମାଇଲେଜ ୧ ଲିଟରରେ ୧୨ କି.ମି. ଦେଖାଉଥିବ। ଜିଲାପାଳ, ଏସ୍‌ପିମାନେ ମଧ୍ୟ ୧୫ ଲକ୍ଷ ଟଙ୍କା ମୂଲ୍ୟର ମହିନ୍ଦ୍ରା ସ୍କର୍ପିଓ, ହ୍ୟୁଣ୍ଡାଇ କ୍ରେଟା ଓ ମହିନ୍ଦ୍ରା ମାରାକୋଭଳି ଗାଡ଼ି ବ୍ୟବହାର କରିପାରିବେ, ଯାହା ଲିଟର ପିଛା ୧୦ କି.ମି. ବାଟ ଯାଇପାରିବ। ଏହାବ୍ୟତୀତ ଅନ୍ୟ ଗାଡ଼ି କେହି ବ୍ୟବହାର କରିପାରିବେ ନାହିଁ ଏବଂ ସରକାର ଚାହିଁଲେ ଭଡ଼ାରେ ଆଣି ଏହିସବୁ ଗାଡ଼ି ବ୍ୟବହାର କରିପାରିବେ ବୋଲି ଅର୍ଥ ବିଭାଗ କହିଛି। ପରିବେଶ ସୁରକ୍ଷା ଦୃଷ୍ଟିରୁ ଏବେ ହାଇବ୍ରିଡ ଗାଡିକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ହାଇବ୍ରିଡ୍ ଗାଡ଼ିରେ ପେଟ୍ରୋଲ, ଡିଜେଲ ସହିତ ବ୍ୟାଟେରିର ବ୍ୟବହାର ହୋଇଥାଏ। ଏହି ଗାଡ଼ିଗୁଡିକର ବ୍ୟାଟେରିକୁ ଚାର୍ଜ କରିବାର ଆବଶ୍ୟକତା ନାହିଁ। ଗାଡ଼ି ଚାଲିବା ସମୟରେ ଆପେ ଏହି ଗାଡ଼ିଗୁଡିକ ଚାର୍ଜ ହୋଇଥାଏ।

# ଓଡ଼ିଶାରେ ବନ୍ଦେ ଭାରତ ଟ୍ରେନ୍

## ଚେନ୍ନାଇରୁ ଓଡ଼ିଶା ଦେଇ ହାଓଡ଼ା ଗଲା ଖାଲି ରେକ୍

ଭୁବନେଶ୍ୱର,୨୬।୪



ଚେନ୍ନାଇରୁ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଏକ ଖାଲି ରେକ୍ ବୁଧବାର ଓଡ଼ିଶା ଦେଇ ହାଓଡ଼ା ଯାଇଛି। ଏହା ଅପରାହ୍ନ ପ୍ରାୟ ୩ଟାରେ ଭୁବନେଶ୍ୱର ଅତିକ୍ରମ କରିଥିଲା। ଏଥିରେ ୧୬ଟି ୱାଗନ ରହିଛି। ବନ୍ଦେ ଭାରତ ଏକ୍ସପ୍ରେସ୍ ଓଡ଼ିଶାରେ ଖୁବ୍ ଶୀଘ୍ର ଚାଲିବ ବୋଲି ଆଲୋଚନା ହେଉଛି। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ କୌଣସି ସୂଚନା ମିଳି ନ ଥିଲେ ହେଁ ଆସନ୍ତା ମେ' ମଧ୍ୟ ଭାଗରେ ପୁରୀରୁ ହାଓଡ଼ା ଚାଲିବ ବୋଲି କୁହାଯାଉଛି। ଏପରି କି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନ୍‌ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ଟ୍ରେନ୍ ଚାଲିଲେ ଯାତ୍ରା ସମୟ ବ୍ୟବଧାନ କମିବ। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଖୁବ୍‌ଶୀଘ୍ର ଓଡ଼ିଶାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବ ବୋଲି ସୂଚନା ଦେଇଥିଲେ।

# ଜୁନ୍ ୨୩ରୁ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ପିଜିରେ ନାମଲେଖା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁନ୍ ୨୩ରୁ ଜୁଲାଇ ୪ ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା ହେବ। ଏଥିପାଇଁ ମେ' ୧ରୁ ୧୦ ମଧ୍ୟରେ ଛାତ୍ରୀଛାତ୍ର ସାମ୍ସ ପୋର୍ଟାଲରେ ନାମଲେଖା ପାଇଁ ଆବେଦନ କରିପାରିବେ। କମନ୍ ଆପ୍ଲିକେଶନ୍ ଫର୍ମ(ସିଏଫ୍)ରେ ଆବେଦନକାରୀ କୌଣସି ସଂଶୋଧନ କରିବାକୁ ଚାହୁଁଥିଲେ ମେ' ୧୧ ଓ ୧୨ରେ କରିପାରିବେ। ଆବେଦନ ସମ୍ପର୍କିତ ତଥ୍ୟ ରାଜ୍ୟ ଚୟନ ବୋର୍ଡକୁ ୧୬ ତାରିଖରେ ପଠାଯିବ। ୯ ଜୁନ୍‌ରେ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନକାରୀମାନେ ପ୍ରବେଶପତ୍ର ଡାଉନ୍‌ଲୋଡ୍ କରିପାରିବେ। ଯୁକ୍ତି ପରୀକ୍ଷାଫଳ ପ୍ରକାଶ ପାଇ ନ ଥିଲେ ମଧ୍ୟ ଏଥିପାଇଁ ଆବେଦନ କରିହେବ। ତେବେ ପ୍ରବେଶିକା ପରୀକ୍ଷାକୁ ନେଇ ମେରିଟ୍‌ଲିଷ୍ଟ ପ୍ରକାଶନ ତାରିଖ ଧାର୍ଯ୍ୟ କରାଯାଇ ନ ଥିବା ଉକ୍ତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର ସହକର୍ମୀଙ୍କ ସହଯୋଗରେ କାମ ହାସଲ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ବିଜ୍ଞ ବ୍ୟକ୍ତିମାନେ ଆପଣଙ୍କ ନିଃସ୍ୱାର୍ଥପର କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିବେ। କୌଣସି ପ୍ରତିବନ୍ଧକ ନ ଥାଇ ମାଙ୍ଗଳିକ କାମ ସୁରୁଖୁରୁରେ ସମାପନ ହେବ।

**ବୃଷ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିରତା କେତେକାଂଶରେ ବ୍ୟାହତ ହେବା ସୂଚନା ରହିଛି। ରୋହିଣୀ ନକ୍ଷତ୍ରର ଖର୍ଚ୍ଚ ପରିମାଣ ବୃଦ୍ଧି ଦୁଶ୍ଚିନ୍ତା ବଢ଼ାଇବ। ପ୍ରକାଶନ ତଥା ପ୍ରଶାସନିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ପାରିବାରିକ କ୍ଷେତ୍ରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** ସକାଳୁ କୌଣସି କାମ କରିବାକୁ ମନସ୍ଥ କରି ବନ୍ଧୁଙ୍କ ପରାମର୍ଶ ନେଇପାରନ୍ତି। ପ୍ରତୀକ୍ଷା କରିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସମୟରେ ନ ପାଇବାରୁ ବ୍ୟସ୍ତ ହୋଇପଡ଼ିବେ। ଆରଦ୍ରା ନକ୍ଷତ୍ର ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରନ୍ତୁ କିଛି ସମୟ ପରେ ସଫଳତା ମିଳିବ।

**କର୍କଟ** ଆଜି ଯେଉଁ କାମ କରନ୍ତୁ, କୌଣସି କ୍ଷେତ୍ରରେ ଅସୁବିଧା ରହିବ ନାହିଁ। ଜରୁରୀ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବେ। ଆଲୋଚନା, ଲୋକସମ୍ପର୍କ ଓ ସଭାସମିତି କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରେ ସାମାନ୍ୟ ହଲ୍‌ଚଲ୍ ସୃଷ୍ଟି ହୋଇପାରେ। ପୁଷ୍ୟା ନକ୍ଷତ୍ର ପିଲାଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ଚିନ୍ତିତ ରହିବେ।

**ସିଂହ** ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ଖୁସିରେ ଅତିବାହିତ ହେବ। ସ୍ୱାସ୍ଥ୍ୟ ଭଲ ରହିବ ଓ ପାରିବାରିକ କ୍ଷେତ୍ରରେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଯାହାକୁ ଯାହା କହିବେ ସେହି ବ୍ୟକ୍ତି କଦାପି ମନାକରିବେ ନାହିଁ। ମଘା ନକ୍ଷତ୍ର ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**କନ୍ୟା** ଆଜି ସଭାସମିତିରେ ସମ୍ମାନିତ ହେବେ, ସମ୍ମାନ ଓ ପ୍ରତିଷ୍ଠା ପାଇବେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି, ଫଳତଃ ଘରେ ଉଚ୍ଚବାଚ ଘଟିପାରେ। ନିର୍ମାଣ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। ହସ୍ତା ନକ୍ଷତ୍ର ଆନୁଷ୍ଠାନିକ କାମରେ ଯୋଗଦେଲେ ସମ୍ମାନିତ ହେବେ।

**ତୁଳା** ଆଜି ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ଶାନ୍ତିପ୍ରଦ ରହିବ। ସଭାସମିତି, ଲେଖାପଢ଼ା, ଆଲୋଚନା, ଲୋକସମ୍ପର୍କ, ଆନୁଷ୍ଠାନିକ କାମରେ ଉନ୍ନତ ଫଳ ପାଇବେ। କିନ୍ତୁ ବିଗତ ଦିନର ଘର ସମସ୍ୟାକୁ ମନରେ ଶିଖିପାରିବେ ନାହିଁ, ବରଂ ବନ୍ଧୁଙ୍କୁ କହି ସମସ୍ୟାକୁ ବଢ଼ାଇବେ।

**ବିଛା** ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର କଥା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ବହୁଦିନର ମନାନ୍ତର ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ କୌଣସି ମତାନ୍ତର କିମ୍ବା ମନାନ୍ତର ହେବନାହିଁ। ଅନୁରାଧା ନକ୍ଷତ୍ରର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ।

**ଧନୁ** ଆଜି ଆପଣଙ୍କର ଅଭାବ ନ ଥିଲେ ମଧ୍ୟ ଅପବ୍ୟୟର ମାତ୍ରା ସୀମା ଟପିଯିବ। ବର୍ତ୍ତମାନ ସମୟ ସକାଶେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ, କିନ୍ତୁ ଆଶଙ୍କା ଲାଗି ରହିବ। ବ୍ୟବସାୟରେ ଲାଭ ମିଳିବ କିନ୍ତୁ ଟେନ୍ସନ ପୂର୍ଣ୍ଣମାତ୍ରାରେ ରହି ମନକୁ ବ୍ୟତିବ୍ୟସ୍ତ କରାଇବ। ପୂର୍ବାଷାଢ଼ା ନକ୍ଷତ୍ରର ପରିବହନରେ କେତେକ ଆଧୁନିକୀକରଣ କରିପାରନ୍ତି।

**ମକର** କାମରେ ଅସ୍ଥିରତା ସୃଷ୍ଟି ହେଲେ ସୁଦ୍ଧା ଅନ୍ୟାନ୍ୟ କେତେକ ଦୃଷ୍ଟି କୋଣରୁ ମନ୍ଦ ହେବନି। ଅସମର୍ଥିତ ସୂତ୍ରରୁ ଅଶୁଭ ଖବର ପାଇ ବିଚଳିତ ହୋଇପାରନ୍ତି। ଶିକ୍ଷା, ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ମିଳିବ। ଧନିଷ୍ଠା ନକ୍ଷତ୍ର ନିର୍ମାଣାଧୀନ ଗୃହ, ଯାନବାହନକୁ ଶେଷ ସ୍ପର୍ଶ ଦେବେ ଏବଂ ଏକ ପ୍ରକାର ଖୁସି ରହିବେ।

**କୁମ୍ଭ** ପରିବାରରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା ହେତୁ କାମଗୁଡ଼ିକ ଠିକ୍ ରହିବ ନାହିଁ। ସ୍ୱାସ୍ଥ୍ୟାବସ୍ଥା ଭଲ ରହିବାରୁ ଆଶ୍ୱସ୍ତି ଲଭିବେ। ଶତଭିଷା ନକ୍ଷତ୍ରର ଅଫିସ୍ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ ଏବଂ ସମସ୍ୟା ଦୂରେଇ ଯିବ। ଗୃହ, ଭୂମି, କଚେରି ମାମଲା କିମ୍ବା ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ ମାତ୍ର ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ଦେହରେ କୌଣସି ବଡ଼ଧରଣର ରୋଗ ନ ଥାଇ ମଧ୍ୟ ଦୁର୍ବଳତା ଅନୁଭବ କରିବେ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସତ୍‌ସଙ୍ଗ ଓ ଧର୍ମ, ସାହିତ୍ୟ ଚର୍ଚ୍ଚା ଦିଗକୁ ମନ ବଳାଇବେ। ଉତ୍ତରଭାଦ୍ରବ ନକ୍ଷତ୍ରର ସାୟାହ୍ନେ ଟେନସନ୍ କେତେକାଂଶରେ କମିଯିବ। ଦାମ୍ପତ୍ୟ ଜୀବନରେ ନିଜେ ଜଳି ଅନ୍ୟମାନଙ୍କ ହିତ ସାଧନରେ ନିଜକୁ ସାମିଲ କରିପାରନ୍ତି।

ଆଜି ବୈଶାଖ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର, ଗଙ୍ଗୋତ୍ପତି, କବିବର ରାଧାନାଥଙ୍କ ତିରୋଧାନ ଦିବସ, ଏପ୍ରିଲ ୨୭ ତାରିଖ, ରାଶି ନକ୍ଷତ୍ର–ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୫।୨୪ ଗତେ ଘ.୦୭।୦୫ ମଧ୍ୟେ, ଘ.୧୦।୨୮ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ୦୧।୧୯ ଗତେ ଘ.୦୨।୫୪ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଚାଷ ପ୍ରତି ବିମୁଖ...

ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ସେ ଏପର୍ଯ୍ୟନ୍ତ ଜାଣିନାହାନ୍ତି। ଧାନ ବିକିବା ବେଳେ ଜମି ମାଲିକଙ୍କ ଚାଷୀ ପରିଚୟ ପତ୍ରରେ ଧାନ ବିକୁଛନ୍ତି। ଜମି ମାଲିକଙ୍କ ଆକାଉଣ୍ଟରେ ବିକ୍ରିଧାନର ପ୍ରାପ୍ୟ ଜମା ହେଉଛି। ସେହିପରି ଫସଲକ୍ଷତି ହେଲେ ଯଦି ସରକାର କ୍ଷତିପୂରଣ କିମ୍ବା ବୀମାରାଶି ପ୍ରଦାନ କରୁଛନ୍ତି, ତାହା ମଧ୍ୟ ଜମି ମାଲିକଙ୍କ ପାଖକୁ ଯାଉଛି ବୋଲି ନେକାଣ୍ଟି କହିଛନ୍ତି। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଭାଗଚାଷୀଙ୍କ ପାଇଁ ରାଜ୍ୟ ସରକାର ବଳରାମ ଯୋଜନା କରିଛନ୍ତି। ଏହି ଯୋଜନା ଅନୁସାରେ ସେମାନେ କୃଷିଋଣ ପାଇପାରିବେ। ହେଲେ ଏହି ଯୋଜନାରେ କେହି ଚାଷୀ ଉପକୃତ ହେବା ଭଳି ଦୃଷ୍ଟାନ୍ତ ବରଗଡ଼ ଜିଲାରେ ନାହିଁ। ଭାଗଚାଷୀମାନେ ଋଣ, ଧାନ, ବିହନ, କୃଷି ଯନ୍ତ୍ରପାତି କିଣିବାରେ ରିହାତି ତଥା ଫସଲକ୍ଷତି ବେଳେ କ୍ଷତିପୂରଣ ପାଇବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ମହାପାତ୍ର କହିଛନ୍ତି।

ଯାଜପୁର ଜିଲା କୋରେଇ ବ୍ଲକ ହଳଦିଗଡ଼ିଆ ପଞ୍ଚାୟତ ସାଲକଣା ଗ୍ରାମର ଭାଗଚାଷୀ ଭରତ ନାୟକ ୨୦ ବର୍ଷ ହେଲା ଅନ୍ୟ ଲୋକଙ୍କ ଜମିରେ ଚାଷକରି ଆସୁଛନ୍ତି। ତାଙ୍କ କହିବାନୁଯାୟୀ ସେ ପ୍ରାୟ ୧ ଏକର ଜମିରେ ଚାଷ କରିଥାନ୍ତି। ସାର, ଧାନ ଆଦି ବାବଦକୁ ଖର୍ଚ୍ଚ କରିବା ପରେ ପ୍ରାୟ ୧୭ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥାଏ। ସେଥିରୁ ପ୍ରାୟ ୫ କୁଇଣ୍ଟାଲ ଧାନ ମାଲିକଙ୍କୁ ଦେଇଥାନ୍ତି। ସରକାର ଧାର୍ଯ୍ୟ କରିଥିବା ମୂଲ୍ୟଠାରୁ ବହୁତ କମ୍ ଅର୍ଥାତ୍ କୁଇଣ୍ଟାଲ ପିଛା ୧୨୦୦ରୁ ୧୩୦୦ ଟଙ୍କାରେ ମଧ୍ୟସ୍ଥଙ୍କ ହାତରେ ଧାନ ବିକ୍ରି କରନ୍ତି। ତାଙ୍କୁ ଟୋକନ ମିଳେ ନାହିଁ। ଫଳରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ଧାନ ବିକ୍ରି କରିବା ସମ୍ଭବପର ନୁହେଁ। ଯେଉଁ ବର୍ଷ ମରୁଡ଼ି କିମ୍ବା ବନ୍ୟା, ବାତ୍ୟା ହୁଏ, ସେହି ବର୍ଷ ପରିବାର ଚଳାଇବା କଷ୍ଟକର ହୋଇଥାଏ। ବଳରାମ ଯୋଜନା ଭାଗଚାଷୀଙ୍କ ପାଇଁ କେବଳ ଘୋଷଣା ମାତ୍ର ହୋଇଛି। କାଳିଆ ଏବଂ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରୁ ସେ ବଞ୍ଚିତ ହୋଇଛନ୍ତି। ଏପରିକି ଭାଗଚାଷୀ ଟୋକନ ପାଉ ନଥିବାରୁ ସରକାରଙ୍କ ଧାର୍ଯ୍ୟ ଦରଠାରୁ ବହୁ କମ୍ ମୂଲ୍ୟରେ ଦଲାଲ ହାତରେ କଷ୍ଟୋପାର୍ଜିତ ଧାନକୁ ଟେକି ଦେଉଛନ୍ତି ବୋଲି ନାୟକ କହିଛନ୍ତି।

କୃଷକ ନେତା ବିଜୟ କୁମାର ପରିଡ଼ା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମି ମଧ୍ୟରୁ ୭୦ ପ୍ରତିଶତ ଭାଗଚାଷ ଦ୍ୱାରା ଫସଲ ହୋଇଥାଏ। ଭାଗଚାଷୀ ଜମି ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜ୍‌ରେ ନେଇଥାନ୍ତି। ଏଥିପାଇଁ ଧାନ ଫସଲରୁ ଅଧା ଜମିମାଲିକଙ୍କୁ ଦେବାକୁ ହୋଇଥାଏ। କିନ୍ତୁ ଭାଗଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ଅଭାବୀ ବିକ୍ରି ପର୍ଯ୍ୟନ୍ତ ଜମି ମାଲିକଙ୍କ କୌଣସି ସହଯୋଗ ନ ଥାଏ। ଜମି ମାଲିକମାନେ ନିଜକୁ ଚାଷୀ ଦର୍ଶାଇ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଓ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ହାତେଇ ନେଉଛନ୍ତି। କୃଷକ ବିକାଶ ସମବାୟ ସମିତି ସଭାପତି ପ୍ରମୋଦ କୁମାର ସାହୁ କୁହନ୍ତି, କେନ୍ଦ୍ରାପଡ଼ା ଜିଲାର ୧୫ ପ୍ରତିଶତ ନାମମାତ୍ର ଓ କ୍ଷୁଦ୍ରଚାଷୀ ନିଜ କ୍ଷେତରେ ଚାଷ କରୁଥିବା ବେଳେ ଅବଶିଷ୍ଟ ଭାଗଚାଷୀଙ୍କ ଦ୍ୱାରା ସମ୍ପନ୍ନ ହେଉଛି। ଏହି ଭାଗ ଚାଷୀଙ୍କ ଚିହ୍ନଟୀକରଣ ଅଦ୍ୟାବଧି ହୋଇନାହିଁ। ଫଳରେ ବ୍ୟାଙ୍କଋଣ, ଫସଲବୀମାଠାରୁ ଆରମ୍ଭ କରି କୃଷକ ଉନ୍ନୟନ ଯୋଜନାରେ ସେମାନେ ସାମିଲ ହୋଇ ପାରୁନାହାନ୍ତି। ଏଥିପାଇଁ ପ୍ରଥମେ ଭାଗଚାଷୀ ଚିହ୍ନଟୀକରଣର ଆବଶ୍ୟକତା ଅଛି। କେନ୍ଦ୍ରାପଡ଼ା ଜିଲା ଚାଷୀ ଓ ଶ୍ରମିକ ସଂଘର ସଭାପତି ଗୟାଧର ଧଳ କୁହନ୍ତି, ୨୦୧୫ ମସିହାରେ ଭାଗଚାଷୀ ଚିହ୍ନଟୀକରଣ ପାଇଁ ରାଜ୍ୟ ସରକାର ଏକ ବୈଠକ କରିଥିଲେ। ଏଥିରେ ଜିଲାସ୍ତରୀୟ କୃଷି ଯୋଜନା ସହ ଅନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଭାଗଚାଷୀଙ୍କ ଭାଗୀଦାରି ରହିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିଲେ ମଧ୍ୟ ଏ ନେଇ କୌଣସି ଅଗ୍ରଗତି ହୋଇନାହିଁ। କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରର ଜମି ମାଲିକ ତ୍ରିଲୋଚନ ଜେନା କୁହନ୍ତି, ଭାଗଚାଷୀଙ୍କୁ ଆଇନଗତ ଭାବେ ସ୍ୱୀକୃତି ଦେବା ପାଇଁ କେତେକ ପ୍ରତିବନ୍ଧକ ଅଛି। ଚୁକ୍ତିପତ୍ର କେତେବର୍ଷ ପାଇଁ ହେବ, ଜମି ମାଲିକ ଭାବେ ଟଙ୍କା ଅଥବା ଫସଲର ଭାଗ କେତେ ପାଇବେ ଆଦିର ତର୍ଜମା ହେବା ଆବଶ୍ୟକ। ଭାଗଚାଷୀ ଆଇନ ଆସିଲେ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବ, ତେବେ ଜମିର ସ୍ୱତ୍ୱ ସୁରକ୍ଷା ଏକ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି ସେ ପ୍ରକାଶ କରିଛନ୍ତି। ମହାକାଳପଡ଼ାର ଚାଷୀ ସତ୍ୟବ୍ରତ ସେନାପତି କୁହନ୍ତି, ଜମି ହେଉଛି ପାରିବାରିକ ସମ୍ପତ୍ତି। ଆପଦ ବିପଦର ସାହା ଭରସା। ଏଥିପାଇଁ ଜମି କିଣା ଯାଇଥାଏ। ଭାଗଚାଷୀଙ୍କୁ ଆଇନଗତ ଭାବେ ଲିଜ୍ ଦେବା ପରେ ଆବଶ୍ୟକ ସମୟରେ ବିକ୍ରି ଓ ପାରିବାରିକ ଭାଗରେ ସମସ୍ୟା ସୃଷ୍ଟି ହେବ। ମାର୍ଶାଘାଇ ବ୍ଲକ ଦୁମୁକା ଗ୍ରାମର ଅମିୟ ବେହେରା କହିଛନ୍ତ, ଅଭାବୀ ବିକ୍ରି, ପ୍ରାକୃତିକ ବିପର୍ଯ୍ୟୟରେ ସହାୟତା, ସରକାରୀ ପ୍ରୋତ୍ସାହନ ନ ମିଳିବାରୁ ଭାଗଚାଷୀ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଆତ୍ମା ଉପ ପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ କହିଛନ୍ତି, ଭୂମିହୀନ ଚାଷୀଙ୍କ ପାଇଁ ରାଜ୍ୟ ସରକାର ବଳରାମ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ୨୦୨୨-୨୩ ସୁଦ୍ଧା ଜିଲାରେ ୫୯୧୨ ଜଏଣ୍ଟ ଲାଇବିଲିଟି ଗ୍ରୁପ୍ (ଜିଏଲ୍‌ଜି) ସୃଷ୍ଟି ହୋଇ ୨୭,୫୪୩ ଚାଷୀଙ୍କୁ ୩୮ କୋଟି ୨୭ ଲକ୍ଷ ୪୪ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ୬୮୯ ଗ୍ରୁପ୍ ଋଣ ଶୁଝିଛନ୍ତି। ଅଧିକ ଜିଏଲ୍‌ଜି ସୃଷ୍ଟି ପାଇଁ ସଚେତନତା କରାଗଲେ ଭାଗଚାଷୀଙ୍କୁ ଋଣ ମିଳିବାରେ ଅସୁବିଧା ହେବ ନାହିଁ ବୋଲି ଉପ ପ୍ରକଳ୍ପ ନିର୍ଦ୍ଦେଶକ ରାଉଳ କହିଛନ୍ତି।

## ଦାନ୍ତେୱାଡ଼ାରେ ଲାଲ ...

୬ ଦଶନ୍ଧି ଧରି ଆତଙ୍କ ସୃଷ୍ଟି କରିଥିବା ମାଓବାଦୀଙ୍କ ମୁକାବିଲା ପାଇଁ ଛତିଶଗଡ଼ ସରକାର ରାଜ୍ୟ ପୋଲିସ ଅଧୀନରେ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଗଠନ କରିଛନ୍ତି। ଡିଆର୍‌ଜିରେ ସାମିଲ ଥିବା ଅଧିକାଂଶ କର୍ମଚାରୀ ହେଉଛନ୍ତି ସ୍ଥାନୀୟ ଆଦିବାସୀ, ଯାହାଙ୍କୁ ଲଢ଼େଇ ପାଇଁ ତାଲିମ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଥାଏ। ରାଜଧାନୀ ରାୟପୁରଠାରୁ ଦାନ୍ତେୱାଡ଼ା ଜିଲା ସଦର ମହକୁମାର ଦୂରତା ହେଉଛି ୪୫୦ କି.ମି.। ଦାନ୍ତେୱାଡ଼ାର ଅରନପୁର ଥାନା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ରାଜ୍ୟ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଡିଆର୍‌ଜିର ଏକ ଟିମ୍ ବୁଧବାର ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ସାରି ମିନିଭ୍ୟାନ୍‌ରେ ଫେରୁଥିଲେ। ସେମାନେ ଅରନପୁର-ଗୟା ମୁଖ୍ୟ ରାସ୍ତାରେ ପହଞ୍ଚିଥିବାବେଳେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ଉପରେ ଗାଡ଼ି ମାଡ଼ିଯିବାରୁ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଫଳରେ ସେମାନଙ୍କ ମିନିଭ୍ୟାନ୍ ସମ୍ପୂର୍ଣ୍ଣ ରୂପେ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଉକ୍ତ ଭ୍ୟାନ୍‌ରେ ଥିବା ଦୁଇଗୋ ମଣ୍ଡାବି, ଲଖମୁ ମରକମ, ଜଗା କବାସୀ, ଜଗା ସୋଢ଼ି, ହରିରାମ ମଣ୍ଡାବି, ରାଜୁରାମ କରତମ, ଜୟରାମ ପଡ଼ିଆମୀ, ମୁନ୍ନାରାମ କଡ଼ତି, ସନ୍ତୋଷ ତାମୋ, ଜଗଦୀଶ କବାସୀ ଏବଂ ଗାଡ଼ି ଚାଳକ ଧନୀରାମ ଯାଦବଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ରାସ୍ତାରେ ପ୍ରାୟ ୨୦ ଫୁଟ୍ ଗଭୀର ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିପାଇଁ ମାଓବାଦୀମାନେ ୫୦ କେ.ଜି. ଓଜନର ଆଇଇଡି ବ୍ୟବହାର କରିଥିବା କୁହାଯାଉଛି।

ଏନେଇ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଛନ୍ତି, ଲଢ଼େଇ ଶେଷ ସ୍ତରରେ ପହଞ୍ଚିଛି। ମାଓବାଦୀମାନଙ୍କୁ ଛଡ଼ାଯିବ ନାହିଁ। ପ୍ରଧାନମନ୍ତ୍ରୀ ଏହାର ନିନ୍ଦା କରି କହିଛନ୍ତି, ମୃତକଙ୍କ ବଳିଦାନ ସ୍ମରଣୀୟ ହୋଇ ରହିବ। ସେମାନଙ୍କ ପରିବାରକୁ ସମବେଦନା ଜଣାଉଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ମୁଖ୍ୟମନ୍ତ୍ରୀ ବଘେଲଙ୍କ ସହ ଆଲୋଚନା ପରେ ଶହୀଦ ଯବାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ବସ୍ତର ରେଞ୍ଜ ପୋଲିସ ଆଇଜି ସୁନ୍ଦରରାଜ ପି. କହିଛନ୍ତି, ସରକାରଙ୍କ ପୁନଃ ଥଇଥାନ ଯୋଜନା ଯୋଗୁ ପ୍ରତିବର୍ଷ ପ୍ରାୟ ୪୦୦ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି। ସକ୍ରିୟ ଥିବା ମାଓବାଦୀ ନେତାଙ୍କ ମଧ୍ୟରୁ ଅଧିକାଂଶ ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରର।

## ମାଲକାନଗିରି, କୋରାପୁଟ, ...

ସତର୍କ ରହିବାକୁ କୁହାଯାଇଛି। ପାଟ୍ରୋଲିଂ, ବ୍ଲକିଂ ଏବଂ ଯାଞ୍ଚକୁ କଡ଼ାକଡ଼ି କରିବା ସହ ମାଓବାଦୀପ୍ରବଣ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିବାକୁ ସ୍ପଷ୍ଟଭାବେ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି।

## ୨ ଚକିଆ ଇ-ଯାନକୁ ସର୍ବାଧିକ...

ଗ୍ରାହକଙ୍କ ସଂଖ୍ୟା ବଢ଼ାଇବା ସକାଶେ ସରକାର ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ୨ ସେପ୍ଟେମ୍ବର ୨୦୨୧ରେ ଓଡ଼ିଶା ଇଲେକ୍ଟ୍ରିକ ଭେହିକିଲ ପଲିସି ୨୦୨୧ର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୫ ସୁଦ୍ଧା ରାଜ୍ୟରେ ଶତକଡା ୨୦ ପ୍ରତିଶତ ଇଲେକ୍ଟ୍ରିକ ଯାନ ପଞ୍ଜୀକରଣ ଲକ୍ଷ୍ୟ ନେଇ ଉକ୍ତ ପିଲିସି କାର୍ଯ୍ୟକାରୀ କରାଯାଇଥିଲା। ହେଲେ ୨୦୨୨ ଶେଷ ସୁଦ୍ଧା ରାଜ୍ୟରେ ମୋଟ ୪.୪୮% ଇ-ଯାନ ନେଇ ଗ୍ରାହକଙ୍କ ପକ୍ଷରୁ ପଞ୍ଜୀକରଣ କରାଯାଇଥିଲା। ପଲିସି ଲକ୍ଷ୍ୟ ଅନୁଯାୟୀ ଏହା ଆଦୌ ସନ୍ତୋଷଜନକ ନୁହେଁ ବୋଲି ରାଜ୍ୟ ସରକାର ତାଙ୍କ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଏହି ନୀତିରେ ବିଭିନ୍ନ ବର୍ଗର ଇ-ଯାନ ଲାଗି ଉଭୟ ଉପଭୋକ୍ତା ଏବଂ ନିର୍ମାତାଙ୍କ ପାଇଁ ରିହାତି ବ୍ୟବସ୍ଥା କରାଯାଇଥିଲା। ଇ-ଯାନରେ ରାଜ୍ୟ ସରକାର ୧୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦେଉଥିଲେ। ଦୁଇ ଚକିଆ ଯାନ ଲାଗି ସର୍ବାଧିକ ୫ ହଜାର, ୩ ଚକିଆ ପାଇଁ ୧୦ ହଜାର ଏବଂ ୪ ଚକିଆ ପାଇଁ ୫୦ ହଜାର ଟଙ୍କା ରିହାତି ଦେବାର ବ୍ୟବସ୍ଥା ଥିଲା। ସେହିପରି ଇଲେକ୍ଟ୍ରିକ ବସ୍ ଲାଗି ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ଦେବାର ବ୍ୟବସ୍ଥା ଥିଲା। ସରକାରୀ କର୍ମଚାରୀଙ୍କ ଲାଗି ମଧ୍ୟ ସରକାର ଅଗ୍ରିମଦେବାକୁ ଘୋଷଣା କରାଯାଇଥିଲା।

## ପ୍ରେମ ପାଇଁ ଜୀବନ ...

ଜଣେ ଯୁବତୀଙ୍କ ସହ ମଝିଆ ଭାଇ ମନୋଜଙ୍କ ପ୍ରେମ ସମ୍ପର୍କ ରହିଥିଲା। ଏହାକୁ ଯୁବତୀଙ୍କ ପରିବାର ସଦସ୍ୟ ବିରୋଧ କରି ଆସୁଥିଲେ। ଏପରି କି କିଛିମାସ ତଳେ ସରୋଜଙ୍କୁ ସମ୍ପୃକ୍ତ ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଯାତ୍ରା ଦେଖି ଯାଇଥିବା ସୁଯୋଗରେ ଯୁବତୀଙ୍କ ପରିବାରର ୪ ଜଣ ମନୋଜଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରୋଜ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ପାତ୍ର କୁହନ୍ତି, ମୃତ ଯୁବକଙ୍କ ବଡ଼ଭାଇଙ୍କ ଅଭିଯୋଗ ଅନୁଯାୟୀ ୪ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି। ପାରିପାର୍ଶ୍ୱିକ ସ୍ଥିତି ଏବଂ ମୃତକଙ୍କ ପରିବାର ସଦସ୍ୟଙ୍କ ବୟାନ ଆଧାରରେ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ଛାତ୍ରୀଛାତ୍ରଙ୍କ ପାଇଁ 'ଷ୍ଟୁଡେଣ୍ଟ ....

ପଞ୍ଜୀକରଣ ସମୟରେ ଦିଆଯାଇଥିବା ୟୁନିକ୍ ଆଇଡି ନମ୍ବର ମାରିବା କ୍ଷଣି ସମସ୍ତ ତଥ୍ୟ ଉପଲବ୍ଧ ହେବ। ଫର୍ମ ପୂରଣ କରିବା ସମୟରେ ହେଉଥିବା ତ୍ରୁଟିକୁ ମଧ୍ୟ ରୋକାଯାଇ ପାରିବ। ଏଥିସହ ପ୍ରକୃତ ଛାତ୍ରଙ୍କୁ ଚିହ୍ନଟ କରିବା ପାଇଁ ଏହି ଆଇଡି ସହାୟକ ହେବ। ଥରେ ରେଜିଷ୍ଟ୍ରେଶନ ହେବା ପରେ ସମ୍ପୃକ୍ତ ଛାତ୍ରୀଛାତ୍ର ସେମାନଙ୍କ ଯୋଗ୍ୟତା ଅନୁସାରେ ସମସ୍ତ ସରକାରୀ ସୁବିଧା ପାଇବେ। କେବଳ ଛାତ୍ରୀଛାତ୍ର ନୁହନ୍ତି, ବରଂ ଅଧ୍ୟାପକ ଏବଂ ସମସ୍ତ ଶିକ୍ଷାନୁଷ୍ଠାନ ଏଥିରେ ପଞ୍ଜୀକରଣ କରିବେ। ଏହାଦ୍ୱାରା ନକଲି ଛାତ୍ରୀଛାତ୍ର, ଅଧ୍ୟାପକ ଓ ଶିକ୍ଷାନୁଷ୍ଠାନ ଉପରେ ରୋକ ଲାଗିପାରିବ ବୋଲି ଡ. ସହସ୍ରବୁଦ୍ଧେ କହିଛନ୍ତି।

## ୟୁନିୟନ ବ୍ୟାଙ୍କରେ ...

ଖୋଲିଦେବାରୁ ଦୁର୍ବୃତ୍ତମାନେ କ୍ୟାଶିୟରଙ୍କ ପାଖରେ ଥିବା ୮ଲକ୍ଷ ସହ ଲକରରେ ଥିବା ୪୧ଲକ୍ଷ ଟଙ୍କା ଓ ୨ କେଜିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଲୁଟିନେଇଥିଲେ। ୧୨ଜଣ ଗ୍ରାହକଙ୍କୁ ଧମକ ଦେଇ ସେମାନେ ବାହାରପଟୁ ତାଲା ମାରି ୩ଟି ବାଇକ୍‌ରେ ବସି ଚମ୍ପଟ ମାରିଥିଲେ। ଜଣେ ଗ୍ରାହକ ଲୁଚାଇ ରଖିଥିବା ମୋବାଇଲରୁ ଚନ୍ଦନେଶ୍ୱର ଫାଣ୍ଡିକୁ ଜଣାଇଲା ପରେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ବ୍ୟାଙ୍କର ମୁଖ୍ୟ ଗେଟ୍‌ରେ ଦୁର୍ବୃତ୍ତ ତାଲା ପକାଇ ଦେଇଥିବାରୁ ପୋଲିସ ତାକୁ କାଟି ଭିତରେ ଥିବା ୧୨ଜଣ ଗ୍ରାହକଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଭୋଗରାଇ, ତାଳସାରୀ ମେରାଇନ ଥାନା, କମର୍ଦ୍ଦା ଥାନା , ଚନ୍ଦନେଶ୍ୱର ଫାଣ୍ଡି ଏବଂ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଏସ୍‌ପି ସାଗରିକା ନାଥ, ଡିଆଇଜି ହିମାଂଶୁ ଲାଲ୍‌ଙ୍କ ସହ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ବ୍ୟାଙ୍କ, ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗରେ ଦୁର୍ବୃତ୍ତଙ୍କୁ ଧରିବା ନିମନ୍ତେ ତଲାସୀ ଜାରି ରଖିଛନ୍ତି।
ସୂଚନା ଅନୁଯାୟୀ, ୨୦୨୦ ଅକ୍ଟୋବର ୧୩ରେ ଅନୁରୂପ ଭାବେ ଚୌକି ୟୁକୋ ବ୍ୟାଙ୍କରେ ଏଭଳି ଡକାୟତି ହୋଇଥିବାରୁ ଏହି ଡକାୟତ ଦଳଙ୍କ ଲିଙ୍କ୍‌କୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି।

## ଚନ୍ଦ୍ର ମୃତ୍ତିକାରୁ ଅମ୍ଳଜାନ ବାହାର ...

ବ୍ୟାସର ଏକ ସ୍ୱତନ୍ତ୍ର ଗୋଲାକୃତି ଚାମ୍ବର (ଡାର୍ଟି ଥର୍ମାଲ ଭାକ୍ୟୁମ୍ ଚାମ୍ବର)ରେ ଚନ୍ଦ୍ର ମୃତ୍ତିକା ଅନୁରୂପ ପଦାର୍ଥ ନେଇଥିଲେ। ସେମାନେ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ବ୍ୟବହାର କରି ଏକ ସୌରଶକ୍ତି କନ୍‌ସେଣ୍ଟ୍ରେଟରରୁ ଅନୁରୂପ ଉତ୍ତାପ ସୃଷ୍ଟି କରାଇ କାର୍ବୋଥର୍ମାଲ ରିଆକ୍ଟରରେ ଚନ୍ଦ୍ର ମୃତ୍ତିକା ଅନୁରୂପ ପଦାର୍ଥକୁ ତରଳାଇଥିଲେ। ଏହା ଉତ୍ତପ୍ତ ହେବା ପରେ ଗବେଷକମାନେ ମାସ୍ ସ୍ପେକ୍ଟ୍ରୋମିଟର ଅବ୍‌ଜରଭିଂ ଲୁନାର ଅପରେଶନ୍ସ ସହାୟତାରେ ସେଥିରୁ କାର୍ବନ ମନୋକ୍ସାଇଡ୍ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲେ। ଚନ୍ଦ୍ରପୃଷ୍ଠରେ ପ୍ରଚୁର ପରିମାଣର ଅକ୍ସିଜେନ୍ ଉତ୍ପାଦନ କରିବା ସାମର୍ଥ୍ୟ ଉକ୍ତ ପ୍ରଯୁକ୍ତିରେ ରହିଛି, ଯାହା ସେଠାରେ ମାନବ ଉପସ୍ଥିତି ଲାଗି ସହାୟକ ହେବ ବୋଲି ନାସାର ବରିଷ୍ଠ ଇଞ୍ଜିନିୟର ତଥା କାର୍ଡର ପ୍ରୋଜେକ୍ଟ ମ୍ୟାନେଜର ଆରୋନ୍ ପାଜ୍ କହିଛନ୍ତି।

# ମାନବୀୟ, ସଂସ୍ଥାଗତ କ୍ଷମତାକୁ ସୁଦୃଢ଼ କରିବା ଲକ୍ଷ୍ୟ

ଭୁବନେଶ୍ୱର, ୨୬।୪ (ବ୍ୟୁରୋ)

ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀର ତୃତୀୟ ବୈଠକ ବୁଧବାର ସିଏସ୍ଆଇଆର୍-ଆଇଏମ୍ଏମ୍‌ଠାରେ ଆରମ୍ଭ ହୋଇଛି। ଏହି ଅବସରରେ 'ଭବିଷ୍ୟତର କାର୍ଯ୍ୟ ପରିପ୍ରେକ୍ଷୀରେ ଆଜୀବନ ଅଧ୍ୟୟନ ପାଇଁ ଦକ୍ଷତା ବିକାଶ' ଉପରେ ସେମିନାର ଆୟୋଜିତ ହୋଇଥିଲା। ୩ଦିନ ଧରି ହେବାକୁ ଥିବା ଏହି ବୈଠକରେ ଜି-୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଏବଂ ଅନ୍ତର୍ଜାତୀୟ ସଂଗଠନର ୬୦ରୁ ଅଧିକ ପ୍ରତିନିଧି ଯୋଗଦେଇଛନ୍ତି। କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁଭାଷ ସରକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରର ଭବିଷ୍ୟତକୁ ସ୍ୱତନ୍ତ୍ର ରୂପ ଦେବା କ୍ଷେତ୍ରରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ଭବିଷ୍ୟତ ଲାଗି କୁଶଳୀ ଶ୍ରମଶକ୍ତି ପ୍ରସ୍ତୁତ କରିବାକୁ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅପ୍‌ସ୍କିଲିଂ, ରିସ୍କିଲିଂ ଓ ଆଜୀବନ ଅଧ୍ୟୟନ ଜରିଆରେ 'ଭବିଷ୍ୟତ ଲାଗି ପ୍ରସ୍ତୁତ' କାର୍ଯ୍ୟଶକ୍ତି ଓ 'ଭବିଷ୍ୟତର କୌଶଳ' ବିତରଣ ପାଇଁ ମାନବୀୟ ଓ ସଂସ୍ଥାଗତ କ୍ଷମତାକୁ ସୁଦୃଢ଼ କରିବା ଜି-୨୦ ସେମିନାରର ଲକ୍ଷ୍ୟ ବୋଲି ସେ କହିଥିଲେ। ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ଅଧ୍ୟକ୍ଷ ଡ. ନିର୍ମଳଜିତ ସିଂ କାଲସୀ ଯୋଗଦେଇ, ଜି-୨୦ ରାଷ୍ଟ୍ର ଏବଂ ଅନ୍ତର୍ଜାତୀୟ ସଂଗଠନଠାରୁ ମିଳିଥିବା ମତାମତ ତଥା ପରାମର୍ଶ ସମ୍ପର୍କରେ ଏକ ଉପସ୍ଥାପନା ରଖିଥିଲେ। ଶିକ୍ଷା ମନ୍ତ୍ରଣାଳୟର ସଚିବ କେ. ସଞ୍ଜୟ ମୂର୍ତ୍ତି, ଜାତୀୟ ଶିକ୍ଷା ବୈଷୟିକ ମଞ୍ଚ (ଏନ୍ଇଟିଏଫ୍)ର ଅଧ୍ୟକ୍ଷ ଡ. ଅନୀଲ ଡି. ସହସ୍ରବୁଦ୍ଧେ ସେମିନାରକୁ ସମ୍ବୋଧିତ କରି ଆଜୀବନ ଅଧ୍ୟୟନ ପାଇଁ ଏକ ଡିଜିଟାଲ ଇକୋସିଷ୍ଟମ ନିର୍ମାଣ କରିବା ଲାଗି ମତ ପ୍ରଦାନ କରିଥିଲେ।

ସେମିନାରର ୩ଟି ଅଧିବେଶନରେ ବ୍ରାଜିଲ, ସ୍ପେନ, ୟୁଏଇ, ସିଙ୍ଗାପୁର, ଋଷିଆ, ଦକ୍ଷିଣ ଆଫ୍ରିକା, ମରିସସ, ଓଇସିଡି, ୟୁନିସେଫ, ଅଷ୍ଟ୍ରେଲିଆ ଏବଂ ବ୍ରିଟେନର ପ୍ୟାନେଲିଷ୍ଟମାନେ ଅଂଶଗ୍ରହଣ କରିଥିଲେ। ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଅତୁଲ କୁମାର ତିୱାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ପ୍ୟାନେଲ ଆଲୋଚନାରେ କାର୍ଯ୍ୟର ଭବିଷ୍ୟତ ସନ୍ଦର୍ଭରେ ଶ୍ରମ ବଜାର ଓ ସଂସ୍ଥାଗତ କ୍ଷମତା ନିର୍ମାଣ ଲାଗି ଏକ ସକ୍ରିୟ ବ୍ୟବସ୍ଥା ପ୍ରସ୍ତୁତ କରିବା, ଉଚ୍ଚ ଗୁଣବତ୍ତା ଆଧାରିତ ପ୍ରଯୁକ୍ତି ଏବଂ ଧନ୍ଦାମୂଳକ ଶିକ୍ଷାକୁ ସକ୍ଷମ କରିବା ଉପରେ ଆଲୋଚନା କରାଯାଇଥିଲା। ଏଲ୍ ଆଣ୍ଡ୍ ଟି ଏଡୁଟେକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସବ୍ୟସାଚୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ପ୍ୟାନେଲରେ ଉଚ୍ଚ ଶିକ୍ଷା ଏବଂ ଧନ୍ଦାମୂଳକ ଶିକ୍ଷା ମଧ୍ୟରେ ମାର୍ଗ ସୃଷ୍ଟି କରିବା ଉପରେ ଚର୍ଚ୍ଚା କରାଯାଇଥିଲା। ସେହିପରି ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ ସଚିବ ସଞ୍ଜୟ କୁମାରଙ୍କ ଅଧ୍ୟକ୍ଷତାରେ ୩ୟ ପ୍ୟାନେଲରେ ପିଲାମାନଙ୍କୁ ଆଜୀବନ ଅଧ୍ୟୟନର ଧାରାକୁ ଆଣିବା ପାଇଁ ବିଭିନ୍ନ ପ୍ରକାରର ଭବିଷ୍ୟତ କୌଶଳ ଜରିଆରେ ସକ୍ଷମ କରିବା ଉପରେ ଆଲୋକପାତ କରାଯାଇଥିଲା। ଜି-୨୦ ନିମନ୍ତ୍ରିତ ଦେଶ ଏବଂ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ପ୍ରଦର୍ଶନକାରୀ ଓ ଉଦ୍ଭାବକଙ୍କ ସହିତ ମତବିନିମୟ କରିଥିଲେ। ଆଲୋଚନା ବ୍ୟତୀତ ବୈଠକରେ ପାରମ୍ପରିକ ନୃତ୍ୟ ସହିତ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ ରହିଛି। ପ୍ରତିନିଧିମାନେ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଦେଖିବା ସହ ରାଜ୍ୟର ଇତିହାସ ଓ ପରମ୍ପରା ସମ୍ପର୍କରେ ଜାଣିବା ଲାଗି ସୁଯୋଗ ପାଇବେ।

## ଆରମ୍ଭ ହେଲା ଜି-୨୦ ତୃତୀୟ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ



ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକର ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ରାଜ୍ୟବାସୀଙ୍କୁ କାମର ହିସାବ ଦେବେ ସରକାର

- ମେ' ୨୯ରେ ବିଜେଡି ସରକାର ୫ମ ପାଳିର ଚତୁର୍ଥ ବର୍ଷ ପୂରିବ
- ନିଜ ବିଭାଗ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ମନ୍ତ୍ରୀ
- ମେ' ୨୨ରୁ ବିଭିନ୍ନ ବିଭାଗର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଆସନ୍ତା ମେ' ୨୯ ତାରିଖରେ ବିଜେଡି ସରକାର ପଞ୍ଚମ ପାଳିର ଚତୁର୍ଥ ବର୍ଷ ପୂରଣ ହେବ। ସରକାର ରାଜ୍ୟବାସୀଙ୍କୁ ନିଜ କାମର ହିସାବ ଦେବେ। ବିଜେଡିକୁ ରାଜ୍ୟବାସୀ ଲଗାତର ବିଜୟୀ କରି ଚାଲିଥିବାରୁ ସରକାରଙ୍କୁ ଏହା ଅଧିକ ଉତ୍ତରଦାୟୀ କରିଛି। ଶାସନ ବ୍ୟବସ୍ଥାରେ ଜନ ଭାଗୀଦାରିକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ବିଭିନ୍ନ ବିଭାଗର ସଫଳତା ରାଜ୍ୟବାସୀଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଚତୁର୍ଥ ବର୍ଷ ପୂର୍ତ୍ତି ପୂର୍ବରୁ ଆସନ୍ତା ମେ' ୨୨ରୁ ବିଭିନ୍ନ ବିଭାଗର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ବିଜେଡି ସରକାର ଆସନ୍ତା ମେ' ୨୯ ତାରିଖରେ ପଞ୍ଚମ ପାଳିର ଚତୁର୍ଥ ବର୍ଷ ପୂରଣ କରିବାକୁ ଯାଉଛି। ଏହା ଆମ ସମସ୍ତଙ୍କ ପାଇଁ ଏକ ଖୁସିର ମୁହୂର୍ତ୍ତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ବେଳେ ଲୋକମାନଙ୍କୁ ଆମେ କିଛି ପ୍ରତିଶ୍ରୁତି ଦେଇଥିଲୁ। ପ୍ରତ୍ୟେକ ବିଭାଗ କାର୍ଯ୍ୟକାରୀ କରିଥିବା ୫ଟି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ମନ୍ତ୍ରୀମାନେ ନିଜ ବିଭାଗରେ ୫-ଟି ଓ ମୋ ସରକାର କାର୍ଯ୍ୟକାରିତା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ସମୀକ୍ଷା ବୈଠକରେ ବିଭାଗୀୟ ମନ୍ତ୍ରୀମାନେ ନିଜ ବିଭାଗର ୫ଟି ପ୍ରମୁଖ କାର୍ଯ୍ୟକ୍ରମ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବେ। ଏହାପୂର୍ବରୁ ମନ୍ତ୍ରୀମାନେ ନିଜସ୍ତରରେ ବିଭାଗୀୟ ଅଧିକାରୀଙ୍କ ସହ ନିଜ ବିଭାଗ କାର୍ଯ୍ୟର ସମୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ମେ' ୨୨ ତାରିଖରେ କୃଷି ଏବଂ କୃଷକ ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ହେବ। ସେହିପରି ୨୩ ତାରିଖରେ ପୂର୍ତ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ୨୪ରେ ପଞ୍ଚାୟତିରାଜ, ବାଣିଜ୍ୟ ଓ ପରିବହନ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ସମୀକ୍ଷା ବୈଠକ ହେବ। ୨୫ ତାରିଖରେ ଜଳସମ୍ପଦ, ଉଚ୍ଚ ଶିକ୍ଷା, ଯୋଜନା ଏବଂ ସଂଯୋଜନ ବିଭାଗ, ୨୬ରେ ଗୃହ ଓ ନଗର ଉନ୍ନୟନ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ରିପୋର୍ଟ କାର୍ଡ ଦେବେ। ସେହିପରି ୨୭ ତାରିଖରେ ମିଶନ ଶକ୍ତି, ଦକ୍ଷତା ବିକାଶ, ଶ୍ରମ ଏବଂ ନିଯୋଜନ ବିଭାଗର ବୈଠକ ଧାର୍ଯ୍ୟ ହୋଇଥିବା ବେଳେ ୨୯ ତାରିଖରେ ଗ୍ରାମ୍ୟ ଉନ୍ନୟନ, ସ୍କୁଲ ଓ ଗଣଶିକ୍ଷା ବିଭାଗର ବୈଠକ ଅନୁଷ୍ଠିତ ହେବ। ସେହିଭଳି ୩୦ ତାରିଖରେ ଏସ୍‌ସି,ଏସ୍‌ଟି ଉନ୍ନୟନ, ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ, ୩୧ ତାରିଖରେ କ୍ରୀଡ଼ା ଏବଂ ଯୁବସେବା, ମହିଳା ଓ ଶିଶୁ ବିକାଶ, ଶକ୍ତି ବିଭାଗର ବୈଠକ ଅନୁଷ୍ଠିତ ହେବ। ସେହିପରି ଜୁନ୍ ପହିଲାରେ ପର୍ଯ୍ୟଟନ ଏବଂ ସାମାଜିକ ସଶକ୍ତୀକରଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# କୃଷ୍ଣପ୍ରସାଦରେ ଗୋଷ୍ଠୀ ସଂଘର୍ଷ, ୬ ଗୁରୁତର

ଭୁବନେଶ୍ୱର/ବ୍ରହ୍ମପୁର ଅଫିସ୍,୨୬।୪

କମେଣ୍ଟମରାକୁ କେନ୍ଦ୍ର କରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଶିଆଳ ପଞ୍ଚାୟତ କନ୍ହେଇପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ଘଟି ୬ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ମହିଳା ଅଛନ୍ତି। ଗୁରୁତରଙ୍କୁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଶରତ ଦଳେଇ, ପୂର୍ଣ୍ଣଚନ୍ଦ୍ର ଦଳେଇ, ଯୋଗୀ ଦଳେଇ, ସୁବାସିନୀ ନାୟକ, ଗଣେଶ ନାୟକ ଏବଂ ହେମନ୍ତ ପ୍ରଧାନ। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାବେଳେ ପୋଲିସ ସ୍ଥିତି ନିୟନ୍ତ୍ରଣ ପାଇଁ ଚେଷ୍ଟା କରୁଥିବା ଜାଣିବାକୁ ମିଳିଛି।

କନ୍ହେଇପୁର ଗ୍ରାମର ଜଣେ ବରିଷ୍ଠ ଲୋକଙ୍କ ସୂଚନା ଅନୁସାରେ, ବୁଧବାର ସକାଳେ କିଛି ମହିଳା ଗ୍ରାମ ପୋଖରୀ ନିକଟକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ କେତେଜଣ ଯୁବକ ତାଙ୍କୁ କମେଣ୍ଟ ମାରିଥିଲେ। ପରେ କମେଣ୍ଟମରାର ଶିକାର ହୋଇଥିବା ମହିଳା ପରିବାର ଲୋକଙ୍କୁ ଜଣାଇବା ପରେ କଥା ଥାନାକୁ ଯାଇଥିଲା। ଅପରାହ୍ଣରେ ପୋଲିସ କନ୍ହେଇପୁର ଗ୍ରାମକୁ ଆସି ଘଟଣା ବିଷୟରେ ପଚରାଉଚରା କରୁଥିବାବେଳେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନେ ହାତରେ ଠେଙ୍ଗା ବାଡ଼ି ଧରି ଗାଳିଗୁଲଜ କରିଥିଲେ। ଏହି ସମୟରେ ଅଭିଯୋଗ କରିଥିବା ଗୋଷ୍ଠୀର କିଛି ଲୋକ ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏପରି କି ପୋଲିସ ଏହାକୁ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। କୃଷ୍ଣପ୍ରସାଦ ଥାନା ଅଧିକାରୀଙ୍କୁ ମଧ୍ୟ କେତେଜଣ ଲୋକ ନଜରବନ୍ଦୀରେ ରଖି ଦେଇଥିଲେ। ଏହି ସଂଘର୍ଷରେ ୨ଜଣ ମହିଳାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାବେଳେ ୪ଜଣ ପୁରୁଷ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ପୋଲିସ ଗୁରୁତର ଆହତଙ୍କୁ ଉଦ୍ଧାର କରି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ବ୍ରହ୍ମପୁର ଏମ୍‌କେସିଜି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

## ଶୌଚ ସମୟରେ ମହିଳାଙ୍କୁ କମେଣ୍ଟ-ମରାକୁ ନେଇ ଲଙ୍କାକାଣ୍ଡ


ଜଣେ ଆହତ ଏମ୍‌କେସିଜି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ବାସନ୍ତୀ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର,୨୬।୪(ବ୍ୟୁରୋ): ଐତିହାସିକ ତଥା ପ୍ରଫେସର ସ୍ୱର୍ଗତ ଜଗନ୍ନାଥ ପଟ୍ଟନାୟକଙ୍କ ସ୍ତ୍ରୀ ବାସନ୍ତୀ ପଟ୍ଟନାୟକଙ୍କ ବୁଧବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ଇଂ. ମାନସ ରଞ୍ଜନ ପଟ୍ଟନାୟକ, ତାପସ ରଞ୍ଜନ ପଟ୍ଟନାୟକ, ଡ. ଗୌତମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେ ଭୁବନେଶ୍ୱର ଆଇଆର୍‌ସି ଭିଲେଜରେ ପରିବାର ସହ ରହୁଥିଲେ। ନିଜକୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ କରିଥିଲେ। ସମାଜସେବୀ ଭାବେ ପରିଚିତା ସ୍ୱର୍ଗତା ବାସନ୍ତୀଙ୍କ ମରଶରୀରକୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି।



# ଡାରୱିନ ଥିଓରି ବାଦ୍ ଦିଆଯିବା ନିଷ୍ପତ୍ତି ହୋଇନାହିଁ: କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର, ୨୬।୪ (ବ୍ୟୁରୋ)

ଏନ୍‌ସିଇଆର୍‌ଟି ପକ୍ଷରୁ ନବମ ଓ ଦଶମ ଶ୍ରେଣୀ ବିଜ୍ଞାନ ବହିରୁ ଚାର୍ଲ୍ସ ଡାରୱିନ ଥିଓରିକୁ ସମ୍ପୂର୍ଣ୍ଣ ହଟା ଯାଇଥିବା ନେଇ ଚର୍ଚ୍ଚା ହେବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ନିଷ୍ପତ୍ତିକୁ ବିରୋଧ କରି ୧୮ଶହରୁ ଅଧିକ ବୈଜ୍ଞାନିକ, ଶିକ୍ଷକ, ଅଧ୍ୟାପକ ଦସ୍ତଖତ କରି ଏନ୍‌ସିଇଆର୍‌ଟିକୁ ଚିଠି ଲେଖିଛନ୍ତି। ତେବେ ଏହାକୁ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ସରକାର ଖଣ୍ଡନ କରିଛନ୍ତି। ବୁଧବାର ଭୁବନେଶ୍ୱରଠାରେ ଚାଲିଥିବା ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକରେ ଯୋଗଦେବା ଅବସରରେ କେନ୍ଦ୍ରମନ୍ତ୍ରୀ ଏନେଇ କହିଛନ୍ତି, ପାଠ୍ୟପୁସ୍ତକରୁ ଡାରୱିନ୍ ଥିଓରି ବାଦ୍ ଦେବା ନେଇ ସେପରି କୌଣସି ନିଷ୍ପତ୍ତି ହୋଇନାହିଁ। ଏନ୍‌ସିଇଆର୍‌ଟି ପକ୍ଷରୁ କରିକୁଲମ୍ ଫ୍ରେମ୍‌ୱାର୍କ ହୋଇ ସବୁ ରାଜ୍ୟକୁ ପଠାଯାଇଛି। ଏନେଇ ରାଜ୍ୟଗୁଡିକ ନିଜର ମତାମତ ଦେବା ପରେ ଯାହା ନିଷ୍ପତ୍ତି ନିଆଯିବ। ତେଣୁ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କେବଳ ଆକଳନ କରି କିଛି କହିବା ଠିକ୍ ନୁହେଁ ବୋଲି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କରୋନା ସମୟରେ ପିଲାଙ୍କ ପାଠପଢ଼ା ଚାପକୁ କିଛିଟା କମାଇବା ପାଇଁ କିଛିକିଛି ବିଷୟକୁ ବାଦ୍ ଦିଆଯାଇଥିଲା। ଏଥିରେ ଡାରୱିନ୍‌ଙ୍କ ଥିଓରି ମଧ୍ୟ ଥିଲା। ତେବେ ପାଠ୍ୟପୁସ୍ତକରୁ ଏହାକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯିବା ପାଇଁ ଏନ୍‌ସିଇଆର୍‌ଟି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେବାପରେ ଦେଶବ୍ୟାପୀ ଜୋର୍‌ଦାର ବିରୋଧ କରାଯାଉଛି।

# ମା' ତାରିଣୀଙ୍କ ହୁଣ୍ଡିରୁ ୨୪.୯୩ ଲକ୍ଷ ମିଳିଲା

ଘଟଗାଁ,୨୬।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା' ତାରିଣୀ ମନ୍ଦିର ହୁଣ୍ଡି ବୁଧବାର ଗଣତି ହୋଇଯାଇଛି। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ହୁଣ୍ଡିରୁ ୨୪ ଲକ୍ଷ ୯୩ ହଜାର ୮୨୨ଟଙ୍କା, ୨୦୯ ଗ୍ରାମ ୫୦ ମିଲିଗ୍ରାମ ସୁନା ଓ ୧ କେଜି ୪୩୫ ଗ୍ରାମ ୯୦୦ ମିଲିଗ୍ରାମ ରୁପା ମିଳିଥିବା ଟ୍ରଷ୍ଟ୍ ବୋର୍ଡ ପକ୍ଷରୁ ସୂଚନା ମିଳିଛି। ଗଣତି ସମୟରେ ସମ୍ବଲପୁର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀ ମଦନ ମୋହନ ପୂର୍ତ୍ତି ଉପସ୍ଥିତ ଥିଲେ। ମନ୍ଦିର କର୍ମଚାରୀ ଅବନୀ ଜେନା, ତରଣୀସେନ ରାଉତ, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ଶ୍ରୀକାନ୍ତ ଦେହୁରୀ, ଅରୁଣ ନାଏକ, ନବୀନ ମହାନ୍ତ, ପ୍ରଦୀପ ନାଏକ, ନାରାୟଣ ମୁଖୀ, ଚନ୍ଦ୍ରା ମୁଖୀ, ହରିହର ମହାନ୍ତ, ନକୁଳ ବେଜ, ବାବୁଲି ଶା, ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ମଚାରୀ ପ୍ରମୁଖ ଗଣତିରେ ସାମିଲ ଥିଲେ।


ମନ୍ଦିର କର୍ମଚାରୀ ଟଙ୍କା ଗଣତି କରୁଛନ୍ତି।



ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡ଼ିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। -ଶ୍ରୀଅରବିନ୍ଦ





# ତିନି ବୈଦିକ ନାରୀ

ଦେବଦତ୍ତ ପଟ୍ଟନାୟକ

ଋଗ୍ ବେଦ ପ୍ରାୟ ୩,୫୦୦ ବର୍ଷର ପୁରୁଣା। ଉକ୍ତ ବେଦରେ ମହର୍ଷି ବ୍ୟାସ ୧୦ଟି ଅଧ୍ୟାୟରେ ୧,୦୦୦ରୁ ଅଧିକ ସଂସ୍କୃତ ସ୍ତୋତ୍ରକୁ ସ୍ଥାନିତ କରିଛନ୍ତି। ସଂଗୃହୀତ ସ୍ତୋତ୍ରଗୁଡ଼ିକ ମଧ୍ୟରୁ ଅଧିକାଂଶରେ ଦେବତାମାନଙ୍କ ସ୍ତୁତି କରାଯାଇଛି, ଯାହା ପୁରୁଷଙ୍କ ଦ୍ୱାରା ସଙ୍କଳିତ। କିନ୍ତୁ ତୁମେ ଏଥିରେ ବି ବହୁତ ନାରୀ କବି (ଋଷିକା) ଏବଂ ଦେବୀଙ୍କ ସ୍ତୋତ୍ର ଦେଖିବାକୁ ପାଇବ। ସ୍ତୋତ୍ରଗୁଡ଼ିକ ମାଧ୍ୟମରେ ଆମେ ଭାରତର ପୁରାତନ କାହାଣୀ ଲିଖନ ପରମ୍ପରା ବିଶେଷକରି ଶକ୍ତିଶାଳୀ ତଥା ସାହସୀ ଇନ୍ଦ୍ର ଏବଂ ତାଙ୍କ ବିଜୟ ବିଷୟରେ ବି ଜାଣିବାକୁ ପାଉ। ସେଥିରେ ମଧ୍ୟ ମହିଳାଙ୍କ ସମ୍ପର୍କରେ କିଛି କାହାଣୀ ଅଛି ଯାହା ବୈଦିକ ସମୟର ଭାବନା ମୁଖ୍ୟତଃ ନାରୀତ୍ୱ ଏବଂ କାମୁକତା ମନୋଭାବକୁ ପ୍ରକାଶ କରିଛି। ପ୍ରଥମ ଅଧ୍ୟାୟର ପ୍ରଥମ କାହାଣୀ ଦେଖିବା। ଏହା ମହର୍ଷି ଅଗସ୍ତ୍ୟ ଏବଂ ତାଙ୍କ ସ୍ତ୍ରୀ ଲୋପାମୁଦ୍ରାଙ୍କ କଥୋପକଥନ ଉପରେ ଆଧାରିତ। ଉକ୍ତ କାହାଣୀରେ, ଲୋପାମୁଦ୍ରା ତାଙ୍କ ସ୍ୱାମୀଙ୍କୁ ଇନ୍ଦ୍ରିୟ ସୁଖ ଅନୁଭବ କରିବା ସହ ଓ ବଂଶ ରକ୍ଷା କରିବାକୁ ଏକ ସନ୍ତାନର ପିତା ହେବା ପାଇଁ ତପସ୍ୟା ତ୍ୟାଗ କରି ଗୃହସ୍ଥ କର୍ତ୍ତବ୍ୟ ପାଳନ କରିବାକୁ ଉତ୍ସାହିତ କରିଛନ୍ତି। ଏହା କରି ଲୋପାମୁଦ୍ରା ସଫଳ ହୋଇଛନ୍ତି। ତପସ୍ୱୀଙ୍କୁ ଆକର୍ଷିତ କରିଥିବା ଲୋପାମୁଦ୍ରା ଯଦିଓ ଜଣେ ସ୍ତ୍ରୀ ଭୂମିକାରେ ରହିଛନ୍ତି, ତଥାପି ଏହି ଘଟଣାରେ ଜଣେ ଅପ୍‌ସରା ପ୍ରତିନିଧି ଭାବେ ଭୂମିକା ନିର୍ବାହ କରିଛନ୍ତି। ଉକ୍ତ ଘଟଣାରେ ଋଷିଙ୍କର ଶାନ୍ତ ବା 'ଧୀର' ସ୍ୱଭାବକୁ ଜଣେ ଅଶାନ୍ତ ବା 'ଅଧୀର' ମହିଳା ଛଡ଼ାଇ ନେଇଛନ୍ତି। ଏହା ଦର୍ଶାଉଛି ଯେ, ମହିଳାମାନେ ଅସ୍ଥିରତା, ଇନ୍ଦ୍ରିୟାସକ୍ତ ବା କାମାସକ୍ତ ଓ ପ୍ରଲୋଭନ ସହ ଜଡ଼ିତ। ଏଠାରେ ପ୍ରଥମ କରି ଆମେ ମଧ୍ୟ ହିନ୍ଦୁଧର୍ମରେ ସନ୍ନ୍ୟାସୀ ଓ ଗୃହସ୍ଥ ଜୀବନ ମଧ୍ୟରେ ଏକ ବଡ଼ ମାନସିକ ଉଦ୍‌ବେଗର ଦୃଷ୍ଟାନ୍ତ ଦେଖିବାକୁ ପାଉ। ଜଣେ ସନ୍ନ୍ୟାସୀ ତାଙ୍କର ଇନ୍ଦ୍ରିୟ ସଂଯମ କରି ଏବଂ ବିନା ବୀର୍ଯ୍ୟପାତରେ ମୋକ୍ଷ ପ୍ରାପ୍ତି କରିବାକୁ ଚାହିଁଥାନ୍ତି। କିନ୍ତୁ ଜଣେ ଗୃହସ୍ଥ ସନ୍ତାନ ଜନ୍ମ ଦେଇ ଜୀବନକୁ ଆଗକୁ ବଢାଇବାର ଏକମାତ୍ର ବାଟ ବୋଲି ବିଶ୍ୱାସ କରନ୍ତି। ଏହି ଦୁଇ ସିଦ୍ଧାନ୍ତ ମଧ୍ୟରେ ଥିବା ଏପ୍ରକାର ମାନସିକ ଉଦ୍‌ବେଗ ହିନ୍ଦୁ ବିଚାରଧାରାକୁ ପ୍ରକାଶ କରିଛି ଏବଂ ଋଗ ବେଦରେ ଏହା ଆରମ୍ଭ ହୋଇଛି ବୋଲି କୁହାଯାଇପାରେ।

ଋଗ୍ ବେଦର ଅଷ୍ଟମ ଅଧ୍ୟାୟରେ ଅପାଲା ନାମକ ଚରିତ୍ର ଦେଖିବାକୁ ମିଳେ। ଅପାଲାଙ୍କର ଗମ୍ଭୀର ଚର୍ମରୋଗ ଥିବାରୁ ତାଙ୍କ ସ୍ୱାମୀ ତାଙ୍କୁ ଅସ୍ୱୀକାର କରିଛନ୍ତି। ଚର୍ମ ରୋଗ କହିଲେ ତାଙ୍କ ଶରୀରରେ ଅତ୍ୟଧିକ କେଶ ଥିଲା। ଏହି କାହାଣୀ ଦର୍ଶାଏ, ଅପାଲା ହଠାତ୍ ଏକ ସୋମ ଗଛ ପାଇବା ପରେ ରୋଗରୁ ମୁକ୍ତ ହେବା ଲାଗି ତାହାକୁ ଚୋବାଇବାରେ ଲାଗି ପଡ଼ିଛନ୍ତି। ଚୋବାଇବା ଶବ୍ଦ ସହ ସୋମରସ କ୍ଷରଣ ହେବା ଯୋଗୁ ତାହା ଇନ୍ଦ୍ରଙ୍କୁ ଉତ୍ତେଜିତ କରିଛି। ଇନ୍ଦ୍ର ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇ ଆସିଛନ୍ତି ଏବଂ ତାଙ୍କୁ ତିନୋଟି ବର ମାଗିବାକୁ କହିଛନ୍ତି। ଅପାଲା ଦୁଇଟି ବର ତାଙ୍କ ପିତାଙ୍କ ପାଇଁ ମାଗିଛନ୍ତି। ପିତାଙ୍କ ମୁଣ୍ଡରେ ଚୁଟି ଏବଂ ଏକ ଉର୍ବର କ୍ଷେତ ଦେବା ଲାଗି ଇନ୍ଦ୍ରଙ୍କୁ ସେ ଅନୁରୋଧ କରିଛନ୍ତି। ଏହାସହ ନିଜ ପାଇଁ ବିଷୟାସକ୍ତ ବିଶେଷତା ଥିବା ତଥା ଚର୍ମ ରୋଗମୁକ୍ତ ଏକ ସୁନ୍ଦର ଶରୀର ଯାଚନା କରିଛନ୍ତି। ଉଲ୍ଲେଖନୀୟ ଯେ, ସେ ପ୍ରଥମେ ତାଙ୍କ ପିତାଙ୍କ ପାଇଁ ଓ ପରେ ତାଙ୍କ ସକାଶେ ବର ମାଗିଛନ୍ତି। ଏହା ତାଙ୍କ ନିଃସ୍ୱାର୍ଥପର ମନୋଭାବର ପ୍ରତୀକ, ଯାହା ଦେବତାମାନଙ୍କୁ ସନ୍ତୁଷ୍ଟ କରିଛି। ଇନ୍ଦ୍ର ତାଙ୍କ ଦିବ୍ୟ ରଥ ଚକର ପହିଆ ମାଧ୍ୟମରେ ଅପାଲାଙ୍କୁ ଟାଣି ଚର୍ମ ଛଡ଼ାଇ ଦେବାରୁ ସେ ଜଣେ ଅତି ସୁନ୍ଦରୀ ନାରୀ ପାଲଟିଯାଇଛନ୍ତି। ଛାଡ଼ିଯାଇଥିବା ଚର୍ମ ବି ଏକ ସର୍ପ ହୋଇଯାଇଛି। ଜଣେ ନାରୀ ମନରେ କିଭଳି ସୌନ୍ଦର୍ଯ୍ୟର ବିଚାର ଏବଂ ଇନ୍ଦ୍ରିୟ ଓ ଉର୍ବରତା ଲାଳସା ରହିଛି ତାହା ଏଠାରେ ଆମେ ଦେଖିବାକୁ ପାଇଛୁ।



ଋଗ୍ ବେଦର ଶେଷ ତଥା ଦଶମ ଅଧ୍ୟାୟରେ ଅଛି ତୃତୀୟ କହାଣୀ, ଯାହା ଉର୍ବଶୀ ଏବଂ ପୁରୁରବାଙ୍କ ଆଧାରିତ। ପରେ ଏହାକୁ କାଳିଦାସଙ୍କ ସଂସ୍କୃତ ନାଟକରେ ବର୍ଣ୍ଣନା କରାଯାଇଥିଲା। ତେବେ ମୂଳ କାହାଣୀ ସମ୍ପୂର୍ଣ୍ଣ ଭିନ୍ନ। ଉର୍ବଶୀ ସ୍ୱର୍ଗର ଜଣେ ଅପ୍‌ସରା। ସେ ମର୍ତ୍ତ୍ୟକୁ ଭ୍ରମଣରେ ଆସି ମରଣଶୀଳ ପୁରୁରବାଙ୍କୁ ବିବାହ କରିଛନ୍ତି। ଆଶ୍ଚର୍ଯ୍ୟର କଥା,ସମ୍ପୂର୍ଣ୍ଣ ଋଗ୍ ବେଦରେ କେବଳ ଏହି କାହାଣୀରେ ହିଁ ସ୍ୱର୍ଗର କଥା କୁହାଯାଇଛି। ଉର୍ବଶୀ ବିବାହ ପରେ ପୁରୁରବାଙ୍କୁ ଛାଡ଼ି ସ୍ୱର୍ଗ ଫେରିଯାଇ ସେଠାରେ ଅନ୍ୟ ଅପ୍‌ସରାମାନଙ୍କ ଗହଣରେ ରହିବା ଲାଗି ଚାହିଁଛନ୍ତି। ପୁରୁରବା ଦୁହିଁଙ୍କ ପ୍ରେମ ସମ୍ପର୍କରେ ମନେପକାଇଦେଇ ତାଙ୍କ ସ୍ତ୍ରୀ ଉର୍ବଶୀଙ୍କୁ ମର୍ତ୍ତ୍ୟରେ ରହିବାକୁ ବିନତି କରିଛନ୍ତି। ଉର୍ବଶୀ କହିଛନ୍ତି , ସେ ଥକିଗଲେଣି ଓ ତାଙ୍କୁ ଆଉ ଭଲ ଲାଗୁନାହିଁ ଏବଂ ତାଙ୍କ ଅପ୍‌ସରା ସଙ୍ଗିନୀମାନଙ୍କ ସହ ସ୍ୱର୍ଗରେ ରହିବାକୁ ପସନ୍ଦ କରୁଛନ୍ତି। ଉର୍ବଶୀଙ୍କ ଏଭଳି କଥା ପୁରୁରବାଙ୍କୁ କ୍ରୋଧିତ କଲା। ପରେ ପୁରୁରବା ବି ସେମାନଙ୍କ ପିଲାର ମଙ୍ଗଳ ବିଷୟରେ କହିଛନ୍ତି। ହେଲେ ଉର୍ବଶୀ ପିଲାକୁ ପୁରୁରବାଙ୍କୁ ଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି । ଏହା ଦର୍ଶାଉଛି ଯେ, ସେ ମାତୃତ୍ୱ ଭାବନା ଛାଡ଼ି ଏଭଳି କରିଛନ୍ତି। ଶେଷରେ ଉର୍ବଶୀଙ୍କୁ ପୁରୁରବା କହିଛନ୍ତି ଯେ, ତାଙ୍କ ବିନା ତାଙ୍କର ମାନସିକ ସ୍ଥିତି ଠିକ୍ ରହିବନାହିଁ ଓ ସେ ମରିଯିବେ। ତେବେ ଉର୍ବଶୀ ପୁରୁରବାଙ୍କୁ ପୁରୁଷ କାର୍ଯ୍ୟକଳାପ ପାଳନ କରିବାକୁ ସତର୍କ କରିଦେଇଛନ୍ତି। କାମାସକ୍ତ ହେବା ବଦଳରେ ରାଜ୍ୟ ଶାସନ କରିବା ପାଇଁ ତାଙ୍କୁ ପରାମର୍ଶ ଦେଇଛନ୍ତି। ଏଠାରେ ଉର୍ବଶୀ ଜଣେ ଉଦାର ତଥା ଶାନ୍ତ ହୃଦୟର ମହିଳା ଭାବେ ଉଭାହୋଇ ତାଙ୍କ ସ୍ୱାମୀ ଓ ପିଲାକୁ ଛାଡ଼ି ସ୍ୱର୍ଗକୁ ଚାଲିଯାଇଛନ୍ତି। ପରେ ଅନ୍ୟ ସବୁ କାହାଣୀ ବର୍ଣ୍ଣନା କରିଛନ୍ତି ଯେ, ଅଭିଶାପ କାରଣରୁ ଦୁହେଁ ଅଲଗା ହୋଇଛନ୍ତି। ଉର୍ବଶୀ ତାଙ୍କ ମରଣଶୀଳ ସ୍ୱାମୀଙ୍କ ପ୍ରତି ଯେ ଆଗ୍ରହୀ ନ ଥିଲେ କିମ୍ବା କେବଳ ସ୍ୱର୍ଗୀୟ ମହିଳାମାନଙ୍କ ସହ ରହିବାକୁ ପସନ୍ଦ କରୁଥିଲେ ତାହା ନୁହେଁ। ଋଗ୍ ବେଦରେ ଦେଖାଯାଇଥିବା କାମନାର ଏହି କଠୋର ପରିପ୍ରକାଶ ପରବର୍ତ୍ତୀ ସମୟରେ ଅନ୍ୟ ବହିଗୁଡ଼ିକରେ ଦେଖିବାକୁ ମିଳେନାହିଁ।

ଲୋପାମୁଦ୍ରାଙ୍କ କାହାଣୀରେ ତାଙ୍କ ସ୍ୱାମୀଙ୍କୁ ଜଣେ ବ୍ୟକ୍ତି ଭାବେ ଦେଖାଯାଏ , ଯିଏ କାମାସକ୍ତଠାରୁ ଦୂରେଇଯାଇ ଆଧ୍ୟାତ୍ମିକ ପଥରେ ଆଗକୁ ବଢିବାକୁ ଚାହିଁଛନ୍ତି। ଅପାଲାଙ୍କ କାହାଣୀରେ, ତାଙ୍କ ସ୍ୱାମୀ ଉତ୍ପୀଡ଼କ ପାଲଟିଛନ୍ତି ଓ ସ୍ତ୍ରୀଙ୍କୁ ପାଖରୁ ତଡ଼ି ଦେଇଛନ୍ତି। ଶେଷରେ ଈଶ୍ୱର ତାଙ୍କୁ ସାହାଯ୍ୟ କରିଛନ୍ତି ଓ ତାଙ୍କ ସୌନ୍ଦର୍ଯ୍ୟ ଫେରାଇ ଦେଇଛନ୍ତି। ଉର୍ବଶୀଙ୍କ କାହାଣୀରେ ଜଣେ ବିଷୟାସକ୍ତ ପୁରୁଷ ତାଙ୍କ ସ୍ତ୍ରୀ ବିଚ୍ଛେଦରେ ଭାଙ୍ଗିପଡ଼ିଛନ୍ତି। ପ୍ରତ୍ୟେକ କାହାଣୀରେ ପୁରୁଷମାନେ ନିଜକୁ ସମ୍ପୂର୍ଣ୍ଣ ଭିନ୍ନ ଭାବେ ପ୍ରତିପାଦିତ କରିଥିବାବେଳେ ନାରୀମାନେ କାମୁକତା, ସନ୍ତାନ ଜନ୍ମ, ସୁଖ, ପରିବାର, ଭୌତିକ ବିଶ୍ୱ ସହ ଜଡ଼ିତ ଅଛନ୍ତି। ଏହି ଦୃଷ୍ଟିକୋଣ ବି ଏବେ ସୁଦ୍ଧା ଅନେକ ପାରମ୍ପରିକ କ୍ଷେତ୍ରରେ ରହିଛି।

-devduttofficial@gmail.com

## ଏଇ ଭାରତରେ

ଉତ୍ତରପ୍ରଦେଶର ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇବା ପରେ ପ୍ରକାଶିତ ଫଳାଫଳରେ ବୋର୍ଡ ଅଧିକାରୀଙ୍କ ଏକ ଅବହେଳା ସାମ୍ନାକୁ ଆସିଛି। ୯୪ ପ୍ରତିଶତ ପାଇଥିବା ଜଣେ ଛାତ୍ରୀଙ୍କୁ ପ୍ରାକ୍ଟିକାଲରେ ୩୦ ପରିବର୍ତ୍ତେ ୩ ନମ୍ବର ଦିଆଯାଇଛି। ଫଳରେ ସେ ଫେଲ ହୋଇଛନ୍ତି। ଉକ୍ତ ଘଟଣା ଘଟିଛି ଆମେଠି ଜିଲାରେ। ଉତ୍ତରପ୍ରଦେଶ ବୋର୍ଡର ହାଇସ୍କୁଲ ଫଳାଫଳ ପ୍ରକାଶ ପାଇବା ପରେ ଆମେଠି ସହରର ଶିବ ପ୍ରତାପ ଇଣ୍ଟର କଲେଜର ହାଇସ୍କୁଲ ଛାତ୍ରୀ ଭାବନା ବର୍ମା ଏଭଳି ଅବହେଳାର ଶିକାର ହୋଇଛନ୍ତି। ଏନେଇ ଛାତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ତଦନ୍ତ ଦାବି କରିଛନ୍ତି। ଉକ୍ତ ଘଟଣା ଉପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ମହେନ୍ଦ୍ର ଦେବ କହିଛନ୍ତି, ଟାଇପିଂ ତ୍ରୁଟି ଯୋଗୁ ଏହା ଘଟିଛି। ସେ କହିଛନ୍ତି, ପ୍ରାକ୍ଟିକାଲ ମାର୍କ ଆଧାରରେ ଛାତ୍ରୀଙ୍କ ଫଳାଫଳ ପୁଣି ଥରେ ପ୍ରସ୍ତୁତ କରାଯିବ। ତେବେ ବୋର୍ଡର ଏଭଳି ଅବହେଳା ଯୋଗୁ ଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଏପ୍ରିଲ ୧୯୯୮

- ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଓ କଂଗ୍ରେସ ୱାର୍କିଂ କମିଟି ସଦସ୍ୟ ପଦରୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଇସ୍ତଫା ପ୍ରଦାନ।
- ଦିଲ୍ଲୀର ଜଣାଶୁଣା ଥିଏଟର ବ୍ୟକ୍ତିତ୍ୱ ତଥା ଚଳଚ୍ଚିତ୍ର ନିର୍ମାତା ଓ ସଙ୍ଗୀତକାର ଅଶୋକ ଖାନ୍ନାଙ୍କ ୫୯ ବର୍ଷ ବୟସରେ ପରଲୋକ।
- କଲମ୍ବିଆର ଗ୍ରାମାଞ୍ଚଳରେ ସାନି ସଂଘର୍ଷ ଘଟି ବାମପନ୍ଥୀ ବିଦ୍ରୋହୀ, ପୋଲିସ ଓ ସୈନ୍ୟଙ୍କ ସମେତ ମୋଟ ୨୪ ଜଣଙ୍କ ପ୍ରାଣହାନି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | 2 | 1 | |
| | | | 8 | | | 5 | 4 | |
| | | | | | 9 | 6 | | 8 |
| | | | 6 | 5 | | | 9 | |
| | | | | | 3 | | | |
| | | 8 | | 9 | 2 | | | |
| 4 | | | | | | | | |
| | 2 | | | 4 | 6 | | 5 | |
| | 9 | 3 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 2 | 7 | 1 | 9 | 3 | 4 | 5 |
| 1 | 9 | 5 | 4 | 3 | 2 | 6 | 8 | 7 |
| 3 | 7 | 4 | 8 | 5 | 6 | 2 | 1 | 9 |
| 2 | 4 | 9 | 1 | 7 | 3 | 8 | 5 | 6 |
| 7 | 8 | 1 | 9 | 6 | 5 | 4 | 3 | 2 |
| 6 | 5 | 3 | 2 | 8 | 4 | 9 | 7 | 1 |
| 9 | 2 | 7 | 5 | 4 | 8 | 1 | 6 | 3 |
| 4 | 1 | 6 | 3 | 9 | 7 | 5 | 2 | 8 |
| 5 | 3 | 8 | 6 | 2 | 1 | 7 | 9 | 4 |

ଗତକାଲିର ଉତ୍ତର



# ମାଗଣାର ରାଜନୀତି

ଅଲେଖ ଚନ୍ଦ୍ର ମିଶ୍ର

କିଛିଦିନ ତଳେ ଶ୍ରୀଲଙ୍କାରେ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତା'ର ମୁଖ୍ୟ କାରଣ ଥିଲା ଘୋର ଆର୍ଥିକ ବିପର୍ଯ୍ୟୟ, ଯାହାପାଇଁ ସେ ଦେଶର ରାଜନୈତିକ ଅବିମୃଶ୍ୟକାରିତା ହିଁ ଦାୟୀ ଥିଲା। ଶସ୍ତା ଲୋକପ୍ରିୟତା ହାସଲ ପାଇଁ କ୍ଷମତାସୀନ ଦଳ ଦେଶରେ ପ୍ରଚଳିତ ବିଭିନ୍ନ କର,ଶୁଳ୍କ,ଲେଭି,ଟିକସ ଇତ୍ୟାଦିରେ ବର୍ଷ ବର୍ଷ ଧରି ରିହାତି ବା ଛାଡ଼ ଘୋଷଣା କରି ଚାଲିଥିଲେ, ଯାହାଫଳରେ ଦେଶର ଜାତୀୟ ଆୟ ତୁଳନାରେ ବ୍ୟୟଭାର ଲଗାତର ବଢ଼ି ଚାଲିଥିଲା। ତା'ଛଡା ବିଭିନ୍ନ ରାଜନୈତିକ ଦଳ ତରଫରୁ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଦିଆଯାଉଥିବା ନାନା ପ୍ରକାର ମାଗଣା ଉପହାର(ଫ୍ରିବି) ପରିସ୍ଥିତିକୁ ଆହୁରି ଜଟିଳ କରିଦେଲା। ଏ ସବୁର ସମ୍ମିଳିତ ପ୍ରଭାବରେ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିଲା ଏବଂ ସରକାର ନିଜର ପ୍ରତିଶ୍ରୁତିକୁ ରକ୍ଷା କରିବାକୁ ଅସମର୍ଥ ହୋଇ ପଡ଼ିଲେ। ଫଳରେ ଆଭ୍ୟନ୍ତରୀଣ ଓ ବାହ୍ୟ ଉଭୟ କ୍ଷେତ୍ରରେ ଦେଶର ଭାବମୂର୍ତ୍ତି କ୍ଷୁଣ୍ଣ ହୋଇ ପଡ଼ିଲା, ଯାହାର ପରିଣତି ସାରା ବିଶ୍ୱ ଜାଣିଲା।

ଦ୍ୱୀପ ରାଷ୍ଟ୍ରର ଏଭଳି ଦୁଃସ୍ଥିତି ଆମ ଦେଶ ପାଇଁ ଏକ ପରୋକ୍ଷ ସତର୍କବାଣୀ। କାରଣ ଆମ ଦେଶର ବିଶେଷ କରି ଦାକ୍ଷିଣାତ୍ୟର ରାଜନୈତିକ ପାଣିପାଗ କିଛି ମାତ୍ରାରେ ଶ୍ରୀଲଙ୍କା ସହିତ ସଂଶ୍ଳିଷ୍ଟ। ଏହାର ଏକ ଉଦାହରଣ ହେଲା ମାଗଣା ସଂସ୍କୃତି(ଫ୍ରୀବି କଲଚର) ଯାହା ଭୋଟର୍ ତୁଷ୍ଟୀକରଣ ନୀତିର ଏକ ନଗ୍ନ ରୂପରେଖ। ଏହି ନୀତି ଶ୍ରୀଲଙ୍କାରୁ ତା'ର ନିକଟତମ ରାଜ୍ୟ ତାମିଲନାଡୁକୁ ଆସି ଏବେ ସାରା ଭାରତରେ ବ୍ୟାପିଗଲାଣି। ଭୋଟ ପାଇବା ପାଇଁ ହେଉ କିମ୍ବା କ୍ଷମତାରେ ରହିବା ପାଇଁ ହେଉ ଏଭଳି କୌଶଳକୁ ପ୍ରାୟ ସବୁ ରାଜନୈତିକ ଦଳ ଆପଣେଇ ନେଲେଣି। ଭୋଟରମାନଙ୍କୁ ପ୍ରଲୁବ୍ଧ କରିବା ପାଇଁ ବିଭିନ୍ନ ଦଳ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା ଶେଷରେ ଭୋଟକୁ ଏକ ପଣ୍ୟ ସାମଗ୍ରୀରେ ପରିଣତ କରିଦେଲାଣି। ଏ ହାତରେ ଦିଅ, ସେ ହାତରେ ନିଅ ଏହା ହିଁ ଆଜିର ଭୋଟ ନୀତି। ଫଳରେ ମାଗଣାରେ ଜଳ ଓ ବିଦ୍ୟୁତ୍ ଯୋଗାଣ ଏବଂ ବେକାରି ଭତ୍ତାଠାରୁ ଋଣଛାଡ଼,ସବ୍‌ସିଡି, ଅନୁଦାନ, ଟିକସ ରିହାତି ତଥା ବିନା ମୂଲ୍ୟରେ ଖାଦ୍ୟ ଶସ୍ୟ ପ୍ରଦାନ ଯାଏ ଏବଂ ନାମମାତ୍ର ମୂଲ୍ୟରେ ଆମ୍ମା କ୍ୟାଣ୍ଟିନ,ଇନ୍ଦିରା କ୍ୟାଣ୍ଟିନ, ଜନ ଆହାର ଯୋଜନା, ଆହାର କେନ୍ଦ୍ର ଇତ୍ୟାଦି ମାଧ୍ୟମରେ ରନ୍ଧା ଖାଦ୍ୟ ଯୋଗାଣଠାରୁ ଲାପ୍‌ଟପ,ସାଇକେଲ,କମ୍ପ୍ୟୁଟର,ସ୍ମାର୍ଟଫୋନ, ଟିଭି, ଫ୍ରିଜ୍, ଗ୍ୟାସ୍ ଷ୍ଟୋଭ, ଅଳଙ୍କାର,ସିଲେଇ ମେଶିନ,ଶାଢ଼ି,ଧୋତି ଆଦି ସୌଖୀନ ପଦାର୍ଥ ଯାଏ ମାଗଣା ଉପଢୌକନ ବଣ୍ଟନର ଅନ୍ତ ନାହିଁ।

ଏଭଳି ଚିନ୍ତାଧାରାର ସପକ୍ଷବାଦୀମାନଙ୍କର ଯୁକ୍ତିହେଲା, ଏହି ବ୍ୟବସ୍ଥା ଦ୍ୱାରା ଅନେକ ବଞ୍ଚିତ ଲୋକ ଉପକୃତ ହୁଅନ୍ତି, ଯାହା ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ନିଦର୍ଶନ। ଏ ସବୁ ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଶ୍ରମଶକ୍ତିକୁ (ୱାର୍କ ଫୋର୍ସ) ଉଜ୍ଜୀବିତ କରି ରଖାଯାଉଛି। ଏହା ଛଡ଼ା ଉଲ୍ଲିଖିତ ଉତ୍ପାଦଗୁଡ଼ିକର ନିର୍ମାତାମାନଙ୍କୁ ବିପଣନରେ ସହାୟତା କରାଯାଉଛି, ଯାହା ଶିଳ୍ପାୟନର ଅଂଶ ବିଶେଷ। କିନ୍ତୁ ଏଭଳି ଭାବଧାରା ଦୂରଦୃଷ୍ଟିବିହୀନ ଓ ଆଦର୍ଶ ଅର୍ଥନୀତିର ପରିପନ୍ଥୀ। ଏହାଦ୍ୱାରା ସୃଷ୍ଟି ହେଉଥିବା ପୌନଃପୁନିକ କ୍ଷତି ଶେଷରେ ଯେ ନିୟନ୍ତ୍ରଣ ବାହାରକୁ ଚାଲିଯିବ ଏପରି ଆଶଙ୍କା ଉପୁଜିଲାଣି। ଏଥିପାଇଁ ଚାଲିଥିବା ପ୍ରତିଯୋଗିତାକୁ ଏଡେଇ ନ ପାରି ଛୋଟ ଛୋଟ ରାଜ୍ୟ ଋଣ କରିବାକୁ ବାଧ୍ୟ ହେଉଛନ୍ତି। ଏହା ଆର୍ଥିକ ଦାୟିତ୍ୱବୋଧ ଓ ବଜେଟ ପରିଚାଳନା ଆଇନ (ଏଫ୍ ଆର୍‌ବିଏମ୍)ରେ ନିହିତ ଶୃଙ୍ଖଳାର ବିରୁଦ୍ଧ। ମାଗଣାରେ ମିଳୁଥିବାରୁ ଲୋକମାନେ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ସଂଗ୍ରହ କରି ତାକୁ ଦୁରୁପଯୋଗ ଓ ନଷ୍ଟ କରନ୍ତି। ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ଥିବାରୁ ଏଭଳି ଜିନିଷର ଉତ୍ପାଦକମାନେ ତା'ର ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ। କାରଣ ସେମାନେ ଜାଣିଥାନ୍ତି ଯେ ସେସବୁ ଜିନିଷର ବ୍ୟବହାରକାରୀମାନଙ୍କର ମୂଲଚାଲ କ୍ଷମତା (ବାର୍ଗେନିଂ ପାୱାର) ନ ଥାଏ ଏବଂ ମାଗଣାରେ ମିଳୁ ଥିବାରୁ ସେ ସବୁର ଗୁଣବତ୍ତା ସମ୍ପର୍କରେ କେହି ଆପତ୍ତି ଅଭିଯୋଗ କରନ୍ତି ନାହିଁ। ମାଗଣାରେ ମିଳୁ ଥିବାର ଲୋଭ ବାଟମାରଣା ପାଇଁ ସୁଯୋଗ ସୃଷ୍ଟି କରେ, ଯାହାଫଳରେ ସଂପୃକ୍ତ ବସ୍ତୁ ବେଳେ ବେଳେ ପ୍ରକୃତ ହିତାଧିକାରୀ ପାଖରେ ପହଞ୍ଚେ ନାହିଁ। ଥରେ ମୋଫତରେ ପାଇବାର ଧାରାରେ ପଡିଗଲେ ଲୋକମାନେ ପରାନ୍ନ ଭୋଜି,ପରିଶ୍ରମକାତର,ନିର୍ଭରଶୀଳ,ଅଳସୁଆ ଓ ଠାପୁଆ ହୋଇଯାଆନ୍ତି। ଫଳରେ ଶ୍ରମଶକ୍ତିର ଅଭାବ ଘଟେ। ସବୁଠାରୁ ବଡ଼ କଥା ହେଲା, ଏହା ଜନସାଧାରଣଙ୍କୁ ଭେଳିକି ଦେଖେଇ ଆକୃଷ୍ଟ କରେ, ଯାହାଫଳରେ ଭୋଟ୍‌ର ମୂଲ୍ୟ ରହେନାହିଁ କି ଅବାଧ ଓ ନିରପେକ୍ଷ ନିର୍ବାଚନ ସମ୍ଭବ ହୁଏନାହିଁ।



ଉଦ୍‌ବେଗର କାରଣ ହେଲା ଏବେ ସମଗ୍ର ବିଶ୍ୱର ଅର୍ଥନୀତି ନିମ୍ନଗାମୀ। ସେଥିପାଇଁ ବିଶ୍ୱବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କର ସେପ୍ଟେମ୍ବର ୨୦୨୨ ରିପୋର୍ଟରେ ଆଶଙ୍କା ପ୍ରକାଶ କରିଛନ୍ତି ଯେ ଆସନ୍ତା ବର୍ଷ ବିଶ୍ୱ ଅର୍ଥନୀତି ଘୋର ମାନ୍ଦାବସ୍ଥାର ସମ୍ମୁଖୀନ ହେବ, ଯାହା ବିଗତ ପଚାଶ ବର୍ଷ ମଧ୍ୟରେ ସବୁଠାରୁ ଚିନ୍ତାଜନକ। ମୁଦ୍ରାସ୍ଫୀତି କମେଇବାକୁ ହେଲେ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ତା ନ ହେଲେ ବିକାଶଶୀଳ ରାଷ୍ଟ୍ର ସମୂହ ଯେଉଁ ଆର୍ଥିକ ସଙ୍କଟରେ ପଡିବେ ତାହା ଦୀର୍ଘମିଆଦୀ କ୍ଷତି ପହଞ୍ଚାଇପାରେ। ଏକ ବିକାଶଶୀଳ ରାଷ୍ଟ୍ର ଭାବରେ ଭାରତ ପ୍ରତି ଏହା ଏକ ସତର୍କବାଣୀ। ଜନସଂଖ୍ୟା ବଢ଼ିଚାଲିଛି। ତା' ସହିତ ତାଳ ଦେଇ ମାଗଣା ଉପଭୋକ୍ତାଙ୍କ ସଂଖ୍ୟା ବି ବଢ଼ି ଅଶୀ କୋଟିକୁ ଟପିଲାଣି। ଅଥଚ ଉତ୍ପାଦନ ପରିମାଣ ଦିନକୁ ଦିନ କମି କମି ଚାଲିଛି। ଚାଷୋପଯୋଗୀ ଜମି କମିବାରେ ଲାଗିଛି। ମାଗଣା ଖାଇବାର ଅଭ୍ୟାସ ପଡ଼ିଯାଇଥିବାରୁ ଶ୍ରମିକ,ମୂଲିଆ, ହଳିଆ,ଦିନମଜୁରିଆ ମିଳୁ ନାହାନ୍ତି। ଏପରି ଅବସ୍ଥାରେ ଚାଷ ହେବ କେମିତି, କରିବ କିଏ, କାହିଁକି ? ଅତଏବ ଉତ୍ପାଦନ କମିବା ନିଶ୍ଚିତ। ଏକଥା ସରକାର ବି ଜାଣି ସାରିଲେଣି। ଚଳିତ ବର୍ଷ ୩୮ ଲକ୍ଷ ହେକ୍ଟର ଜମିରେ କମ୍ ଚାଷ କରାଯାଇଥିବାରୁ ଖରିଫ ଫସଲର ଉତ୍ପାଦନ ୧୦ରୁ ୧୨ ଲକ୍ଷ ନିୟୁତ ଟନ କମିଯିବ ବୋଲି ଖୋଦ କେନ୍ଦ୍ର ସରକାର ସେପ୍ଟେମ୍ବର ୨୦୨୨ର ଏକ ରିପୋର୍ଟରେ ଆଶଙ୍କା ପ୍ରକାଶ କରିଛନ୍ତି । ଦେଶରେ ହେଲେ ସିନା ହେଁସରେ ପଡ଼ିବ ! ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ୨୦୧୩ରେ ଦେଇଥିବା ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ ବିଭିନ୍ନ ସୂତ୍ରରୁ ମିଳୁଥିବା ଆୟକୁ ମାଗଣା ଉପହାର ବା ଭେଟି ବାବଦରେ ଖର୍ଚ୍ଚ କଲେ ଦେଶ ଅଚିରେ ଦେବାଳିଆ ହୋଇଯିବ।

ଅତଏବ ପରିସ୍ଥିତିର ଗମ୍ଭୀରତା ବିଷୟରେ ଚିନ୍ତା କରିବାର ସମୟ ଉପନୀତ। ଲୋକଟିକୁ ମାଛଟିଏ ଦେଲେ ତା'ର ଦିନକର ଗରଜ ମେଣ୍ଟିଯାଏ, କିନ୍ତୁ ତାକୁ ମାଛ ଧରିବା ଶିଖେଇ ଦେଲେ ସେ ଜୀବନ ଧାରଣର ଉପାୟ ପାଇଯାଏ । ତେଣୁ ମାଛଟିଏ ଭଳି ମାଗଣା ଉପହାର ନ ଦେଇ ସେ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥକୁ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କିମ୍ବା ସେମାନଙ୍କର ଆୟ ବୃଦ୍ଧି ପାଇଁ ଖର୍ଚ୍ଚ କଲେ ମାଗଣା ଦେବାର ଆବଶ୍ୟକତା ଆଉ ରହିବ ନାହିଁ।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର
ୟୁନିଟ -୪, ଭୁବନେଶ୍ୱର
ମୋ- ୯୪୩୮୬୭୩୮୯୮

# ନ୍ୟାୟ ପ୍ରଦାନରେ ନୂଆ ରେକର୍ଡ



ସୌର ଚନ୍ଦ୍ର ମହାପାତ୍ର

ସାଧାରଣ ଲୋକଙ୍କ ପାଇଁ ବିଚାର ପ୍ରକ୍ରିୟା ଥିଲା ଦୁର୍ବୋଧ୍ୟ ଓ ଅଜ୍ଞାତ। ଏବେ ସବୁ କିଛି ମୁକ୍ତ ଓ ସହଜ ହେବାରେ ଲାଗିଛି। ନାଲିକୋଠା ଭୟ, ଆଶଙ୍କା କି ଉଦ୍‌ବେଗର ଜାଗା ନୁହେଁ ଏଭଳି ବିଶ୍ୱାସ ତିଆରି ହେଉଛି ସାଧାରଣ ଲୋକଙ୍କ ମନରେ। କଟକଣାର କବାଟ ନିଜଆଡୁ ଖୋଲି ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ନ୍ୟାୟିକ ବ୍ୟବସ୍ଥାକୁ ସହଜ, ସରଳ ଓ ସମ୍ପ୍ରସାରିତ କରାଯାଉଛି । ପିଲାମାନେ ବୁଲି ଦେଖୁଛନ୍ତି ହାଇକୋର୍ଟ। ଜାଣୁଛନ୍ତି ନ୍ୟାୟ ପ୍ରକ୍ରିୟାକୁ। ବୈଷୟିକ ଜ୍ଞାନକୌଶଳ ଯୋଗୁ ଆଜି ପ୍ରତି ଜିଲା ଯୋଡ଼ି ହେଉଛି ହାଇକୋର୍ଟଙ୍କ ସହ। ତ୍ୱରିତ ଶୁଣାଣି ହୋଇ ଫଇସଲା ହେଉଛି ମାମଲା। କଏଦୀଙ୍କ ପାଇଁ ମୁକ୍ତିର ବାଟ ପ୍ରଶସ୍ତ ହେଉଛି। ୨୦୨୨ରେ ହାଇକୋର୍ଟଙ୍କ ଏକ ଉଦାର ପରିବର୍ତ୍ତିତ ରୂପ ମୁଗ୍ଧ କରିଛନ୍ତି ସମସ୍ତଙ୍କୁ। ଆହୁରି ଆଶ୍ୱସ୍ତ ହୋଇଛନ୍ତି ନିର୍ଯାତିତ, ନିଷ୍ପେଷିତ ଲୋକ। ଏଇ ଭରସାରେ ଯେ ସେମାନଙ୍କ ପାଇଁ କେହି ଅଛି।

ରାଜ୍ୟ ବିଚାର ବ୍ୟବସ୍ଥା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନୂଆ ରେକର୍ଡ କରିବାରେ ଲାଗିଛି। ଭିତ୍ତିଭୂମି ଓ ଶୁଣାଣି ବ୍ୟବସ୍ଥାରେ ଗତିଶୀଳତା କାରଣରୁ କେବଳ ହାଇକୋର୍ଟ ନୁହେଁ, ଜିଲା ଜଜ୍ କୋର୍ଟଠାରୁ ଆରମ୍ଭ କରି ଫାଷ୍ଟଟ୍ରାକ୍ କୋର୍ଟ ସବୁଠି ମାମଲା ଫଇସଲା କ୍ଷେତ୍ରରେ ରେକର୍ଡ ସଫଳତା ମିଳିଛି। ଗତବର୍ଷ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି ଓଡ଼ିଶା ହାଇକୋର୍ଟରେ। ଏଥର ହାଇକୋର୍ଟରେ ରେକର୍ଡ ୧୩୩ ପ୍ରତିଶତ ମାମଲାର ଫଇସଲା ହୋଇଛି। ଅର୍ଥାତ୍ ଗତବର୍ଷ ଯେତିକି ମାମଲା ରୁଜୁ ହୋଇଛି ତା'ଠାରୁ ଯଥେଷ୍ଟ ଅଧିକ ମାମଲାର ସମାଧାନ ହୋଇଛି। ପୂର୍ବବର୍ଷ ଅପେକ୍ଷା ଗତବର୍ଷ ଜିଲା କୋର୍ଟରେ ମାମଲା ସମାଧାନ ହାର ୫୩% ଅଧିକ ରହିଥିବାବେଳେ ତ୍ୱରିତ ମାମଲା ଶୁଣାଣି କ୍ଷେତ୍ରରେ ଫାଷ୍ଟଟ୍ରାକ୍ କୋର୍ଟ ମାମଲା ସଫଳତା ହାସଲ କରିଛି। ହାଇକୋର୍ଟଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତି ଅନୁସାରେ, ମାମଲା ସମାଧାନ କ୍ଷେତ୍ରରେ ଗତବର୍ଷ ଏହି ଅଦାଲତ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ୨୦୧୮ରେ ୬୨,୫୬୬ ମାମଲା ରୁଜୁ ହୋଇଥିଲା ଓ ୬୩,୨୩୬ ମାମଲା ସମାଧାନ ହୋଇଥିଲା। ୨୦୧୯ରେ ୮୧,୧୨୧ଟି ମାମଲା ରୁଜୁ ହୋଇ ୯୩,୨୨୪ଟି ମାମଲାର ସମାଧାନ, ୨୦୨୦ରେ ୮୩, ୪୯୯ ମାମଲା ରୁଜୁ ହୋଇ ୬୧,୩୩୫ ମାମଲା ସମାଧାନ ହୋଇଥିଲା।

ତେବେ ୨୦୨୧ରେ କରୋନା ସତ୍ତ୍ୱେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ, ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶୁଣାଣି, ଇ-ଫାଇଲିଂ ଆଦି ବ୍ୟବସ୍ଥା କାରଣରୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାମଲା ଶୁଣାଣି ତ୍ୱରାନ୍ୱିତ ହୋଇଥିଲା। ୨୦୨୧ରେ ହାଇକୋର୍ଟରେ ୧ଲକ୍ଷ ୨୮ ହଜାର ୭୮୬ଟି ମାମଲା ରୁଜୁ ହୋଇଥିଲାବେଳେ ୧ଲକ୍ଷ ୫ହଜାର ୧୮୨ଟି ମାମଲାର ସମାଧାନ ହୋଇଥିଲା। କିନ୍ତୁ ଗତବର୍ଷ ଏହି ରେକର୍ଡ ବି ଭାଙ୍ଗିଯାଇଛି। ଚଳିତ ବର୍ଷ ଶୀତ ଅବକାଶ ଭିତରେ ହାଇକୋର୍ଟରେ ୧ଲକ୍ଷ ୨ହଜାର ୨୪୭ଟି ମାମଲା ରୁଜୁ ହୋଇଥିଲାବେଳେ ୧ଲକ୍ଷ ୩୬ହଜାର ୫୯୯ଟି ମାମଲାର ଫଇସଲା ହୋଇପାରିଛି। ରାଜ୍ୟର ବିଭିନ୍ନ ଜିଲା ଜଜ୍ କୋର୍ଟରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୫୩.୨୮% ଅଧିକ ମାମଲା ସମାଧାନ ହୋଇଛି। ୨୦୨୧ରେ ଅନୁମୋଦିତ ବିଚାରପତିଙ୍କ ସ୍ଥାନ ୯୬୨ ଥିଲାବେଳେ ସେହି ସ୍ଥାନରେ ୭୬୬ ଜଣ କାର୍ଯ୍ୟ କରୁଥିଲେ। ସେହିପରି ୨୦୨୨ରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୯୭୭ ଥିଲାବେଳେ ଏହି ସ୍ଥାନରେ ୭୭୬ ଜଣ କାର୍ଯ୍ୟ କରୁଛନ୍ତି। ୨୦୨୧ରେ ଜଣେ ବିଚାରପତି ମୁଣ୍ଡ ପିଛା ୩୧୧ଟି ମାମଲାର ଫଇସଲା କରୁଥିବାବେଳେ ୨୦୨୨ରେ ତାହା ୫୭୭ରେ ପହଞ୍ଚିଛି। ଅନ୍ୟପକ୍ଷରେ ବଳାତ୍କାର ଏବଂ ପୋକ୍‌ସୋ ମାମଲାଗୁଡ଼ିକର ବିଚାର ଫାଷ୍ଟଟ୍ରାକ୍ କୋର୍ଟରେ କରାଯାଇଥାଏ। ଗତବର୍ଷ ଜାନୁୟାରୀ ୨୬ତାରିଖ ମଧ୍ୟରେ ଏହିସବୁ କୋର୍ଟରେ ୧୦୪୨ଟି ବଳାତ୍କାର ମାମଲା ରୁଜୁ କରାଯାଇଛି। ସେଥିରୁ ୧୨୫ଟି ମାମଲାର ସମାଧାନ କରାଯାଇଛି। ପୋକ୍‌ସୋ ଆଇନ ଅଧୀନରେ ବିଚାର ବ୍ୟବସ୍ଥା ପାଇଁ ୮ଟି ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯାଇଛି। ଭୁବନେଶ୍ୱରରେ ଗୋଟିଏ ପରିବାର ଅଦାଲତ ଓ ୨ଟି ମହିଳା କୋର୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଓଡ଼ିଶାରେ ବିଚାର ବ୍ୟବସ୍ଥା ଅତ୍ୟନ୍ତ ଗତିଶୀଳ ଓ ସୁଦୃଢ଼ ହେବା ସହ ଜନାଭିମୁଖୀ ହୋଇଛି ଏବଂ ଲୋକମାନଙ୍କର ଆଇନ ବ୍ୟବସ୍ଥା ଉପରେ ଅଖଣ୍ଡ ବିଶ୍ୱାସ ବଢ଼ିଛି।

ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ
soura999mohapatra@gmail.com

## ଚିରନ୍ତନୀ

ଉଚ୍ଚ ଚୂଡ଼ା ପରେ ତା'ର ମହାଦୀପ
ଜାଳିଲ ଜୀବନ୍ତ
ଚିନ୍ତାର ତଇଳ ଢାଳି ଦେଖାଇଲ
ଆଲୋକ ଅନନ୍ତ।

-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏନ୍‌ସିଇଆର୍‌ଟି ପାଠ୍ୟକ୍ରମରୁ ବାଦ୍‌ପଡ଼ିଲା ଅନେକ କିଛି

ମହାଶୟ,

ବିଗତ ଛ' ବର୍ଷ ଭିତରେ ଏନ୍‌ସିଇଆର୍‌ଟି ପାଠ୍ୟକ୍ରମ ତିନି ଥର ପରିବର୍ତ୍ତନ ହୋଇଛି। କ୍ଲାସ୍ ୬ରୁ କ୍ଲାସ୍ ୧୨ ଛାତ୍ରଛାତ୍ରୀଙ୍କର ଇତିହାସ, ରାଜନୀତି ବିଜ୍ଞାନ ଏବଂ ସୋସିଓଲୋଜି ପାଠ୍ୟକ୍ରମରେ ପରିବର୍ତ୍ତନ ଅଣାଯାଇଛି। ପାଠ୍ୟ ପୁସ୍ତକରୁ ଗାନ୍ଧୀଙ୍କ ମୃତ୍ୟୁ ଏବଂ ଏହାର କାରଣ ମଧ୍ୟ ହଟାଇ ଦିଆଯାଇଛି । କ୍ଲାସ୍ ୧୧ର ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ସ୍ୱାଧୀନତା ସଂଗ୍ରାମୀ, ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମଙ୍କ ନାମ ମଧ୍ୟ ହଟେଇ ଦିଆଯାଇଛି। କ୍ଲାସ ୧୧ର ରାଜନୀତି ବିଜ୍ଞାନର ଚାପ୍ଟର ୧ ସମ୍ବିଧାନରେ ''କନ୍‌ଷ୍ଟିଚୁଏଣ୍ଟ କମିଟି ମିଟିଂରେ ଭାଗ ନେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ମୌଲାନା ଅବୁଲ କଲାମ ନାଁ ନାହିଁ। କଂଗ୍ରେସ ମତରେ, ଭାଜପା ସରକାର ଇତିହାସକୁ ଟାଣିଓଟାରି ବିକୃତ କରୁଛି। ବିରୋଧୀଙ୍କ ମତରେ ସରକାର ନିଜ ବିଚାରଧାରାକୁ ଛାତ୍ରୀଛାତ୍ରଙ୍କ ଉପରେ ଥୋପିବାକୁ ଚେଷ୍ଟା କରୁଛନ୍ତି ।

-କାଳି ଦାସ, ବ୍ରହ୍ମପୁର, କଳିଙ୍ଗନଗର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଓୟୁଏଟି-ଆଇସିଆର୍ଏଏଫ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୬।୪(ବ୍ୟୁରୋ) କୃଷି ବନୀକରଣ କ୍ଷେତ୍ରରେ ଉଚ୍ଚତର ଗବେଷଣା, ଜ୍ଞାନ ପ୍ରସାରଣ ଏବଂ ଶିକ୍ଷାଦାନରେ ଉତ୍କର୍ଷ ହାସଲ ନିମନ୍ତେ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଏବଂ ଅନ୍ତର୍ଜାତୀୟ କୃଷି ବନୀକରଣ ଗବେଷଣା କେନ୍ଦ୍ର (ଆଇସିଆର୍ଏଏଫ୍) ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓୟୁଏଟିର ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର ଏବଂ ଆଇସିଆର୍ଏଏଫ୍ର ନିର୍ଦ୍ଦେଶକ ଡ. ଚନ୍ଦ୍ରଶେଖର ବିରାଦର ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟରେ କୃଷି ବନୀକରଣ କ୍ଷେତ୍ରରେ ଗବେଷଣାମୂଳକ କାର୍ଯ୍ୟ ହୋଇପାରିବ ବୋଲି ଆଶା କରାଯାଉଛି। ମିଳିତ ଉଦ୍ୟମରେ ଗବେଷଣା ଫଳରେ ନୂତନ ଜ୍ଞାନକୌଶଳ ବିକାଶ ପାଇଁ ସହାୟକ ହୋଇପାରିବ। ଏଥିସହ କୃଷକମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। କାର୍ଯ୍ୟକ୍ରମରେ ଆଇସିଆର୍ଏଏଫ୍ର ସମନ୍ୱୟକାରୀ ଡ. ଶିବ କୁମାର ଧାନି, ମନୋଜ ଡାବସ, ସଂଗଠନ ସଂଯୋଗକାରୀ ଏନ.ସି. ସ୍ୱାଇଁ, ଓୟୁଏଟି ନିର୍ଦ୍ଦେଶକ, ଅଧକ୍ଷ, ବୈଜ୍ଞାନିକ ପ୍ରମୁଖ ଉପସ୍ଥିତ ଥିଲେ।

### ଉପନ୍ୟାସ 'ଦିଗବିଜୟୀ ଗଜପତି' ଲୋକାର୍ପିତ

ଭୁବନେଶ୍ୱର,୨୬।୪(ବ୍ୟୁରୋ)- ଇନ୍ଦ୍ରମଣି ଜେନାଙ୍କ ଐତିହାସିକ ଉପନ୍ୟାସ 'ଦିଗବିଜୟୀ ଗଜପତି' ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ଲୋକାର୍ପିତ ହୋଇଯାଇଛି। ଏହି ପୁସ୍ତକକୁ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଓ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ ଲୋକାର୍ପଣ କରିଛନ୍ତି। ଆମେରିକାର ଡୁବ୍ଲିନସ୍ଥିତ ବ୍ଲାକ୍ ଇଗଲ ବୁକ୍ସ ଦ୍ୱାରା ପ୍ରକାଶିତ ଏହି ବହିରେ ଓଡ଼ିଆ ଜାତିର ବୀରତ୍ୱ ଓ ଦିଗବିଜୟର କାହାଣୀ ନିହିତ ରହିଛି। ଐତିହାସିକ ଉପନ୍ୟାସର ରଚୟିତା ଡ. ଇନ୍ଦ୍ରମଣି ଜେନା କହିଛନ୍ତି, ଗଜପତିଙ୍କ ବଂଶର ସ୍ରଷ୍ଟା ତଥା ଆଦ୍ୟ ପୁରୁଷ ଶ୍ରୀକପିଳେନ୍ଦ୍ର ଦେବଙ୍କ ଓଡ଼ିଶା ଗଙ୍ଗାରୁ କନ୍ୟାକୁମାରୀ ବ୍ୟାପ୍ତ ଥିଲା। କଟକରୁ ୬ଜଣ ମହାପାତ୍ରଙ୍କୁ ସାଥିରେ ନେଇ ଗଡ଼ ପରେ ଗଡ଼ ଅତିକ୍ରମ କରି ସମସ୍ତ ରତ୍ନ ଅଳଙ୍କାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚିର କାଳ ପାଇଁ ଉତ୍ସର୍ଗ କରି ଦେଇଥିଲେ। କେବଳ ସୀମା ବୃଦ୍ଧିରେ ସୀମିତ ନ ରହି ରାଜ୍ୟର ଭାଷା, ସଂସ୍କୃତି, ସମ୍ମାନ ଓ ଅର୍ଥନୀତି ପ୍ରତି ମଧ୍ୟ ସେ ସଚେତନ ଥିଲେ।

### ଅଟୋ ଚୋରି କରି ଯୁବକ ଗିରଫ

ଭୁବନେଶ୍ୱର, ୨୬।୪ (ବ୍ୟୁରୋ): ପାର୍କିଂ ସ୍ଥଳରୁ ଅଟୋ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମହାବୀର ବସ୍ତିର ବଚନ ସାହୁ । ତାଙ୍କଠାରୁ ଚୋରା ଅଟୋକୁ ଜବତ ହୋଇଛି। ସୂଚନାନୁସାରେ ଅଭିଯୋଗକାରୀ ଟୁନା ପ୍ରଧାନ ଗତ ୨୨ ତାରିଖରେ ତାଙ୍କ ଅଟୋକୁ ନେଇ ରୁଚିକା ମାର୍କେଟ ଅନ୍ତର୍ଗତ ତାରିଣୀ ହଷ୍ଟେଲ ଲେନରେ ପାର୍କିଂ କରିଥିଲେ । ସେହି ଦିନ ବିଳମ୍ବିତ ରାତିରେ ଅଭିଯୁକ୍ତ ଜଣକ ଉକ୍ତ ଅଟୋକୁ ଘଟଣା ସ୍ଥଳରୁ ଚୋରି କରି ନେଇ ସମ୍ବଲପୁର ପଳାଇ ଯାଇଥିଲେ । ଘଟଣାର ଅଭିଯୋଗ ପରେ ଭରତପୁର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ନିକଟରୁ ସମ୍ପୃକ୍ତ ଚୋରୀ ଅଟୋକୁ ସମ୍ବଲପୁର ଜିଲ୍ଲାରୁ ଉଦ୍ଧାର କରିଥିଲେ ।



ନୂତନ ଜାତୀୟ ପେନ୍ସନ ଯୋଜନା (ଏନ୍ପିଏସ୍) ଉଚ୍ଛେଦକରି ପୁରୁଣା ପେନ୍ସନ ଯୋଜନା (ଓପିଏସ୍) ପୁନଃ ଲାଗୁ କରିବା ଦାବିକରି ଶିକ୍ଷକ ଓ କେନ୍ଦ୍ର-ରାଜ୍ୟ ସରକାରୀ କର୍ମଚାରୀମାନେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ପୁରୁଣା ପେନ୍ସନ ଯୋଜନା ପୁନଃ ଲାଗୁ କର'

## ରାଜଧାନୀରେ ଶିକ୍ଷକ ଓ କେନ୍ଦ୍ର-ରାଜ୍ୟ ସରକାରୀ କର୍ମଚାରୀଙ୍କ ସମାବେଶ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ନୂତନ ବା ଜାତୀୟ ପେନ୍ସନ ଯୋଜନା (ଏନ୍ପିଏସ୍) ଉଚ୍ଛେଦକରି ପୁରୁଣା ପେନ୍ସନ ଯୋଜନା (ଓପିଏସ୍) ପୁନଃ ଲାଗୁ କରିବା ପାଇଁ ୨୦ବର୍ଷ ଧରି ହେଉଥିବା ଦାବିକୁ ତୀବ୍ରତର କରିଛନ୍ତି ଶିକ୍ଷକ ଓ କେନ୍ଦ୍ର-ରାଜ୍ୟ ସରକାରୀ କର୍ମଚାରୀ। ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦର ଡାକରାରେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍ଜିରେ ବଡ଼ ସମାବେଶ କରାଯାଇଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ ରେଳ କର୍ମଚାରୀଙ୍କ ସହ କେନ୍ଦ୍ର ରାଜ୍ୟ ସରକାରୀ କର୍ମଚାରୀ ଓ ଶିକ୍ଷକମାନେ ସାମିଲ ହୋଇଥିଲେ। ପ୍ରଥମେ ସେମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ନିଜ ନିଜ ସଙ୍ଗଠନର ବ୍ୟାନର ଓ ପତାକା ଧରି ପଦଯାତ୍ରାରେ ଲୋୟର ପିଏମ୍ଜି ସମାବେଶ ସ୍ଥଳରେ ପହଞ୍ଚିଥିଲେ। 'ଏନ୍ପିଏସ୍ ଉଚ୍ଛେଦ କର, ଓପିଏସ୍ ଲାଗୁକର' ଏବଂ 'ରାଜ୍ୟର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କୁ ପୁରୁଣା ପେନ୍ସନ ସହ ଚାକିରି ସର୍ତ୍ତାବଳୀ ତୁରନ୍ତ ଦିଅ' ଆଦି ବିଭିନ୍ନ ନାରା ଦେଇଥିଲେ। ପୂର୍ବତଟ ରେଳପଥ ଶ୍ରମିକ ସଂଘ, ଓଡ଼ିଶା ସ୍କୁଲ କଲେଜ୍ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ସଂଘ, ଓଡ଼ିଶା ରାଜ୍ୟ ସମ୍ୱୟ ସମିତି, ଓଡ଼ିଶା ମାଧ୍ୟମିକ ସ୍କୁଲ ସଂଘ, ଓଡ଼ିଶା ସରକାରୀ କର୍ମଚାରୀ ସମନ୍ୱୟ ସମିତି, ଓଡ଼ିଶା ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘ, ଆୟକର କର୍ମଚାରୀ ସଂଘ, ପ୍ରାଥମିକ ସଂଘ ସଦସ୍ୟଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀଙ୍କ ବିକ୍ଷୋଭ ଓ ଦାବିରେ ଲୋୟର ପିଏମ୍ଜି କମ୍ପି ଉଠିଥିଲା। ସମାବେଶକୁ ସମ୍ବୋଧିତ କରି ଏନ୍ଜେସିଏର ଓଡ଼ିଶା ଆବାହକ ତଥା ପୂର୍ବତଟ ରେଳପଥ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପି.କେ. ପାଟଶାଣୀ, ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଭିନ୍ନ ସଂଘର ନେତୃବୃନ୍ଦ କହିଲେ, କେନ୍ଦ୍ର ସରକାର ୨୦୦୪ରେ ଓ ରାଜ୍ୟ ସରକାର ୨୦୦୫ରେ ପୁରୁଣା ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରିଥିଲେ। ଫଳରେ ନୂତନ ପେନ୍ସନ ଯୋଜନାରେ ସରକାରୀ କର୍ମଚାରୀମାନେ ଅବସର ପରେ ୧୦୦୦ରୁ ୧୫୦୦ଟଙ୍କା ପେନ୍ସନ ପାଉଛନ୍ତି। ଏହା ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହି ରାଜ୍ୟର ସରକାରୀ କର୍ମଚାରୀମାନେ ବିରୋଧ କରିଛନ୍ତି। ୩୦ରୁ ୪୦ ବର୍ଷ ସରକାରୀ ଚାକିରି କରି ସ୍ୱଳ୍ପ ପେନ୍ସନ ପାଇବା ଫଳରେ ଅବସରପ୍ରାପ୍ତ କର୍ମଚାରୀମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ବିଧାୟକ ଓ ଏମ୍ପିମାନେ ପୁରୁଣା ପେନ୍ସନ ପାଉଥିବାବେଳେ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ପାତରଅନ୍ତର କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆନ୍ଦୋଳନକାରୀଙ୍କ ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶାର ୫ ହଜାର ନୂତନ ଅନୁଦାନପ୍ରାପ୍ତ ସ୍କୁଲ, କଲେଜରେ କାର୍ଯ୍ୟ କରୁଥିବା ଶିକ୍ଷକ ଅଧାପକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଚାକିରି ସର୍ତ୍ତାବଳୀ ଲାଗୁ କରିବା ସହ ସେମାନଙ୍କୁ ପୁରୁଣା ପେନ୍ସନଭୁକ୍ତ କରିବା, ଅଷ୍ଟମ ବେତନ ଆୟୋଗ ଗଠନ, ବିଭିନ୍ନ ସରକାରୀ ଦପ୍ତର ଓ ସରକାରୀ ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ପଦବୀ ପୂରଣ, ଚୁକ୍ତି ଭିତ୍ତିକ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରିବା, ସପ୍ତମ ବେତନରୁ ବାଦ୍ ପଡ଼ିଥିବା ରାଜ୍ୟର ବିଦ୍ୟାଳୟକୁ ଏଥିରେ ସାମିଲ କରିବା ଆଦି ଦାବି ରଖିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଆନ୍ଦୋଳନାକାରୀ ଚେତାବନୀ ଦେଇଛନ୍ତି।


ୟୁଏସ୍ କନ୍ସଲ ଜେନେରାଲ ଜେନିଫର ଲାର୍ସନ ଓ ୟୁଏସ୍ଆଇଡିର ନିର୍ଦ୍ଦେଶକ ବୀଣା ରେଡ୍ଡୀ ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ।

## ସାଇବର ଠକଙ୍କଠାରୁ ୯୮ ଲକ୍ଷ ଟଙ୍କା ଫେରାଇ ଆଣିଲା କ୍ରାଇମବ୍ରାଞ୍ଚ

**କଟକ ଅଫିସ,୨୬।୪:** କଟକ କ୍ରାଇମବ୍ରାଞ୍ଚ ଏକ ସାଇବର ଠକେଇ ମାମଲାର ତଦନ୍ତ କରି ସମସ୍ତ ୯୮ ଲକ୍ଷ ଠକେଇ ଟଙ୍କା ମାତ୍ର ୫ ଦିନ ମଧ୍ୟରେ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ତାହାକୁ ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଠକେଇର ଶିକାର ହୋଇଛି ଖୋର୍ଦ୍ଧା ଜିଲା ସାରୁଅ ଅଞ୍ଚଳର ଏକ କେମିକାଲ କମ୍ପାନୀ। ଯଗତ ୨୧ ତାରିଖରେ ହୋଇଥିବା ଅଭିଯୋଗ ଅନୁଯାୟୀ କ୍ରାଇମବ୍ରାଞ୍ଚ ଏକ କେସ୍ (ନଂ. ୦୩/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି।

# ୫ଦଫା ସମ୍ବଳିତ ଅନୁରୋଧ ପତ୍ର ପ୍ରଦାନ

## ମାନସ ମଙ୍ଗରାଜଙ୍କୁ ଭେଟିଲା ବିତରକ ସଂଘ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଭୁବନେଶ୍ୱରରେ ଖବରକାଗଜ ବିତରଣ କରୁଥିବା ୬ ଖବରକାଗଜ ବିତରକ ସଂଘର କର୍ମକର୍ତ୍ତାମାନେ ରାଜ୍ୟ ସଭା ସଦସ୍ୟ ତଥା ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସଂଘର ସଦସ୍ୟମାନେ ସେମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ହକରମାନେ ସମ୍ମୁଖୀନ ହେଉଥିବା ଅନ୍ୟ କିଛି ସମସ୍ୟା ଦୂର ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ମଙ୍ଗରାଜଙ୍କୁ ଅନୁରୋଧ କରିଥିଲେ। ଏଥିସହିତ ୫ଦଫା ସମ୍ବଳିତ ଏକ ଅନୁରୋଧ ପତ୍ର ସେମାନେ ପ୍ରଦାନ କରିଛନ୍ତି। ବିତରକ ବନ୍ଧୁମାନଙ୍କ ପାଇଁ ସମ୍ବାଦପତ୍ର ବିତରଣ ସ୍ଥାନରେ ଶେଡ୍ ନିର୍ମାଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବିତରକଙ୍କୁ ସାମିଲ କରିବା, ଦୁର୍ଘଟଣା ଜନିତ ମୃତ୍ୟୁରେ ସହାୟତା, ପରିଚୟପତ୍ର ନବୀକରଣ ଆଦି ନିମନ୍ତେ ବିତରକମାନେ ମଙ୍ଗରାଜଙ୍କୁ ଅନୁରୋଧ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଯଥାସମ୍ଭବ ଚେଷ୍ଟା କରିବେ ବୋଲି ମଙ୍ଗରାଜ ପ୍ରତିଶ୍ରୁତି ଦେଇଥିଲେ। ନାଲ୍କୋ ଛକ ନ୍ୟୁଜ୍ ପେପର ଆସୋସିଏଶନର ଅରୁଣ ଦେ, ଅଜିତ୍ କୁମାର ସାହୁ, ଭୁବନେଶ୍ୱର ନ୍ୟୁଜ୍ ପେପର ସପ୍ଲାୟର୍ସ ଆସୋସିଏଶନର ଲିଙ୍ଗରାଜ ପାତ୍ର, କମଳାକାନ୍ତ ଖାମୁରାଇ, ଦିଲୀପ ଜେନା, ଅରୁଣ ଉଦୟ ପ୍ରଧାନ, ରାଜଧାନୀ ନ୍ୟୁଜ୍ ପେପର ହକର୍ସ ୟୁନିୟନର ସମ୍ପଦ ସାହୁ, ଭାସ୍କର ସାହୁ, ବିଜୟ ସାମଲ, ରାଜଧାନୀ ନ୍ୟୁଜ୍ ପେପର ୟୁନିୟନର ଅଜୟ ଜେନା, ସୁଶାନ୍ତ ରାଉତ, ରାଜେନ୍ଦ୍ର ପାତ୍ର, ପ୍ରଦୀପ ବେହେରା, ନ୍ୟୁ ରାଜଧାନୀ ବିତରକ ଆସୋସିଏଶନର ମନୋଜ ବାରିକ, ବି.ଏନ୍.ସାହୁ, ଅଶୋକନଗର ଖବରକାଗଜ ବିତରକ ସଂଘର ମାୟାଧର ପହି, ରବୀନ୍ଦ୍ର ସାହୁ, ଅଲ୍ ନ୍ୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ ୱେଲ୍ଫେୟାର ଆସୋସିଏଶନର ଅଭୟ ଯୋଗାଣିଆ, ଗୋବର୍ଦ୍ଧନ ପାଲ୍ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


ଏମ୍ପି ମାନସ ମଙ୍ଗରାଜଙ୍କ ସହ ୬ ଖବରକାଗଜ ବିତରକ ସଂଘର କର୍ମକର୍ତ୍ତା।

# 'ଠିକା ନିଯୁକ୍ତି ନାମରେ ଶ୍ରମିକ ଶୋଷଣ ହେଉଛି'

## ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ ଅଧିବେଶନ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ ତ୍ରୈୟବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମସ୍ତ ସରକାରୀ ଓ ବେସରକାରୀ ଉଦ୍ୟୋଗର ଆର୍ଥିକ ଲାଭ ପାଇଁ ଠିକା ଶ୍ରମିକ ନିଯୁକ୍ତି ନାମରେ ଶ୍ରମିକଙ୍କୁ ଶୋଷଣ କରାଯାଉଥିବା କହି ସଂଘର ଜିଲା ସଭାପତି ପାର୍ଥ ସାରଥୀ ମହାନ୍ତିଙ୍କ ସମେତ ଅନ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଏହି ଅଧିବେଶନରେ ରାଜ୍ୟର ସମସ୍ତ ଜିଲାରୁ ଯୋଗ ଦେଇଥିବା ସଂଗଠିତ, ଅଣସଂଗଠିତ, ଠିକା କର୍ମଚାରୀ, ସ୍କିମ୍ ୱାର୍କର ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ସର୍ବନିମ୍ନ ମଜୁରୀ ବଦଳରେ ଜୀବିକା ମଜୁରୀ ପ୍ରଦାନ, ସମସ୍ତଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ, ଶ୍ରମିକଙ୍କ ଆର୍ଥିକ ବିକାଶ ପାଇଁ ରାଷ୍ଟ୍ରୀୟ ଶ୍ରମନିତି ପ୍ରଣୟନ, ଠିକା ଶ୍ରମିକ ପ୍ରଥା ଉଚ୍ଛେଦ ଓ ନିୟନ୍ତ୍ରଣ ଆଇନରେ ଆବଶ୍ୟକ ସଂଶୋଧନ କରି ଠିକା ଶ୍ରମିକ ପ୍ରଥା ବନ୍ଦ ଆଦି ୪ ଦଫା ଦାବି କରାଯାଇଛି। ସର୍ବସମ୍ମତିକ୍ରମେ ପାରିତ ଏହି ଦାବିପତ୍ର ସାରାଦେଶର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ନୂତନ ପ୍ରତିଭାଙ୍କୁ ନେଇ ନବୀନ ବରଣ ଓ ବୈଶାଖୀ ଉତ୍ସବ




ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦେବା ନିମନ୍ତେ 'ନବୀନ ବରଣ ଓ ବୈଶାଖୀ ଉତ୍ସବ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମାରୋହରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପୌରୋହିତ୍ୟ କରି କଳା, ସଂସ୍କୃତି କ୍ଷେତ୍ରରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ର ନିଜର ସାଧନା ଓ ପ୍ରତିଭା ବଳରେ ଆମ ରାଜ୍ୟ ତଥା ଦେଶ ପାଇଁ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ କଳା, ସାହିତ୍ୟ, ସଂସ୍କୃତିରେ ରୁଚି ରଖୁଥିବା ଛାତ୍ରୀଛାତ୍ର ନିଜ ପ୍ରତିଭା ବଳରେ ନିଜର ସାଂସ୍କୃତିକ ରାଷ୍ଟ୍ରଦୂତର ପରିଚୟ ସୃଷ୍ଟି କରିବାକୁ ଶୁଭକାମନା ଜଣାଇବା ସହ ନିଜସ୍ୱ କବିତା ଆବୃତ୍ତି କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଅନାମିକା ଅଧିକାରୀ ଓ ବିତ୍ତ ନିୟନ୍ତ୍ରକ ରାଜେଶ କୁମାର ମହନ୍ତ, ନିଷ୍ଠା ଓ ସାଧନା ଦ୍ୱାରା ଯୁବ ପ୍ରତିଭାମାନେ ସଫଳତା ପାଇବା ସହ କଳା ଓ ସଂସ୍କୃତିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଆହ୍ୱାନ ଦେଇଥିଲେ। ଗୁରୁ ଡ. ଅଜୟ କୁମାର ବିଶ୍ୱାଳ କଳା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ବ୍ୟାପକ ସୁଯୋଗ ସମ୍ପର୍କରେ କହିଥିଲେ। ସ୍ନାତକୋତ୍ତର ପରିଷଦ ମୁଖ୍ୟ ଡ. ଚକ୍ରଧର ବେହେରା ସ୍ୱାଗତ ଭାଷଣ, ଅଧ୍ୟାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପକ ଡ. ପ୍ରବୀର କୁମାର ଦଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ବୈଶାଖୀ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଧୀରଜ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡିଶୀ ସଙ୍ଗୀତ, ଗୁରୁ ଇତିଶ୍ରୀ ସାହୁଙ୍କ ସଂଯୋଜନାରେ ହିନ୍ଦୁସ୍ଥାନୀ ବୃନ୍ଦଗାନ, ଗୁରୁ ଜବାହର ମିଶ୍ରଙ୍କ ସଂଯୋଜନାରେ ବାଦ୍ୟ ବିଚିତ୍ରା, ଗୁରୁ ରମଣୀ ରଞ୍ଜନଙ୍କ ସଂଯୋଜନାରେ ଛଉ ନୃତ୍ୟ ଓ ଡ. ଶ୍ରୀନିବାସଙ୍କ ନିର୍ଦ୍ଦେଶନାରେ ଏକ ନାଟକ ପରିବେଷଣ ହୋଇଥିଲା।


ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ବୁଧବାର ବିଧାନସଭା ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି, ଉପବାଚସ୍ପତି, ସରକାରୀ ଦଳର ମୁଖ୍ୟ ସଚେତକ, ବିଧାୟକ ଓ ଅନ୍ୟମାନେ।


ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍ଟିଠାରେ ଚାଲିଥିବା ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀ ବୈଠକ ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ବିଦେଶୀ ପ୍ରତିନିଧିମାନେ ବୁଲି ଦେଖୁଛନ୍ତି।

# ପାନୀୟଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

## ବାଲିପାଟଣା ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ

ବାଲିପାଟଣା,୨୬।୪(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତିର ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ହରପ୍ରିୟା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ସମିତି ଉପାଧକ୍ଷା ରାଜଲକ୍ଷ୍ମୀ ଜେନା, ଅତିରିକ୍ତ ତହସିଲଦାର ପର୍ଶୁରାମ ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ ଶୈଳଧିରାଜ ତନୟା ଶତପଥୀ, ବିଧାୟକଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବୈଠକରେ ଅଧିକାଂଶ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବା ବେଳେ ସେମାନଙ୍କ ପ୍ରତିନିଧିମାନେ ଯୋଗଦେଇଥିବାରୁ ସମସ୍ତ ଜନପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ପ୍ରତି ପଞ୍ଚାୟତର ଜନପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ପାନୀୟଜଳ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରଙ୍କୁ ଅବଗତ କରାଇଥିଲେ। ପରେ ପାନୀୟଜଳ ଯୋଗାଣ ଯନ୍ତ୍ରୀ ରଞ୍ଜନ କୁମାର ଘଡ଼େଇ ଏବଂ ସୁଚିତ୍ରା ସେନ୍ ବିଭିନ୍ନ ଅଞ୍ଚଳରେ ହେଉଥିବା ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ପାନୀୟଜଳ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବାଲିପାଟଣା ଗୋଷ୍ଠୀ ଶିକ୍ଷାକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ୧୭ଟି ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ଦେଉଳିଧରପୁର ପଞ୍ଚାୟତ ସମିତିସଭ୍ୟା ସୌଭାଗ୍ୟଦର୍ଶିନୀଙ୍କ ବିଭିନ୍ନ ପ୍ରଶ୍ନରେ ବିଭାଗୀୟ ଅଧିକାରୀମାନେ ନୀରବ ରହିଥିଲେ। ବିଶେଷକରି ସମସ୍ତ ପଞ୍ଚାୟତର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପାନୀୟଜଳ ସମସ୍ୟା ଉପସ୍ଥାପନ କରାଯାଇ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।



## ସଂକ୍ଷେପରେ

### ୩ ମୋବାଇଲ ଲୁଟେରା ଗିରଫ ସ୍କୁଟି, ୫ ମୋବାଇଲ ଜବତ



ଜଟଣୀ,୨୬।୪(ଡି.ଏନ୍.ଏ.): ମୋବାଇଲ ଫୋନ୍ ଲୁଟ୍ ମାମଲାରେ ଜଟଣୀ ଥାନା ପୋଲିସ ବୁଧବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବାଲିଛକ ମୁଣ୍ଡିଆସାହି ଅଞ୍ଚଳର କାଲୁ ଓରଫ ଚିତ୍ତରଞ୍ଜନ ଦଳେଇ (୧୯), ଲିଟୁନ ଓରଫ ଦିନେଶ କୁମାର ଦାସ (୨୦) ଏବଂ ବୁଢ଼ାପଡ଼ା ପଧାନସାହିର ସଞ୍ଜୁ ଓରଫ ପ୍ରମୋଦ ସାହୁ (୨୮)। ଏମାନଙ୍କ ନିକଟରୁ ଗୋଟିଏ ସ୍କୁଟି ଓ ୫ଟି ମୋବାଇଲ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୦/୨୩) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୨୨ ତାରିଖରେ ଅଭିଯୋଗକାରିଣୀ ପୌରାଞ୍ଚଳ ହାଟବଜାରରୁ ରେଲୱେ ମାର୍କେଟ ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ କଲ୍ୟାଣମଣ୍ଡପ ନିକଟରେ ଛିଡ଼ାହୋଇ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ସ୍କୁଟିରେ ତିନିଜଣ ଯୁବକ ଆସି ତାଙ୍କୁ ଏକ ଚାପୁଡ଼ା ମାରି ମୋବାଇଲ ଛଡ଼ାଇନେଇ ପଳାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ରେଲୱେ ଗୋଲେଇ ମାର୍କେଟରେ ଉପରୋକ୍ତ ଅଭିଯୁକ୍ତମାନେ ମୋବାଇଲ ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ପୋଲିସ ପହଞ୍ଚି ସେମାନଙ୍କୁ ଧରିଥିଲେ।

### ହନୁମାନ ମନ୍ଦିରର ଅଷ୍ଟମ ବାର୍ଷିକୋତ୍ସବ

ବୋଲଗଡ଼,୨୬।୪(ଡି.ଏନ୍.ଏ.): ବୋଲଗଡ ବ୍ଲକ ଧଳାପଥର ଗ୍ରାମ ଗୋଲେଇ ଛକସ୍ଥିତ ହନୁମାନ ଦେବଙ୍କ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରଦ୍ଧାଳୁମାନେ ମହାନଦୀରୁ ୧୦୮ କଳସ ଯାତ୍ରାରେ ଆସି ହନୁମାନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। କର୍ତ୍ତାଭାବେ ଗୋବର୍ଦ୍ଧନ ସାହୁ ଓ ତାଙ୍କ ସହଧର୍ମିଣୀ ପ୍ରଭାତୀ ସାହୁ କାର୍ଯ୍ୟ ତୁଲାଇଥିଲେ। ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ୩ଦିନିଆ ଉତ୍ସବ ଅବସରରେ ବିଭିନ୍ନ ଦିବସରେ ଅଙ୍କୁରାରୋପଣ, ଜଳାଧିବାସ, ଦେବତା ଆବାହନ, ବ୍ରହ୍ମାଚରଣ, ଅଗ୍ନି ସ୍ଥାପନ, ହନୁମାନ ଚାଳିଶା ପାଠ, ସୂର୍ଯ୍ୟ ପୂଜା, ଗୋପୂଜା, ଦ୍ୱାରପାଳ ପୂଜା, ହନୁମାନଙ୍କ ଶୋଡ଼ଷ ଉପଚାର ପୂଜା, ସଙ୍କୀର୍ତ୍ତନ, ହରିହାଟ ଓ ଶେଷ ଦିନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରମେଶ ଚନ୍ଦ୍ର ସାହୁ, ତରେଶ୍ୱର ଚିନେରା, କୃଷ୍ଣଚନ୍ଦ୍ର ଗୁରୁ, ମୁନୁ ପାଇକରା, ବିଶ୍ୱନାଥ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି, ପୂର୍ବତନ ସରପଞ୍ଚ ସୁରଜ୍ ପ୍ରସାଦ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।

# ‘୩୬୮୭ ଯୁଗ୍ମ ଚାଷୀ ଗୋଷ୍ଠୀ ଗଠନ ଲକ୍ଷ୍ୟ’

## ଜିଲାସ୍ତରୀୟ ବଳରାମ ଯୋଜନାର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ,୨୬।୪



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଖୋର୍ଦ୍ଧା କୃଷି ବିଭାଗ ଆନୁକୂଲ୍ୟରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ବଳରାମ ଯୋଜନାର ୨୦୨୩-୨୪ ବର୍ଷ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଭୂମିହୀନ, ଭାଗ ଚାଷୀ ଏବଂ ନାମମାତ୍ର ଚାଷୀଙ୍କୁ କୃଷି କ୍ଷେତ୍ରର ବିକାଶ ନିମନ୍ତେ ବ୍ୟାଙ୍କ ଏବଂ ସମବାୟ ଜରିଆରେ କୃଷଣ ଯୋଗାଇବାକୁ ‘ବଳରାମ ଯୋଜନା’ ପ୍ରଣୟନ କରିଛନ୍ତି। ଗରିବ ଚାଷୀଙ୍କୁ ବ୍ୟାଙ୍କ ଋଣ ଯୋଗାଇବା ହେଉଛି ଏ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଋଣ ସହାୟତା ଯୁଗ୍ମଚାଷୀ ଗୋଷ୍ଠୀ ଜରିଆରେ ପାଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏହା ଦ୍ୱାରା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୋଇପାରିବ।

ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପରିଡା ବୈଠକର ବିବରଣୀ ପାଠ କରିଥିଲେ। ବଳରାମ ଯୋଜନାରେ ୨୦୨୧-୨୨ ଓ ୨୦୨୨-୨୩ ବର୍ଷରେ ୫୨୯୬ରୁ ମାତ୍ର ୧୬୩ଜଣ ଚାଷୀଙ୍କୁ ନେଇ ୩୨ଟି ଯୁଗ୍ମ ଚାଷୀ ଗୋଷ୍ଠୀ (ଜେଏଲ୍‌ଜି) ଗଠନ କରାଯାଇଛି। ଏହି ଗୋଷ୍ଠୀଙ୍କୁ ୨୭,୮୦୦୦ ଟଙ୍କା କୃଷି ଋଣ ଆକାରରେ ବିଭିନ୍ନ ବ୍ୟାଙ୍କ ଓ ସେବା ସମବାୟ ସମିତି ଦ୍ୱାରା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଖୋର୍ଦ୍ଧା ଜିଲାରେ ୩୬୮୭ଟି ଯୁଗ୍ମ ଚାଷୀ ଗୋଷ୍ଠୀ ଗଠନ ଲକ୍ଷ୍ୟ ରହିଛି। ଜିଲାର ୩୧ଟି ବ୍ୟାଙ୍କ ଓ ସେବା ସମବାୟ ସମିତି ଦ୍ୱାରା ଉକ୍ତ ଜେଏଲଜିଗୁଡ଼ିକୁ କୃଷି ଋଣ ପ୍ରଦାନ କରାଯିବ। ପଞ୍ଚାୟତ ସ୍ତରରେ ଥିବା କୃଷକ ସାଥୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ଉକ୍ତ କାର୍ଯ୍ୟରେ ସହାୟତା ପ୍ରଦାନ କରିବେ। ଏଥିପାଇଁ ନାବାର୍ଡ ପକ୍ଷରୁ ସେମାନଙ୍କୁ ବିଭିନ୍ନସ୍ତରରେ ୪ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ।

ଏହି ଯୋଜନାରେ ମୁଖ୍ୟତଃ ଭାଗଚାଷୀ ବିଶେଷ ଉପକୃତ ହେବେ। ଚଳିତ ବର୍ଷ ଉକ୍ତ ଯୋଜନାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଆସନ୍ତା ୩୦ ତାରିଖ ସୁଦ୍ଧା ବ୍ଲକର ବିଡିଓଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ବଳରାମ ଯୋଜନାର ପ୍ରସ୍ତୁତି ବୈଠକ କରିବେ। ଏଥିସହିତ ଆସନ୍ତା ମେ’ ୧ରୁ ୧୫ତାରିଖ ମଧ୍ୟରେ ଗତ ବର୍ଷ ଦିଆଯାଇଥିବା କୃଷି ଋଣ ଆଦାୟ ନିମନ୍ତେ ଏକ ମେଳା କରାଯିବ। ସେହିପରି ୧୬ରୁ ୩୧ମଧ୍ୟରେ ବ୍ଲକସ୍ତରରେ କୃଷି ଋଣ ମେଳାର ଆୟୋଜନ କରି ନୂତନ ଗଠିତ ଜେଏଲଜିଗୁଡ଼ିକୁ କୃଷି ଋଣ ପ୍ରଦାନ କରାଯିବ ବୋଲି କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ସଭାପତିତ୍ୱ କରି ଜିଲାସ୍ତରରେ ଏହାର ସଫଳତା କାମନା କରିଥିଲେ। ସମନ୍ୱୟ ରହିଲେ ଯୋଜନା ସଫଳ ହେବ ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଲଡିଏମ ଦିଲ୍ଲୀପ କୁମାର ଭୂୟାଁ, ଏଜିଏମ ନାବାର୍ଡ ତୃପ୍ତି ତାପସି, ଡିଆରସିଏସ୍ ଅଳକାନନ୍ଦା ଜେନା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସିଇଓ ବନଶ୍ରୀ ମଲ୍ଲିକଙ୍କ ସମେତ ସମସ୍ତ କୃଷି ଜିଲା ଅଧିକାରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ବେଳେ ୪ ଧରାପଡ଼ିଲେ

## ଲୁହାରଡ, ଲାଠି, ମାରଣାସ୍ତ୍ର ଜବତ

ଖୋର୍ଦ୍ଧା ଅଫିସ,୨୬।୪

ଜାତୀୟ ରାଜପଥରେ ଡକାୟତି ଯୋଜନା ବେଳେ ଖୋର୍ଦ୍ଧା ଟାଉନ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ତରତୁଆର ରାଜୁ ଖାନ(୨୪), ମୁକୁନ୍ଦପ୍ରସାଦର ମହୋଦ୍ଦିନ ଖାନ (୨୩), ଏସ.କେ.ମାଜିଦ ଖାନ୍ ଓରଫ ମଣ୍ଡା (୨୪) ଏବଂ ଭାଲିଆବାଡିର ଗଗନ ନାୟକ ଓରଫ ହାଉ। ଏମାନଙ୍କ ନିକଟରୁ ୨ଟି ଲୁହାରଡ, ୨ଟି ଲାଠି ଓ ମାରଣାସ୍ତ୍ର ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୫୩/୨୩) ରୁଜୁପରେ ବୁଧବାର ଉପରୋକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ୧୬ନଂ. ଜାତୀୟ ରାଜପଥ ଜଟଣୀ ବାଇପାସ୍‌ରେ ଚଳନ୍ତା ମାଲ୍‌ବୋଝେଇ ଟ୍ରକ୍‌ରୁ ଡକାୟତି ଲାଗି ଖୋର୍ଦ୍ଧା-ଜଟଣୀ ରାସ୍ତା ଗୋଶାଳା ପଡିଆରେ କେତେଜଣ ଯୁବକ ଏକାଠି ବସି ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ଡିପିଓ ଦିଲୀପ କୁମାର ଦାସ ଓ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସେମାନଙ୍କୁ ଧରିବା ଲାଗି ଏକ ଟିମ୍ ଗଠନ କରିଥିଲେ। ରାତି ପ୍ରାୟ ୧ଟା ୩୦ରେ ଏସ୍‌ଆଇ ପଦ୍ମଲୋଚନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ବେଳେ କେତେଜଣ ଯୁବକ ଘଟଣାସ୍ଥଳରୁ ଅନ୍ଧାରର ସୁଯୋଗରେ ଫେରାର ହୋଇଯାଇଥିବା ବେଳେ ୪ଜଣଙ୍କୁ ପୋଲିସ ଧରିଥିଲା।

# ମାରଣାସ୍ତ୍ର ଦେଖାଇ ଲୁଟ୍ ଉଦ୍ୟମ ଘଟଣା: ୨ ଗିରଫ


ଗିରଫ ୨ ଅଭିଯୁକ୍ତ ଏବଂ ଜବତ ଛୁରି, ଘଣ୍ଟା ଏବଂ ମୋବାଇଲ ଫୋନ।

ଜଟଣୀ,୨୬।୪(ଡି.ଏନ୍.ଏ.)

ମାରଣାସ୍ତ୍ର ଦେଖାଇ ଲୁଟ୍ ଉଦ୍ୟମ ଘଟଣାରେ ଜଟଣୀ ଥାନା ପୋଲିସ ବୁଧବାର ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ପିଏସ୍-୨ ଗୁଜୁରାଟିପେଟା ଅଞ୍ଚଳର ପରମେଶ୍ୱର ରାଓ ଏବଂ ବେରାଭେନାଇପେଟା ଭିକାର ସେକ୍ସନ କଲୋନିର ଯାଗାତି ରଘୁ। ଏମାନଙ୍କଠାରୁ ଗୋଟିଏ ଛୁରି, ଦୁଇଟି ମୋବାଇଲ ଏବଂ ଦଉଡ଼ି ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୫/୨୩)ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆକାଉଣ୍ଟସ କଲୋନିରେ ରହୁଥିବା ରେଲ୍‌ୱେ କର୍ମଚାରୀ ତ୍ରିନାଥ ଶବରଙ୍କ ଘରେ ମଙ୍ଗଳବାର ମଧ୍ୟାହ୍ନରେ ୫ ଜଣ ଲୁଟେରା ଲୁଟ୍ ଉଦ୍ଦେଶ୍ୟରେ ପଶିଥିଲେ। ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ସୁନାଗହଣା ଓ ଆଲମିରା ଚାବି ଦେବା ପାଇଁ ପରିବାର ଲୋକଙ୍କୁ ଧମକାଇଥିଲେ। ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତ୍ରିନାଥଙ୍କ ବଡ଼ପୁଅଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। କୌଶଳକ୍ରମେ ତ୍ରିନାଥ ପଡ଼ିଶା ଲୋକଙ୍କୁ ଜଣାଇବା ସହ ପିସିଆର୍‌କୁ ଫୋନ୍ କରିଥିଲେ। ପରେ ସ୍ଥାନୀୟ ଲୋକଙ୍କ ପାଟିଶୁଣି କେତେଜଣ ଲୁଟେରା ପଳାଇଥିବା ବେଳେ ୨ଜଣଙ୍କୁ କାବୁକରି ପୋଲିସ ଜିମାଦେଇଥିଲେ। ତ୍ରିନାଥଙ୍କ ମୋବାଇଲ ଲୁଟେରାମାନେ ନେଇଯାଇଥିଲେ। ଏନେଇ ତ୍ରିନାଥଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଥିଲା।



କୃଷ୍ଣପ୍ରସାଦ: ତିଛିଣି ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ଲୋକାର୍ପଣ ଅବସରରେ ଉପସ୍ଥିତ ଶିକ୍ଷକ, ଛାତ୍ରୀ ଏବଂ ଅନ୍ୟମାନେ।

# କୃଷ୍ଣପ୍ରସାଦର ୫ ସ୍ମାର୍ଟ ସ୍କୁଲ ଲୋକାର୍ପିତ

କୃଷ୍ଣପ୍ରସାଦ,୨୬।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ରୂପାନ୍ତରିତ ୫ଟି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ବିଦ୍ୟାଳୟଗୁଡ଼ିକ ହେଲା ଏହି ବ୍ଲକ ଅଧୀନ ତିଛିଣି ତ୍ରିଲୋଚନେଶ୍ୱର ବିଦ୍ୟାପୀଠ, ମୋରଡ଼ା ବଟେଶ୍ୱର ନୋଡାଲ ବିଦ୍ୟାପୀଠ, ଅଲଣ୍ଡା ଓ ପାଟଣା ପଞ୍ଚାୟତ ହାଇସ୍କୁଲ, ଗୋମୁଣ୍ଡିଆ ପଞ୍ଚାୟତର ଗୋପୀନାଥ ଦେବ ବିଦ୍ୟାପୀଠ, ଆଲୁପାଟଣା ଚିଲିକା ହାଇସ୍କୁଲ। ଏନେଇ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ, ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ, ଜିଲାପରିଷଦ ଲକ୍ଷ୍ମୀଧର ସାହୁ, ସନ୍ଦୀପ ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜିଲାପାଳ ସମର୍ଥ ବର୍ମାଙ୍କ ସମେତ ଏମ୍‌ପି, ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ତିଛିଣି ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ଲୋକାର୍ପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଧର ପଲେଇ, କନିଷ୍ଠ ଯନ୍ତ୍ରୀ ପଙ୍କଜରାଜ ମିଞ୍ଜ, ରଶ୍ମୀ ରଞ୍ଜନ ପଟ୍ଟନାୟକ, ସୁଶାନ୍ତ ମହାପାତ୍ର, ମାନସ ପଲେଇ, ପ୍ରକାଶ ସିଂହ, ଆଲୁମିନି କମିଟି ସଭାପତି ବିନୋଦ ଜେନା ପ୍ରମୁଖ ଯୋଗଦେଇଥିଲେ। ସେହିପରି ମୋରଡା ବଟେଶ୍ୱର ନୋଡାଲ ବିଦ୍ୟାପୀଠ ଲୋକାର୍ପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ପଟ୍ଟନାୟକ, ପଞ୍ଚୁପଡା ସଭାପତି ଗଦାଧର ପଲାଇ, ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ, ସହକାରୀ ଶିକ୍ଷକ ସୁନୀଲ ପଲେଇ, ରଞ୍ଜନ ବିଶ୍ୱାଳ, ବିଶ୍ୱମୋହନ ସୁବୁଦ୍ଧିରତ୍ନ ପ୍ରମୁଖ ଉପସ୍ଥିତ ଥିଲେ। ଅଲଣ୍ଡା ଓ ପାଟଣା ପଞ୍ଚାୟତ ହାଇସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପର୍ଶୁରାମ ସାହୁ, ଅଲଣ୍ଡା ଗ୍ରାମ୍ୟ କମିଟି ସଭାପତି ପ୍ରଦ୍ୟୁମ୍ନ ଦାଶଙ୍କ ସମେତ ପ୍ରଶାସନିକ ଅଧିକାରୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଡିଓ ମନୋଜ ନାୟକ ରୂପାନ୍ତରିତ ହୋଇଥିବା ସମସ୍ତ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ଜିତେନ୍ଦ୍ର ଦାସ, ମନୋଜ ସ୍ୱାଇଁ ପ୍ରମୁଖ ବିଦ୍ୟାଳୟ ରୂପାନ୍ତିକରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରେଳ କର୍ମଚାରୀଙ୍କ ପରଲୋକ

ଜଟଣୀ,୨୬।୪(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ଟିଟିଆଇ ଅରବିନ୍ଦ ଚୌଧୁରୀଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୪୯ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ୍. ଡି ମହାନ୍ତି, ଜିତୁ ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ସତିଶ ଦାସ, ପ୍ରତାପ ମହାନ୍ତି, ରବି ନାୟକ ପ୍ରମୁଖ ତାଙ୍କ ଜଟଣୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ୩ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଗୋଡ଼ ପ୍ରଦାନ

ବୋଲଗଡ଼,୨୬।୪(ଡି.ଏନ୍.ଏ.): ସ୍ୱଦେଶୀ ଜ୍ଞାନ କୌଶଳରେତ ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ପକ୍ଷରୁ ବୋଲଗଡ଼ ବ୍ଲକ କାର୍ଯ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ତିନିଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଗୋଡ଼ ପ୍ରଦାନ କରାଯାଇଛି। ଏହି ଅନନ୍ୟ ଉତ୍ପାଦନ ତିନି ଦିବ୍ୟାଙ୍ଗଙ୍କୁ ସମ୍ପୂର୍ଣ୍ଣ ସକ୍ଷମ କରିଛି ବୋଲି ବିଏସ୍ଏସ୍ଓ କାମଦେବ ନାୟକ କହିଛନ୍ତି। ବିଶେଷଜ୍ଞମାନେ ତିନିଦିବ୍ୟାଙ୍ଗଙ୍କ ପାଇଁ ମାପ ଅନୁସାରେ କୃତ୍ରିମ ଗୋଡ଼ ପ୍ରସ୍ତୁତି କରିବା ପରେ ସେମାନଙ୍କୁ ପ୍ରଦାନ କରିଥିଲେ। ଥଇଥାନ ଓ ତାଲିମ ଦ୍ୱାରା ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଖୋର୍ଦ୍ଧାରେ ଜୟପୁର ଫୁଟ୍ କେନ୍ଦ୍ର ଏକ ବିଶେଷ ଭୂମିକା ଗ୍ରହଣ କରିବ। ଏହାକୁ ବ୍ୟବହାର କରି ଦିବ୍ୟାଙ୍ଗମାନେ ଚାଲିବା, ଦୌଡ଼ିବାଠାରୁ ସେମାନଙ୍କର କାର୍ଯ୍ୟ କରିପାରିବେ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ବିଡିଓ ଧୋବେଇ ନାୟକଙ୍କ ସମେତ ସରପଞ୍ଚ ଏବଂ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଉମାମହେଶ୍ୱର ବଣିକ ସଂଘର ବାର୍ଷିକ ଅଧିବେଶନ



ଉମାମହେଶ୍ୱର ବଣିକ ସଂଘର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବାଲୁଗାଁ,୨୬।୪(ଡି.ଏନ୍.ଏ.)

ବାଲୁଗାଁ ଅଞ୍ଚଳର ଶ୍ରୀଶ୍ରୀ ଉମାମହେଶ୍ୱର ବଣିକ ସଂଘର ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ସ୍ଥାନୀୟ ଅଶୋକନଗର ସ୍ଥିତ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜଗଦୀଶ ପ୍ରସାଦ ଲାଖଟିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ମା’କାଳିଜାଇ କଳାନିକେତନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହା ପରେ ସମ୍ପାଦକ ସରୋଜ କୁମାର ପାତ୍ର ବାର୍ଷିକ ଆୟବ୍ୟୟର ବିବରଣୀ ରଖିଥିଲେ। ଏହି ଅବସରରେ ସଂଘର ବିଭିନ୍ନ କାର୍ଯ୍ୟରେ ବଳିଷ୍ଠ ଅବଦାନ ଥିବା ୨୦ଜଣ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରବିନାରାୟଣ ନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଚଳିତ ବର୍ଷକୁ ମିଶାଇ ୧୨ ଥର ପଦବୀ ହାସଲ କରିଛନ୍ତି। ସେହିପରି ଉପସଭାପତିଭାବେ ଧୀରେନ୍ଦ୍ର ନାଥ ପାତ୍ର ଓ ଏସ.କେ. ଗନିଫ, ସମ୍ପାଦକ ସରୋଜ କୁମାର ପାତ୍ର, ସହ ସମ୍ପାଦକ ପ୍ରଦୀପ କୁମାର ସ୍ୱାଇଁ ଓ ସର୍ବେଶ୍ୱର ସୁବୁଦ୍ଧି, କୋଷାଧ୍ୟକ୍ଷ ଚୈତନ୍ୟ ପୃଷ୍ଟି, କାର୍ଯ୍ୟକାରୀ ସଦସ୍ୟ ଗୌତମ ସୁବୁଦ୍ଧି, ନାରାୟଣ ସେନାପତି, ଅଶୋକ ରାଉତ, ବିପିନ ପ୍ରହରାଜ, ଅଶୋକ ପାତ୍ର, ଅଶୋକ ସୁବୁଦ୍ଧି, ଜଗଦୀଶ ପ୍ରସାଦ ଲାଖଟିଆ, ବାଉରୀବନ୍ଧୁ ମାଲୁ, କିରଣ ପାତ୍ର, ଗୌରୀ ପ୍ରସାଦ ସୁବୁଦ୍ଧି, ଯୋଗେନ୍ଦ୍ର ନାୟକ, ସୁନୀଲ ପାତ୍ର ଓ ଭାଗେନ୍ଦ୍ର ସୁବୁଦ୍ଧି ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଜାତୀୟ ସଙ୍ଗୀତ ଗାନ ପରେ ସଭା ସରିଥିଲା।

# ୯ ବାଲି ବୋଝେଇ ହାଇୱା ଜବତ

ବେଗୁନିଆ,୨୬।୪(ଡି.ଏନ୍.ଏ.)



ଜବତ ହୋଇଥିବା ହାଇୱା।

ବେଗୁନିଆ ତହସିଲ ପକ୍ଷରୁ ମଙ୍ଗଳବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଟିକସ ଫାଙ୍କି ଯାଉଥିବା ୯ଟି ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି। ଜବତ ଗାଡ଼ିଗୁଡ଼ିକୁ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଗାଡି ମାଲିକଙ୍କଠାରୁ ରାଜସ୍ୱ ଆଦାୟ କରାଯାଇ ଗାଡ଼ିଗୁଡ଼ିକ ଛଡ଼ାଯିବ ବୋଲି ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ବା କହିଛନ୍ତି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେର ବେଗୁନିଆ ତହସିଲଦାରଙ୍କ ପକ୍ଷରୁ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଛି। ଏହି ଟିମରେ ବାଘମାରୀ ଆର୍‌ଆଇ ମନୋଜ ଦାସ, ସିକୋ ଆର୍‌ଆଇ ବିଶେଶ୍ୱର ବେହେରା, ବେଗୁନିଆ ଆର୍‌ଆଇ ଦେବାଶିଷ ମହାରଣା, ଅମିନ ନିର୍ମଳ ସାହୁ ଏବଂ କର୍ମଚାରୀମାନେ ରହିଛନ୍ତି। ରାତି ପ୍ରାୟ ୧୨ଟାରେ ବୈଦ୍ୟେଶ୍ୱର ଘାଟରୁ ବାଲି ବୋଝେଇ କରି ଖୋର୍ଦ୍ଧା ଅଭିମୁଖେ ଯାଉଥିବା ୯ଟି ବାଲି ବୋଝେଇ ଗାଡିକୁ ବଡବେରଣା-ସିମୋର ରାସ୍ତାରେ ଏହି ଟିମ୍ ଜବତ କରିଥିଲେ। ଏ ସମ୍ପର୍କରେ ତହସିଲଦାର କୁହନ୍ତି, ଆଗାମୀ ଦିନରେ ଚଢ଼ାଉ ମଧ୍ୟ ଜାରି ରହିବ। ରାଜସ୍ୱ ଆଦାୟ ଲକ୍ଷ୍ୟ ରଖାଯାଇଛ ବୋଲି ସେ କହିଛନ୍ତି। ଲଘୁ ଖଣିଜ ପଦାର୍ଥ ଦୈନିକ ବେଗୁନିଆ ତହସିଲ ଅଞ୍ଚଳରୁ ଚୋରା ଚାଲାଣ ହେଉଥିବା ବେଳେ ଲୋକ ଦେଖାଣିଆ ଚଢ଼ାଉ କରାଯାଇଛି ବୋଲି ଜନ କଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ, ବରିଷ୍ଠ ନାଗରିକ ବଳଭଦ୍ର ମହାନ୍ତି, ସୋମନାଥ ମହାପାତ୍ର ପ୍ରମୁଖ କହିଛନ୍ତି।

# ଦବଙ୍ଗ ଇଲେଭେନ ଚାମ୍ପିୟନ

## ବାବା ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ନିରାକାରପୁର,୨୬।୪(ଡି.ଏନ୍.ଏ.)

ବାବା ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ଜିଲା ମଳିପଡ଼ା ଖେଳପଡିଆରେ ବାବା ବାଲୁଙ୍କେଶ୍ୱର ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଦବଙ୍ଗ ଇଲେଭେନ କ୍ରିକେଟ କ୍ଲବ୍ ଓ ମହାବୀର ଓାରିୟର୍ସ ଟିମ୍ ମଧ୍ୟରେ ହୋଇଥିଲା। ଦବଙ୍ଗ ଇଲେଭେନ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୩୭ ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର ଟିମ୍ ୧୧.୪ ଓଭରରେ ୧୧୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତି ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ପ୍ରତିଯୋଗିତା ଆୟୋଜନ କରିବା ଦ୍ୱାରା ଭାଇଚାରା ଭାବ ସୃଷ୍ଟି ହେବା ସହ କ୍ରିଡା ମାନସିକ, ଶାରୀରିକ ଓ ବୈଦ୍ଧିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅଞ୍ଚଳର ସମିତି ସଭ୍ୟା ସଞ୍ଜୁକ୍ତା ମହାପାତ୍ର, ପ୍ରମୋଦ ଭୁଜୁବଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହେଯାଗ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ଆର୍ମି ଇଲେଭେନ ବିଜୟୀ



ବୋଲଗଡ଼,୨୬।୪(ଡି.ଏନ୍.ଏ.)

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ଆର୍ମି ଇଲେଭେନ ଓ ରୟାଲ ଷ୍ଟ୍ରାଇକର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆର୍ମି ଇଲେଭେନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ରୟାଲ ଷ୍ଟ୍ରାଇକର ବ୍ୟାଟିଂକରି ୧୦.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଆର୍ମି ଇଲେଭେନ ୯.୩ ଓଭରରେ ୧ ଉଇକେଟ ହରାଇ ୭୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ମୁକା ଉତ୍ତମ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉମାକାନ୍ତ ମହାରଣା ଓ ଦେବରାଜ ଘଡ଼େଇ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବରିଷ୍ଠ ଖେଳାଳି ଲକ୍ଷ୍ମୀଧର ଚୌଧୁରୀ ଓ ପ୍ରଶାନ୍ତ ପରିଡ଼ା ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ବିପିଏଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ସନ୍ତୋଷ, ଟିପୁନ୍, ଶିବୁ, ହାପି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

**ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ**

କଟକ ସଦର,(ଡି.ଏନ୍.ଏ.): କିଶନ ନଗର ଥାନା ଅନ୍ତର୍ଗତ ଇଶାନି - ବ୍ରହ୍ମପୁର ପଞ୍ଚାୟତ ମଙ୍ଗଦେଇପୁର ଗ୍ରାମର ବିଷ୍ଣୁ ସାମଲଙ୍କ ଚାଳ ଘରେ ବୁଧବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା। ଫଳରେ ୨ ବଖରା ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଖବରପାଇ ରଘୁନାଥପୁରରୁ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଏହି ଅଗ୍ନିକାଣ୍ଡରେ ସମସ୍ତ ଆସବାପତ୍ର ସହ ଟଙ୍କା ମଧ ଜଳି ଯାଇଥିବା ବିଷ୍ଣୁ କହିଛନ୍ତି। ଖବରପାଇ କିଶନ ନଗର ତହସିଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ପରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### କଟକ ଆର୍‌ଟିଓ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**କଟକ ଅଫିସ, ୨୬।୪:** କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଫାଷ୍ଟ ରେସ୍ପଣ୍ଡର ଟ୍ରେନିଂ ବା ରକ୍ଷକ କାର୍ଯ୍ୟକ୍ରମ ବୁଧବାର ଜଗତପୁରସ୍ଥିତ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଏଚ୍‌ଆଇର ଏଚ୍‌ଏନ୍-୧୬ ରକ୍ଷଣାବେକ୍ଷଣ କରୁଥିବା ସଂସ୍ଥା ଏମ୍‌ଏପିଏଲ୍‌ଏ ହାଇୱେଜ୍‌ର ୯୦ ଜଣ କର୍ମଚାରୀ ତାଲିମ ନେଇଥିଲେ। ଏମ୍‌ଏପିଏଲ୍‌ଏ ହାଇୱେଜ୍‌ର ସେଫ୍ଟି ଗ୍ଲୋବାଲ ହେଡ୍ ମି. ଲୁଇସ୍, କନ୍ସି.ସେଫ୍ଟି ହେଡ୍ ମି. ପ୍ରଭିନ, ଅପରେଶନ ହେଡ୍ ମି. ସୁନିଲ ପୁରୋହିତ, ଚିଫ୍ ଅପରେଟିଂ ଅଫିସର ମି. ମୁରଲୀ ମୋହନ ଏବଂ ଟେକ୍ନିକାଲ ହେଡ୍ ଦୁର୍ଗାପ୍ରସାଦ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ସଞ୍ଜୟ କୁମାର ବେହେରା ତାଲିମ ଦେଇଥିଲେ। ମାଷ୍ଟର ଟ୍ରେନର ସୁଜିତ ସେନାପତି, ଜ୍ୟୋତିରଞ୍ଜନ ମହାପାତ୍ର ଏବଂ ଇଂ. ସତ୍ୟବ୍ରତ ସାମଲ ତାଲିମ ପ୍ରଦାନରେ ସହଯୋଗ କରିଥିଲେ।

### ୧୫ ଜିଲାରେ ଆଇନ ସହାୟକ ଆରମ୍ଭ

**କଟକ ଅଫିସ,୨୬।୪:** ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୧୫ ଜିଲାରେ ଆରମ୍ଭ ହୋଇଛି ଆଇନ ସହାୟକ ତଥା ଜନ ଅଭିରକ୍ଷକ କାର୍ଯ୍ୟାଳୟ। ପ୍ରାଧିକରଣ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ଣରେ ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭର୍ଚ୍ୟୁଆଲ ମାଧ୍ୟମରେ କାର୍ଯ୍ୟାଳୟଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଜିଲାଗୁଡ଼ିକ ହେଲା ଅନଗୁଳ, ବଲାଙ୍ଗୀର, ବାଲେଶ୍ୱର, କଟକ, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ଖୋର୍ଦ୍ଧା, ମାଲକାନାଗିରି, ମୟୂରଭଞ୍ଜ, ନୂଆପଡ଼ା, ଫୁଲବାଣୀ, ସମ୍ବଲପୁର ଓ ସୁନ୍ଦରଗଡ଼। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି, ଜିଲା ଜଜ୍, ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାଧିକରଣର ସଦସ୍ୟ ସଚିବ ସୁଦୀପ୍ତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ଉପସଚିବ ସ୍ମୃତି ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଡ୍ରିମ୍‌ସରେ ହନୁମାନ ଜୀଉଙ୍କ ସ୍ୱନକ୍ଷତ୍ର ଉତ୍ସବ

**କଟକ ଅଫିସ, ୨୬।୪:** ଡ୍ରିମ୍‌ସ ପରିସରରେ ଶ୍ରୀ ଶ୍ରୀ ସଙ୍କଟମୋଚନ ହନୁମାନ ଜୀଉଙ୍କ ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମୂହ ହନୁମାନ ଚାଳିଶା ପାରାୟଣ, ଭଜନ କୀର୍ତ୍ତନ ଓ ହୋମ ଯଥାରୀତି ଅନୁଷ୍ଠିତ ହୋଇଥିଲା। ସହଅଧକ୍ଷ ଇଂ. ଦୁର୍ଗାପ୍ରସାଦ ରଥ ଓ ନିର୍ଦ୍ଦେଶିକା ପ୍ରିୟଦର୍ଶିନୀ ରଥ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ଉତ୍ସବରେ ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଖିଳ କୁମାର ମହାପାତ୍ର, ଶିକ୍ଷାବିତ୍ ଡ. ରୁଦ୍ର ନାରାୟଣ ମିଶ୍ର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ପୂଜକ ତପନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପୂଜା ସମ୍ପନ୍ନ ହୋଇଥିଲା।

### ‘ମାନସିକ ରୋଗୀଙ୍କ ପାଇଁ ହେବ ସ୍ୱତନ୍ତ୍ର ଚିକିତ୍ସା’

**ଚୌଦ୍ୱାର,୨୬।୪(ଡି.ଏନ୍.ଏ):** କୌଣସି କାରଣରୁ ଜେଲକୁ ଆସୁଥିବା କଏଦୀ ପୂର୍ବରୁ ହେଉ ଅବା ଜେଲ ପରିସରକୁ ଆସି ମାନସିକ ରୋଗରେ ଆକ୍ରାନ୍ତ ହୋଉଥିବା ରୋଗୀମାନଙ୍କର ସ୍ୱତନ୍ତ୍ର ଚିକିତ୍ସା କରାଯିବା ପାଇଁ ଜେଲ କର୍ତ୍ତୃପକ୍ଷ ନେଇଛନ୍ତି ଏକ ପଦକ୍ଷେପ। ସେମାନଙ୍କ ମାନସିକ ସନ୍ତୁଳନକୁ ବଜାୟ ରଖିବା ପାଇଁ ବିଭିନ୍ନ ଦିଗରୁ ପ୍ରୟାସ କରାଯିବ ବୋଲି ଜେଲ ଡିଜି ମନୋଜ ଛାବରା କହିଛନ୍ତି। ଚୌଦ୍ୱାର ସର୍କଲ ଜେଲ ପରିସରରେ ବୁଧବାର ମାନସିକ ରୋଗ ଡାକ୍ତର ଓ ମନସ୍ତତ୍ତ୍ୱବିତ୍‌ମାନଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜି ଛାବରା କହିଥିଲେ, ମାନସିକ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ପ୍ରଦାନ କଲେ ସେ ଭବିଷ୍ୟତରେ ଜଣେ ସୁସ୍ଥ ମସ୍ତିଷ୍କ ସମ୍ପନ୍ନ ବ୍ୟକ୍ତି ଭାବେ ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିବ। ଓଡ଼ିଶାରେ ଥିବା ବିଭିନ୍ନ ଜେଲରେ ଏଭଳି ରୋଗୀଙ୍କ ସଂଖ୍ୟା ଅଧିକ ଥିବାବେଳେ ସେମାନଙ୍କ ଚିକିତ୍ସା ପାଇଁ ମନସ୍ତତ୍ତ୍ୱବିତଙ୍କ ଅଭାବ ରହିଥିଲା। ଫଳରେ ଏବେ ୨୭ଜଣ ଅଭିଜ୍ଞ ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ ମେ’ରୁ ଓଡ଼ିଶାର ବିଭିନ୍ନ ଜେଲକୁ ଯାଇ ଏହି ମାନସିକ ଡାକ୍ତରମାନେ କଏଦୀଙ୍କର ଚିକିତ୍ସା କରିବେ। ଜେଲ ଅଧୀକ୍ଷକ ପ୍ରଦୀପ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜେଲର ବିଭେନ୍ଦୁ ଭୂୟାଁଙ୍କ ସମେତ ଡା.ଅଜୟ ମିଶ୍ର, ଡା.ଯଶୋବନ୍ତ ମହାପାତ୍ର, ଡା.ଏଲ.ଏସ୍.ମହାପାତ୍ର ଓ ଡା. ଅନୁରାଧା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଚୋରି କରିଥିଲେ ଏଟିଏମ୍ ଇନ୍‌ଚାର୍ଜ

**ନୂଆପଡ଼ା ଆକ୍ସିସ୍ ବ୍ୟାଙ୍କ ଏଟିଏମ୍‌ରୁ ଚୋରି ମାମଲା**

■ ୯.୪୦ ଲକ୍ଷ ଟଙ୍କା ଜବତ, ଅଭିଯୁକ୍ତ ଗିରଫ

**କଟକ ଅଫିସ,୨୬।୪**

ନୂଆପଡ଼ାସ୍ଥିତ ଏକ୍ସିସ ବ୍ୟାଙ୍କ ଏଟିଏମ୍‌ରୁ ଚୋରି ମାମଲାରେ ମଧୁପାଟଣା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ବୟାଳିଶ ମୌଜାର ଝିଙ୍କିରିଆରେ ରହୁଥିବା ନେମାଳ ଥାନା ଅନ୍ତର୍ଗତ ଝାଡ଼େଶ୍ୱରପୁରର ରାଜା ଓରଫ ହୃଷୀକେଶ ସାହୁ(୨୪)। ଅଭିଯୁକ୍ତ ଜଣକ ଏଟିଏମ୍ ଇନ୍‌ଚାର୍ଜ ଭାବେ ମରାମତି କରିବାକୁ ଆସି ଚୋର ସାଜିଥିଲେ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ତାଙ୍କଠାରୁ ଚୋରି ହୋଇଥିବା ନଗଦ ୯ ଲକ୍ଷ ୪୦ ହଜାର ୮୦୦ ଟଙ୍କା ସମେତ ଏକ ଫ୍ଲାସ୍ କଟର, ଆଇକାର୍ଡ, ଏକ ବାଇକ୍ ଓ ୧୫ଟି ଏଟିଏମ୍ ଚାବି ଜବତ କରିଛି। ଏ ନେଇ ଥାନାରେ କେସ୍ ନଂ. ୧୪୨/୨୦୨୩ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବୟାଳିଶ ମୌଜାର ଧୁଳେଶ୍ୱରର ଲଳିତ ମୋହନ ସେନାପତି ସିକ୍ୟୁର ଭାଲ୍ୟୁ ଇଣ୍ଡିଆ ଲିମିଟେଡ୍ କମ୍ପାନିର ଲୋକେଶନ୍ ଇନ୍‌ଚାର୍ଜ ଭାବେ କାମ କରନ୍ତି। ସେ ୨୨ ଓ ୨୩ ତାରିଖ ରାତିରେ ନୂଆପଡ଼ାସ୍ଥିତ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍‌ରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ସେ ଏ ବାବଦରେ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରୁଥିବାବେଳେ ଘଟଣାର ୨ ଦିନ ପୂର୍ବରୁ ରାଜା ମେଶିନ ମରାମତି କରିବାକୁ ଯାଇଥିବା ଜାଣିବାକୁ ପାଇଥିଲେ। ପରେ ସନ୍ଦେହ କରି ତାଙ୍କୁ ପଚରାଉଚରା ବେଳେ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ଅଭିଯୁକ୍ତ ରାଜା ପୂର୍ବରୁ ଆକ୍ସିସ୍ ସମେତ ବିଭିନ୍ନ ବ୍ୟାଙ୍କ ଏଟିଏମ୍‌ର ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରୁଥିଲେ। ଏପ୍ରିଲ ୨୦ରେ ସେ ଉପରିସ୍ଥ ଅଧିକାରୀଙ୍କଠାରୁ ସୂଚନା ପାଇଲେ ଯେ ନୂଆପଡ଼ା ଆକ୍ସିସ୍ ବ୍ୟାଙ୍କ ଏଟିଏମ୍‌ରେ କିଛି ତ୍ରୁଟି ହୋଇଛି। ସେହି ସନ୍ଧ୍ୟାରେ ସେ ଉକ୍ତ ଏଟିଏମ୍‌କୁ ଯାଇ ଦେଖିଲେ କ୍ୟାସ୍ ଭଲ୍‌ଟ ଠିକ୍ ଭାବେ ଲକ୍ ହୋଇନାହିଁ। ତେଣୁ ନଗଦ ଟଙ୍କା ଏଟିଏମ୍‌ରୁ ଚୋରି କରିବାର ଭାବନା ମନକୁ ଆସିଲା। ୨୨ ତାରିଖରେ ଏକ ଫ୍ଲାସ୍ କଟର କିଣି ସେହି ରାତି ୩ଟାରେ ଏଟିଏମ୍‌ରୁ ଟଙ୍କା ଚୋରି କରିବାକୁ ଗଲେ। ସେ ପ୍ରଥମେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ସେହି ଅଞ୍ଚଳକୁ ଅନ୍ଧାର କରିଦେଲେ। ତା’ ପରେ କ୍ୟାସ୍ ଭଲଟ୍ ଖୋଲି ୯ ଲକ୍ଷ ୪୯ ହଜାର ୪୦୦ ଟଙ୍କା ଚୋରି କରିନେଲେ। ସେଥିରୁ ସେ ୮,୬୦୦ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଅବଶିଷ୍ଟ ୯ ଲକ୍ଷ ୪୦ ହଜାର ୮୦୦ ଟଙ୍କା ଝିଙ୍କିରିଆସ୍ଥିତ ଭଡ଼ାଘରେ ରଖିଥିଲେ ଯାହାକୁ ପୋଲିସ ଜବତ କରିଛି।






ଜବତ ଅଭିଯୁକ୍ତଙ୍କ ଆଇ କାର୍ଡ, ୯ ଲକ୍ଷ ୪୦ ହଜାର ୮୦୦ ଟଙ୍କା।




ଭାରତୀୟ ମଜଦୁର ସଂଘ କଟକ ଜିଲା ପକ୍ଷରୁ ୪ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଆଜି ସିଏମ୍‌ସି ପ୍ଲାଣ୍ଟ ଦେଖିବେ ଆମେରିକା ପ୍ରତିନିଧି ଦଳ

**କଟକ ଅଫିସ,୨୬।୪**

ଆମେରିକାର ୭ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୁରୁବାର କଟକ ପରିଦର୍ଶନରେ ଆସୁଛନ୍ତି। ପ୍ରତିନିଧି ମଣ୍ଡଳୀ କଟକ ମହାନଗର ନିଗମ (ସିଏମ୍‌ସି)ର ଦୁଇଟି ପ୍ଲାଣ୍ଟ ଯଥା ମଳ ପରିଚାଳନା କେନ୍ଦ୍ର (ଏଫ୍‌ଏସ୍‌ଟିପି) ଏବଂ ଜଳ ବିଶୋଧନାଗାରକୁ ପରିଦର୍ଶନ କରିବେ। ମଣ୍ଡଳୀରେ ଆମେରିକା ସରକାରଙ୍କ ସିନିୟର ଫରେନ୍ ଡିପ୍ଲୋମାଟ ଭିନା ରେଡିଙ୍କ ସହିତ ଅନ୍ୟ ୬ ଜଣ ପ୍ରତିନିଧି ଏଥିରେ ସାମିଲ ହେବେ। ସେମାନେ ଏହି ଦୁଇଟି ପ୍ଲାଣ୍ଟର ପରିଚାଳନା ବ୍ୟବସ୍ଥା, ସୁବିଧା ସହିତ ପ୍ଲାଣ୍ଟ ପରିଚାଳନା କରୁଥିବା କିନ୍ନର ଓ ଗୋଷ୍ଠୀମାନଙ୍କ ସହିତ ଏ ନେଇ ଆଲୋଚନା କରିବେ। ଓଡ଼ିଶା ୱାଟର ଏକାଡେମୀ, କଟକ ମହାନଗର ନିଗମ ଏବଂ ୱାଟ୍‌କୋ ସମନ୍ୱୟ ରକ୍ଷା କରି ପରିଦର୍ଶନ ବେଳେ ସମସ୍ତ ସହଯୋଗ ଯୋଗାଇବେ। ସେମାନେ ପ୍ରଥମେ ମଳ ପରିଚାଳନା କେନ୍ଦ୍ରରେ ପହଞ୍ଚି ସେଠାକାର ବ୍ୟବସ୍ଥା ଅନୁଧାନ କରିବେ। ସେମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବା ପରେ ସ୍ୱୟଂସହାୟକ ଗୋଷ୍ଠୀ, ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରି ପରାମର୍ଶ ଦେବା ସହିତ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ। ଅପରପକ୍ଷେ ପ୍ଲାଣ୍ଟ ପରିଦର୍ଶନରେ ଯେଭଳି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ପୂର୍ବ ପ୍ରସ୍ତୁତି କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୦ରେ ମତ୍ତଗଜପୁରଠାରେ ମଳ ପରିଚାଳନା କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଥିଲା। ଓଡ଼ିଶା ଜଳ ଯୋଗାଣ ସ୍ୱରେଜ ବୋର୍ଡ (ଓଡବ୍ଲୁଏସ୍‌ଏସ୍‌ବି) ପକ୍ଷରୁ ଦେଢ଼ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବା ପରେ ସିଏମ୍‌ସିକୁ ହସ୍ତାନ୍ତର କରାଯାଇଥିଲା। ଏଠାରେ ୬୦ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଇଟି ଟାଙ୍କି ପ୍ଲାଣ୍ଟରେ ରହିଛି।

# ‘ମହିଳା ଉଦ୍ୟୋଗୀଙ୍କ ବୈଷୟିକ ଜ୍ଞାନ ଅପରିହାର୍ଯ୍ୟ’




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ବିଶ୍ୱ ବୌଦ୍ଧିକ ସମ୍ପଦ ଦିବସ**

**କଟକ ଅଫିସ,୨୬।୪**

ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କଟକ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିସି)ର ମିଳିତ ଆନୁକୂଲ୍ୟରେ ବୁଧବାର ବିଶ୍ୱ ବୌଦ୍ଧିକ ସମ୍ପଦ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସିଟିସିଠାରେ ‘ମହିଳା ଏବଂ ଆଇପି: ଉଦ୍ଭାବନ ଓ ସୃଜନଶୀଳତାକୁ ତ୍ୱରାନ୍ୱିତ କରିବା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରକୁ କଟକସ୍ଥିତ ଏମ୍‌ଏସ୍‌ଏମ୍‌ଇ ଡିଏଫଓର ଯୁଗ୍ମ ନିର୍ଦ୍ଦେଶକ ଏବଂ କାର୍ଯ୍ୟାଳୟ ଅଧକ୍ଷ ପି. କେ. ଗୁପ୍ତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୁପ୍ତା କହିଥିଲେ, ମହିଳା ଉଦ୍ୟୋଗୀଙ୍କୁ ପେଟେଣ୍ଟ, କପିରାଇଟ୍ ଓ ଭୌଗୋଳିକ ସୂଚକାଙ୍କ ପରି ବୌଦ୍ଧିକ ସମ୍ପଦ ଉପକରଣ ବିଷୟରେ ଜ୍ଞାନ ପ୍ରଦାନ ସହ ସେମାନଙ୍କୁ ଉଦ୍ଭାବନ ଓ ସୃଜନଶୀଳତାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ବୌଦ୍ଧିକ ସମ୍ପଦ ଅଧିକାର ସୁରକ୍ଷିତ ହେଲେ ମହିଳାମାନଙ୍କ ଅଧିକାର ସୁରକ୍ଷିତ ହୋଇପାରିବ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିଟିସିର ସାଧାରଣ ପରିଚାଳକ ଏଲ୍. ରାଜଶେଖର, ଉଦ୍ୟୋଗୀ ସମ୍ମିତ ସାହୁ ଯୋଗଦେଇଥିଲେ। ସେହିପରି ବୈଷୟିକ ଅଧିବେଶନରେ ଡ. ଏସ୍. କେ. କର, ଆଶୁତୋଷ ନନ୍ଦ, ପୂର୍ବି ପୂର୍ଣ୍ଣଶା ମିଶ୍ର, ଅନିତା ସାବତ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ୬୫ ଜଣ ପ୍ରତିଯୋଗୀ ଉପସ୍ଥିତ ଥିଲେ। କଟକ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓର ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୀଳଚକ୍ର ମର୍କତନଗର ଶାଖାର ନୂତନ କର୍ମକର୍ତ୍ତା

**କଟକ ଅଫିସ, ୨୬।୪**

ନୀଳଚକ୍ର ମର୍କତନଗର ଶାଖାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୀଳଚକ୍ର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ନିର୍ବାଚନରେ ମୁରଲୀଧର ଶତପଥୀ ସଭାପତି, ରାଧାଶ୍ୟାମ ପଣ୍ଡା କାର୍ଯ୍ୟକାରୀ ସଭାପତି, ନିବାସ ରାଉତ ଉପସଭାପତି, କିଶୋର ପଣ୍ଡା ଉପସଭାପତି, ଅଦ୍ୱୈତ୍ୟ ଚରଣ ନାୟକ ସାଧାରଣ ସମ୍ପାଦକ, ବିଜୟ ନାୟକ ଯୁଗ୍ମ ସମ୍ପାଦକ, ଅରୁଣ ପଣ୍ଡା ସଙ୍ଗଠନ ସମ୍ପାଦକ, ସଂଯୋଜ ସାମନ୍ତରାଏ ସାଂସ୍କୃତିକ ସମ୍ପାଦକ, ଅକ୍ଷୟ କର କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସଭାରେ ଶାଖାର ଆଜୀବନ ସଦସ୍ୟ ସବିତା ରଞ୍ଜନ ପଟ୍ଟନାୟକ, ଅଦ୍ୱୈତ୍ୟ ଚରଣ ପ୍ରଧାନ, ଅଶୋକ ତ୍ରିପାଠୀ, ବାବାଜୀଚରଣ ବେହେରା, ବଂଶୀଧର ରାଉତ, ବଂଶୀଧର ଶତପଥୀ, ଦିଲୀପ ବେହେରା, ମୋହନଚରଣ ମଲ୍ଲିକ, ପ୍ରମୋଦ ପଟ୍ଟନାୟକ ଉପସ୍ଥିତ ଥିଲେ।

# ୯୮ ଲକ୍ଷ ଟଙ୍କାର ସାଇବର ଠକେଇ

**କ୍ରାଇମବ୍ରାଞ୍ଚ ୫ ଦିନରେ ଉଦ୍ଧାର କଲା ସବୁ ଟଙ୍କା**

**କଟକ ଅଫିସ,୨୬।୪**

ଏକ ବଡ଼ଧରଣର ସାଇବର ଅପରାଧ ମାମଲାରେ କଟକ କ୍ରାଇମବ୍ରାଞ୍ଚ ପୋଲିସକୁ ସଫଳତା ମିଳିଛି। କ୍ରାଇମବ୍ରାଞ୍ଚ ଉକ୍ତ ସାଇବର ଠକେଇ ମାମଲାର ତଦନ୍ତ କରି ଠକେଇ ହୋଇଥିବା ୯୮ ଲକ୍ଷ ଟଙ୍କା ମାତ୍ର ୫ ଦିନ ମଧ୍ୟରେ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଉଦ୍ଧାର ହୋଇଥିବା ଠକେଇ ଅର୍ଥ ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଠକେଇର ଶିକାର ହୋଇଛି ଖୋର୍ଦ୍ଧା ଜିଲା ସାରୁଅ ଅଞ୍ଚଳର ଏକ କେମିକାଲ କମ୍ପାନୀ। ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଗତ ୨୧ ତାରିଖରେ ଦିଆଯାଇଥିବା ଅଭିଯୋଗ ଅନୁଯାୟୀ କ୍ରାଇମବ୍ରାଞ୍ଚରେ ଏକ କେସ୍ (ନଂ. ୦୩/୨୦୨୩) ରୁଜୁ ହୋଇ ତଦନ୍ତ ଚାଲିଛି। ଅଭିଯୋଗ ଅନୁଯାୟୀ, ସାରୁଅ ଅଞ୍ଚଳର ସମ୍ପୃକ୍ତ କେମିକାଲ କମ୍ପାନୀର ଏକ ସିଙ୍ଗାପୁର କମ୍ପାନୀ ସହ ନିୟମିତ ବ୍ୟବସାୟିକ କାରବାର ଚାଲିଥିଲା। ସିଙ୍ଗାପୁର କମ୍ପାନୀଠାରୁ ଅଭିଯୋଗକାରୀ କମ୍ପାନୀ କଞ୍ଚାମାଲ କ୍ରୟ କରିବା ସହ ନିୟମିତ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପୈଠ କରୁଥିଲା। ଟଙ୍କା ଜମା ନେଉଥିବା ବ୍ୟାଙ୍କ ଆମେରିକାର ଜେପି ମୋର୍ଗାନ ବ୍ୟାଙ୍କ। ସାଧାରଣତଃ ପର୍ଚେଜ ଅର୍ଡର ଓ ଇନ୍‌ଭଏସ୍ ପାଇବା ପରେ ଏହି ବ୍ୟାଙ୍କରେ ଥିବା ସିଙ୍ଗାପୁର କମ୍ପାନୀର ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଏ। ଅଜୟ ଦ୍ୱିବେଦୀ ନାମକ ଜଣେ ମଧ୍ୟସ୍ଥଙ୍କ ଇମେଲ୍‌କୁ ଚୂଡ଼ାନ୍ତ କାରବାର ନିମନ୍ତେ ବ୍ୟବହାର କରାଯାଇଆସୁଥିଲା। ଦିନେ ସାରୁଅର ସମ୍ପୃକ୍ତ କମ୍ପାନୀ ଟଙ୍କା ଜମା କରିବା ନିମନ୍ତେ ଏକ ଇମେଲ୍ ପାଇଲେ, ଯାହାକି ପୂର୍ବ ଇମେଲ୍ ଠିକଣାରୁ ଏକ ଅକ୍ଷର ଭିନ୍ନତା ଥିଲା। ସେହି ଇମେଲ୍ ଠିକଣାଟି ଅଜୟଙ୍କ ନାମରେ ରହିଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଅଲଗା ଥିଲା। ସେହି ଇମେଲ୍‌ରେ ଆସିଥିବା ଇନ୍‌ଭଏସ୍ ଏବଂ ପର୍ଚେଜ୍ ଅର୍ଡରରେ ଲାଗିଥିବା ଦସ୍ତଖତ ଓ ଷ୍ଟାମ୍ପ ପୂର୍ବ ଭଳି ସମାନ ଥିଲା। ତେଣୁ କମ୍ପାନୀ ପକ୍ଷରୁ ଉକ୍ତ ଆକାଉଣ୍ଟରେ ୯୭,୯୩,୬୪୧ ଟଙ୍କା ଜମା କରିଦିଆଯାଇଥିଲା। ତେବେ ଉକ୍ତ ଆକାଉଣ୍ଟ ଏକ ଠକ ଆକାଉଣ୍ଟ ଥିଲା ବୋଲି ଅଜୟଙ୍କୁ ପଚାରିବା ପରେ ଜଣାପଡ଼ିଥିଲା। ଏଭଳି ଇମେଲ୍ ଆକାଉଣ୍ଟ ନ ଥିବା ଅଜୟ ସ୍ପଷ୍ଟ କରିବା ପରେ କମ୍ପାନୀ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ଅବଗତ କରାଯାଇଥିଲା। କଟକ କ୍ରାଇମବ୍ରାଞ୍ଚ ଥାନା ଏହି ମାମଲାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ସମ୍ପୃକ୍ତ ବ୍ୟାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା, ଯଦ୍ୱାରା ମାତ୍ର ୫ଦିନ ମଧ୍ୟରେ ପୂରା ଟଙ୍କା ଉଦ୍ଧାର କରାଯାଇ କମ୍ପାନୀ ଆକାଉଣ୍ଟକୁ ଫେରସ୍ତ କରିଦିଆଯାଇପାରିଛି ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

## ୨.୧ କିମି ପରିବର୍ତ୍ତେ ସମ୍ପୂର୍ଣ୍ଣ ରିଂ ରୋଡ୍ ୬ଥାକିଆ କର: ମୋକିମ

**କଟକ ଅଫିସ,୨୬।୪**

କଟକ ଖାନନଗର ରିଂ ରୋଡକୁ ୬ ଥାକିଆ କରିବାକୁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ହେଲେ ମାତ୍ର ୨.୧ କିମି ପର୍ଯ୍ୟନ୍ତ ୬ଥାକିଆ ପାଇଁ ସ୍ଥିର କରାଯାଇଛି। ଖାନନଗରରେ ନିର୍ମାଣ ହେଉଥିବା ବସଷ୍ଟାଣ୍ଡକୁ ବସ୍‌ର ସୁବିଧା ଗମନାଗମନ ପାଇଁ ଏହା ହେଉଛି। ତେଣୁ ମୁଖ୍ୟମନ୍ତ୍ରୀ ଖାନନଗର ରିଂ ବନ୍ଧର ମାତ୍ର ୨ କିମି ରାସ୍ତାକୁ ୬ଥାକିଆ କରିବା ପରିବର୍ତ୍ତେ କଟକ ସହରକୁ ଟ୍ରାଫିକ ସମସ୍ୟାରୁ ମୁକ୍ତ କରିବା ପାଇଁ ଘେରି ରହିଥିବା କାଠଯୋଡି ଓ ମହାନଦୀ କୂଳେ କୂଳେ ଖାନନଗରଠାରୁ ଶିଖରପୁର ପର୍ଯ୍ୟନ୍ତ ପ୍ରାୟ ୩୦ କିମି ଯାଏଁ ୬ ଥାକିଆ ରାସ୍ତା ନିର୍ମାଣ ପାଇଁ ବିଧାୟକ ମହମ୍ମଦ ମୋକିମ ଦାବି କରିଛନ୍ତି। ଏ ନେଇ ମୋକିମଙ୍କ ପକ୍ଷରୁ ତାଙ୍କ ବାସଭବନରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ଉପରୋକ୍ତ ବିଷୟରେ ଆଲୋଚନା କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ଅବଦାନରେ ଏହି ରାସ୍ତାକାମ ହୋଇଥିଲା। ଏବେ କଟକ ସହରର ଜନସଂଖ୍ୟା ବୃଦ୍ଧି ପାଇ ୮ ଲକ୍ଷ ଟପିବାକୁ ବସିଲାଣି। ୪୦ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ରିଂ ରୋଡର ସମ୍ପ୍ରସାରଣ ପାଇଁ ଏହି ସରକାର କୌଣସି ପଦକ୍ଷେପ ନେଲେ ନାହିଁ ବୋଲି ସେ କହିଛନ୍ତି।

## ବସ୍-ପିକ୍‌ଅପ୍ ମୁହାଁମୁହିଁ ଧକ୍କା, ୮ ଆହତ

**ବସ୍ କାଚ ଭାଙ୍ଗି ପଶିଗଲା ଲୁହା ରଡ୍**

**ମଙ୍ଗୁଳି-ଜଗତପୁର,୨୬।୪(ଡି.ଏନ.ଏ)**

ଜଗତପୁର ଥାନା ଅଧୀନ ପଦ୍ମପୁର ନିକଟସ୍ଥ ଅନନ୍ତପୁର ବଜାରରେ ବୁଧବାର ଏକ ଲୁହାରଡ୍ ବୋଝେଇ ପିକ୍‌ଅପ୍ ସହ ଯାତ୍ରୀବାହୀ ବସ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ପିକ୍‌ଅପ୍ ଡ୍ରାଇଭର ଏବଂ ହେଲ୍ପର ଗୁରୁତର ହୋଇଥିବା ବେଳେ ୬ଜଣ ବସ୍ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନା ମୁତାବକ, ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ପିକ୍‌ଅପ(ନଂଓଡି-୦୫ବିବି୦୯୬୧)ଟି ଜଗତପୁରରୁ ରଡ଼ ନେଇ ସାଲେପୁର ଯାଉଥିଲା। ଅପରପକ୍ଷେ ଅନନ୍ତପୁର ବଜାର ନିକଟରେ ଏକ ଟ୍ରକକୁ ଓଭରଟେକ କରୁଥିବା ସମୟରେ ସାମ୍ନା ପଟୁ ଆସୁଥିବା ଏକ ଘରୋଇ ବସ୍ (ନଂ ଓଡି-୦୫ଜେଡ୧୨୯୫)ଟି ଆସି ପିକ୍‌ଅପ୍ ସହ ଧକ୍କା ହେବା ସହ ୩୦ଫୁଟ ଦୂରକୁ ଠେଲି ନେଇଯାଇଥିଲା। ଫଳରେ ପିକ୍‌ଅପ୍‌ର ଡ୍ରାଇଭର ଏବଂ ହେଲ୍ପର ଗାଡି ମଧ୍ୟରେ ଚାପି ହୋଇ ରହିଯାଇଥିବା ବେଳେ ଲୁହାରଡ଼ଗୁଡିକ ବସ୍ କାଚ ଭାଙ୍ଗି ବସ୍ ଭିତରକୁ ପଶିଯାଇଥିଲା। ଫଳରେ ବସ୍ ସମ୍ମୁଖ ସିଟ୍‌ରେ ବସିଥିବା ୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ଖବରପାଇ ଜଗତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଡ୍ରାଇଭର ଓ ହେଲ୍ପରଙ୍କ ସମେତ ଅନ୍ୟ ଆହତଙ୍କୁ ଗାଡି ମଧ୍ୟରୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ମେଡିକାଲ ପଠାଇଛି। ବସ ଏବଂ ପିକ୍‌ଅପ୍‌କୁ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଛି।



# ସରକାରୀ ଗାଡ଼ିର ବ୍ୟବହାର ତଥ୍ୟ ଦେବାକୁ ନିର୍ଦ୍ଦେଶ

**ସିଏମ୍‌ସି ଏଷ୍ଟାବ୍ଲିଶ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ**

■ ଜଗନ୍ନାଥ ପ୍ରସାଦ ନର୍ସରିଠାରୁ ଆଦାୟ ହେବ ବକେୟା ଦରମା

■ ଏନ୍‌ପିଏସ୍ ପାଇଁ ସରକାରଙ୍କୁ କରାଯିବ ଚିଠି

**କଟକ ଅଫିସ,୨୬।୪**



ଚୌଧୁରୀ ବଜାରସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସିଏମ୍‌ସି ଏଷ୍ଟାବ୍ଲିଶ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଜଗନ୍ନାଥ ପ୍ରସାଦ ନର୍ସରୀ ସଂସ୍ଥା ଉପରେ କର୍ମଚାରୀମାନଙ୍କର ବକେୟା ଦରମା ଆଦାୟ କରାଯିବ। ସମ୍ପୃକ୍ତ ସଂସ୍ଥା ବକେୟା ଅର୍ଥ ପ୍ରଦାନ କରିବା ପରେ ତାହାକୁ ଦାୟିତ୍ୱରୁ ହଟାଯିବା ଏବଂ ଅନ୍ୟ ସଂସ୍ଥାକୁ ଦାୟିତ୍ୱ ଦିଆଯିବ। ଏନେଇ ବୁଧବାର ସ୍ଥାନୀୟ ଚୌଧୁରୀ ବଜାରସ୍ଥିତ ସମ୍ମିଳନୀ କକ୍ଷରେ କଟକ ମହାନଗର ନିଗମ (ସିଏମ୍‌ସି)ର ଏଷ୍ଟାବ୍ଲିଶମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ହୋଇଛି। ଏଥିସହ ସିଏମ୍‌ସିରେ ଥିବା ସରକାରୀ ଗାଡିର ବ୍ୟବହାର ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀମାନଙ୍କ ଯାତାୟାତ ପାଇଁ ଗାଡି ଦିଆଯିବା ସହ ସେମାନଙ୍କୁ ମାସିକ ତେଲ ସିଏମ୍‌ସି ଯୋଗାଉଛି। କିନ୍ତୁ ଏନଫୋର୍ସମେଣ୍ଟ ଆଦି ବିଭିନ୍ନ ବିଭାଗର ଚଢାଉ ଏବଂ ଯାଞ୍ଚ ପାଇଁ ଆବଶ୍ୟକ ଗାଡି ନାହିଁ। ତେଣୁ କେଉଁ ବିଭାଗରେ କେତୋଟି ଗାଡି ନିୟୋଜିତ ହୋଇଛି ଏବଂ ମାସିକ କେତେ ଟଙ୍କାର ତେଲ ଯୋଗାଇ ଦିଆଯାଉଛି ତାହାର ତଥ୍ୟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କମିଟିର ଅଧକ୍ଷା ପୂର୍ଣ୍ଣିମା ସ୍ୱାଇଁ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ କ୍ଷେତ୍ରରେ ନ୍ୟାଶନାଲ ପେନସନ ସିଷ୍ଟମ (ଏନ୍‌ପିଏସ)କୁ କାର୍ଯ୍ୟକାରୀ କରାଯାଇପାରି ନାହିଁ। ୨୦୦୬ରୁ ସରକାରୀ ସ୍ତରରେ ଏହାକୁ ଲାଗୁ କରାଯାଇଥିଲେ ମଧ୍ୟ ସିଏମ୍‌ସିରେ କର୍ମଚାରୀମାନେ ଏହାର ସୁବିଧା ପାଇପାରି ନଥିବାରୁ ବୈଠକରେ କମିଟିର ସଦସ୍ୟମାନେ ପ୍ରଶ୍ନ ଉଠାଇଥିଲେ। ଏଦିଗରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି। ସଫେଇ ପାଇଁ ଥିବା ଘରୋଇ ସଂସ୍ଥାଗୁଡିକ ସଫେଇ କର୍ମଚାରୀଙ୍କୁ ପ୍ରତିମାସରେ ଠିକ ଭାବେ ଦରମା ଦେଉ ନ ଥିବାବେଳେ ଇପିଏଫ୍ ମଧ ଦେଉନାହାନ୍ତି। ତେଣୁ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ କାଉନସିଲରେ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କର୍ମଚାରୀମାନଙ୍କୁ ବକେୟା ଦରମା ମିଳିପାରି ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ଅତିଥି ଭାବେ କର୍ପୋରେଟର ରାକେଶ ସ୍ୱାଇଁ, ପ୍ରଦୀପ୍ତ ଖୁଣ୍ଟିଆ, ବିକାଶ ବେହେରା, ପ୍ରଳୟା ବେଉରା ଯୋଗଦେଇଥିଲେ। କମିଟି ସଦସ୍ୟ ଲକ୍ଷ୍ମୀଧର ବେହେରା, ପ୍ରିୟମ୍ବଦା ବେହେରା, ମୀନା ସାହୁ, ମମତା ନାୟକ, ଜେ କାମେଶ୍ୱର ରାଓ, ଡେପୁଟି କମିଶନର ଅମିୟ ପଣ୍ଡା ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପିସିସି ସାଧାରଣ ସମ୍ପାଦକ ହେଲେ ମାନସ ଆଚାର୍ଯ୍ୟ

ପିପିଲି,୨୬।୪(ସ୍ୱ.ପ୍ର.)-ପିପିଲି-ଡେଲାଙ୍ଗର ଯୁବନେତା ମାନସ ରଞ୍ଜନ ଆଚାର୍ଯ୍ୟ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏ ନେଇ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି.ବେଣୁଗୋପାଳ ସୂଚନା ଦେଇଛନ୍ତି। ପୂର୍ବରୁ ମାନସ ପିପିଲି କଲେଜ ଛାତ୍ର ସଂସଦ ସମ୍ପାଦକ ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିବା ବେଳେ ପିପିଲିରେ ରାଜୀବ ଗାନ୍ଧୀ ମେମୋରିଆଲ ୟୁଥ୍ ଆସୋସିଏଶନର ସମ୍ପାଦକ ରହିଥିଲେ। ଏହାସହ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଭାବେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ମାନସ ପିସିସି ସଭାପତି ଶରତ ପଟ୍ଟନାୟକ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ଏବଂ ଓଡିଶା ପ୍ରଭାରୀ ଏ.ଚେଲା କୁମାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ଗୁରୁ ଦାୟିତ୍ୱ ଗ୍ରହଣ କରିବା ପରେ କଂଗ୍ରେସ ଦଳକୁ କିପରି ସୁଦୃଢ଼ କରାଯିବ ସେନେଇ ସର୍ବଦା ଉଦ୍ୟମ ଜାରି ରହିବ ବୋଲି ଆଚାର୍ଯ୍ୟ କହିଛନ୍ତି।

### ରଥଯାତ୍ରା ପାଇଁ ବୀମାଭୁକ୍ତ ହେବେ ସେବାୟତ

ପୁରୀ ଅଫିସ, ୨୬।୪:ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବକମାନଙ୍କ ପାଇଁ ଦୁର୍ଘଟଣା ବୀମା କରାଯାଇଥାଏ। ତେବେ ଚଳିତବର୍ଷ ମଧ ସେବକମାନଙ୍କ ନିମନ୍ତେ ଦୁର୍ଘଟଣା ବୀମା କରାଯାଇଛି। ରଥଖଳାରେ କାର୍ଯ୍ୟରତ ସମୟରେ ଅଘଟଣକୁ ନଜରରେ ରଖି ମହାରଣା, ଭୋଇ, ଓଝା, ଚିତ୍ରକରଙ୍କ ସମେତ ଅନ୍ୟ ସେବକମାନଙ୍କ ପାଇଁ ସ୍ୱତନ୍ତ୍ର ଦୁର୍ଘଟଣା ବୀମାକରଣ କରାଯାଇଛି। ୫ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା କରାଯାଇଛି ବୋଲି ପରିଚାଳନା କମିଟି ସଦସ୍ୟ ସୂଚନା ଦେଇଛନ୍ତି। ନ୍ୟାଶନାଲ ଇନ୍ସ୍ୟୁରାନ୍ସ କମ୍ପାନୀରେ ୫ ପ୍ରକାରର ବୀମା କରାଯାଇଛି। ବର୍ଷତମାମ ଶ୍ରୀମନ୍ଦିର ପାଇଁ ବୀମା କରାଯାଇଛି। ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ଭିତରେ ଅଘଟଣ ପାଇଁ ମଧ ବୀମା କରାଯାଇଛି। ସେହିପରି ରଥଖଳାରେ ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ ଶେଷ ପର୍ଯ୍ୟନ୍ତ ଏବଂ ରଥଯାତ୍ରା ସମୟରେ ବଡ଼ଦାଣ୍ଡ ଓ ପୁରୀ ପୌରସଂସ୍ଥା ଅଞ୍ଚଳର କୌଣସି ଅଘଟଣ ଘଟିଲେ ସେ ବୀମାଭୁକ୍ତ ହୋଇପାରିବେ ବୋଲି ସୂଚନା ମିଳିଛି।

# ଜିଲାର ୫୩ ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ

## ୪ର୍ଥ ପର୍ଯ୍ୟାୟରେ ରୂପାନ୍ତରଣ ହେବ ୧୪୨

ପୁରୀ ଅଫିସ, ୨୬।୪:



କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ।

ତୃତୀୟ ପର୍ଯ୍ୟାୟରେ ପୁରୀ ଜିଲାର ୫୩ ବିଦ୍ୟାଳୟ ୫-ଟି ଆଧାରରେ ରୂପାନ୍ତରଣ କରାଯାଇଛି। ୫-ଟିରେ ରୂପାନ୍ତରିତ ହୋଇଥିବା ଏହି ୫୩ଟି ବିଦ୍ୟାଳୟକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଶିକ୍ଷା ପ୍ରଗତି ଓ ବିକାଶର ମୁଖ୍ୟ ଆଧାର ସହ ଉନ୍ନତମାନର ପରିବେଶ ପିଲାଙ୍କୁ ଭଲ ପଢିବା ପାଇଁ ପ୍ରେରଣା ଦେବ। ପିଲାମାନେ ପଢି, ବଢି, ଶ୍ରେଷ୍ଠ ହୋଇ ଓଡ଼ିଶାର ନାମ ଉଜ୍ଜ୍ୱଳ କରିବାକୁ ସେ ପରାମର୍ଶ ଦେଇଥିଲେ। ପୁରୀର ଗଙ୍ଗାଧର ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ବର୍ତ୍ତମାନ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସୁଦୃଢ଼ କରି ସରକାର ଆଗାମୀ ପିଢି ପାଇଁ ପ୍ରେରଣା ସୃଷ୍ଟି କରୁଛନ୍ତି। ସମଗ୍ର ରାଜ୍ୟରେ ୩ୟ ପର୍ଯ୍ୟାୟ ସୁଦ୍ଧା ୩୪୧୧ କୋଟି ଟଙ୍କା ବ୍ୟୟରେ ୬୮୭୨ ବିଦ୍ୟାଳୟର ରୂପାନ୍ତରଣ ହୋଇଛି। ୨୦୩୬ ସୁଦ୍ଧା ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ୧୦୩ କୋଟି ଟଙ୍କା ବ୍ୟୟରେ ଏସ୍ଏଚ୍‌ଜିର ୧୦୪୧୨ ଜଣଙ୍କୁ ବିଭିନ୍ନ ବିଦ୍ୟାଳୟରେ ପିଅନ ଓ ଜଗୁଆଳି ଭାବେ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଜଗତସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାପାଳ ସମର୍ଥ ବର୍ମା ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ, ପୁରୀ ଜିଲାର ୩୩୮ ବିଦ୍ୟାଳୟ ମଧ୍ୟରୁ ୩ଟି ପର୍ଯ୍ୟାୟରେ ୧୯୬ଟି ସାମିଲ ହୋଇଥିବାବେଳେ ଅବଶିଷ୍ଟ ୧୪୨ଟି ୪ର୍ଥ ପର୍ଯ୍ୟାୟରେ ରୂପାନ୍ତରଣ କରାଯିବ। ଏହି ଅବସରରେ ଗଙ୍ଗାଧର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପୂଜାରାଣୀ ନାୟକ ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରି ବିଦ୍ୟାଳୟ ରୂପାନ୍ତରିତ ହେବା ପରେ ଛାତ୍ରୀଛାତ୍ରମାନେ ଗର୍ବ ଅନୁଭବ କରୁଥିବା ଏବଂ ପାଉଥିବା ସୁବିଧା ସମ୍ପର୍କରେ ମତ ଦେଇଥିଲେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ ଘୋଷ, ସମସ୍ତ ବ୍ଲକର ବିଡିଓ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ଅଲ୍ ଓଡ଼ିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ ଏବଂ ଭାରତୀୟ ମଜଦୁର ସଭାର ପୁରୀ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଲାବୋରେଟୋରି ଟେକ୍ନିସିଆନ୍‌ଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୨୬।୪:

ରୋଗ ନିଦାନ ବିଭାଗରେ କାର୍ଯ୍ୟରତ ଲାବୋରେଟୋରି ଟେକ୍ନିସିଆନ୍‌ମାନେ ନିରନ୍ତର ପରିଶ୍ରମ କରି ପରୀକ୍ଷଣର ଠିକ୍ ଫଳ ଡାକ୍ତରଙ୍କୁ ପ୍ରଦାନ କରିଥାନ୍ତି। ଫଳତଃ ରୋଗୀଙ୍କ ରୋଗ ନିରୂପଣ ତତ୍କାଳ ହୋଇ ଜୀବନ ରକ୍ଷା କରାଯାଇପାରିଥାଏ। ସେହି ଲବୋରେଟୋରି ପ୍ରଫେସନାଲମାନଙ୍କ ପାଇଁ ବିଶ୍ୱ ଲାବୋରେଟରି ସପ୍ତାହ ଏପ୍ରିଲ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜ୍‌ର ଆଲାଏଡ ସାଇନ୍ସ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟର ଲାବୋରେଟୋରି ଟେକନିସିଆନ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ମୁଖ୍ୟ ଅତିଥି, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡା. ଟି. ନାରାୟଣ ରାଓ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଡା. ମିଶ୍ର କହିଥିଲେ, ଲାବୋରେଟରି ଟେକ୍ନିସିଆମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଇଏମ୍‌ଟି ଫାର୍ମାସୀ କଲେଜର ନିର୍ଦ୍ଦେଶକ ମନୋଜ କୁମାର ରଥ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର, ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା, ଉପାଧ୍ୟକ୍ଷ ଦେବାଶିଷ ମିଶ୍ର, ବରିଷ୍ଠ ଅଧ୍ୟାପକ କମଳାକାନ୍ତ ଆଚାର୍ଯ୍ୟ, ଭାଗ୍ୟଶ୍ରୀ ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟରତ ଲବୋରେଟୋରି ଟେକ୍ନିସିଆନମାନଙ୍କୁ ଉପଢୌକନ ଓ ପ୍ରଶସ୍ତିପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅକ୍ଷୟ ସ୍ୱାଇଁ, ପୁଷ୍ପାଞ୍ଜଳି ନାୟକ, ଶକ୍ତିକାନ୍ତ ମହାପାତ୍ର, ଜଗଦୀଶ ମହାନ୍ତି, ବିରଞ୍ଚି ନାରାୟଣ ବିଶ୍ୱାଳ, ଶ୍ରୀନିବାସ ମହାନ୍ତି, ଭାରତୀ ଜୟସିଂହ, ସଙ୍ଗୀତା ସାମଲ, ଲକ୍ଷ୍ମୀଧର ବେହେରା, ନିରୁପମା ପାଣି, ପୂଜା ବେହେରା, ମାନସୀ ରାଉତରାୟ, ପ୍ରସନ୍ନ ଦାସ, ନୈବେଦ୍ୟ ନାୟକ, ଅଭୀପ୍ସା ସ୍ୱାଇଁ, ସୁଦୀପ୍ତା ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭବାନୀ ସାମନ୍ତରାୟ ଓ ପ୍ରତୀକ୍ଷା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଥଖଳା ପରିଦର୍ଶନ କଲେ ଜିଲାପାଳ



ମହାରଣା ସେବକମାନଙ୍କ ସହ ଜିଲାପାଳ ସମର୍ଥ ବର୍ମା ଆଲୋଚନା କରୁଛନ୍ତି।

ପୁରୀ ଅଫିସ, ୨୬।୪:

ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ବୁଧବାର ରଥଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟ ଦେଖିବା ସହ ସେବକମାନଙ୍କ ସହିତ ଆଲୋଚନା କରିଛନ୍ତି। ମୁଖ୍ୟତଃ ରଥ ନିର୍ମାଣରେ ନିୟୋଜିତ ଥିବା ସେବକମାନଙ୍କ ରଥ ନିର୍ମାଣରେ ଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଯେଉଁଠାରେ ରଥ ଠିଆ ହେବ ସେ ସ୍ଥାନ ତିଆରି ହୋଇଥିଲେ ମଧ ଅସମତୁଲ ରହିଥିବାରୁ ରଥ ନିର୍ମାଣ ସମୟରେ ଅସୁବିଧା ଦେଖାଦେବେ ବୋଲି ସେବକମାନେ ଜଣାଇଥିଲେ। ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ କହିଥିବା ସୂଚନା ମିଳିଛି। ଏ ନେଇ ଜିଲାପାଳ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ସମସ୍ତ କାର୍ଯ୍ୟ ଠିକ୍ ଭାବେ ଓ ସୁରୁଖୁରୁରେ ଚାଲିଛି। ରଥଖଳାରେ ମଧ ରଥ କାମ ଆଗେଇ ଚାଲିଛି। ରଥ ନିର୍ମାଣରେ ନିୟୋଜିତ ଥିବା ସେବକମାନଙ୍କ ସହ ଆଲୋଚନା କରାଯାଇଛି। ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ସେହିପରି ରଥ ଯେଉଁ ସ୍ଥାନରେ ରହିବ ସେ ସ୍ଥାନ ମଧ ସମୀକ୍ଷା କରାଯାଇଛି। ତେବେ ଯାହା ସବୁ ଅସୁବିଧା ଓ ସମସ୍ୟା ରହିଛି, ତାହାକୁ ସମାଧାନ କରାଯିବ। ତେବେ ବର୍ତ୍ତମାନ ସମସ୍ତ କାର୍ଯ୍ୟ ଭଲ ଭାବେ ଚାଲିଛି ବୋଲି ବର୍ମା କହିଛନ୍ତି।

# ୧୮ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ

ପୁରୀ ଅଫିସ, ୨୬।୪:

**ରଥଖଳାରୁ....**

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ବିଶ୍ୱକର୍ମା ମହାରଣା, ଭୋଇ ସେବକଙ୍କ ଉପସ୍ଥିତିରେ ରଥଖଳା ଚଳଚଞ୍ଚଳ ହୋଇଉଠିଛି। କରତି ସେବକମାନେ ରଥ ଚକ ପାଇଁ ତୁମ୍ବ ଗଡ଼କରି ଯୋଗାଇଥିବା ତୁମ୍ବର ପ୍ରାରମ୍ଭିକ ଗୋଲେଇ ବା ତୁମ୍ବବୋଳା କାର୍ଯ୍ୟ ତିନିରଥର ମହାରଣା ସେବକମାନେ ଜାରି ରଖିଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ମହାରଣା ସେବକମାନେ ମୋଟ ୧୮ଟି ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏଥିମଧ୍ୟରୁ ତାଳଧ୍ୱଜ ରଥର ୪, ଦର୍ପଦଳନ ରଥର ୮ ଏବଂ ନନ୍ଦିଘୋଷ ରଥର ୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ୩ ରଥ ପାଇଁ ମୋଟ ୪୨ଟି ତୁମ୍ବ ଆବଶ୍ୟକ ହୋଇଥାଏ। ତେଣୁ ୪୨ଟି ତୁମ୍ବ ପାଇଁ କରତି ସେବକମାନେ ବୁଧବାର ୩୨ଟି ତୁମ୍ବ ଗଡ଼ ଚିରଟ କରି ତିନିରଥର ମହାରଣାମାନଙ୍କୁ ଯୋଗାଇଛନ୍ତି। ସେଥିମଧ୍ୟରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପାଇଁ ୧୧, ମା' ସୁଭଦ୍ରାଙ୍କ ଦେବଦଳନ ରଥ ପାଇଁ ୧୦ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ପାଇଁ ୧୧ଟି ତୁମ୍ବ ରହିଛି। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଓଝା ସେବକମାନେ ୬/୭ ସାଇଜ୍‌ର ଲୁହାଛଡ଼ କାଟି ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣ କାର୍ଯ୍ୟରେ ତୃତୀୟ ଦିନରେ ୨୩ ଜଣ ମହାରଣା ଓ ୨୦ ଜଣ ଭୋଇସେବକ ନିୟୋଜିତ ଥିଲେ। ରଥ ନିର୍ମାଣ କାର୍ଯ୍ୟରେ ମୋଟ ୫୮ଜଣ କାରିଗର ଓ ସେବକ ନିୟୋଜିତ ଥିଲେ।

# 'ସୁଆଣ୍ଡୋ ଭଳି ରଘୁରାଜପୁରର ବିକାଶ ହେବ'

ପୁରୀ ଅଫିସ, ୨୬।୪:

## ଗୋଟିପୁଅ ମହୋତ୍ସବ ଉଦ୍‌ଯାପିତ

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ପରି ଐତିହ୍ୟ ଶିଳ୍ପ ତଥା ପଟ୍ଟଚିତ୍ର ଗ୍ରାମ ରଘୁରାଜପୁରର ବିକାଶ କରାଯିବ। ଓଡ଼ିଶୀ ନୃତ୍ୟଗୁରୁ କେଲୁଚରଣ ମହାପାତ୍ର, ପଟ୍ଟଚିତ୍ର ଗୁରୁ ଜଗନ୍ନାଥ ମହାପାତ୍ର ଏବଂ ଗୋଟିପୁଅ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଦାସଙ୍କ ସ୍ମୃତିରେ ରଘୁରାଜପୁରର କଳା-ସଂସ୍କୃତି ବିକାଶ ସହ ତ୍ରିଧାରା ମ୍ୟୁଜିୟମ ନିର୍ମାଣ ହେବ। ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ପଦ୍ମଶ୍ରୀ ମାଗୁଣି ଦାସଙ୍କ ସ୍ମୃତିରେ ସ୍ଥାନୀୟ କପୋତେଶ୍ୱର ବିଦ୍ୟାଳୟ ପଡ଼ିଆରେ ଗତ ତିନିଦିନ ଧରି ଚାଲିଥିବା ଗୋଟିପୁଅ ମହୋତ୍ସବର ଉଦ୍‌ଯାପନୀ ଦିବସରେ ମଙ୍ଗଳବାର ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଯୋଗଦେଇ ଏହା କହିଛନ୍ତି। କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ପୁରୀ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଥାକାର ବଦ୍ରି ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ କୈଳାଶ ନାୟକ ଯୋଗଦେଇ କହିଥିଲେ, ପୁରୀ ଭଳି ଏଠାକାର ଶିଳ୍ପୀ ଓ କଳାକାରଙ୍କ ପାଇଁ ରଘୁରାଜପୁର ଐତିହ୍ୟ ଗ୍ରାମ ହେବ। ସେହିପରି ମାହାରୀ, ଦେବଦାସୀ ସହ ଗୋଟିପୁଅ ନୃତ୍ୟ ଓଡ଼ିଶାକୁ ମହାମହିମ କରିବ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ମୋ ପରିବାରର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ କହିଥିଲେ, ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଏହି ଅଞ୍ଚଳର ରାସ୍ତା, ବିଦ୍ୟୁତ, ଜଳଯୋଗାଣର ବିକାଶ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଗୋଟିପୁଅର ବିକାଶ ପାଇଁ ପଦକ୍ଷେପ ନିଆଯିବ। କାର୍ଯ୍ୟକ୍ରମରେ ସମ୍ପାଦକ ସେବେନ୍ଦ୍ର ଦାସ, ମୁଖ୍ୟ ସଂଯୋଜକ ବସନ୍ତ ପ୍ରଧାନ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ସାଥୁଆ, ସଂଯୋଜକ ବଟକୃଷ୍ଣ ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ଗୁରୁ ମନୋଜ ପଟ୍ଟନାୟକ, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ଜୟକୃଷ୍ଣ ନାୟକ, ଗୁରୁ ପ୍ରଶାନ୍ତ ପାଢ଼ୀ, ଗୁରୁ ସୁକାନ୍ତ କୁଣ୍ଡୁ, ଶିକ୍ଷାବିତ୍ ବିନାୟକ ରଥ ଏବଂ ଉଦ୍‌ଘୋଷକ ଅଞ୍ଜନ କୁମାର ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘୋଷକ ଅଞ୍ଜନ ହୋତାଙ୍କ ମଞ୍ଚ ସଞ୍ଚାଳନରେ ଶ୍ରୀରାଧା କଳାକୁଞ୍ଜର ଗୁରୁ ମନୋରଞ୍ଜନ ଓ ମିନତୀ ପ୍ରଧାନଙ୍କ ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ମାଆ ବୀଣାକେଶରୀ ଦଳର ମେଳପଲ୍ଲୀ ନୃତ୍ୟ, ମଣିପୁରୀ ନୃତ୍ୟ, ପୁରୁଲିଆ ଛଉ, ଗଞ୍ଜାମର ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦର ପଶୁ ନୃତ୍ୟ, ବଲାଙ୍ଗୀରର ଢୋଲ-ମହୁରୀ ଏବଂ ସମ୍ବଲପୁରର ସମ୍ବଲପୁରୀ ନୃତ୍ୟ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲା। ଉତ୍ସବର ସଫଳତା ପାଇଁ ପରିଷଦ ସଭାପତି ପଦ୍ମଶ୍ରୀ ଉତ୍ସବ ଦାସ ସ୍ଥାନୀୟ ଗ୍ରାମବାସୀ, ଦର୍ଶକ ଓ କଳାକାରମାନଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ବଦ୍ରି ମିଶ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ପୁରୀ ଜିଲା ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଥିଲେ।



ଉତ୍ସବରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଜୁଆ ଖେଳି ୨ ଗିରଫ

ବଲଙ୍ଗା,ତା୨୬।୪(ଡି.ଏନ୍.ଏ.): ବଲଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମର ମେଳଣ ପଡ଼ିଆରେ ଚାଲିଥିବା ଜୁଆଖେଳ ଉପରେ ଚଢ଼ାଉ କରି ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଭୁଷଣ୍ଡପୁରର ବିଶ୍ୱନାଥ ସାହୁ ଓ ପୁରୀ ସଦର ଥାନା ଅନ୍ତର୍ଗତ ଧାନକେରା ଗ୍ରାମର ରମାକାନ୍ତ ବେହେରା। ଏମାନଙ୍କ ପାଖରୁ ୨ଟି ମୋବାଇଲ ଓ ୧୧ ହଜାର ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ୬୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବସଷ୍ଟାଣ୍ଡ ନିକଟ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ସ୍ଥିତାବସ୍ଥା ଜାରି

କୋଣାର୍କ,୨୬।୪(ଡି.ଏନ୍.ଏ.)

କୋଣାର୍କ ବସଷ୍ଟାଣ୍ଡ ନିକଟ ରାଉଳପାଟଣାସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ବେଆଇନ ନିର୍ମାଣ ଉପରେ ସିଭିଲ ଜଜ୍ (ସିନିୟର ଡିଭିଜନ), ନିମାପଡ଼ା ରହିତାଦେଶ ଜାରି କରିଛନ୍ତି। ଫଳରେ ଏହି ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ଘଟଣା ଅନୁଯାୟୀ, ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନ କରିବାକୁ ବହୁଦିନ ଧରି ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଏପରିକି, ବେଆଇନ ଭାବେ ଜବରଦସ୍ତି ତାଙ୍କ ପୈତୃକ ଘରୋଇ ଜମି ଉପରେ ଏହି ନିର୍ମାଣ ହେଉଥିବା ନେଇ ଅଦାଲତରେ ସିଭିଲ ସୁଟ୍ ୧୧୭/୨୦୨୧ ଜରିଆରେ ରାଉଳପାଟଣାର ପ୍ରମୋଦ ଗୋଛାୟତ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ସେ ଓଡ଼ିଶା ସରକାର, ଜିଲାପାଳ, ଗୋପ ତହସିଲଦାର ଓ ନିର୍ବାହୀ ଅଧିକାରୀ, କୋଣାର୍କ ଏନ୍ଏସିଙ୍କୁ ପକ୍ଷଭୁକ୍ତ କରିଥିଲେ। କୋଣାର୍କ ମୌଜାର ହାଲ୍ ଖାତା ନଂ. ୪୫୨, ହାଲ୍ ପ୍ଲଟ ନଂ. ୧୧୪୮, ସାବିକ ଖାତା ନଂ. ୨୯୮, ସାବିକ ପ୍ଲଟ ନଂ. ୧୧୧୦ ଓ ୧୫୯୨ ସମ୍ବନ୍ଧ ମୋଟ ଏରିଆ ୧ ଏକର ୨୪ ଡିସିମିଲ ଘରୋଇ ଜମି ଉପରେ ନିର୍ମାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ମାମଲାର ବିଚାର କରି ଅଦାଲତ ଏହି ଜମି ଉପରେ ଦେୱାନି ମାମଲାର ବିଚାର ଶେଷ ପର୍ଯ୍ୟନ୍ତ ସ୍ଥିତାବସ୍ଥା ରଖାଯିବା ପାଇଁ ପକ୍ଷମାନଙ୍କୁ ଗତ ୧୭ ତାରିଖରେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଫଳରେ ସେଠାକାର ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶ୍ୱସ୍ତି ଖେଳିଯାଇଛି।

# ତ୍ରୁଟିପୂର୍ଣ୍ଣ ଓଡ଼ିଆ ସୂଚନା ଫଳକକୁ ନେଇ ଅସନ୍ତୋଷ

ସାକ୍ଷୀଗୋପାଳ, ୨୬।୪ (ସ୍ୱ.ପ୍ର./ଡି.ଏନ୍.ଏ.)

## ସଂଶୋଧନ ପାଇଁ ଦାବି

ଓଡ଼ିଆ ଭାଷାର ସୁରକ୍ଷା ସହ ଏହାର ଗରିମା ଅକ୍ଷୁଣ୍ଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ସମୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିସହ ନିକଟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଗରିମା ସମ୍ପନ୍ନ ଓଡ଼ିଆ ଭାଷା ଆମ ସାହିତ୍ୟ, ସଂସ୍କୃତି ଏବଂ ଜାତୀୟତାର ଅନନ୍ୟ ପରିଚୟ। ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ବହୁମୂଲ୍ୟ ଅବଦାନ ରଖିଥିବା ମହାପୁରୁଷମାନେ ନିଜ ଜୀବନକୁ ତିଳ ତିଳ କରି ଉତ୍ସର୍ଗୀକୃତ କରିଛନ୍ତି। ହେଲେ ରାଜ୍ୟ ସରକାରଙ୍କ ଅଧୀନରେ ରହିଥିବା ଅଧିକାଂଶ ବିଭାଗର ପ୍ରସ୍ତୁତ ଫଳକରେ ଲେଖାଯାଇଥିବା ସୂଚନାକୁ ଦେଖିଲେ ମହାପୁରୁଷଙ୍କ ସଂଘର୍ଷମୟ ଜୀବନ ବ୍ୟର୍ଥ ବୋଲି ଜଣାପଡ଼େ। ଅଧିକାଂଶ ବିଭାଗୀୟ ଅଧିକାରୀମାନେ ଖୋଦ୍ ନିଜ ବିଭାଗର ଓଡ଼ିଆ ଭାଷାରେ ଲେଖାଥିବା ସୂଚନା ଫଳକ ପ୍ରତି କେତେ ସଚେତନ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ସତ୍ୟବାଦୀ ବ୍ଲକ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସାଧାରଣ ଲୋକ ଓ ବ୍ୟବସାୟ ଅନୁଷ୍ଠାନର ସମସ୍ତ ଫଳକ କେବଳ ଓଡ଼ିଆରେ ଲେଖାଯିବା ସହ ଏହାର ବ୍ୟବହାର ନିର୍ଭୁଲ୍ ରହିବ ବୋଲି ଏକ ସତନ୍ତ୍ର ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ଲାଗିଥିବା ଏକ ସୂଚନା ବୋର୍ଡକୁ ଦେଖିଲେ ଓଡ଼ିଆ ଭାଷାକୁ କିଭଳି କଦର୍ଥ କରାଯାଇଛି ତାହା ସହଜେ ଅନୁମାନ କରିହେବ। ରାଜ୍ୟ ସରକାରଙ୍କ ଅଧୀନରେ ରହିଥିବା ଏହି ବିଭାଗ ସୂଚନା ଫଳକରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ସାକ୍ଷୀଗୋପାଳ ସ୍ଥାନରେ 'ସାଷୀଗୋପାଳ' ଉଲ୍ଲେଖ ରହିଛି। ଉକ୍ତ ବିଭାଗର ଫଳକରେ ରହିଥିବା ଓଡ଼ିଆ ଭାଷାର ଏହି ତ୍ରୁଟିକୁ ଶୀଘ୍ର ସଂଶୋଧନ କରିବା ପାଇଁ ପୁରୀର ସାମାଜିକ କର୍ମୀ ରୋଜାଲିନ ସାହୁ ଉକ୍ତ ବିଭାଗ ସହ ପୁରୀ ଅଫିସିଆଲ, ସତ୍ୟବାଦୀ ବିଧାୟକଙ୍କ ନିକଟକୁ ଟୁଇଟ୍ କରି ଜଣାଇଥିଲେ ମଧ ଏହାର କୌଣସି ସମାଧାନ ହୋଇ ପାରିନାହିଁ। ସେହିଭଳି ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାକ୍ଷୀଗୋପାଳର ମୁଖ୍ୟ ଗେଟ୍‌ରେ ଷ୍ଟିକରିଂ ମାଧ୍ୟମ କରାଯାଇଥିବା ଅକ୍ଷର ମଧ୍ୟରୁ ଅନେକ ଅକ୍ଷର ନାହିଁ, ଯାହା ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର 'ସାକ୍ଷୀ ଗେ ପ ' ପୁରୀ ରହିଛି। ଓଡ଼ିଆ ଭାଷାର ଏଭଳି ବିକୃତ ଉଚ୍ଚାରଣ ପ୍ରତି ଦୃଷ୍ଟି ଦେଇ ଶୀଘ୍ର ସଂଶୋଧନ କରିବା ନିମନ୍ତେ ଆଇନଜୀବୀ ଅମର ନନ୍ଦ ଓ ବୁଦ୍ଧିଜୀବୀ ରାଜକିଶୋର ପତି ଦାବିକରିଛନ୍ତି।







ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଗେଟ୍ ବୋର୍ଡରୁ ଅକ୍ଷର ଲିଭିଯାଇଛି। ବସଷ୍ଟାଣ୍ଡ ପାଖରେ ଲାଗିଥିବା ସୂଚନାଫଳକ।

# ଭଗବତୀ ମହାବିଦ୍ୟାଳୟ ଜମି ହଡ଼ପ ମସୁଧା

## କଲେଜ ପ୍ରତିଷ୍ଠାତା ସଦସ୍ୟ ଓ ପୁରାତନ ଛାତ୍ର ସଂଘର ବିରୋଧ

କୋଣାର୍କ,୨୬।୪(ଡି.ଏନ୍.ଏ.)

କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟ ଜମିରେ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ପକ୍ଷରୁ ହଡ଼ପ କରି ବେଆଇନ ପ୍ରାଚୀର ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟକୁ ବିରୋଧ କରି ବୁଧବାର କଲେଜ ପରିସରରେ ଅନୁଷ୍ଠିତ କଲେଜ ଜମି ସୁରକ୍ଷା ସମ୍ପର୍କିତ ସାଂଗଠନିକ ବୈଠକରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ପୂର୍ବତନ କର୍ମକର୍ତ୍ତା ଓ ପୁରାତନ ଛାତ୍ର ସଂଘ, ବୁଦ୍ଧିଜୀବୀ ଓ କୋଣାର୍କ ଅଞ୍ଚଳବାସୀ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଭଗବତୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ଶିକ୍ଷାବିତ ହରେକୃଷ୍ଣ ମହାନ୍ତି ବୈଠକକୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ବଂଶୀଧର ବିଶ୍ୱାଳ, ପ୍ରତିଷ୍ଠାତା ସଦସ୍ୟ ଗୋକୁଳାନନ୍ଦ ସେଠୀ, ପୂର୍ବତନ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, ପୁରାତନ ଛାତ୍ର ସଂଘ ଉପଦେଷ୍ଟା ରାଜକିଶୋର ମହାପାତ୍ର, ବରିଷ୍ଠ ଖବରଦାତା ଏନ.ଏ. ଶାହ ଅନସାରୀ, ପୂର୍ବତନ ଉପାଧ୍ୟକ୍ଷ ଅନ୍ନପୂର୍ଣ୍ଣା ପାତ୍ର, ସାମାଜିକ କର୍ମୀ ଭାସ୍କର ଚନ୍ଦ୍ର ସେଠ, ରାମକୃଷ୍ଣ ମହାନ୍ତି, ପୂର୍ବତନ ପ୍ରାଧ୍ୟାପକ ଶରତଚନ୍ଦ୍ର ପ୍ରଧାନ, ପୂର୍ବତନ କାଉନସିଲର ରଣଜିତ ରାଉତରାୟ, ପ୍ରଫୁଲ୍ଲ ମହାପାତ୍ର, ଭାଗୀରଥି ସ୍ୱାଇଁ, ଶଙ୍କର ବିଶ୍ୱାଳ, ପୁରାତନ ଛାତ୍ର ନେତା ପିନାକୀ ପ୍ରସାଦ ନାୟକ ଓ କୋଣାର୍କ ଏନ୍ଏସି ୯ନଂ. କାଉନସିଲର ସୌମ୍ୟ ସୌରଭ ଦାଶ ପ୍ରମୁଖ ଯୋଗଦେଇ କଲେଜ ଜମିକୁ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡର ହଡ଼ପ ଭଳି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ କହିଥିଲେ। ଏ ନେଇ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ଗତ ୧୦ତାରିଖରେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏପରିକି ପୋଲିସ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧିକାରୀ ଓ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ପ୍ରମୁଖଙ୍କୁ ଏଭଳି ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବେଆଇନ କାମ ବନ୍ଦ କରିବା ପାଇଁ ପୋଲିସ ୪ଦିନ ସମୟ ଦେଇଥିଲା। ମାତ୍ର ଏହି ନିର୍ଦ୍ଦେଶକୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବୁଧବାର ଏହି ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପରିଚାଳନା କମିଟି ପୂର୍ବତନ ସମ୍ପାଦକ ବଂଶୀଧର ବିଶ୍ୱାଳ ଅନଧିକାର ଜବରଦଖଲ ଓ ଅଧିଗ୍ରହଣକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏଥିପାଇଁ ପୁରାତନ ଛାତ୍ର ସଂଘ ଓ ଅଧ୍ୟୟନରତ ଛାତ୍ରୀଛାତ୍ର ଆଗେଇ ଆସିବା ସହ କଲେଜ ଜମିର ସୁରକ୍ଷା ପାଇଁ ସାମୂହିକ ପ୍ରୟାସ ପାଇଁ ଆହ୍ୱାନ ଦେଇଥିଲେ। କଲେଜ ଜମିକୁ ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ପୁରାତନ ଛାତ୍ର ସଂଘ, କଲେଜ ପ୍ରତିଷ୍ଠାତା ସଦସ୍ୟ, ପୂର୍ବତନ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଧ୍ୟୟନରତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ପୁରାତନ ଛାତ୍ର ସଂଗଠନର ଉପଦେଷ୍ଟା ରାଜକିଶୋର ମହାପାତ୍ର ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଅଭିଯୋଗ କରାଯାଉଛି।

**ଶହୀଦ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି**

ସାକ୍ଷୀଗୋପାଳ,(ଡି.ଏନ୍.ଏ.):ଅଳଗୁମ ରୁଦ୍ରାଭିଷେକ ପରିଷଦ ପକ୍ଷରୁ ଆତଙ୍କବାଦୀ ଆକ୍ରମଣରେ ଶହୀଦ ବୀର ଯବାନ ଦେବାଶିଷ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତେ ଏକତ୍ରିତ ହୋଇ ଗଡେଶ୍ୱର ଦେବଙ୍କ ବେଢ଼ା ପରିସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ଦୀପଜାଳି ତାଙ୍କର ସ୍ମୃତିଚାରଣ କରିଥିଲେ। ପରିଷଦ ସମ୍ପାଦକ ଉପେନ୍ଦ୍ର ପଣ୍ଡା, ସତ୍ୟବାଦୀ ସେବା ଟ୍ରଷ୍ଟ ସଭାପତି ସୁଦର୍ଶନ ପ୍ରଧାନ, ଅଳଗୁମ ଶିଶୁ ମନ୍ଦିର ସମ୍ପାଦକ ଟୁଗୁଲି ମହାନ୍ତି, ଜନାର୍ଦ୍ଦନ ପାଠାଗାର ସଭାପତି ଡ.ଯୋଗେନ୍ଦ୍ର ନାୟକ, ସତ୍ୟବାଦୀ ସାହିତ୍ୟ ସଂସଦ ସମ୍ପାଦକ ପ୍ରଶାନ୍ତ ବିଶ୍ୱାଳ, ସୁଶାନ୍ତ ରଥ, ସର୍ବେଶ୍ୱର ମହାରଣା, ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଏଏସ୍ଆଇ, ଜିଲାପାଳଙ୍କୁ ହାଇକୋର୍ଟଙ୍କ ନୋଟିସ

## ସୂର୍ଯ୍ୟ ମନ୍ଦିରରେ ୨୭୧ ଫଟୋଗ୍ରାଫରଙ୍କ ଜୀବିକା ମାମଲା

କୋଣାର୍କ,୨୬।୪(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ମଧ୍ୟରେ ଫଟୋ ଉଠାଇ ପେଟ ପୋଷୁଥିବା ପ୍ରାୟ ୨୭୧ ଫଟୋଗ୍ରାଫରଙ୍କୁ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ନୂଆ ଗାଇଡ୍‌ଲାଇନ ଅନୁଯାୟୀ ମନ୍ଦିର ପରିସର ମଧ୍ୟକୁ ବାରଣ କରିବାକୁ ନେଇ ଏକ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଏଏସ୍ଆଇ ଡିଜି,ଏଏସ୍ଆଇ ପୁରୀ ସର୍କଲର ଅଧୀକ୍ଷକ, ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଜିଲାପାଳଙ୍କୁ ନୋଟିସ ଜାରି କରିଛନ୍ତି। ମେ' ୧୭ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ କରିବାକୁ କୁହାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ଓ ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବୈଦ୍ୟନାଥ ଗୋଚ୍ଛାୟତ ଓ ଅନ୍ୟମାନଙ୍କ ପକ୍ଷରୁ ଆଗତ ହୋଇଥିବା ରିଟ୍ ପିଟିଶନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ଫନୀ ବାତ୍ୟା ସମୟରେ ଜିଲା ପ୍ରଶାସନ ପକ୍ଷରୁ ଏକ ସର୍ବେକ୍ଷଣ କରାଯାଇ ସୂର୍ଯ୍ୟ ମନ୍ଦିରରେ ପ୍ରାୟ ୨୭୧ଜଣ ଫଟୋଗ୍ରାଫରଙ୍କୁ ଚିହ୍ନଟ କରାଯାଇ ସମସ୍ତଙ୍କୁ ୧୦,୦୦୦ଟଙ୍କା ଲେଖାଏ ବାତ୍ୟା ସହାୟତା ପ୍ରଦାନ କରାଯାଇଥିଲା। ୨୦୧୭ ମସିହାରେ ଏଏସ୍ଆଇ ପକ୍ଷରୁ ନୂଆ ଗାଇଡ୍‌ଲାଇନ ଆସିଥିଲା। ଏଥିରେ ମନ୍ଦିର ଭିତରେ ଫଟୋଗ୍ରାଫି ପାଇଁ ସର୍ବନିମ୍ନ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ବାଧ୍ୟତାମୂଳକ ହୋଇଥିବା ବେଳେ ସର୍ବାଧିକ ୬୮ଜଣ ଫଟୋଗ୍ରାଫର ମନ୍ଦିର ଭିତରକୁ ଯାଇପାରିବେ ବୋଲି କୁହାଯାଇଥିଲା। ସେହିପରି ପର୍ଯ୍ୟଟନ ବିଭାଗ ପରିଚୟପତ୍ର ଦେଖାଇ କିଛି ଫଟୋଗ୍ରାଫର ମନ୍ଦିର ଭିତରକୁ ଯାଉଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହି ପରିଚୟପତ୍ରକୁ ପର୍ଯ୍ୟଟନ ବିଭାଗ ଅସ୍ୱୀକାର କରିଥିଲେ ଏବଂ ଏହା ତତ୍କାଳୀନ ପର୍ଯ୍ୟଟନ ଅଧିକାରୀଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ଦିଆଯାଇଥିବା ସ୍ପଷ୍ଟ ହୋଇଥିଲା। ଏହି ତଥ୍ୟ ଜଣାପଡିବା ପରେ ଫଟୋଗ୍ରାଫରମାନଙ୍କୁ ଏଏସ୍ଆଇ ପକ୍ଷରୁ ଭିତରକୁ ଯିବାକୁ ବାରଣ କରାଯାଇଥିଲା। ଏହାକୁ ଫଟୋଗ୍ରାଫରମାନେ ବିରୋଧ କରିବା ସହ ସେମାନଙ୍କୁ ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତାଲିକା ଅନୁଯାୟୀ ଅନୁମତି ଦେବାପାଇଁ ଏହି ମାମଲା ରୁଜୁ ହୋଇଛି। ଅଧିକନ୍ତୁ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ଓ ସର୍ବାଧିକ ୬୮ ସଂଖ୍ୟା କିପରି ଓ କେଉଁ ଭିତ୍ତିରେ ସ୍ଥିରୀକୃତ ହେଲା, ତାହା ମଧ୍ୟ ଆବେଦନକାରୀଙ୍କ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଆବେଦନକାରୀଙ୍କ ପକ୍ଷରୁ କୋଣାର୍କ ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ଶ୍ରୀଜୟ କୁମାର ବରାଳ ଓ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଐତିହ୍ୟ ଗୋପାଳ ତୀର୍ଥ ମଠ ଅବହେଳିତ

ପୁରୀ ଅଫିସ, ୨୬।୪:



ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରୁ ହାତୀ ବେଶ ଅନ୍ୟତମ। ପବିତ୍ର ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ୧୦୮ ଗଡୁ ସୁବାସିତ ଜଳରେ ସ୍ନାନ କରିବା ପରେ ଦୁର୍ଲ୍ଲଭ ହାତୀବେଶରେ ସଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ତେବେ ବଡ଼ ଠାକୁର ପ୍ରଭୁ ବଳଭଦ୍ରଙ୍କ ନିମନ୍ତେ ବାଲିସାହିସ୍ଥିତ ଗୋପାଳତୀର୍ଥ ମଠ ପରିସରରେ ହାତୀବେଶ ପ୍ରସ୍ତୁତ କରାଯାଇଥାଏ। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପାର୍ଶ୍ୱରେ ଥିବା ରାଘବଦାସ ମଠ ପକ୍ଷରୁ ବେଶ ଯୋଗାଇ ଦିଆଯାଇଥାଏ। ତେବେ ପରମ୍ପରା ଅନୁଯାୟୀ ପବିତ୍ର ଅକ୍ଷୟତୃତୀୟା ତିଥି ଅବସରରେ ଗୋପାଳ ତୀର୍ଥ ମଠ ପରିସରସ୍ଥ ମା' ଭୁବନେଶ୍ୱରୀଙ୍କ ପୀଠରେ ଶ୍ରୀ ବଳଭଦ୍ର ମହାପ୍ରଭୁଙ୍କ ହାତୀବେଶ ନିର୍ମାଣର ଶୁଭ ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ତେବେ ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ କ୍ରମେ ନିର୍ମିତ ହେଉଥିବା ବେଶ ଗୃହରେ ଉପରୋକ୍ତ ବେଶ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମାଣ କରାଯିବ ଏବଂ ସ୍ନାନ ପୂର୍ଣ୍ଣମୀ ଦିନ ବେଶ ଏହି ମଠରୁ ନିଆଯିବ। ଶ୍ରୀମନ୍ଦିର ସେବକ ଦରଜି ଓ ସୋଲ କାରିଗରମାନେ ଏହି ବେଶ ପ୍ରସ୍ତୁତ କରିଥାନ୍ତି। ତେବେ ଦୁଃଖ ଓ ପରିତାପର ବିଷୟ ଯେ, ଏହି ମଠକୁ ଧ୍ୱଂସ ସ୍ତୁପରେ ପରିଣତ କରି ଶ୍ରୀମନ୍ଦିର ଏହି ମଠକୁ ଅଧିଗ୍ରହଣ କରିବା ପରଠାରୁ ସାହି ବାସିନ୍ଦାମାନଙ୍କର ୨୦୧୬ ମସିହା ଠାରୁ ଅନୁରୋଧ ରକ୍ଷା କରି ଏଯାବତ୍ ଭଗ୍ନପୀଠରେ ସଂସ୍କାର ତଥା ପୁନଃନିର୍ମାଣ କରାଯାଇନାହିଁ। ଫଳରେ ଚଳିତ ସପ୍ତାହରେ ମା'ଙ୍କ ମନ୍ଦିରର ଦଧିନଉତି ଓ ଚକ୍ର ମନ୍ଦିରରୁ ବିଚ୍ୟୁତ ହୋଇ ଭୂମିଶାୟୀ ହୋଇଛି। ବିନାଚକ୍ର ଓ ଧ୍ୱଜାରେ ଦେଉର ନୀତିକାନ୍ତି କରାଯାଉଛି ଏବଂ ଏହି ଅଘଟଣ ବିଷୟରେ ପୂଜକ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛନ୍ତି ବୋଲି କହିଛନ୍ତି। ଓଡ଼ିଶାର ଗର୍ବ ଶ୍ରୀମନ୍ଦିରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ମନ୍ଦିରଟିର ଦୂରାବସ୍ଥା ପରିଲକ୍ଷିତ କରି ଏହି ଅଞ୍ଚଳର ଅଧିବାସୀମାନେ ଭାବ ବିହ୍ୱଳ ହୋଇପଡ଼ିଛନ୍ତି। ତେଣୁ ଯଥାଶୀଘ୍ର ମନ୍ଦିରର ମରାମତି ହେବା ଉଚିତ ବୋଲି ଐତିହ୍ୟ ବିଶାରଦ ତଥା ଗୋପାଳ ତୀର୍ଥ ମଠସ୍ଥ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପୀଠ ଉନ୍ନୟନ ଓ ସଂସ୍କାର କମିଟି ସମ୍ପାଦକ ଡ. ସୁରେନ୍ଦ୍ର ମିଶ୍ର ମତ ଦେଇଛନ୍ତି।

# ୪ ପୁସ୍ତକ ଲୋକାର୍ପିତ



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

**ପୁରୀ ଅଫିସ, ୨୬।୪:** କଟକର ପ୍ରକାଶନ ସଂସ୍ଥା 'ଆଦିତ୍ୟ ଭାରତ'ର ଜିଲାସ୍ତରୀୟ କାର୍ଯ୍ୟାଳୟ ପୁରୀ ଦଇତାପଡ଼ା ସାହିରେ ଉଦ୍‌ଘାଟିତ ହୋଇଯାଇଛି। ପାଠକଙ୍କୁ ସୁଲଭ ମୂଲ୍ୟରେ ପୁସ୍ତକ ବିକ୍ରୟ ଓ ଲେଖକଙ୍କ ବହିଗୁଡ଼ିକୁ ପ୍ରକାଶ କରିବା ଏହାର ଉଦ୍ଦେଶ୍ୟ ବୋଲି ଆଦିତ୍ୟ ଭାରତ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ କହିଛନ୍ତି। ଏହି ଅବସରରେ ହୋଟେଲ ନାୟକ ପ୍ଲାଜାଠାରେ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ 'ଓଡ୍ର ଦେଶର ଇତିହାସ ଓ ଐତିହ୍ୟର ଓଡ଼ିଶା' ପୁସ୍ତକର ଦ୍ୱିତୀୟ ସଂସ୍କରଣ, ଅଶୋକ କୁମାର ମହାନ୍ତିଙ୍କ 'ପୁରୁଷୋତ୍ତମ ଓ ପତିତପାବନ', ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ 'ଶ୍ରୀକ୍ଷେତ୍ରେ ଶ୍ରୀଜଗନ୍ନାଥ', ଦିଲୀପ କୁମାର ସ୍ୱାଇଁଙ୍କ ସମାଲୋଚନା ପୁସ୍ତକ 'ସମକାଳୀନ ଓଡ଼ିଆ ଗଳ୍ପ' ଲୋକାର୍ପିତ ହୋଇଥିଲା। କବି ଅଜୟ ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେବା ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ

ପୁରୀ ଅଫିସ,୨୬।୪

ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ନାମରେ କେତେଜଣ ଛାତ୍ରୀମାନେ ଲିଖିତ ଭାବେ କଲେଜ ଅଧ୍ୟକ୍ଷାଙ୍କୁ ଅଭିଯୋଗ କରିଛନ୍ତି। ଅଧ୍ୟାପକ ଜଣକ ଅଶ୍ଳୀଳ ଇଙ୍ଗିତ ସହ ଛାତ୍ରୀମାନଙ୍କୁ ହଇରାଣ କରୁଥିବା ଜଣାଇଛନ୍ତି। ଗ୍ରୁପରୁ ନମ୍ବର ନେଇ ରାତିରେ ସେ ଛାତ୍ରୀଙ୍କୁ ଫୋନ୍ କରି ଅଶ୍ଳୀଳ କଥା କହୁଥିବା ଅଭିଯୋଗରେ ଦର୍ଶାଯାଇଛି। ପରୀକ୍ଷାରେ ଅଧିକ ନମ୍ବର ଦେଇ ପାସ୍ କରିଦେବାର ପ୍ରଲୋଭନ ଦେଖାଉଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରି ଉକ୍ତ ଅଧ୍ୟାପକଙ୍କୁ ତୁରନ୍ତ ବଦଳି ପାଇଁ ଦାବି ହୋଇଛି। ଛାତ୍ରୀମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସମ୍ପୃକ୍ତ ଅଧ୍ୟାପକ ଅଢେଇ ବର୍ଷ ହେବ ସିଲାବସ୍‌କୁ ସମ୍ପୂର୍ଣ୍ଣ କରୁନାହାନ୍ତି। ଫଳରେ ଛାତ୍ରୀମାନେ ଥିୟରି ଓ ପ୍ରାକ୍ଟିକାଲରେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଇଣ୍ଟରନାଲ ପରୀକ୍ଷାରେ ମନଇଚ୍ଛା ପ୍ରଶ୍ନପତ୍ର ପାଟର୍ନ ପରିବର୍ତ୍ତନ କରୁଛନ୍ତି। ମାତ୍ର ଏନେଇ ଅବଗତ କରାଯାଉନାହିଁ। ତାହା ପୁଣି ବିନା ଅପସନ୍‌ରେ ପକାଉଛନ୍ତି। ମନଇଚ୍ଛା ମାର୍କ କାଟି ଦେଉଛନ୍ତି। ସେହିପରି ଗତ ଡିସେମ୍ବରରେ ମହାବିଦ୍ୟାଳୟରେ ହୋଇଥିବା ସ୍ୱାଗତ ଉତ୍ସବରେ ସମ୍ପୃକ୍ତ ଅଧ୍ୟାପକ ମଦ୍ୟପାନ କରି ଆସି ପିଲାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ସେହିଭଳି ପ୍ରୋଜେକ୍ଟ ଏବଂ ସେମିନାର ପାଇଁ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ପ୍ରୋଜେକ୍ଟ ଖାତାରେ ଭୁଲ ବାହାର କରି ପୁଣି କରିବାକୁ କହିଥିଲେ। ଅନେକ ସମୟରେ ସମ୍ପୃକ୍ତ ଅଧ୍ୟାପକଙ୍କ ପାଇଁ ଛାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଛାତ୍ରୀମାନେ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅପରପକ୍ଷେ ସମ୍ପୃକ୍ତ ଅଧ୍ୟାପକଙ୍କ ଏକ ଅଡିଓ କ୍ଲିପ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି। ତେବେ ଘଟଣାକୁ ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ସହ ଯୋଗଯୋଗ ହୋଇପାରିନାହିଁ।

# ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚଙ୍କ ଧାରଣା

## ସ୍କୁଲ ପରିଚାଳନା କମିଟି ଅନୁମୋଦନରେ ବିଳମ୍ବ

ଗୋପ,୨୬।୪(ଡି.ଏନ୍.ଏ.): ମଲ୍ଲ ଗ୍ରାମ ପ୍ରକଳ୍ପ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟି ଅନୁମୋଦନ ଦେବାରେ ବିଳମ୍ବକୁ ନେଇ ବୁଧବାର ପୂର୍ବାହ୍ନରେ ବଡତରା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମିଶ୍ର ଓ ତାଙ୍କର କେତେକ ସମର୍ଥକଙ୍କ ସହ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରକାଶ ଯେ, ଏହି ବିଦ୍ୟାଳୟର ପରିଚାଳନା କମିଟି ଗଠନ ନିମନ୍ତେ ଗତ ଫେବୃୟାରୀ ୭ରେ ବୈଠକ କରାଯିବା ପରେ ସଦସ୍ୟ ମନୋନୀତ କରାଯାଇଥିଲା। ସର୍ବସମ୍ମତି ନିଷ୍ପତ୍ତି ଅନୁସାରେ ଫେବୃୟାରୀ ୧୪ରେ କମିଟି ଗଠନ ହେବା ପରେ ଏହାକୁ ଅନୁମୋଦନ ନିମନ୍ତେ ବ୍ଲକ ଶିକ୍ଷା ବିଭାଗକୁ ଆସିଥିଲା। କିନ୍ତୁ ଏହି କମିଟି ଅନୁମୋଦନ ଏ ପର୍ଯ୍ୟନ୍ତ କରାଯାଇପାରି ନାହିଁ। ଫଳରେ ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ଆସୁଥିବା ସରକାରୀ ଯୋଜନା ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। ବଡତରା ସରପଞ୍ଚଙ୍କ ନିଜସ୍ୱ ଗାଁରେ ଏପରି ଏକ ସ୍କୁଲ ପରିଚାଳନା କମିଟି ଗଠନ ଅନୁମୋଦନ କାର୍ଯ୍ୟରେ ବିଳମ୍ବ ନେଇ ସରପଞ୍ଚ ମିଶ୍ର ବାରମ୍ବାର ଦୌଡ଼ି ନିରାଶ ହେବାକୁ ପଡ଼ିଥିଲା। ସ୍କୁଲ ପରିଚାଳନା କମିଟି ଅନୁମୋଦନରେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ତେଣୁ ଏ ନେଇ ସରପଞ୍ଚ ମିଶ୍ର ନିଜର ସମର୍ଥକମାନଙ୍କୁ ନେଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ତୁରନ୍ତ ପରିଚାଳନା କମିଟି ଗଠନ ଅନୁମୋଦନ କରିବାକୁ ଦାବି କରିଥିଲେ। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଅନୁପସ୍ଥିତ ଥିବାରୁ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବେଣୁଧର ମଲ୍ଲିକଙ୍କୁ ପଚାରିବାରେ ପରିଚାଳନା କମିଟି ଗଠନକୁ ନେଇ ଅଭିଯୋଗ ରହିଛି। ତଦନ୍ତ ପରେ ସରକାରୀ ନିୟମ ଅନୁସାରେ କରାଯିବ ବୋଲି କହିଥିଲେ।


**OFFICE OF THE CHIEF ENGINEER MEGALIFT, BHUBANESWAR**
Plot No.A-8/2, 1st Floor, Bhoi Nagar, Bhubaneswar-751022 (Odisha)
ମୁଖ୍ୟଯନ୍ତ୍ରୀ, ବୃହତ୍ ଉଠା ଜଳସେଚନଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
ପ୍ଲଟ୍ ନଂ.ଏ-୮/୨,ପ୍ରଥମ ମହଲା,ଭୋଇନଗର, ଭୁବନେଶ୍ୱର-୭୫୧୦୨୨ (ଓଡ଼ିଶା)
E-mail - cemegalift-eicwr.od@nic.in - 91-0674-2567252, - 91-0674-2567258
No.A-68: No.2187/Dated:25.04.23
**Tender Cancellation Notice**
**Tender Call Notice No.2ML/2023-24**
The tender for the work "Appointment of Project Management Consultant (PMC) for implementation of Mega Lift Projects in Cluster No. XIX" is hereby cancelled due to error in creation of tender.
**Sd./- Chief Engineer, Megalift, Bhubaneswar**
OIPR-32504/11/0006/2324



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୮୪ ତା:୨୧।୦୪।୨୦୨୩
**ବିଜ୍ଞାପନ**
No. CAD-355: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲଆଇଜି-୧୪ (LIG-14), ଧନୁର୍ଜୟପୁର କେନ୍ଦୁଝର ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀମତୀ ଅନିତା ସାମଲ, ସ୍ୱାମୀ: ୰ସତ୍ୟବ୍ରତ ସାମଲ, (୨) ଶୁଭମ ସାମଲ, ପିତା: ୰ସତ୍ୟବ୍ରତ ସାମଲ, ସା: ରାମମନ୍ଦିର କଲୋନୀ, ମାଇନିଂ ରୋଡ୍, ପୋ./ଥାନା: କେନ୍ଦୁଝରଗଡ଼, ଜିଲା: କେନ୍ଦୁଝରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଅନିତା ସାମଲ ଏବଂ ଶୁଭମ ସାମଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପ୍ରମୋଦ କୁମାର ବିଶ୍ୱାଳ, ପିତା: ୰ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ସା: ଧନୁର୍ଜୟପୁର ଏଚ୍.ବି. କଲୋନୀ, ପୋ.: କେନ୍ଦୁଝର ବଜାର, ଥାନା: କେନ୍ଦୁଝର ଟାଉନ, ଜିଲ୍ଲା: କେନ୍ଦୁଝରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0070/2324



**DETAIL EXPRESSION OF INTEREST (EOI) For Supply of Need Based Agro Inputs**
**THE ODISHA AGRO INDUSTRIES CORPORATION LIMITED**
(A Government of Odisha Undertaking)
95, Satya Nagar, Bhubaneswar - 751007
**EOI NOTICE FOR 2023-24**
Bid Identification No. M.D./OAIC-08 (A.I.)/2023-24
No. CAD-350: Online EOI in conformity with technical specification, terms & condition are invited from manufacturers for **"Supply of Need Based Agro Inputs"**. For details please visit website **https://tendersodisha.gov.in / www.odishaagro.nic.in** from **Dt.27.04.2023 to Dt.10.05.2023**.
**Sd./- Director, A&FP and M.D., OAIC Ltd.**
OIPR-01047/11/0003/2324



**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ**
**ବିଜ୍ଞପ୍ତି**
No. g-12: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ଶିଶୁ ଜଣଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁଜଣଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି, ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ, ଫୋନ ନଂ.: 06792-255562 କିମ୍ବା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ଫୋନ ନଂ.: 06792-262246କୁ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଜଣଙ୍କୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଓ ପୋଷ୍ୟସନ୍ତାନ ନିୟମାବଳୀ ୨୦୨୨ ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।
ଶିଶୁର ନାମ: **ରାଜବୀର**
ଲିଙ୍ଗ: ଝିଅ
ବୟସ: ୧ମାସ ୧୫ଦିନ
ଉଦ୍ଧାର ହୋଇଥିବା ତାରିଖ: ୦୪।୦୩।୨୦୨୩
ଉଦ୍ଧାର ହୋଇଥିବା ସ୍ଥାନ: ମୋରଡ଼ା ନିକଟସ୍ଥ ଜଙ୍ଗଲ, ମୋରଡ଼ା, ମୟୂରଭଞ୍ଜ
ଫଟୋ

ସ୍ୱା./– ଜିଲ୍ଲାପାଳ, ମୟୂରଭଞ୍ଜ
OIPR-33021/11/0002/2324



**IDCO | ODISHA NEW OPPORTUNITIES — OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**
No. CAD-349
Tender Call Notice No. BBSR/ELECT-II/E-43/22-23/1251 Dated: 21.04.2023
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
Name of the Work : Supply, Installation, testing and commissioning of HVAC system in the 2nd Floor of Krushi Bhawan, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-15/2022-23 | 28.04.2023 at 12.00 hrs. | 08.05.2023 at 17.00 hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in the e-Procurement portal as well as in IDCO website.
OIPR-14003/11/0022/2324 Sd./- Divisional Head (Elect.-II), IDCO, Bhubaneswar



No. B-124
**OFFICE OF THE SUPERINTENDING ENGINEER CUTTACK (R&B) DIVISION No. II, CUTACK**
E-Mail ID: eepwdcuttack2@gmail.com, Tel./Fax No.: (0671) 2973399
**GOVERNMENT OF ODISHA**
**"e" Procurement Notice**
**e-Procurement Notice for Building Work**
Bid Identification No. - S.E. CTC(R&B)-II-03 of 2023-24
1. Name of the Work : 01 No. of Building Work
2. Estimated Cost : Rs.2,97,41,290/- (Civil+E.I.+P.H.)
3. Period of Completion : 06 (Six) Calendar Months
4. Date & time of sale & receipt of bid Document : From 29.04.2023 to 5 P.M. of 08.05.2023
5. Last date/time of receipt of Bids : 5 P.M. of 08.05.2023
6. Date & time of opening of Bids : 11 A.M. of 09.05.2023
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal **http://www.tendersorissa.gov.in**. Any addendum/corrigendum/cancellation of tender can also be seen in the said website.
Sd./- Superintending Engineer Cuttack (R&B) Division No.- II
OIPR-34137/11/0003/2324



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: ୬୫୨୫ IND-II-PH-1141 ତାରିଖ: ୨୧।୦୪।୨୦୨୩
**ବିଜ୍ଞାପନ**
No. CAD-343: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ମନୋଜ କୁମାର ସାହୁ ଓଡ଼ିଶାର ରାୟଗଡ଼ା ଜିଲ୍ଲା ରାୟଗଡ଼ା ତହସିଲ ଅନ୍ତର୍ଗତ କାଦମ୍ବିରିଗୁଡ଼ା ଗ୍ରାମରେ ୫.୮୮୮ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କାଦମ୍ବିରିଗୁଡ଼ା ନଦୀ ବାଲିଘାଟ ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୯।୦୬।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ରାୟଗଡ଼ା ଜିଲ୍ଲା, ମାଲିଗାଁ ରାଜସ୍ୱ ନିରୀକ୍ଷକଙ୍କ ଅନ୍ତର୍ଗତ କୋଟାପେଟା ଗ୍ରାମପଞ୍ଚାୟତ ସ୍ଥିତ କୋଟାପେଟା ଗ୍ରାମରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ରାୟଗଡ଼ା।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ରାୟଗଡ଼ା।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ରାୟଗଡ଼ା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
OSPCB-PH-MISC-0005-2023/4/2023
ସ୍ୱା./– ସଦସ୍ୟ ସଚିବ
OIPR-08012/11/0012/2324



**ODISHA PUBLIC SERVICE COMMISSION**
19, DR.P.K.PARIJA ROAD, CUTTACK-753001
**NOTICE**
No.3790/PSC, Dt.26.4.23
(DR-IV) (2PL-02-2022-23)
**No.D-27:** The written examination for recruitment to the post of Insurance Medical Officer, pursuant to Advertisement No.14 of 2022-23 will be conducted as per the following programme.

| Date | Time |
|---|---|
| 14.05.2023 (Sunday) | 10.00 A.M. to 1.00 P.M. 10.00 A.M. to 02.00 P.M. for PWD candidates |

The address of Examination Centre(s) along with allotment of Roll Numbers is given below:-

| Sl. No. | Name of the Examination Centres | Roll Numbers |
|---|---|---|
| 1 | Indira Gandhi Women's College, Shelter Chhak, Cuttack, 753008 | From 100001 to 100302 = 302 Candidates |
| 2 | DAV Public School (North Block), CDA Sector-6, Cuttack, 753014 | From 100303 to 100758 = 456 Candidates |
| 3 | DAV Public School (South Block), CDA Sector-6, Cuttack, 753014 | From 100759 to 101214 = 456 Candidates |

The candidates admitted are required to download their **"Admission Certificates"** and **"Instructions to candidates"** from the website of the Commission at www.opsc.gov.in. with effect from 06.05.2023.
OIPR-12002/11/0015/2324 **Sd./- Secretary**



Government of Odisha
**Department of Agriculture & Farmers Empowerment**
**Directorate of Agriculture & Food Production,**
Odisha, Bhubaneswar.
**Notice No. DE/AGR/ 1072 /Date 26.04.2023**
**No.L-21:Expression of Interest for empanelment/approval of Manufacturers and Make & Model of improved Implements, Equipment and Machinery relating to Agriculture, Fisheries & Animal Resource Development sector including Kisan Drones ( for Agriculture use ) for 2023-24 , 1st phase for popularization under different schemes of Government of Odisha.**
Expression of Interest (EoI) is invited from manufacturing firms/source company/suppliers for enlisting improved and advanced implements, equipment and machinery relating to Agriculture, Fisheries & Animal Resource Development Sector including Kisan Drones (for Agriculture use) for popularization through subsidized sale in the State of Odisha under various programmes of State and Central Government. Offers should be submitted online through the **link https://forms.gle/FfyrtkmaGdSBJoMA7** and the hard copy of uploaded documents must be submitted to the Development Engineer, OFMRDC, Satyanagar, Bhubaneswar-751007. Offers through online mode will be received up to 5:00 P.M. of 22.05.2023 and hard copies of uploaded documents will be received up to 5:00 P.M. of 25.05.2023. Hard copies must be submitted through **Registered post/ Speed Post only within the due date and time failing which offers though submitted through online process will not be considered for empanelment by SLTC.** The sealed cover containing the hard copies of the uploaded documents should be super-scribed as **"OFFER FOR ENLISTMENT OF MACHINERY AND EQUIPMENT RELATING TO AGRICULTURE, FISHERIES & ANIMAL RESOURCE DEVELOPMENT SECTOR FOR THE YEAR 2023-24, 1ST PHASE"** . The authority is not responsible for any postal delay. The letter of request from the manufacturers for enlistment/ empanelment of their products during 2023-24 without required authenticated documents and not fulfilling the stipulated terms and conditions will not be taken into consideration and will be liable for rejection. **The authority reserves the right to reject/ cancel the offer in full or part without assigning any reasons thereof.** The detail terms and conditions can also be obtained from the Govt. website **www.odisha.gov.in** and **http://agrisnetodisha.ori.nic.in.**

**MAJOR EVENTS UNDER THE EOI PROCESS:**

| | | |
|---|---|---|
| 1. | Date of issue of EOI: | 26.04.2023 |
| 2. | Last date of submission of EOI in online mode: | 5:00 PM of 22.05.2023 |
| 3. | Last date of submission of hard copies of uploaded documents: | 5:00 PM of 25.05.2023 |
| 4. | Date of opening of EoI: | At 11:00 A.M. on 26.05.2023 at Conference Hall of OFMRDC |

Address for Submission of Proposal:
Development Engineer, OFMRDC, Satya Nagar,Bhubaneswar-751007
Email: **ofmrdc.dag@nic.in / de.ofmrdc21@gmail.com**
**Sd/- Director of Agriculture & Food Production, Odisha,Bhubaneswar**
OIPR-01051/11/0002/2324


See Career Appointment on every Wednesday & Saturday

# ଧରାପଡ଼ିଲା ୯ ଜଣିଆ ନକଲି ପୋଲିସ ଗ୍ୟାଙ୍ଗ

## ଡ୍ରାଇଭର, ହେଲ୍‌ପରଙ୍କୁ ଅପହରଣ କରି ମାଡ଼

- ମୁଣ୍ଡ ଜାମିନ ରଖି ମାଲିକଙ୍କଠୁ ନେଇଥିଲେ ୪ ଲକ୍ଷ
- ଖେଳନା ବନ୍ଧୁକ, ୩ କାର୍, ପୋଲିସ ଫ୍ଲିକର ଲାଇଟ ଆଦି ଜବତ
- ପ୍ରଥମେ ଖସିଯାଇଥିଲେ ହେଲ୍‌ପର, ଥାନାରେ ପହଞ୍ଚି ଜଣାଇଥିଲେ ଡ୍ରାଇଭର

ଭୁବନେଶ୍ୱର,୨୬।୪ (ବ୍ୟୁରୋ)

ତେଲ ଟ୍ୟାଙ୍କର ସହ ଡ୍ରାଇଭର ଓ ହେଲ୍‌ପରଙ୍କୁ ଅପହରଣ କରି ନିସ୍ତୁକ ମାଡ଼ ମାରିବା ଏବଂ ମୁଣ୍ଡ ଜାମିନ ରଖି ମାଲିକଙ୍କଠାରୁ ୪ ଲକ୍ଷ ଟଙ୍କା ନେବା ମାମଲାରେ କମିଶନରେଟ ପୋଲିସ ଏକ ୯ ଜଣିଆ ନକଲି ପୋଲିସ ଗ୍ୟାଙ୍ଗକୁ ଧରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ବେଗୁନିଆ ଥାନା ଅଞ୍ଚଳର ସତ୍ୟପ୍ରିୟ ପଟ୍ଟନାୟକ (୪୫), ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଦୀପକ ଜାଲି (୩୨), ବଡ଼ଗଡ଼ ଥାନା ବ୍ରିଟ କଲୋନିର ସ୍ୱାଗତ ପଟ୍ଟନାୟକ (୨୨), ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଞ୍ଚଳର ସୁଶାନ୍ତ ଦାସ (୫୦), କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ପ୍ରିୟରଞ୍ଜନ ସ୍ୱାଇଁ (୨୮), ଜଗତ୍‌ସିଂହପୁର ଜିଲା ସଦର ଥାନା ଅଞ୍ଚଳର ଏସ୍.ବି. ଅମ୍ରିତ କୁମାର (୨୮) ଓ ମଞ୍ଚେଶ୍ୱର ଥାନା ଚକେଇସିଆଣିର ଅଶୋକ ନାୟକ (୨୬)। ଅନ୍ୟ ୨ଜଣ ନାବାଳକ ଅଛନ୍ତି। ବୁଧବାର ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ନାବାଳକଦ୍ୱୟଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ପୋଲିସ ହାଜର କରିଛି। ଏହି ଗ୍ୟାଙ୍ଗଠାରୁ ଲୁଟ୍ ଟ୍ୟାଙ୍କର ସମେତ ୩ଟି କାର୍, ଗୋଟିଏ ଖେଳନା ବନ୍ଧୁକ, ଗୋଟିଏ ପୋଲିସ ଫ୍ଲିକର ଲାଇଟ୍, ୧୦ ହଜାର ଟଙ୍କା ଓ ୮ଟି ମୋବାଇଲ ଜବତ କରାଯାଇଛି। ଏଥିସହ ୪ ଲକ୍ଷ ଟଙ୍କା ଯାଇଥିବା ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରିଛି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ଶଶିଭୂଷଣ ପାତ୍ରଙ୍କର କୋରାପୁଟ ଜିଲା ପାଡୁଆଠାରେ ପାତ୍ର ଫିଲିଂ ଷ୍ଟେଶନ ରହିଛି। ସେ ଟ୍ୟାଙ୍କର ଦ୍ୱାରା ପାରାଦୀପରୁ ପାଡୁଆକୁ ତେଲ ଆଣନ୍ତି। ଗତ ବୁଧବାର ଶଶିଭୂଷଣଙ୍କ ଡ୍ରାଇଭର ମହେଶ ଯାଦବ ଓ ହେଲ୍‌ପର ମିଥୁନ ଯାଦବ ତେଲ ଆଣିବା ପାଇଁ ପାଡୁଆରୁ ଉକ୍ତ ଟ୍ୟାଙ୍କର ନେଇ ପାରାଦୀପ ଅଭିମୁଖେ ବାହାରିଥିଲେ। ଜଟଣୀ ଗଙ୍ଗପଡ଼ା ନିକଟରେ ଅଭିଯୁକ୍ତମାନେ ବନ୍ଧୁକ ଦେଖାଇ ନିଜକୁ ପୋଲିସ କହି ଉକ୍ତ ଟ୍ୟାଙ୍କରକୁ ଅଟକାଇଥିଲେ। ଏହାପରେ ସେମାନେ ଟ୍ୟାଙ୍କର ସହ ଡ୍ରାଇଭର ଓ ହେଲ୍‌ପରଙ୍କୁ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କୁହା ଅଞ୍ଚଳସ୍ଥିତ ଏକ ଜଙ୍ଗଲକୁ ନେଇଯାଇଥିଲେ। ସେମାନେ ଡ୍ରାଇଭର ଓ ହେଲ୍‌ପରଙ୍କୁ ନିସ୍ତୁକ ମାଡ଼ ମାରି ମାଲିକଙ୍କୁ ୪ ଲକ୍ଷ ଟଙ୍କା ମାଗିଥିଲେ। ଏପରିକି ଗଞ୍ଜେଇ ଚାଲାଣ ହେଉଥିବା କହି ଟଙ୍କା ପଠାଅ ବୋଲି ଅଭିଯୁକ୍ତମାନେ କହିଥିଲେ। ଟଙ୍କା ନ ଦେଲେ ଉକ୍ତ ଟ୍ୟାଙ୍କର ସିଜ୍ କରାଯିବ ବୋଲି ଅଭିଯୁକ୍ତମାନେ କହିଥିଲେ। ଏହାପରେ ମାଲିକ ୨ ଲକ୍ଷ ଟଙ୍କା ଲେଖାଏଁ ଡ୍ରାଇଭର ଓ ହେଲ୍‌ପରଙ୍କ ଆକାଉଣ୍ଟକୁ ପଠାଇବା ପରେ ଅଭିଯୁକ୍ତମାନେ ଉକ୍ତ ଟଙ୍କାକୁ ନେଇଯାଇଥିଲେ। ଗୁରୁବାର କୌଣସିମତେ ଗୁରୁତର ହେଲ୍‌ପର ମିଥୁନ ସେଠାରୁ ଖସି ଭୟରେ ପୋଲିସକୁ ନ ଜଣାଇ ଚିକିତ୍ସା ପାଇଁ କଲିକତା ପଳାଇଯାଇଥିଲେ। ଏହାପରେ ଗୁରୁତର ଡ୍ରାଇଭର ସେଠାରୁ ଖସି ଆସି ସ୍ଥାନୀୟ ଲୋକଙ୍କ ସହଯୋଗରେ ଥାନାରେ ପହଞ୍ଚିଥିଲେ। ପରେ ମାଲିକ ଶଶିଭୂଷଣ ଥାନାରେ ପହଞ୍ଚି ଏ ସଂକ୍ରାନ୍ତରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୦୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ମଙ୍ଗଳବାର ବିଭିନ୍ନ ସ୍ଥାନରୁ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଥିଲା।





ଗିରଫ ଅଭିଯୁକ୍ତ। ଜବତ ଟଙ୍କା,ମୋବାଇଲ,ଖେଳନା ବନ୍ଧୁକ,ପୋଲିସ ଫ୍ଲିକର ଲାଇଟ (ଡାହାଣ)।

### ଜେଲରୁ ଆସି ଲୁଟୁଥିଲେ

ଗ୍ୟାଙ୍ଗ ମୁଖ୍ୟ ସୁଶାନ୍ତ, ସତ୍ୟପ୍ରିୟ ପୂର୍ବରୁ ଗଞ୍ଜେଇ ବେପାର କରୁଥିଲେ। ଏହାପୂର୍ବରୁ ଉଭୟ ଜେଲ ମଧ୍ୟ ଯାଇଛନ୍ତି। ନିକଟରେ କୋରାପୁଟ ଜେଲରୁ ସୁଶାନ୍ତ ଜାମିନରେ ଆସିଥିଲେ। ଏହାପରେ ମାଲକାନଗିରି ଓ କୋରାପୁଟରୁ ଆସୁଥିବା ଗଞ୍ଜେଇ ଗାଡ଼ିକୁ ସେମାନେ ଅଟକାଇ ଟଙ୍କା ଲୁଟିବାକୁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ଏକ କାର୍‌ରେ ପୋଲିସ ଫ୍ଲିକର ଲାଇଟ ଲଗାଇଥିଲେ। ତେବେ ଉକ୍ତ ତେଲ ଟ୍ୟାଙ୍କରରେ ଗଞ୍ଜେଇ ଚାଲାଣ ହେଉଥିବା ଭାବି ସେମାନେ ପୋଲିସ ବେଶରେ ତାହାକୁ ଅଟାଇଥିଲେ। ଏହାପୂର୍ବରୁ ସେମାନେ ଏଭଳି ଏକାଧିକ ଘଟଣା ଘଟାଇଥିବା ପୋଲିସ ଜାଣିବାକୁ ପାଇଛି। ହେଲେ ଏନେଇ କୌଣସି ରିପୋର୍ଟ ହୋଇ ନ ଥିବା ଜଣାପଡ଼ିଛି। ଏପରିକି ସେମାନେ ଗଞ୍ଜେଇ ଚାଲାଣକାରୀଙ୍କୁ ଲୁଟୁଥିବାରୁ ପୋଲିସ ନିକଟରେ ଅଭିଯୋଗ ହେଉ ନ ଥିବା ଜଣାପଡ଼ିଛି।





୨୬।୪।୨୦୨୩

| ୩,୧୬,୦୯୫ ଟଙ୍କା | |
|---|---|
| ସୁନା | ୧.୯୦୦ ଗ୍ରାମ୍ |
| ରୁପା | ୪୯.୧୫୦ ଗ୍ରାମ୍ |

### ଆଜି କ’ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମନୋଜ ଦାସଙ୍କ ଶ୍ରାଦ୍ଧଦିବସ, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା।
- ମନୋଜ ଦାସ ସ୍ମୃତି ସଂସଦ ପକ୍ଷରୁ ମନୋଜ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ସଂଭାବନା ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଓ ଓଡ଼ିଆ ସ୍ୱାଭିମାନ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।

ବାଲିଅନ୍ତା
- ମା’ ଜାଗୁଲାଇ ରାମଲୀଳା ସମିତି ଆନୁକୂଲ୍ୟରେ ବାର୍ଷିକ ରାମଲୀଳା ନାଟକ ‘ରାବଣ ବଧ’, ତ୍ରିନାଥ ବଜାର ନିକଟ ଜଗନ୍ନାଥପୁର ରାମଲୀଳା ମଣ୍ଡପ, ରାତି ୧୧ଟା।

କଟକ
- କଟକ ପୌର ନିଗମର ପୂର୍ବତନ ନଗରପାଳ ତ୍ରିଲୋଚନ କାନୁନ୍‌ଗୋଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା, ଦି ୟୁନିଭର୍ସ, ସନ୍ଧ୍ୟା ୬ଟା ୩୦।





ଓୟୁଏଟିସ୍ଥିତ ଭେଟେରିନାରି କଲେଜରେ ଜାମୁରୋଳ ଗିଳିଥିବା ନାଗ ସାପଟିର ଅସ୍ତ୍ରୋପଚାର କରାଯାଉଛି।

# ସାପ ପେଟରୁ ବାହାରିଲା ଜାମୁରୋଳ

ଭୁବନେଶ୍ୱର, ୨୬।୪ (ବ୍ୟୁରୋ)

ଜାମୁରୋଳ ଗିଳି ଅସୁସ୍ଥ ହୋଇ ପଡ଼ିଥିବା ନାଗ ସାପର ଚିକିତ୍ସା କରାଯାଇଛି। ବୁଧବାର ଓୟୁଏଟିସ୍ଥିତ ଭେଟେରିନାରି କଲେଜରେ ଅସ୍ତ୍ରୋପଚାର କରାଯାଇ ସାପ ପେଟରୁ ଜାମୁରୋଳ କଢାଯାଇଛି। ସାପଟିକୁ ଓୟୁଏଟି ଆଣିବା ପରେ ତା’ ପେଟରେ କ’ଣ ଅଛି ତାହା ଦେଖିବା ପାଇଁ ଏକ୍ସରେ କରାଯାଇଥିଲା। ମାତ୍ର ଏଥିରୁ କିଛି ଜଣାପଡି ନ ଥିଲା। ଏହାପରେ କଲେଜର ସର୍ଜରି ବିଭାଗ ପ୍ରଫେସର ଡା. ଇନ୍ଦ୍ରମଣି ନାଥଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର କରି ସାପ ପେଟରୁ ଜାମୁରୋଳ ବାହାର କରିଥିଲେ।

ଘଟଣାନୁଯାୟୀ, ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ବସନ୍ତ ବେହେରା ତାଙ୍କ ବାଡିରେ ମଙ୍ଗଳବାର ଏହି ସାପକୁ ଦେଖିଥିଲେ। ଏହାପରେ ସେ ପଡୋଶୀ ଘରେ ରହୁଥିବା ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ସୁଶାନ୍ତ କୁମାର ବେହେରାଙ୍କୁ ଖବର ଦେଇଥିଲେ। ସୁଶାନ୍ତ ଏହି ୪ଫୁଟ ଲମ୍ବର ନାଗ ସାପକୁ ଉଦ୍ଧାର କରିବା ସମୟରେ ତା’ ପେଟ ଭିତରେ କିଛି କଠିନ ପଦାର୍ଥ ଥିବା ଦେଖିବାକୁ ପାଇଥିଲେ। ଏହାପରେ ଡେଲାଙ୍ଗ ରେଞ୍ଜ ଅଫିସରଙ୍କ ପରାମର୍ଶକ୍ରମେ ସୁଶାନ୍ତ ସାପଟିକୁ ସ୍ନେକ ହେଲ୍ପ ଲାଇନ କାର୍ଯ୍ୟାଳୟ ଆଣିବା ପରେ ଭେଟେରିନାରି କଲେଜରେ ତାହାର ଚିକିତ୍ସା କରାଯାଇଥିଲା। ଏନେଇ ପ୍ରଫେସର ନାଥ କହିଛନ୍ତି, ୩୦ ବର୍ଷର ଚାକିରି କାଳ ମଧ୍ୟରେ ସାପ ଜାମୁରୋଳ ଖାଇବା କେବେ ଦେଖି ନ ଥିଲି। ଅପରେଶନ ପରେ ସାପଟି ସୁସ୍ଥ ଅଛି। ତାକୁ ଆଣ୍ଟିବାୟୋଟିକ୍ ଏବଂ ପେନ୍‌କିଲର ଇଞ୍ଜେକ୍ସନ ଦିଆଯିବା ସହ ଅବଜରଭେଶନରେ ରଖାଯାଇଛି।

ସାପର ଗ୍ୟାଷ୍ଟ୍ରୋ-ଇଣ୍ଟେନ୍‌ଷ୍ଟାଇନାଲ ଟ୍ରାକ୍‌କୁ ଜାମୁରୋଳ ଫଳ ଅବରୋଧ କରିଥିଲା। ଜାମୁରୋଳ ଫଳକୁ ହଜମ କରିବା ପାଇଁ ଯେଉଁ ପ୍ରୋଟିନ ବା ଏନ୍‌ଜାଇମ୍ ଆବଶ୍ୟକ ତାହା ସାପଙ୍କ ପାକସ୍ଥଳୀରେ ନ ଥାଏ। ସାପ ପେଟରୁ ଏହାକୁ ବାହାର କରାଯାଇ ନ ଥିଲେ ସେ କିଛିଦିନ ପରେ ମରିଯାଇଥାନ୍ତା ବୋଲି ପ୍ରଫେସର ନାଥ କହିଛନ୍ତି। ସେହିପରି ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ସାପମାନେ ପ୍ରାକୃତିକ ଭାବେ ମାଂସାସୀ। ମୂଷା କିମ୍ବା ଗୁଣ୍ଡୁଚି ମୂଷା ସେହି ଜାମୁରୋଳକୁ ଅଳ୍ପ ଖାଇ ଛାଡି ଦେଇଥିବେ। ତାଙ୍କ ଶରୀରର ଗନ୍ଧ ସେହି ଫଳରେ ଥିବା ହେତୁ ସାପଟି ଭୁଲ୍‌ବଶତଃ ଜାମୁରୋଳକୁ ଖାଦ୍ୟ ଭାବି ଗିଳି ଦେଇଥିବ। ତେବେ ସାପଟି ସୁସ୍ଥ ହୋଇଯିବା ପରେ ତାକୁ ପ୍ରାକୃତିକ ଆବାସସ୍ଥଳୀରେ ଛାଡି ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ହାଜର ହେଲେନି ସମ୍ବଲପୁର ପୋଷ୍ଟମାଷ୍ଟର

### ଡାକସେବାରେ ଅବହେଳା ନେଇ ଖାଉଟି ଅଦାଲତରେ ମାମଲା

କଟକ ଅଫିସ,୨୬।୪

ଡାକସେବା ଯୋଗାଇବାରେ ଅବହେଳା କାରଣରୁ ସମ୍ବଲପୁର ହେଡ୍ ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟରଙ୍କ ବିରୋଧରେ କଟକ ଖାଉଟି ଅଦାଲତରେ ରୁଜୁ ମାମଲାର ବୁଧବାର ଶୁଣାଣି ହୋଇଛି। ସମ୍ବଲପୁର ପୋଷ୍ଟ ଅଫିସକୁ ଅଦାଲତ ନୋଟିସ ଜାରି କରିଥିଲେ ମଧ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ପୋଷ୍ଟମାଷ୍ଟର କିମ୍ବା ତାଙ୍କ ତରଫରୁ କେହି ଅଦାଲତରେ ହାଜର ହୋଇନାହାନ୍ତି। ପରବର୍ତ୍ତୀ ଶୁଣାଣି ଜୁନ୍ ୨ ତାରିଖକୁ ଧାର୍ଯ୍ୟ କରାଯାଇଥିବା ଆବେଦନକାରୀ ଡ. ସୁନୀଲ ରଥ ସୂଚନା ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଡ. ରଥ ଗତ ନଭେମ୍ବରରେ ସମ୍ବଲପୁରରୁ ଝାରସୁଗୁଡ଼ାର ମାଲିମୁଣ୍ଡାକୁ ଏକ ସ୍ପିଡ୍ ପୋଷ୍ଟ ପାର୍ସଲ କରିଥିଲେ। ଉକ୍ତ ପାର୍ସଲଟି ଠିକଣାରେ ପହଞ୍ଚିବାକୁ ୨ଦିନ ପରିବର୍ତ୍ତେ ୨୦ ଦିନ ସମୟ ଲାଗିଥିଲା। ଏ ନେଇ ଡ. ରଥ ଡାକ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହ ନୋଟିସ ଜାରି କରିଥିଲେ। କିନ୍ତୁ ଡାକ ବିଭାଗ ତରଫରୁ କିଛି ଜବାବ ନ ମିଳିବାରୁ ସେ କଟକ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏକ କେସ୍ (ନଂ. ୫୨/୨୦୨୩ ) ରୁଜୁ ହୋଇଥିଲା। ଏହି ମାମଲାରେ ସମ୍ବଲପୁର ପୋଷ୍ଟ ମାଷ୍ଟରଙ୍କୁ ୫୦ ହଜାର ଟଙ୍କା ଦଣ୍ଡ ବିଧାନ କରିବା ପାଇଁ ଅଦାଲତଙ୍କୁ ଡ. ରଥ ନିବେଦନ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସର୍ବେଦେବ



@ ଗାୟତ୍ରୀ



@ ମାନସ



@ ବିଶ୍ୱଜିତ୍



@ ଜ୍ୟୋତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋଲ୍ଡେନ୍ ବାବାଙ୍କ ଦାମୀ କାର୍ ଜବତ କଲା ଇଡି

- ବିଭିନ୍ନ ଠକେଇ ମାମଲାରେ ଅଭିଯୁକ୍ତ ଅଛନ୍ତି
- କାର୍ ଥୋଇ ଖସି ପଳାଇଥିବା ସୂଚନା
- ପୂର୍ବରୁ ୫୧ ଲକ୍ଷ ଫ୍ରିଜ କରିଥିଲା ଇଡି
- ଇଓଡବ୍ଲ୍ୟୁ ପାଇଁ ୱାଣ୍ଟେଡ୍ ଅଛନ୍ତି

ଭୁବନେଶ୍ୱର,୨୬।୪ (ବ୍ୟୁରୋ)

ବିଭିନ୍ନ ଠକେଇ ମାମଲାରେ ଫେରାର ଥିବା ଗୋଲ୍ଡେନ ବାବା ଓରଫ ଜ୍ୟୋତିରଞ୍ଜନ ବେଉରାଙ୍କ ଏକ ଦାମୀ କାର୍‌କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଜବତ କରିଛି। ଓଡି୦୫ଏଲ୍୧୦୦୦ ନମ୍ବର ବିଶିଷ୍ଟ ଏହି କାର୍‌ଟି ଭୁବନେଶ୍ୱର ସିଆର୍‌ପି ଛକ ନିକଟରେ ପାର୍କିଂ ହୋଇଥିବା ବେଳେ ସନ୍ଧ୍ୟାରେ ଇଡି ଅଧିକାରୀମାନେ ଏହାକୁ ନିଜ ହେପାଜତକୁ ନେଇଥିଲେ। ବେଆଇନ ଅର୍ଥ କାରବାର ଦିଗକୁ ନେଇ ମାମଲା ରୁଜୁ କରି ତଦନ୍ତ କରୁଥିବା ଇଡିର ଗିରଫଦାରି ଭୟରେ ଗୋଲ୍ଡେନ୍ ବାବା ତାଙ୍କ କାର୍ ଛାଡ଼ି ସେଠାରୁ ଖସି ପଳାଇ ଯାଇଥିବା ଚର୍ଚ୍ଚା ହେଉଛି। ଜବତ ହୋଇଥିବା କାର୍‌ର ମୂଲ୍ୟ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଇଡି ଟିମ୍ ଏହି କାର୍‌କୁ ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ନେଇଥିବାବେଳେ ଗୁରୁବାର କିମ୍ବା ଶୁକ୍ରବାର ଏ ସଂକ୍ରାନ୍ତରେ ଏଜେନ୍‌ସି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପାଇଁ ମଧ୍ୟ ଗୋଲ୍ଡେନ ବାବା ୱାଣ୍ଟେଡ୍ ଅଛନ୍ତି। ଏପରିକି ଜବତ ହୋଇଥିବା କାର୍‌କୁ ମିଶାଇ ଗୋଲ୍ଡେନ ବାବାଙ୍କ ୪ଟି ଦାମୀ କାର୍ ଓ ୨ରୁ ଉର୍ଦ୍ଧ୍ୱ ବିଳାସମୟ ଘର ମଧ୍ୟ ରହିଛି।

ସୂଚନା ଅନୁଯାୟୀ, ଜ୍ୟୋତି ଟ୍ରେଡିଙ୍ଗ୍ ଏଣ୍ଡ କୋ. ମାଲିକ ଗୋଲ୍ଡେନ ବାବାଙ୍କ ନାମରେ ଚନ୍ଦ୍ରଶେଖରପୁର, ଶହୀଦନଗର ଆଦି ଥାନାରେ ୮ରୁ ଉର୍ଦ୍ଧ୍ୱ ଠକେଇ ମାମଲା ରହିଛି। ସେ ଏମ୍ଏସ୍ ନ୍ୟାଶନାଲ ଏଣ୍ଟରପ୍ରାଇଜେସ୍ ନାମକ ଏକ ଖଣି କମ୍ପାନୀକୁ ୧୨.୪ କୋଟି ଟଙ୍କା ଠକେଇ କରିଥିବା ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨୦୧୮ ଡିସେମ୍ବ ୩୧ରେ ଗୋଲ୍ଡେନ ବାବାଙ୍କୁ ଗିରଫ କରି ଜେଲ ପଠାଇଥିଲା। ହେଲେ ପରେ ସେ ବେଲ୍‌ରେ ଆସି ଫେରାର ହୋଇଯାଇଥିଲେ। କଳାରାହାଙ୍ଗ ଓ ନୀଳାଦ୍ରିବିହାରସ୍ଥିତ ଘରକୁ ମଧ୍ୟ ସେ ଆସୁ ନ ଥିଲେ। ଏହାପରେ ଇଓଡବ୍ଲ୍ୟୁରେ ବାବାଙ୍କ ନାମରେ ବହୁ ଠକେଇ ଅଭିଯୋଗ ହୋଇଥିଲା। ଏନେଇ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୦୨/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଗୋଲ୍ଡେନ ବାବାଙ୍କୁ ଖୋଜାଖୋଜି କରି ପାଇ ନ ଥିଲା। ପରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପରିକି ଇଡି ତାଙ୍କ ୭ଟି ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୫୧ ଲକ୍ଷ ଟଙ୍କା ମଧ୍ୟ ଫ୍ରିଜ କରିଥିଲା। ସେପଟେ ୨୦୨୧ ନଭେମ୍ବର ୨୯ରେ ଇଓଡବ୍ଲ୍ୟୁ ଗୋଲ୍ଡେନ ବାବାଙ୍କୁ ୱାଣ୍ଟେଡ୍ ଘୋଷଣା କରିଥିଲା। ଏପରିକି ସୂଚନାଦାତାଙ୍କୁ ପୁରସ୍କାର ମଧ୍ୟ ଦିଆଯିବ ବୋଲି ଉଇଙ୍ଗ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଏପଟେ ଗୋଲ୍ଡେନ୍ ବାବା କିଛିଦିନ ହେଲା ଦିଲ୍ଲୀରୁ ଭୁବନେଶ୍ୱରକୁ ଆସିଥିବା ଇଡି ଖବର ପାଇ ତାଙ୍କୁ ଖୋଜାଖୋଜି କରୁଥିଲା।







ଗୋଲ୍ଡେନ ବାବା ଓରଫ ଜ୍ୟୋତିରଞ୍ଜନ ବେଉରା ଓ ଜବତ ଦାମୀ କାର୍।

## ନିଜକୁ ଭୂତ ସଂଘ ସଭାପତି କହୁଥିବା ବିପିନ ଗିରଫ

ଖୋର୍ଦ୍ଧା ଅଫିସ,୨୬।୪

ନିଜକୁ ଭୂତ ସଂଘର ସଭାପତି କହୁଥିବା ବିପିନ କୁମାର ରାଉତରାୟ ବୁଧବାର ଗିରଫ ହୋଇଛନ୍ତି। ଏକ ୱାରେଣ୍ଟ ବଳରେ ଖୋର୍ଦ୍ଧା ସଦର ଥାନା ପୋଲିସ ନନ୍ଦପୁରରୁ ତାଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ୨୦୧୩ ମସିହାର ଏକ କେସ୍‌ରେ ତାଙ୍କ ନାଁରେ ୱାରେଣ୍ଟ ରହିଥିଲା। ସେହି ୱାରେଣ୍ଟ ବଳରେ ତାଙ୍କୁ ଗିରଫ କରାଯାଇଥିବା ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବିପିନ ନିଜକୁ ଜଣେ ବଗଳାମୁଖୀ ସାଧକ କହିବା ସହ ଭୂତଙ୍କ ସଭାପତି ମଧ୍ୟ କହୁଥିଲେ। ମଶାଣିରେ ୧୫ମିନିଟ ମନ୍ତ୍ର ପଢ଼ିବା ପରେ ୪୦ ଲକ୍ଷ ଭୂତ ତାଙ୍କ ନିକଟକୁ ଆସୁଥିଲେ। ଭୂତଙ୍କ ମିଟିଂରେ ସେ ବସୁଥିଲେ। ଭୂତମାନେ ସମସ୍ୟା ସମାଧାନ ଲାଗି ତାଙ୍କ ସହଯୋଗ ଲୋଡୁଥିଲେ। ଭୁବନେଶ୍ୱରକୁ ୪୫ମିନିଟ ପାଇଁ ଅନ୍ଧକାର କରିଥିଲି। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପ୍ରେତାତ୍ମା ଆସି ତାଙ୍କୁ ସାହାଯ୍ୟ ମାଗିବା କହି ସେ ସୋସିଆଲ ମିଡିଆରେ ଚର୍ଚ୍ଚାରେ ଥିଲେ। ତେବେ ବିପିନଙ୍କ ନାମରେ ଜିଆର୍ ୫୧/୨୦୧୩, ଜିଆର୍ ୬୦୯/୨୦୧୬ ଭଳି ୩ଟି ୱାରେଣ୍ଟ ରହିଥିଲା। ସେ ଅନେକ ସମୟରେ ପୋଲିସକୁ ଚକମା ଦେଇ ଖସିଯାଉଥିଲେ। ବୁଧବାର ଅପରାହ୍ନରେ କୌଣସି କାମରେ ନିଜ ଗାଁ ନନ୍ଦପୁର ଆସିଥିବା ଖବରପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଦୀର୍ଘ ୧୦ବର୍ଷ ପରେ ପୋଲିସ ତାଙ୍କୁ ଗିରଫ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।



ବିପିନ କୁମାର ରାଉତରାୟ

# ମେ’ ୧ରୁ ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ଗ୍ରୀଷ୍ମକାଳୀନ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି**

- ନିୟନ୍ତ୍ରଣ କକ୍ଷ ଦାୟିତ୍ୱରେ ରହିବେ ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ
- ବାତ୍ୟାପ୍ରବଣ ଅଞ୍ଚଳରେ ମୋବାଇଲ ଆଲର୍ଟ ମେସେଜ ପଠାଇବାକୁ ନିର୍ଦ୍ଦେଶ
- ଆଗୁଆ ପ୍ରସ୍ତୁତ ରହିବାକୁ ସବୁ ବିଭାଗକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ଗ୍ରୀଷ୍ମକାଳୀନ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ସବୁ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କଣ୍ଟ୍ରୋଲ ରୁମ୍ ପରିଚାଳନାରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ଗତ କିଛି ବର୍ଷ ହେବ ମେ’ ମାସରେ ଓଡ଼ିଶା ପାଇଁ ବାତ୍ୟା ଭୟ ରହୁଛି। ୨୦୧୯ ମେ’ ୩ ତାରିଖରେ ବାତ୍ୟା ‘ଫନୀ’ ପୁରୀ ସମେତ ଉପକୂଳ ଓଡ଼ିଶାରେ ବିପର୍ଯ୍ୟୟ ଘଟାଇଥିଲା। ଏହା ପରେ ‘ଅମ୍ଫନ’ ମଧ୍ୟ ଓଡ଼ିଶାକୁ ପ୍ରଭାବିତ କରିଥିଲା। ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମେ’ ୧ରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜିଲ୍ଲାଗୁଡ଼ିକରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ ରହିବେ। ଜୁନ୍ ୧୮ରୁ ୧୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲା ସଦର ମହକୁମା, ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ, ବ୍ଲକ ସ୍ତରରେ ବାତ୍ୟା ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ। ବାତ୍ୟାପ୍ରବଣ ଅଞ୍ଚଳର ସମସ୍ତ ସେଲ୍‌ଫୋନ୍ ଗ୍ରାହକଙ୍କୁ ଭଏସ୍ ମେସେଜ୍ ସହିତ ଏସ୍‌ଏମ୍‌ଏସ୍ ମାଧ୍ୟମରେ ବାତ୍ୟା ଚେତାବନୀ ଏବଂ ଆଇଏମ୍‌ଡିର ଆଲର୍ଟ ମେସେଜ୍ ପଠାଇବାକୁ ବିଏସ୍‌ଏନ୍‌ଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ୩୧୭ ଫାୟାର ଷ୍ଟେଶନରେ ଉଦ୍ଧାର କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ଅଧିକାରୀମାନେ ରହିଛନ୍ତି। ସେମାନେ ବାତ୍ୟା ପୂର୍ବରୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଆଗୁଆ ନିୟୋଜିତ ହେବେ। ରାଜ୍ୟରେ ୩୪୨ ଆଞ୍ଚଳିକ ଅଗ୍ନିଶମ ସେବା ବାହିନୀ ଯେକୌଣସି ଆପତ୍‌କାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଏନ୍‌ଡିଆର୍‌ଏଫ୍ ତୃତୀୟ ବାଟାଲିୟନରେ ୧୭ଟି ଟିମ୍ ମଧ୍ୟରୁ ୧୬ଟି ଟିମ୍ ମୁଣ୍ଡଳୀଠାରେ ଏବଂ ଗୋଟିଏ ଟିମ୍ ବାଲେଶ୍ୱରଠାରେ ଅବସ୍ଥାପିତ ଅଛନ୍ତି। ଏହି ଏନ୍‌ଡିଆର୍‌ଏଫ୍ ଟିମ୍ ଓସ୍‌ଡମା ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରୁଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ପାଇଁ ସେମାନଙ୍କର ବ୍ୟବହୃତ ଗାଡ଼ିକୁ ବିଡିଓ ଏବଂ ତହସିଲଦାରମାନେ ଆବଶ୍ୟକ ତେଲ ଦେବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ୮୭୯ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବ୍ୟବହାର କରାଯାଉଛି। ଏହି ଆଶ୍ରୟସ୍ଥଳୀଗୁଡ଼ିକରେ ଥିବା ବିଭିନ୍ନ ଆପତ୍‌କାଳୀନ ଉପକରଣ,ଯନ୍ତ୍ରପାତି ଏବଂ ଲାଇଟ୍ ଓ ଜେନେରେଟରଗୁଡ଼ିକୁ ଯାଞ୍ଚ କରିବା ପାଇଁ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ଥିବା ଟାୱାର ଲାଇଟ୍ କାର୍ଯ୍ୟକ୍ଷମ ଉପରେ ଯାଞ୍ଚ କରି ସଚଳ ଟାୱାର ଲାଇଟ୍‌ଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ପାଇଁ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଶ୍ରୟସ୍ଥଳୀଗୁଡ଼ିକରେ ଥିବା ଶକ୍ତିଚାଳିତ କରତ କାର୍ଯ୍ୟକାରିତା ଉପରେ ଯାଞ୍ଚ କରିବା ପାଇଁ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଅଛି। ବନ୍ୟାର ପୂର୍ବାନୁମାନ, ବିଭିନ୍ନ ନଦୀର ଜଳସ୍ତର ଏବଂ ଜଳଭଣ୍ଡାରର ସୁପରିଚାଳନାକୁ ନିଶ୍ଚିତ କରିବେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱଚ୍ଛତା ଏବଂ ପରିମଳ ଉପରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜରୁରିକାଳୀନ ଯୋଜନା ପ୍ରସ୍ତୁତ କରିବେ।

ଏହି ଅବସରରେ ଉପସ୍ଥିତ ରହି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ସତ୍ୟବ୍ରତ ସାହୁ କହିଛନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସେମାନଙ୍କର ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ନିଶ୍ଚିତ କରିବେ। ବିଭାଗଗୁଡ଼ିକ ଜରୁରିକାଳୀନ ଯନ୍ତ୍ରପାତିର ତାଲିକା ଆଗୁଆ ପ୍ରସ୍ତୁତ କରି ଜିଲା ମୁଖ୍ୟାଳୟରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ବନ୍ୟା ସମ୍ବନ୍ଧୀୟ ରୋଗ ପାଇଁ ଆବଶ୍ୟକ ଔଷଧ, ଜଳ ବିଶୋଧକ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଏସ୍‌ଆର୍‌ସିଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ଅଧିକାରୀ, ପୋଲିସ ମହାନିର୍ଦ୍ଦେଶକ, ପାଣିପାଗ ବିଭାଗ ଅଧିକାରୀମାନେ ଯୋଗ ଦେଇ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।



ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଉଛନ୍ତି (ବାମରୁ) ଏଏସ୍‌ଆର୍‌ସି ଜ୍ଞାନ ଦାସ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଏସ୍‌ଆର୍‌ସି ସତ୍ୟବ୍ରତ ସାହୁ।


ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜନ୍ମତିଥିରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ମେ’ ୧୦ରେ କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଗସ୍ତରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

**୫ଦିନରେ ୬୦% ଅଧିକ ପାଣି ଛାଡ଼ିଛି ଛତିଶଗଡ଼**

ଭୁବନେଶ୍ୱର,୨୬।୪(ବ୍ୟୁରୋ)

ଅଣମୌସୁମୀ ସମୟରେ ମହାନଦୀ ପାଣି ଅଟକାଇଥିବା ଛତିଶଗଡ଼ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଟିମ୍ ଗସ୍ତ ପୂର୍ବରୁ ଚାଲାକି ଦେଖାଇଛି। ଓଡ଼ିଶା ଗସ୍ତ ସମୟରେ କାଳେ ଟିମ୍ ମହାନଦୀକୁ ଶୁଖିଲା ଦେଖିଦେବ ସେଥିପାଇଁ ଛତିଶଗଡ଼ ସରକାର କଲମା ବ୍ୟାରେଜର ଦୁଇଟି ପର୍ଯ୍ୟାୟରେ ୨୦ ଗେଟ୍ ଖୋଲି ଦେଇଛନ୍ତି। ମେ’ ୧୦ରେ ଟ୍ରିବ୍ୟୁନାଲ୍ ଟିମ୍ ଓଡ଼ିଶା ଗସ୍ତ କରି ମହାନଦୀର ସ୍ଥିତି ପରଖିବେ। ସତ ଧରାପଡ଼ିଯିବା ଆଶଙ୍କାରେ ଟିମ୍ ଗସ୍ତ ପୂର୍ବରୁ ଗେଟ୍ ଖୋଲି ଦିଆଯାଇଛି। ଏଥିଯୋଗୁ ଶୁଖିଲା ପଡ଼ିଥିବା ତଳମୁଣ୍ଡରେ ଜଳ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ଦେଖିବାକୁ ମିଳିଛି। ଏମିତି କି ହୀରାକୁଦ ନଦୀବନ୍ଧକୁ ମଧ୍ୟ ଜଳପ୍ରବେଶର ପରିମାଣ ବଢ଼ିଛି। କଲମା ବ୍ୟାରେଜ କର୍ତ୍ତୃପକ୍ଷ ଏନେଇ ହୀରାକୁଦ ଡ୍ୟାମ୍ ଅଧିକାରୀଙ୍କୁ କୌଣସି ସୂଚନା ଦେଇନାହାନ୍ତି। ତେବେ ଏ କଥା ସତ ବୋଲି ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ କହିଛନ୍ତି। ଅଣମୌସୁମୀ ସମୟରେ କଲମା ବ୍ୟାରେଜର ଗେଟ୍ ଖୋଲାଯିବା ପଛରେ ଛତିଶଗଡ଼ର ଭିନ୍ନ ଅଭିସନ୍ଧି ରହିଥିବା ନେଇ ଚର୍ଚ୍ଚା ହେଉଛି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଆସନ୍ତା ୨୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଗସ୍ତରେ ଆସୁଥିବାରୁ ତାହାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଉଥିବା ଆଲୋଚନା ହେଉଛି। ଗତ ୫ ଦିନ ଭିତରେ ହୀରାକୁଦରେ ଜଳ ପରିମାଣ ବଢ଼ିଚାଲିଛି। ୨୨ ତାରିଖରେ ଜଳଭଣ୍ଡାରକୁ ମାତ୍ର ୧୦୫୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିଲାବେଳେ ୨୩ରେ ୧୧୩୮, ୨୪ରେ ୧୨୯୦, ୨୫ରେ ୧୪୭୨ ଏବଂ ୨୬ରେ ୧୬୬୧ କ୍ୟୁସେକ୍ ପାଣି ପ୍ରବେଶ କରିଛି। ଅର୍ଥାତ୍ ମାତ୍ର ୫ ଦିନ ଭିତରେ ଛତିଶଗଡ଼ ପୂର୍ବ ଅପେକ୍ଷା ୬୦ ପ୍ରତିଶତ ଅଧିକ ପାଣି ଛାଡ଼ିଛି।

# ମାଓବାଦୀ-ଯବାନ ଗୁଳି ବିନିମୟ

ନବରଙ୍ଗପୁର,୨୬।୪(ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ଓ ଛତିଶଗଡ଼ର ଗରିୟାବନ୍ଧ ଜିଲାର ଶୋଭା ସୀମାନ୍ତରେ ମଙ୍ଗଳବାର ରାତିରେ ମାଓବାଦୀ ଗତିବିଧି ନେଇ ଖବର ପାଇ ଏସ୍‌ଓଜି ଯବାନଙ୍କ ୨ଟି ଟିମ ମୃତୟନ ହୋଇଥିଲା। ବୁଧବାର ସକାଳ ସାଢେ ୯ଟାରେ ୨୦ରୁ ୨୫ ଜଣ ମାଓବାଦୀଙ୍କ ସହ ଯବାନମାନେ ମୁହାଁମୁହିଁ ହୋଇଥିଲେ। ମାଓବାଦୀଙ୍କ ପକ୍ଷରୁ ସିସିଏମ୍ ମୁରଲି, ଏସିଏମ୍ କାର୍ତ୍ତିକ, ଏସିଏମ୍ ଗୁଡ୍ଡୁ, ଏସିଏମ୍ ଆକାଶ, ଏସିଏମ୍ ନନ୍ଦାଲଙ୍କ ସହ ପ୍ରାୟ ୨୦/୨୫ ଜଣ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା। ଏସ୍‌ଓଜି ଯବାନଙ୍କୁ ଦେଖି ମାଓବାଦୀମାନେ ଯବାନଙ୍କ ଉପରକୁ ପ୍ରଥମେ ଗୁଳି ଚଳାଇଥିଲେ। ଫଳରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଗୁଳି ବିନିମୟ ଚାଲିଥିଲା। ପରେ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ସେମାନେ ଖସି ପଳାଇଥିଲେ। ତଲାସୀ ବେଳେ ଜଙ୍ଗଲରୁ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି।

# ଲୋକଙ୍କ ସହ ବ୍ୟକ୍ତିଗତ ମତବିନିମୟର ମାଧ୍ୟମ ‘ମନ୍ କୀ ବାତ୍’



‘ମନ କୀ ବାତ୍ ଆଟ୍ ୧୦୦’ ପୁସ୍ତିକା ଉନ୍ମୋଚନ କରୁଛନ୍ତି ଉପରାଷ୍ଟ୍ରପତି ଜଗଦୀପ ଧନ୍‌କର୍, ତାଙ୍କ ସ୍ତ୍ରୀ ଡ. ସୁଦେଶ ଧନ୍‌କର୍, କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର, ପ୍ରସାର ଭାରତୀ ସିଇଓ ଗୌରବ ଦ୍ୱିବେଦୀ ଏବଂ ପୂର୍ବତନ ସିଇଓ ଏସ୍.ଏସ୍ ଭେମ୍ପତ୍।

**୧୦୦ତମ ଅଧ୍ୟାୟକୁ ନେଇ ୩ଦିନିଆ ଜାତୀୟ ସମ୍ମିଳନୀ**

ଭୁବନେଶ୍ୱର,୨୬।୪(ବ୍ୟୁରୋ)

‘ମନ୍ କି ବାତ୍’ର ୧୦୦ତମ ଅଧ୍ୟାୟ ପୂରଣ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ୩ଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବୁଧବାର ଉପରାଷ୍ଟ୍ରପତି ଜଗଦୀପ ଧନ୍‌କର୍ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ‘ମନ୍ କୀ ବାତ୍’ ଜରିଆରେ ଜନସାଧାରଣଙ୍କ ସହିତ ବ୍ୟକ୍ତିଗତ ଭାବେ ମତବିନିମୟ କରିବା ଲାଗି ଏକ ପ୍ରୟୋଗ କରିଥିଲେ। ଏହି ପ୍ରୟୋଗର ଆଉଏକ ପରିଣାମ ମିଳିଥିଲା, ତାହା ହେଉଛି ଯୋଗାଯୋଗର ପୁରାତନ ମାଧ୍ୟମ ରେଡିଓ ପୁଣିଥରେ ଲୋକଲୋଚନକୁ ଆସିପାରିଥିଲା। ସମ୍ପୂର୍ଣ୍ଣ ଭାବେ ଅଣରାଜନୈତିକ ହୋଇଥିବାରୁ ଏହି ମାସିକ ରେଡିଓ କାର୍ଯ୍ୟକ୍ରମକୁ ଉପରାଷ୍ଟ୍ରପତି ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଆୟୋଜିତ ଅଧ୍ୟାୟଗୁଡ଼ିକ ବିଷୟରେ ଆଲୋଚନା କରି ଉପରାଷ୍ଟ୍ରପତି କହିଲେ, ବର୍ତ୍ତମାନ ନାରୀ ଶକ୍ତିଙ୍କ ପାଇଁ ସବୁଠୁ ଶ୍ରେଷ୍ଠ ସମୟ ଏବଂ ମହିଳାମାନେ ସଫଳତାର ନୂଆ ଶିଖର ଛୁଇଁପାରୁଛନ୍ତି। ଆମ ରାଷ୍ଟ୍ରପତି ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ଆଦିବାସୀ ମହିଳା। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଲେ, ଏହି କାର୍ଯ୍ୟକ୍ରମ ‘ଏକ ଭାରତ ଶ୍ରେଷ୍ଠ ଭାରତ’ ଭାବନା ନେଇ ପ୍ରସ୍ତୁତ ହୋଇଛି। ଭାରତର ସାଧାରଣ ଜନତାଙ୍କ ସଫଳତାକୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଥିପାଇଁ ଚୟନ କରାଯାଇଥିବା ମାଧ୍ୟମ ପ୍ରକୃତରେ ଏକ ଗଣମାଧ୍ୟମ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ର ସ୍ୱାଗତ ଭାଷଣ ଦେଇ କହିଲେ, ଆଜିର କାର୍ଯ୍ୟକ୍ରମରେ ୧୦୬ଜଣ ସଫଳ ବ୍ୟକ୍ତିବିଶେଷ ଯୋଗଦେବା ପ୍ରଧାନମନ୍ତ୍ରୀଙ୍କ ସାମୁଦାୟିକ ସହଭାଗିତା ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି, ଯାହାକି ସାମାଜିକ ପରିବର୍ତ୍ତନର ଏକ ବାହକ। ଲୋକଙ୍କୁ ଅନୁପ୍ରାଣିତ କରିବା ଓ ସଶକ୍ତ କରିବା ଲାଗି ମନ କୀ ବାତର ସାମାଜିକ ପ୍ରଭାବକୁ ସେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତିଙ୍କ ପତ୍ନୀ ଡ. ସୁଦେଶ ଧନ୍‌କର୍, ପ୍ରସାର ଭାରତୀ ସିଇଓ ଗୌରବ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ‘ମନ କୀ ବାତ୍ ଆଟ୍ ୧୦୦’ ପୁସ୍ତିକା ଓ ପ୍ରସାର ଭାରତୀର ପୂର୍ବତନ ସିଇଓ ଏସ୍.ଏସ୍. ଭେମ୍ପତିଙ୍କ ରଚିତ ପୁସ୍ତକ ‘କଲେକ୍ଟିଭ ସ୍ପିରିଟ, କଂକ୍ରିଟ ଆକ୍ସନ’ ମଧ୍ୟ ଉନ୍ମୋଚିତ ହୋଇଥିଲା। ୩୦ ଏପ୍ରିଲରେ ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ କୀ ବାତ୍’ର ୧୦୦ତମ ଅଧ୍ୟାୟ ପ୍ରସାରଣ କରାଯିବ।

# ଜବାବ ଦାଖଲ ପାଇଁ ସରକାରଙ୍କୁ ଶେଷ ସୁଯୋଗ

**ବଗଲା ଧର୍ମଶାଳା ଜମି ବିକ୍ରି ମାମଲା**

- ଅଗଷ୍ଟ ୧ରେ ହାଇକୋର୍ଟରେ ଚୂଡ଼ାନ୍ତ ଶୁଣାଣି

ପୁରୀ ଅଫିସ, ୨୬।୪

ବଗଲା ଧର୍ମଶାଳା ଜମି ବିକ୍ରି ମାମଲାରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ବୁଧବାର ହାଇକୋର୍ଟ ଶେଷ ସୁଯୋଗ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧ରେ ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିପରି ଦ୍ରୁତ ଶୁଣାଣି ପାଇଁ ସରକାରୀ ଓକିଲଙ୍କ ଅନୁରୋଧକୁ ହାଇକୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବୁଧବାର ଏହି ମାମଲାର ଶୁଣାଣି ହୋଇଥିଲା। କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ତାଙ୍କ ସଂଶୋଧିତ ମିସ୍ କେସ୍‌ରେ ଜବାବ ଦାଖଲ କରୁ ନ ଥିବା ଆବେଦନକାରୀ ଜଗନ୍ନାଥ ବସ୍ତିଆ ଅଭିଯୋଗ କରିଥିଲେ। ସେ କହିଥିଲେ, ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର ଏବଂ ତାଙ୍କ ଦ୍ୱାରା ରୁଜୁ ହୋଇଥିବା ମୋକଦ୍ଦମାର ଅଭିଯୋଗ ଓ ପ୍ରାର୍ଥନା ସମ୍ପୂର୍ଣ୍ଣ ଭିନ୍ନ। ବଗଲା ଧର୍ମଶାଳା ଜମି ବିକ୍ରି ସମ୍ପର୍କିତ ସମସ୍ତ ତଥ୍ୟ ସଂଶୋଧିତ ଦରଖାସ୍ତରେ ସେ ଉଲ୍ଲେଖ କରିଛନ୍ତି। ତେଣୁ ଚୂଡ଼ାନ୍ତ ଶୁଣାଣି ପୂର୍ବରୁ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେବାକୁ ସେ କୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଅନ୍ୟପକ୍ଷରେ ସରକାରୀ ଓକିଲ ଦେବକାନ୍ତ ମହାନ୍ତି କହିଥିଲେ, ଡ. ପାତ୍ରଙ୍କ ମାମଲାରେ ଜବାବ ଦାଖଲ କରାଯାଇଛି। ଦୁଇଟିଯାକ ମାମଲା ପାଇଁ ତାହା ଗ୍ରହଣୀୟ ହେବ। ତେଣୁ ଏକସଙ୍ଗେ ଦ୍ରୁତ ଶୁଣାଣି କରାଯିବାକୁ ସେ ନିବେଦନ କରିଥିଲେ। ତେବେ ଖଣ୍ଡପୀଠ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଦ୍ରୁତ ଶୁଣାଣି ଲାଗି ମନା କରିବା ସହ ବସ୍ତିଆଙ୍କ ସଂଶୋଧିତ ଆବେଦନ ଉପରେ ଅଗଷ୍ଟ ୧ରେ ପୃଥକ୍ ଜବାବ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସରକାରଙ୍କ ଜବାବ ଦାଖଲ ପରେ ପ୍ରତିଜବାବ ଦାଖଲ ପାଇଁ ବସ୍ତିଆଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଡ. ପାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବତନ ଆଡଭୋକେଟ୍ ଜେନେରାଲ ସୂର୍ଯ୍ୟକାନ୍ତ ପାଢ଼ୀ କୋର୍ଟରେ ଉପସ୍ଥିତ ଥିଲେ।

# ୫ ଯାଏ ୪୦ ଡିଗ୍ରୀ ତଳେ ରହିବ ପାରଦ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

କିଛିଦିନ ହେବ ରାଜ୍ୟରେ ପାଗ ଭଲ ରହିଛି। ପ୍ରଚଣ୍ଡ ତାତିରୁ ଆଶ୍ୱସ୍ତି ମିଳିଛି। ଦିନରେ ଖରା ବଢ଼ିଲେ ମଧ୍ୟ ଅପରାହ୍ନ କିମ୍ବା ରାତ୍ରିର ଝଡବର୍ଷା ପରିବେଶକୁ ଶାନ୍ତ କରି ଦେଉଛି। ଆସନ୍ତା ମେ’ ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ପ୍ରବଳ ବର୍ଷା ହୋଇପାରେ । ଏହାର ପ୍ରଭାବରେ ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ତଳେ ରହିବ। ବଙ୍ଗୋପସାଗରରେ ଘୁରୁଚାପ ବଳୟ ସୃଷ୍ଟି ହୋଇଥିବାରୁ ସମୁଦ୍ର ମଧ୍ୟରୁ ସ୍ଥଳଭାଗକୁ ଜଳୀୟ ବାଷ୍ପ ଆସୁଛି। ଏଥିସହିତ ବାୟୁମଣ୍ଡଳ ଉପରି ଭାଗରେ ଏକ ଟ୍ରଫ୍ ଲାଇନ୍ ରହିଛି। ଉଭୟ ଟ୍ରଫ୍‌ଲାଇନ୍ ଏବଂ ଜଳୀୟବାଷ୍ପ ମିଶ୍ରିତ ହୋଇ ଓଡ଼ିଶାରେ କାଳବୈଶାଖୀଜନିତ ବର୍ଷା କରାଇବାରେ ସହାୟକ ହେଉଛି। ଏଥିଯୋଗୁ ଆସନ୍ତା ୮ ଦିନ ତାତିର ପ୍ରକୋପ କମ୍ ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ମହିଳାଙ୍କୁ ସଂଘବଦ୍ଧ ଭାବେ ହତ୍ୟା

**ନୂଆଗାଁ ଜଙ୍ଗଲରୁ କାଜୁ ତୋଳାକୁ ନେଇ ଗଣ୍ଡଗୋଳ**

ପାରାଦୀପ,୨୬।୪(ସ୍ୱ.ପ୍ର.)

ପାରାଦୀପ ଅଭୟଚାନ୍ଦପୁର ଥାନା ନୂଆଗାଁ ଜଙ୍ଗଲରୁ କାଜୁ ତୋଳାକୁ ନେଇ ଗଣ୍ଡଗୋଳରୁ ଗୁଜୁରୀ ସାହୁ (୭୦) ନାମ୍ନୀ ଜଣେ ମହିଳାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ରୁଜୁ କରିଥିବା ମାମଲା ନଂ. ୧୧୦/୨୩ରେ ୫ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ମୃତା ଗୁଜୁରୀଙ୍କ ପୁଅ ରମେଶଙ୍କ ଅଭିଯୋଗ ମୁତାବକ, ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ବାପା କୁଳମଣି କାଜୁ ତୋଳିବାବେଳେ ପଡ଼ୋଶୀ ପରିବାର ଗାଳିଗୁଲଜ କରିଥିଲେ। ସେ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରି କାନ ଓ ନାକକୁ କାମୁଡି ପକାଇଥିଲେ। ମା’ ଗୁଜୁରୀ ବିରୋଧ କରିବାରୁ ତାଙ୍କ ଛାତିକୁ ଧକ୍କାମାରି ତଳେ ପକାଇ ଦେଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ମେଡିକାଲ ନିଆଯାଇଥିଲା। ଚିକିତ୍ସାଧୀନ ବେଳେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ଆକ୍ରମଣକାରୀ ନୀଳମଣି ସାହୁ, ଗଣେଶ ସାହୁ, ସନ୍ତୋଷ ସାହୁ, ସଞ୍ଜନା ସାହୁ ଓ ସୁଷମା ସାହୁଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ରାଜକିଶୋର ବେହେରା କହିଛନ୍ତି।

# ନ୍ୟୁଡ୍ ଭିଡିଓ କଲ୍ କରି ଠକେଇ

- ରାଜସ୍ଥାନରୁ ସାଇବର ଠକେଇ ଗ୍ୟାଙ୍ଗର ୨ ଗିରଫ
- ୧ ଲକ୍ଷ ଟଙ୍କା, ୧୬ ମୋବାଇଲ ଫୋନ୍, ୨୦ ସିମ୍‌କାର୍ଡ ଜବତ

କଟକ ଅଫିସ,୨୬।୪

ହ୍ୱାଟ୍‌ସ୍‌ଆପ୍‌ରେ ନ୍ୟୁଡ୍ ଭିଡିଓ କଲ୍ କରି ଲୋକଙ୍କୁ ଲୁଟୁଥିଲେ। ତେବେ ଏଭଳି ଲୁଟ ସେମାନଙ୍କୁ ମହଙ୍ଗା ପଡ଼ିଛି। ଶେଷରେ ସମ୍ପୃକ୍ତ ସାଇବର ଠକେଇ ଗ୍ୟାଙ୍ଗର ୨ ସଦସ୍ୟଙ୍କୁ କଟକ ସାଇବର ଥାନା ପୋଲିସ ରାଜସ୍ଥାନରୁ ଗିରଫ କରିଛି। ସେମାନେ ହେଲେ ରାଜସ୍ଥାନ ଜୟସିଂହପୁରଖୋର ଥାନା ଅଞ୍ଚଳର ମହମ୍ମଦ ଇଜାରୁଦ୍ଦିନ(୨୦) ଏବଂ ମୁଖ୍ୟ ଅଭିଯୁକ୍ତ ଖୋ ଥାନା ଅଞ୍ଚଳର ସାକିର ଖାନ୍(୩୩)। ସେମାନଙ୍କ ନିକଟରୁ ୧ ଲକ୍ଷ ଟଙ୍କା, ୧୬ଟି ମୋବାଇଲ୍ ଫୋନ୍ ଓ ୨୦ଟି ବିଭିନ୍ନ ସିମ୍ କାର୍ଡ ଜବତ କରାଯାଇଛି। ଠକେଇର ଶିକାର ହୋଇଥିବା କଟକ କନ୍ଦରପୁର ଥାନା ଅଞ୍ଚଳର ଜଣେ ବରିଷ୍ଠ ନାଗରିକଙ୍କ ଅଭିଯୋଗ କ୍ରମେ ମାର୍ଚ୍ଚ ୨୨ରେ ଏ ନେଇ ସାଇବର ଥାନାରେ ଏକ କେସ୍ (ନଂ.୮/୨୦୨୩) ରୁଜୁ କରାଯାଇଥିଲା। ନ୍ୟୁଡ୍ ଭିଡିଓ କଲ୍ ଜରିଆରେ ତାଙ୍କୁ ବ୍ଲାକମେଲିଂ କରାଯାଇଥିଲା। ଏହାକୁ ପ୍ରଘଟ କରିବାର ଭୟ ଦେଖାଇ ତାଙ୍କଠାରୁ ବିଭିନ୍ନ ସମୟରେ ୮ ଲକ୍ଷ ୫୮ ହଜାର ୭୫୨ ଟଙ୍କା ଲୁଟି ନିଆଯାଇଥିବା ସେ ଅଭିଯୋଗ କରିଥିଲେ।

ଅଭିଯୋଗ ଅନୁସାରେ, ଗତ ମାର୍ଚ୍ଚ ୧୯ ତାରିଖ ରାତି ସାଢ଼େ ୯ଟା ବେଳେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କ ମୋବାଇଲକୁ ଏକ ହ୍ୱାଟ୍ସଆପ୍ ଭିଡିଓ କଲ୍ ଆସିଥିଲା। ଭିଡିଓ କଲ୍ କରିଥିବା ଜଣେ ମହିଳା ଉଲଗ୍ନ ହୋଇ ତାଙ୍କୁ ଅଶ୍ଳୀଳ କ୍ରିୟାକଳାପ ଦେଖାଇବା ସହ ତାଙ୍କୁ ସେହିପରି କରିବାକୁ କହିଥିଲେ, ଯାହାକୁ ତାଙ୍କ ଅଜଣାତରେ ଭିଡିଓ ରେକର୍ଡିଂ କରାଯାଇଥିଲା। ୨ମିନିଟ୍ ପରେ ଅପରପାର୍ଶ୍ୱରୁ କଲ୍ କାଟିଦିଆଯାଇଥିଲା। ପରଦିନ ପୁଣି ଥରେ ହ୍ୱାଟ୍ସଆପ ଭିଡିଓ କଲ୍ ଆସିଥିଲା। ଭିଡିଓ କଲ୍ କରିଥିବା ବ୍ୟକ୍ତି ଜଣକ ପୂର୍ବଦିନର ଅଶ୍ଳୀଳ ଭିଡିଓ ଦେଖାଇ ତାଙ୍କଠାରୁ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଭୟଭୀତ ହୋଇ ଠକଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟରେ ୨ଲକ୍ଷ ଟଙ୍କା ଜମା କରିଥିଲେ। ଏହିପରି ୨ ଦିନ ବିଭିନ୍ନ ମୋବାଇଲରୁ ଫୋନ୍ କରି ଟଙ୍କା ଦାବି କରିବା ଜାରି ରହିଲା। ଅଭିଯୋଗକାରୀ ସାଇବର ଠକଙ୍କ ୩ଟି ଆକାଉଣ୍ଟରେ ମୋଟ ୮ ଲକ୍ଷ ୫୮ ହଜାର ୭୫୨ ଟଙ୍କା ଜମା କରିଦେଇଥିଲେ। ସାଇବର ଥାନା ଆଇଆଇସି ଚନ୍ଦ୍ରିକା ସ୍ୱାଇଁ ମାମଲାର ତଦନ୍ତ କରି ରାଜସ୍ଥାନରୁ ମୁଖ୍ୟ ଅଭିଯୁକ୍ତ ସାକିର ଓ ପରେ ଅନ୍ୟ ଅଭିଯୁକ୍ତ ଇଜାରୁଦ୍ଦିନଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ଏକ ଗ୍ରୁପ୍ ସାହାଯ୍ୟରେ ପୂରା ଭାରତର ଲୋକଙ୍କୁ ଗତ ୪ବର୍ଷ ହେଲା ଠକୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।


ଗିରଫ ୨ ଅଭିଯୁକ୍ତ।


ଜବତ ଟଙ୍କା ଏବଂ ସାମଗ୍ରୀ।

# କରୋନା: ଦିନକରେ ୫୪୨ ନୂଆ ଆକ୍ରାନ୍ତ ଚିହ୍ନଟ, ଆଉ ଜଣେ ମୃତ

ଭୁବନେଶ୍ୱର, ୨୬।୪ (ବ୍ୟୁରୋ)

ରାଜ୍ୟରେ କିଛିଦିନ ହେବ ଦୈନିକ କରୋନା ସଂକ୍ରମଣ ୫ଶହ ଉପରେ ରହୁଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୫୪୨ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପରୀକ୍ଷା ହୋଇଥିବା ୭୫୭୧ଟି ନମୁନାରୁ ଏହି ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଆଉ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି କରୋନା ସହ ଅନ୍ୟ ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ରହିଛି। ସେହିଭଳି ଏହି ସମୟ ମଧ୍ୟରେ ୩୫୭ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୩୨୭୦ ଛୁଇଁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗାଗୁନ୍
ପରିବାରବର୍ଗ


ପ୍ରତ୍ୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିଜ ପରିଚୟ ସୃଷ୍ଟି କରୁଛନ୍ତି ଶାନୋନ୍



**ମୁମ୍ବାଇ:** ବଲିଉଡ୍‌ରେ କ୍ୟାରିୟର ଆରମ୍ଭ ପୂର୍ବରୁ ନିଜ ପରିଚୟ ନିଜେ ସୃଷ୍ଟି କରୁଛନ୍ତି ପ୍ଲେବେକ୍ ସିଙ୍ଗର କୁମାର ସାନୁଙ୍କ ଝିଅ ଶାନୋନ୍ କେ.। ସେ ନିଜ ପରିବାରର ପରିଚୟକୁ ନେଇ ଆଗକୁ ବଢ଼ିବାକୁ ଚାହୁଁ ନ ଥିବା କହିଛନ୍ତି। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଝିଅ ଭାବେ କିପରି ଅନୁଭବ କରୁଛନ୍ତି ବୋଲି ପ୍ରଶ୍ନ କରାଯିବାରୁ ଶାନୋନ୍ କହିଛନ୍ତି, ହଁ ଏହା ମୋ ଉପରେ ଏକ ବଡ଼ ଚାପ। ମୁଁ ବାପାଙ୍କ ନାଁକୁ ନେଇ ବଲିଉଡ୍‌କୁ ଆସିନାହିଁ। ମୋତେ ନିଜ ଯୋଗ୍ୟତା ପ୍ରମାଣିତ କରିବାକୁ ପଡ଼ିଛି। ନିଜ ଉଦ୍ୟମରେ ସଫଳତା ହାସଲ କରିଛି ବୋଲି ସେ କହିଛନ୍ତି। 'ଏ ଲଙ୍ଗ୍ ଟାଇମ୍ ଇନ୍ ୨୦୮'ରେ ପପ୍ ଗୀତ ଗାଇ କ୍ୟାରିୟର ଆରମ୍ଭ କରିଥିବା ଶାନୋନ୍‌ଙ୍କୁ ୨୦୨୦ରେ ହଲିଉଡ୍ ମୁଭି 'ଦି ବିଗ୍ ଫିଡ୍'ରେ ଅଭିନେତ୍ରୀ ଭାବେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ବିବେକ ଶର୍ମାଙ୍କ 'ଚଲ୍ ଜିନ୍ଦେଗୀ'ରେ ଅଭିନୟ କରୁଛନ୍ତି।

# ଅବ୍ୟବହୃତ ସାମଗ୍ରୀରୁ ରିମୋଟ୍ କଣ୍ଟ୍ରୋଲ ଏରୋପ୍ଲେନ



**ଆବୁଜା:** ମଣିଷ ଯଦି କୌଣସି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଏ, ସେ ତାକୁ ନିଶ୍ଚିତ ଭାବେ କରିବ। ସେଥିପାଇଁ ଅର୍ଥ ମଧ୍ୟ ବାଧକ ସାଜି ନ ଥାଏ। ନିକଟରେ ତାହା କରି ଦେଖାଇଛନ୍ତି ନାଇଜେରିଆ ଲାଗୋସରେ ରହୁଥିବା ବୋଲାଜି ଫତାଇ। ସେ ଅବ୍ୟବହୃତ ହେଉଥିବା ଜିନିଷରୁ ଏକ ରିମୋଟ କଣ୍ଟ୍ରୋଲ ଏରୋପ୍ଲେନ ତିଆରି କରିଛନ୍ତି। ହେଲେ ଆଶ୍ଚର୍ଯ୍ୟର କଥା ହେଉଛି ସେ କେବେ ଉଡ଼ାଜାହାଜରେ ବସିନାହାନ୍ତି କି କେବେ ତାକୁ ପାଖରୁ ଦେଖିନାହାନ୍ତି। କେବଳ ସେ ତାକୁ ଦୂରରୁ ଦେଖି ଖୁସି ହୋଇଥାନ୍ତି। ସେଥିପ୍ରତି ପିଲାଟି ଦିନରୁ ତାଙ୍କର ଦୁର୍ବଳତା ରହିଥିଲା। ସେ ସେଥିରେ ବସିପାରିବେନି, ସେଥିପାଇଁ ତାକୁ ତିଆରି କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ୨୧ ବର୍ଷୀୟ ଫତାଇଙ୍କ ଜନ୍ମ ଏକ ଗରିବ ପରିବାରରୁ। ସେ ୭ ବର୍ଷ ବୟସରୁ ହିଁ ତାଙ୍କ ନିଜର ସ୍ୱତନ୍ତ୍ର ପ୍ରୋଜେକ୍ଟ ଭାବେ ସାମଗ୍ରୀ ଏକାଠି କରିବା ଆରମ୍ଭ କରିଥିଲେ। ଭବିଷ୍ୟତରେ ସେ ଜଣେ ଏରୋନଟିକାଲ୍ ଇଞ୍ଜିନିୟର ହେବାକୁ ସ୍ୱପ୍ନ ଦେଖି ପାଠ ପଢୁଥିବା କହିଛନ୍ତି। ସେ ପିଲାବେଳୁ ସୋଲ ଏବଂ ବିଭିନ୍ନ ଛୋଟ ଛୋଟ ସାମଗ୍ରୀ ଏକାଠି କରି ଏବେ ସେ ଏକ ରିମୋଟ କଣ୍ଟ୍ରୋଲ ଏରୋପ୍ଲେନ ତିଆରି କରି ତାକୁ ସଫଳତାର ସହ ଉଡ଼ାଇଛନ୍ତି। ତାଙ୍କ ପ୍ରସ୍ତୁତ ଏରୋପ୍ଲେନ ପାଇଁ ତାଙ୍କୁ ଏକ ଟେକ୍ କମ୍ପାନୀରୁ ଇଣ୍ଟର୍ନଶିପ କରିବାକୁ ମଧ୍ୟ ଅଫର ଆସିଛି। ଏହି ଅଫର ତାଙ୍କ ପାଇଁ ଏରୋନଟିକ୍ ଇଞ୍ଜିନିୟର ହେବା ପାଇଁ ବଡ଼ ସୁଯୋଗ ବୋଲି ସେ କହିଛନ୍ତି। ସେ କହିଛନ୍ତି, ନିଜର ଡ୍ରୋନ ଟେକ୍ନୋଲୋଜି ଜରିଆରେ ଦେଶର ବିକାଶ ପାଇଁ ଯୋଗଦାନ କରିବାକୁ ଚାହାନ୍ତି।

# ମା'ବାପାଙ୍କ ସହ ଝଗଡ଼ା ପରେ ସୁଡ଼ଙ୍ଗ କଲେ ୧୪ ବର୍ଷର ବାଳକ

**ମାଡ୍ରିଡ୍:** ଅନେକ ସମୟରେ ଛୋଟ ଛୋଟ କଥାକୁ ନେଇ ମା'ବାପାଙ୍କ ସହ ପିଲାଙ୍କର ଝଗଡ଼ା ହୋଇଯାଏ। ହେଲେ କିଛି ସମୟ ପରେ ତାହା ପୁଣି ଠିକ୍ ହୋଇଯାଏ। କିନ୍ତୁ କିଛି ପିଲା ଏପରି ଅଛନ୍ତି, ଯିଏକି ନିଜ ରାଗକୁ ଭିନ୍ନ ଉପାୟରେ ପ୍ରୟୋଗ କରିପାରନ୍ତି। ଏଠାରେ ଜଣେ ବାଳକ ମା'ବାପାଙ୍କ ସହ ଝଗଡ଼ା କରିବା ପରେ ସେ ମାଟି ତଳେ ଏକ ସୁଡ଼ଙ୍ଗ ତିଆରି କରିଛନ୍ତି। ଆଣ୍ଡ୍ରୋସ କାଣ୍ଟୋ ନାମକ ୧୪ ବର୍ଷୀୟ ବାଳକ ମା'ବାପାଙ୍କ ସହ ଝଗଡ଼ା କରି ତାଙ୍କ ବଗିଚାରେ ଗାତ ଖୋଳିଥିଲେ। ରିପୋର୍ଟ ମୁତାବକ, ଆଣ୍ଡ୍ରୋସଙ୍କ ମା'ବାପା ତାଙ୍କୁ ଟ୍ରାକଶୁଟ୍ ପିନ୍ଧି ବାହାରକୁ ଯିବାକୁ ମନା କରିଥିଲେ। ଏଥିରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହେବାରୁ ଆଣ୍ଡ୍ରୋସ ରାଗି ଯାଇଥିଲେ। ସେ ସେଠାରେ ଗାତ କରି ଏକ ଭିନ୍ନ ଡିଜାଇନର ସୁଡ଼ଙ୍ଗ ପ୍ରସ୍ତୁତ କରିନେଇଛନ୍ତି। ଏବେ ତାଙ୍କୁ ୨୨ ବର୍ଷ। ସେ ୮ ବର୍ଷ ଧରି ସେଠାରେ ଗାତ ଖୋଳି ନିଜ ପାଇଁ ଏକ ବେଡ୍‌ରୁମ୍, ଲିଭିଂ ରୁମ୍ ମଧ୍ୟ ତିଆରି କରିଛନ୍ତି। ସେଠାରେ ସେ ୱାଇଫାଇ କନେକ୍ସନ ମଧ୍ୟ କରିଛନ୍ତି। ସେ ଏବେ ମଧ୍ୟ ସେହି ସୁଡ଼ଙ୍ଗକୁ ଆହୁରି ବଡ଼ କରିବାକୁ ପ୍ରୟାସ ଚଳାଇଛନ୍ତି। ସେଠାରେ ନିଜ ଆବଶ୍ୟକ ଜିନିଷ ମଧ୍ୟ ରଖିଛନ୍ତି। ତାଙ୍କର ଏହି ପ୍ରୋଜେକ୍ଟ ପାଇଁ ତାଙ୍କ ପରିବାର ମଧ୍ୟ ତାଙ୍କୁ ଏଥିରେ ସାହାଯ୍ୟ କରୁଛନ୍ତି। ସେ ଏବେ ଅଭିନେତା ହେବା ପାଇଁ ଟ୍ରେନିଂ ନେଉଥିବାବେଳେ ନିଜର ଏହି ପ୍ରୋଜେକ୍ଟ ପାଇଁ ମଧ୍ୟ ସମୟ କାଢୁଛନ୍ତି।




## ଜନ୍ମଦିନ ଶୁଭେଚ୍ଛା



**ସିମୁଲୁ ଦୀକ୍ଷିତ୍(ସୀମା)**

ଆଜି ତୁମର ଜନ୍ମଦିନ ଅବସରରେ ତୁମ ଚଲାପଥ କୁସୁମିତ ହେଉ ଓ ଜଗତର ନାଥ ଶ୍ରୀଜଗନ୍ନାଥ ତୁମ ଜୀବନକୁ ସୁଖମୟ କରନ୍ତୁ।
ଶୁଭେଚ୍ଛା ସହ- ବାପା, ମିମି, ମାମାନାନୀ, ବଡ଼ଭାଇନା ଓ ଭାଉଜ, ସାନଭାଇନା ଓ ଭାଉଜ, ସିକନ୍, ବନ୍ଧୁପରିବାରବର୍ଗ।

ଧ-୦୧୯୨

## ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା



**ପ୍ରତ୍ୟୁଷ (ରିଷି)**

କଂସାରୀସାହି ପାଟଣା, କର୍ଣ୍ଣିଲୋ
୨ୟ ଜନ୍ମବାର୍ଷିକୀରେ ତୋର ସୁସ୍ଥ, ନିରାମୟ ଜୀବନ ନିମନ୍ତେ ପ୍ରଭୁ ଶ୍ରୀନୀଳମାଧବଙ୍କ ପଦ କମଳରେ ଗୁହାରି।
ଆଶୀର୍ବାଦ ସହ- ବାପା ପଙ୍କଜ ସାହୁ, ମା- ଅନସୂୟା ସାହୁ, ବଡବାପା, ବଡମା, ପ୍ରାଚୀ, ଓମ୍‌ଭାଇ, ଆୟୁଷ, ସୌମ୍ୟା, ସୋଫିଆ, ପାୟଲ, ଜେଜେମା, ପିଉସା, ପିଉସୀ, ଅଜା, ମାମୁ, ମାଇଁ।

ଧ-୦୧୯୧


## ଜାତୀୟ/ଅନ୍ତର୍ଜାତୀୟ

# ବର୍ନଭିଟା ବିଜ୍ଞାପନ ହଟାଇବାକୁ ଏନ୍‌ସିପିସିଆର୍‌ର ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୬।୪(ପି.ଟି.)

ବିଭ୍ରାନ୍ତିକର ବିଜ୍ଞାପନ, ପ୍ୟାକେଜିଂ ଓ ଲେବଲ୍ ହଟାଇବା ପାଇଁ ବର୍ନଭିଟାକୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ନିର୍ଦ୍ଦେଶ ଦେଇଛି। ମୋଣ୍ଡେଲେଜ୍ ଇଣ୍ଡିଆ ମାଲିକାନାରେ ଥିବା ଉକ୍ତ କମ୍ପାନୀର ସ୍ୱାସ୍ଥ୍ୟପ୍ରଦ ପାନୀୟରେ ଅତ୍ୟଧିକ ମାତ୍ରାରେ ଶର୍କରା ରହିଥିବା ଏକ ଭିଡିଓରେ ଦାବି କରାଯାଇଥିଲା, ଯାହା ଶିଶୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏଥିପାଇଁ ଶୀର୍ଷ ଶିଶୁ ଅଧିକାର ସଂସ୍ଥା ପକ୍ଷରୁ ମୋଣ୍ଡେଲେଜ୍ ଇଣ୍ଡିଆକୁ ୭ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି।

# ସମଲିଙ୍ଗୀ ବିବାହ ପ୍ରସଙ୍ଗ ପାର୍ଲାମେଣ୍ଟ ଉପରେ ଛଡ଼ାଯାଉ

## ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ନୂଆଦିଲ୍ଲୀ,୨୬।୪(ପି.ଟି.)

ସମଲିଙ୍ଗୀ ବିବାହକୁ ଆଇନଗତ ଅନୁମୋଦନ ଦାବି ଆବେଦନକୁ ନେଇ ଉଠୁଥିବା ପ୍ରଶ୍ନକୁ ପାର୍ଲାମେଣ୍ଟରେ ଆଲୋଚନା ପାଇଁ ଛଡ଼ାଯାଉ ବୋଲି ବୁଧବାର କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଶୁଣାଣିର ପଞ୍ଚମ ଦିନରେ କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠକୁ କହିଥିଲେ, ସର୍ବୋଚ୍ଚ ଅଦାଲତ ଅତ୍ୟନ୍ତ ଜଟିଳ ପ୍ରସଙ୍ଗର ବିଚାର କରୁଛନ୍ତି, ଯାହାର ବ୍ୟାପକ ସାମାଜିକ ପ୍ରଭାବ ରହିଛି। ବିବାହ କିପରି ହେବ ଏବଂ କାହା ମଧ୍ୟରେ କରାଇବେ ତାହା ହେଉଛି ବାସ୍ତବ ପ୍ରଶ୍ନ। ଏହି ପ୍ରସଙ୍ଗ ଉପରେ ସମାଜରେ ତଥା ବିଭିନ୍ନ ରାଜ୍ୟ ବିଧାନସଭାରେ ମଧ୍ୟ ବିତର୍କ କରାଯିବାର ଅବଶ୍ୟକତା ରହିଛି ବୋଲି ମେହେଟ୍ଟା କହିଥିଲେ। ସମଲିଙ୍ଗୀ ବିବାହର ଆଇନଗତ ଅନୁମୋଦନ ନିମନ୍ତେ ଗତ ୧୮ ତାରିଖରୁ ସାମ୍ବିଧାନିକ ପୀଠରେ ଶୁଣାଣି ଜାରି ରହିଥିବାବେଳେ କେନ୍ଦ୍ର ସରକାର ଏହାକୁ ବିରୋଧ କରି ଆସୁଛନ୍ତି।




# Classified Everyday

0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

**Fully developed gated Society 30ft. each road, electricity, plantation, few plots available at Nakhara- 9439363944.** D-74848

Plot for sale in and around Bhubaneswar investment commercial and residential. 9777345831. D-71052

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102

**ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

Plot for Sale ପାଚେରି ଓ ରାସ୍ତା ଥାଇ କଟକ ଜଗତପୁରରେ ପ୍ରତି ବର୍ଗଫୁଟକୁ @550 ଟଙ୍କାରେ ପ୍ଲଟ୍ ମିଳୁଛି। 7978201906. D-0193

**PURCHASE**

ଭୁବନେଶ୍ୱରରେ ପୁରୁଣା ୧/୨/୩ BHK ଫ୍ଲାଟ୍ ଏବଂ ଶସ୍ତା ପ୍ଲଟ୍ କିଣିବାକୁ ଚାହୁଁଛି- 7653898752. D-74306


CONSTRUCTION

**Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101.** D-0082




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74674

Newly open health benefits SPA special offer @ 799, Jaydev Vihar. 8018429809. D-75103

**Relax, Refresh your body, Mind at Saikrupa Spa with best therapies. 8984068077.** D-0145

SPA head to foot body point only massages best Therapist Gents & Lady Senior-Citizen @799/- Bhubaneswar- 9337672475. D-0171

See Career Appointment on every Wednesday & Saturday

Newly open health benefits Spa special offer @999 Nayapalli. 7846814019. D-75101

Full body massage in homely atmosphere in all therapy. Mob: 8114881641. D-73429

**AFFIDAVIT**

ମୁଁ, ଶର୍ମିଷ୍ଠା ସାହୁ, ସ୍ୱାମୀ- ଶ୍ରୀକାନ୍ତ କୁମାର ରାଉତରାୟ, ପ୍ଲଟ୍ ନଂ.- ୮୬୨, ଫ୍ଲାଟ୍ ନଂ.-୧୦୨, ୟୁନିଟ୍-୪, ସିନ୍ଧୁପୂର୍ଣ୍ଣା ଏନ୍‌କ୍ଲେଭ, ୟୁନିଟ୍-୪ ବାଳିକା ଉଚ୍ଚ ବିଦ୍ୟାଳୟର ପଛପାଖ, ମଧୁସୂଦନନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୧, ଏହି ସତ୍ୟପାଠ ନଂ.- ୩୮୫, ତାରିଖ: ୨୫।୦୪।୨୦୨୩ ଜରିଆରେ ଘୋଷଣା କରୁଛି କି ଭବିଷ୍ୟତରେ ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ ଶର୍ମିଷ୍ଠା ରାଉତରାୟ ଭାବେ ପରିଚିତ ହେବି। ଧ-୦୧୯୫

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ବିହାର ସରକାର ମୁକ୍ତ କରିବାକୁ ଥିବା ବନ୍ଦୀଙ୍କ ମଧ୍ୟରେ ମୃତକ

ପାଟନା,୨୬।୪

ଆଇଏଏସ୍ ଅଫିସର ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ପୂର୍ବତନ ଏମ୍‌ପି ଆନନ୍ଦ ମୋହନଙ୍କ ସମେତ ୨୭ ବନ୍ଦୀଙ୍କୁ ମୁକ୍ତ କରିଦେବା ଲାଗି ବିହାର ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ବନ୍ଦୀମାନଙ୍କ ମଧ୍ୟରେ ଜଣେ ମୃତକ ରହିଛନ୍ତି। ବକ୍ସାର ଜେଲରେ ଗତବର୍ଷ ନଭେମ୍ବର ୧୦ରେ ପତିରାମ ରାୟ(୯୩)ଙ୍କର ମୃତ୍ୟୁ ଘଟିଥିଲା। ଏହା ସତ୍ତ୍ୱେ ଉତ୍ତମ ଆଚରଣ ପାଇଁ ୧୪ ବର୍ଷ ଜେଲ କାଟିଥିବା ୨୭ ବନ୍ଦୀଙ୍କୁ ମୁକ୍ତ କରିବା ଲାଗି ବିହାର ଆଇନ ମନ୍ତ୍ରଣାଳୟ ପ୍ରକାଶ କରିଥିବା ତାଲିକାରେ ପତିରାମଙ୍କ ନାଁ ରହିଛି।

# ତଦନ୍ତ ନ ସାରି ଚାର୍ଜଶିଟ୍ ଦାଖଲ ମନା

ନୂଆଦିଲ୍ଲୀ,୨୬।୪

ଏକ ତଦନ୍ତକାରୀ ସଂସ୍ଥା କୌଣସି ମାମଲାରେ ତଦନ୍ତ ଶେଷ ନ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସିଆର୍‌ପିସି ଧାରା ୧୬୭ ଅନୁସାରେ ତଦନ୍ତକାରୀ ସଂସ୍ଥା ରିମାଣ୍ଡର ୬୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିବାରେ ବିଫଳ ହେଲେ ଅଭିଯୁକ୍ତ ଜାମିନ ପାଇବାକୁ ହକ୍‌ଦାର। କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଅପରାଧ ପାଇଁ ଏହି ଅବଧି ୯୦ ଦିନ ରହିଛି। ଜଷ୍ଟିସ୍ କ୍ରିଷ୍ଣା ମୁରାରି ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ତଦନ୍ତକାରୀ ସଂସ୍ଥା ତଦନ୍ତ ସମ୍ପୂର୍ଣ୍ଣ ନ କରି ଚାର୍ଜଶିଟ୍ ଦାଖଲ କରିବା ଦ୍ୱାରା ଅଭିଯୁକ୍ତ ସିଆର୍‌ପିସି ୧୬୭(୨) ଅନୁଯାୟୀ ଜାମିନ ପାଇବାକୁ ବଞ୍ଚିତ ହୋଇଥାଆନ୍ତି। ଏଭଳି ଚାର୍ଜଶିଟ୍ ଜାମିନ ପାଇବା ଅଧିକାରକୁ ଛଡ଼ାଇ ନେଇପାରିବ ନାହିଁ। ଏପରି ମାମଲାର ଶୁଣାଣି କରୁଥିବା କୋର୍ଟ ଗିରଫ ଅଭିଯୁକ୍ତଙ୍କ ହାଜତ ମିଆଦ ବଢ଼ାଇପାରିବେ ନାହିଁ। ରତୁ ଛାବ୍ରିଆ ନିଜ ସ୍ୱାମୀଙ୍କୁ ମୁକ୍ତ କରିବା ଲାଗି ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି।

# ସୁଦାନରୁ ଉଦ୍ଧାର ୩୬୦ ଭାରତୀୟ ଦିଲ୍ଲୀ ପହଞ୍ଚିଲେ

ନୂଆଦିଲ୍ଲୀ,୨୬।୪

ଅପରେଶନ କାବେରୀରେ ସୁଦାନରୁ ଉଦ୍ଧାର ହୋଇଥିବା ଭାରତୀୟଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୬୦ ଜଣ ବୁଧବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସେମାନଙ୍କ ପହଞ୍ଚିବା ସମୟର ଫଟୋ ଟୁଇଟ୍ କରିଛନ୍ତି। ସୁଦାନ ସୈନ୍ୟ ଓ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ୧୧ ଦିନ ହେଲା ସଂଘର୍ଷ ଜାରି ରହିଥିବାବେଳେ ୪୫୯ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଥିସହିତ ୪,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେଠାରେ ୩,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଫସି ରହିଥିଲେ। ଆମେରିକା ଏବଂ ସାଉଦି ଆରବ ମଧ୍ୟସ୍ଥତା କରିବା ପରେ ବିଦେଶୀ ନାଗରିକମାନଙ୍କୁ ଉଦ୍ଧାର ପାଇଁ ୭୨ ଘଣ୍ଟା ଅସ୍ତ୍ରବିରତି ନିମନ୍ତେ ସୋମବାର ସୁଦାନ ରାଜି ହୋଇଥିଲା। ଦୁଇ ଦିନରେ ଭାରତ ସୁଦାନରୁ ୫୩୪ ଜଣଙ୍କୁ ଉଦ୍ଧାର କରି ଜେଦ୍ଦାକୁ ନେଇଥିବାବେଳେ ସେଠାରୁ ସେମାନଙ୍କୁ ବିମାନ ଯୋଗେ ଦିଲ୍ଲୀ ଅଣାଯାଉଛି।




# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ସୂର୍ଯ୍ୟନାରାୟଣ ନାୟକ (ନଲୁ ସାର୍)**
ପ୍ରଧାନ ସାହି, ଚୌଦ୍ୱାର, କଟକ
ଆବିର୍ଭାବ: ୧୯।୧୧।୧୯୪୩
ତିରୋଧାନ: ୦୭।୦୫।୨୦୨୨

ଚାହୁଁ ଚାହୁଁ ଆମ୍ଭମାନଙ୍କୁ ଛାଡି ଚାଲିଯିବାର ବର୍ଷେ ପୂରିଲା। ଆପଣ ଆମ୍ଭମାନଙ୍କ ପାଖରେ ନାହାନ୍ତି ତାହା ବିଶ୍ୱାସ ହେଉନାହିଁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ ଓ କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ଜୀବନରେ ପ୍ରେରଣାର ଉତ୍ସହୋଇ ରହୁ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୦୧୮୮

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ନୃସିଂହ ଚରଣ ମହାନ୍ତି**
କିଆଡିଙ୍ଗିରି, ନୂଆଡିହି, ଏରସମା, ଜଗତସିଂହପୁର
ଆବିର୍ଭାବ : ୨୦.୦୮.୧୯୪୧
ତିରୋଧାନ : ୧୯.୦୮.୨୦୨୧

ତୁମେ ଇହଧାମ ଛାଡ଼ିଯିବାର ଦେଖୁ ଦେଖୁ ଦୁଇବର୍ଷ ବିତିଗଲା। ତୁମେ ଥିଲ ଆମ ଜୀବନର ସ୍ପନ୍ଦନ। ଆମ ଆଖିର ଆଲୋକ, ଆମ ଆନନ୍ଦର ଉତ୍ସ, ଆମ ପାଇଁ ପୋତି ଦେଇଥିଲ ମାନବତାର ମାଇଲଖୁଣ୍ଟ। ତୁମେ ଗଲାପରେ ଆମେ ଜିଉଛୁ ସ୍ପନ୍ଦନହୀନ ଏକ ନିସ୍ତବ୍ଧ ଜୀବନ। ତୁମର ନୀତି, ଆଦର୍ଶ ସଦା ଆମ ଜୀବନର ପାଥେୟ ହେଉ। ତୁମେ ସ୍ୱର୍ଗରେ ଆନନ୍ଦରେ ଥାଅ, ଅମରତ୍ୱ ପ୍ରାପ୍ତ କର, ଏତିକି ଶ୍ରୀଜିଉଙ୍କ ନିକଟରେ ପ୍ରାର୍ଥନା।
॥ ତୁମର ॥
ହତଭାଗିନୀ ସ୍ତ୍ରୀ - ସୁରମା,
ହତଭାଗ୍ୟ ପୁତ୍ର-ଚଗଲା, ପାଗଳା, ବୋହୂ-ରଶ୍ମି, ଲୋପା
ଝିଅ-ମାର୍ଜିନୀ, ନିନି, ଜ୍ୱାଇଁ-ବଳରାମ, ସଂଜୀବ,
ନାତିନାତୁଣୀ-ଶୁଭମ, ଲିକୁନ୍, ସାନି,
ପୁତୁରା-ଝିଆରୀ, ଭଣଜା-ଭାଣିଜି ଓ ଶୋକସନ୍ତପ୍ତ ପରିବାରବର୍ଗ

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**୰ଶ୍ୟାମ ସୁନ୍ଦର ଭୋଇ**
ଆବିର୍ଭାବ-୧୧-୦୫-୧୯୪୩
ତିରୋଧାନ-୧୮-୦୫-୨୦୨୧
ରେଢ଼ାଖୋଲ, ସମ୍ବଲପୁର

ବାପା, ତୁମେ ଆମକୁ ଛାଡି ଚାଲିଯିବାର ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୁମ ଅବର୍ତ୍ତମାନରେ ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାକୁ ପାଥେୟକରି ଆମେ ଜୀବନର ଚଲାପଥରେ ଆଗେଇ ଚାଲିଛୁ। ସବୁଦିନ ତୁମେ ଆମ ସ୍ମୃତିରେ ରହିଛ, ରହିଥିବ। ଆଜି ଆପଣଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପତ୍ନୀ-ସୁଷମା, ପୁଅ-ସିଦ୍ଧାର୍ଥ, ସମସ୍ତ ଝିଅଜ୍ୱାଇଁ, ନାତି- ରିଷି, ଗୁଡୁଲୁ, ନାତୁଣୀ- ହସି, ଖୁସି, ସ୍ୱିଟୀ ଓ ପରିବାରବର୍ଗ ତଥା ବନ୍ଧୁବାନ୍ଧବ।

ଧ-୦୧୯୪


# ଓଡ଼ିଶାରେ ଖୋଲିବ ୭ ସରକାରୀ ନର୍ସିଂ କଲେଜ

## ୧୫୭ କଲେଜକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୨୬।୪(ପି.ଟି.)

ଦେଶର ମେଡିକାଲ କଲେଜଗୁଡ଼ିକ ନିକଟରେ ସରକାରୀ ନର୍ସିଂ କଲେଜ ଖୋଲିବ। ୧,୫୭୦ କୋଟି ଟଙ୍କା ବ୍ୟୟରେ ୧୫୭ଟି ନର୍ସିଂ କଲେଜ ଖୋଲିବା ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୂଚନା ଦେଇଛନ୍ତି। ପ୍ରତି କଲେଜରେ ୧୦୦ ବିଏସ୍‌ସି ନର୍ସିଂ ସିଟ୍ ରହିବ। ଉତ୍ତରପ୍ରଦେଶରେ ସର୍ବାଧିକ ୨୭ଟି ନର୍ସିଂ କଲେଜ ଖୋଲିବାକୁ ଥିବାବେଳେ ଓଡ଼ିଶାରେ ୭ଟି ଖୋଲିବ। ରାଜସ୍ଥାନରେ ୨୩, ମଧ୍ୟପ୍ରଦେଶରେ ୧୪, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ୧୧ଟି ଲେଖାଏ, ଜମ୍ମୁ-କଶ୍ମୀରରେ ୭, ଆସାମ, ଛତିଶଗଡ଼, ଗୁଜରାଟ, ଝାଡ଼ଖଣ୍ଡରେ ୫ଟି ଲେଖାଏ ନର୍ସିଂ କଲେଜ ଖୋଲିବାକୁ ନିଷ୍ପତ୍ତି ହୋଇଛି। କର୍ନାଟକ, ଉତ୍ତରାଖଣ୍ଡରେ ୪ଟି ଲେଖାଏ, ପଞ୍ଜାବ ଓ ହିମାଚଳପ୍ରଦେଶରେ ୩ଟି ଲେଖାଏ ଏବଂ ହରିୟାଣାରେ ଗୋଟିଏ ନର୍ସିଂ କଲେଜ ଖୋଲିବ।

# ହାଇଡ୍ରୋଜେନ୍ ଇନ୍ଧନ ବ୍ୟବହାରକୁ ଗୁରୁତ୍ୱାରୋପ



ବିମଳେନ୍ଦ୍ର ଝା

ନୂଆଦିଲ୍ଲୀ,୨୬।୪

ହାଇଡ୍ରୋଜେନ୍ ଇନ୍ଧନ ବ୍ୟବହାରକରି ଇସ୍ପାତ ତିଆରି କରିବା ସହ ଇସ୍ପାତ ଶିଳ୍ପର ବିକାଶ କରାଯାଇପାରିବ। ଏପରିକି ଭବିଷ୍ୟତରେ ମଧ୍ୟ ଏହାର ବ୍ୟବହାରକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ଦ୍ୱାରା ଆୟୋଜିତ ଷ୍ଟିଲ୍ ମେକିଂରେ ଭାରତର ଭବିଷ୍ୟତ ଶୀର୍ଷକ ବିଷୟର ଆଲୋଚନାଚକ୍ରକୁ ସମ୍ବୋଧିତକରି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସ୍‌ପି)ର ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦ୍ର ଝା କହିଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ଆୟୋଜିତ ଉକ୍ତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଝା କହିଥିଲେ, ନୂତନ ଜ୍ଞାନକୌଶଳର ବିକାଶ ସହିତ ଇସ୍ପାତ ଶିଳ୍ପରେ କୋଇଲା ଉପରେ ନିର୍ଭରଶୀଳତା ଶୀଘ୍ର ଦୂରହେବ। ସେହିଭଳି ଓଡ଼ିଶା ସରକାରଙ୍କ ପ୍ରଗତିଶୀଳ ଶିଳ୍ପନୀତିକୁ ପ୍ରଶଂସାକରି ସେ କହିଛନ୍ତି, ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯିଏ ଶିଳ୍ପସଂସ୍ଥାଗୁଡ଼ିକ ଦ୍ୱାରା ଇସ୍ପାତ ବ୍ୟବହାର ପାଇଁ ପୁଞ୍ଜି ପ୍ରୋତ୍ସାହନ ଦେଇଥାଏ। ସେହିପରି ଜେଏସ୍‌ପି ଦ୍ୱାରା ପରିବେଶ ଅନୁକୂଳ ପଦ୍ଧତିରେ ଇସ୍ପାତ ଉତ୍ପାଦନ ସମ୍ପର୍କରେ ସେ କହିଥିଲେ, ଜେଏସ୍‌ପି ଦ୍ୱାରା ବ୍ୟବହୃତ କୋଲ୍ ଗ୍ୟାସିଫିକେଶନ- ସିଜିପି ପଦ୍ଧତି ଏକ ସଫଳ ଜ୍ଞାନକୌଶଳ। ଏପରିକି ଇସ୍ପାତ ଉତ୍ପାଦନ ପାଇଁ ବ୍ୟବହାର କରାଉଥିବା ସିନ୍ଥେଟିକ ଗ୍ୟାସ୍ ସହିତ ଗ୍ୟାସିଫିକେଶନ ଅଏଲ, ଟାର୍, ଅମୋନିଆ ଏବଂ ଫିନୋଲ ନାପଥା ଆଦି ଉତ୍ପାଦ ମଧ୍ୟ କୋଲ୍ ଗ୍ୟାସିଫିକେଶନ ପଦ୍ଧତିରେ ମିଳିଥାଏ। ଯଦିଓ ଇସ୍ପାତ ଶିଳ୍ପରେ ଅଧିକ ଶକ୍ତି ବ୍ୟବହାର ହୋଇଥାଏ, ତେବେ ଶକ୍ତି ପ୍ରୟୋଗର ଦକ୍ଷତା ବୃଦ୍ଧି ଏବଂ ଅଙ୍ଗାରକାମ୍ଳ ନିର୍ଗମନ ନିୟନ୍ତ୍ରଣ କରିବା ପାଇଁ ବର୍ତ୍ତମାନ ବିଭିନ୍ନ ଉପାୟ ଆସିଲାଣି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଡ. ବ୍ରହ୍ମା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ସେଲ୍‌ର ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦ ପାଣ୍ଡେ, ପୂର୍ବତନ କେନ୍ଦ୍ର ସଚିବ ଅରୁଣ ରଥ, ଓଇଆର୍‌ସିର ପୂର୍ବତନ ଅଧ୍ୟକ୍ଷ ୟୁ.ଏନ୍. ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୧୫୦ରୁ ଅଧିକ ବ୍ୟବସାୟୀ ଏବଂ ବରିଷ୍ଠ ପ୍ରଫେସନାଲ ଅଂଶଗ୍ରହଣ କରିଥିଲେ।

# ମହିନ୍ଦ୍ରାର ଅଲ୍ ନ୍ୟୁ ବୋଲେରୋ ମ୍ୟାକ୍ସ ପିକ୍-ଅପ୍

ନୂଆଦିଲ୍ଲୀ,୨୬।୪




ଭାରତର ୧ ନମ୍ବର ପିକ୍ ଅପ୍ ବ୍ରାଣ୍ଡ ବୋଲେରୋର ନିର୍ମାତା ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ପକ୍ଷରୁ ମହିନ୍ଦ୍ରା ଅଲ୍ ନ୍ୟୁ ବୋଲେରୋ ମ୍ୟାକ୍ସ ପିକ୍-ଅପ୍‌ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ଅଟୋମୋଟିଭ୍ ଡିଭିଜନ୍‌ର ସଭାପତି ବିଜୟ ନାକ୍ରା କହିଛନ୍ତି, ମେକ୍ ଇନ୍ ଇଣ୍ଡିଆ ଅଭିଯାନ ପାଇଁ ଗଭୀର ଭାବେ ପ୍ରତିବଦ୍ଧ ଥିବା ଏକ କମ୍ପାନୀ ଭାବେ ଆମେ ଉତ୍ପାଦରେ ଆଗରେ ରହିବା ଓ ବିକାଶ କରୁଥିବାରୁ ଗର୍ବିତ ମନେକରୁଛୁ ଯାହା ଗ୍ରାହକ କୈନ୍ଦ୍ରିକ ହୋଇଥିବା ବେଳେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପ୍ରତି ଯୋଗଦାନ ଲାଗି ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାରେ ଆମେ ବିବିଧ ଯାନ ଜରିଆରେ ଗ୍ରାହକଙ୍କ ଜୀବନକୁ ସମୃଦ୍ଧ କରିବା ଲାଗି ନିରନ୍ତର ଉଦ୍ୟମ କରୁଛୁ ଯାହା ଅଭିବୃଦ୍ଧି ଓ ସମୃଦ୍ଧିକୁ ସକ୍ଷମ କରିବ। ନୂଆ ବୋଲେରୋ ମ୍ୟାକ୍ସ ପିକ୍ ଅପ୍ ଅତ୍ୟାଧୁନିକ ସୁବିଧା ସୁଯୋଗ,ଅତୁଳନୀୟ ଶକ୍ତି, ସର୍ବାଧିକ ପେଲୋଡ୍ ଦକ୍ଷତା ଏବଂ ଅଧିକ ମାଇଲେଜ୍ ପ୍ରଦାନ କରୁଥିବା ବେଳେ ପ୍ରତି ଯାତ୍ରାରେ ଚାଳକଙ୍କ ପାଇଁ ଉତ୍ପାଦକତା ଓ କ୍ଳାନ୍ତି ମୁକ୍ତ ଯାତ୍ରାର ପ୍ରତିଶ୍ରୁତି ଦେଉଛି। ବାସ୍ତବରେ ଅଧିକ ଅନୁଭୂତି ଚାହୁଁଥିବା ଗ୍ରାହକମାନଙ୍କ ଲାଗି ଏହା ବେଶ୍ ଉପଯୋଗୀ ହେବ। ଏହି ଉତ୍ପାଦ ବର୍ଗମାଳା ଜରିଆରେ ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ ପ୍ରଦାନ କରିବା ଲାଗି ମହିନ୍ଦ୍ରାର ରହିଥିବା ଅଦମ୍ୟ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବା ଓ ପିକ୍ ଅପ୍ ବର୍ଗମାଳାରେ ଉତ୍କର୍ଷ ପାଇଁ ନୂଆ ମାନଦଣ୍ଡ ଧାର୍ଯ୍ୟ କରୁଥିବାରୁ ଆମେ ଆନନ୍ଦିତ। ସେହିଭଳି ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ଅଟୋମୋଟିଭ୍ ଟେକ୍ନୋଲୋଜି ଆଣ୍ଡ ପ୍ରଡକ୍ଟ ଡିଭିଜନ୍ ସଭାପତି ଆର୍. ଭେଲୁସ୍ୱାମୀ କହିଛନ୍ତି, ସମ୍ପୂର୍ଣ୍ଣ ନୂଆ ବୋଲେରୋ ମ୍ୟାକ୍ସ ପିକ୍ ଅପ୍ ବର୍ଗମାଳା। ଯାହା ଏକ ସମ୍ପୂର୍ଣ୍ଣ ବିବିଧ ନୂଆ ପ୍ଲାଟ୍‌ଫର୍ମର ବିକାଶ କରିଛି। ୧.୩ ଟନ୍‌ରୁ ୨ ଟନ୍ ପର୍ଯ୍ୟନ୍ତର ବିଭିନ୍ନ କାର୍ଗୋ ଲମ୍ବ ଓ ଅପେଲୋଡ୍ କ୍ଷମତା ପ୍ରଦାନ କରୁଥିବା ଦୁଇ ପ୍ରକାର ଉତ୍ପାଦ ପ୍ରଦାନ କରିବାର କ୍ଷମତା ହାସଲ ହୋଇଛି ଏବଂ ଡିଜେଲ ଓ ସିଏନ୍‌ଜିର ବିକଳ୍ପ ମଧ୍ୟ ରହିଛି। ଉଲ୍ଲେଖଯୋଗ୍ୟ ନୂଆ ବୋଲେରୋ ମ୍ୟାକ୍ସ ପିକ୍ ଅପ୍ ଏଚ୍‌ଡି ସିରିଜ୍ ଓ ସିଟି ସିରିଜ୍ ଭଳି ଦୁଇଟି ସିରିଜ୍‌ରେ ଉପଲବ୍ଧ। ସିଟି ସିରିଜ୍‌ର ଏକ୍ସ ଶୋ'ରୁମ ମୂଲ୍ୟ ୭.୮୫ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଏଚ୍‌ଡି ସିରିଜ୍‌ର ଦାମ୍ ୯.୨୬ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସର ନୂଆ ପ୍ରଚାର ଅଭିଯାନ

ନୂଆଦିଲ୍ଲୀ,୨୬।୪




ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସର ନୂଆ ପ୍ରଚାର ଅଭିଯାନ 'ହାଲୋ' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଳାସପୂର୍ଣ୍ଣ ବର୍ଗ ହାଲୋ ୱାଲ୍ ଫିନିସେସ୍ ପାଇଁ ଏକ ନୂଆ ପ୍ରଚାର ଅଭିଯାନର ଆରମ୍ଭ କରାଯାଇଛି। ଏପରିକି ଭାରତୀୟ ଗ୍ରାହକ ବିବେକବନ୍ତ ଏବଂ ତାଙ୍କ କାନ୍ଥ କିଭଳି ଦେଖାଯିବ, ତାହାକୁ ନେଇ ସେମାନେ ଅତିମାତ୍ରାରେ ସଚେତନ ମଧ୍ୟ ଅଛନ୍ତି। ତେବେ ଯେତେବେଳେ ପସନ୍ଦ କରିବା କଥା ଆସେ ସେତେବେଳେ ସେମାନେ 'ଅବିଚାରିତ ଭାବେ ଖରିଦ'କରିଥାନ୍ତି ଏବଂ ତଦ୍ୱାରା ସେମାନେ ଏହା କାହିଁକି ସର୍ବୋତ୍ତମ ତାହା ଅନେକ ସମୟରେ ନ ଜାଣି ସବୁଠାରୁ ଭଲ ଖରିଦ କରୁଥିବା ମନେକରନ୍ତି। ସେହିଭଳି ଟିବିଡବ୍ଲ୍ୟୁଏ ଦ୍ୱାରା ପରିକଳ୍ପନା କରାଯାଇଥିବା ଏହି ପ୍ରଚାର ଅଭିଯାନରେ ବଲିଉଡ୍ ସୁପରଷ୍ଟାର ଆଲିଆ ଭଟ୍ଟ ଓ ଆୟୁଷ୍ମାନ ଖୁରାନା ଅଭିନୟ କରୁଛନ୍ତି। ବିଶେଷକରି ଟାଟା ଆଇପିଏଲ୍-୨୦୨୩ ଅବସରରେ ଏହି ଟିଭିସିକୁ ଡିଜିଟାଲ ପଦ୍ଧତିରେ ପ୍ରସାରଣ କରାଯିବ ଏବଂ ତାହା ସହିତ ଏହା ସମସ୍ତ ଅଗ୍ରଣୀ ଟେଲିଭିଜନ ଚ୍ୟାନେଲରେ ମଧ୍ୟ ପ୍ରସାରିତ ହେବ। ଏ ସମ୍ପର୍କରେ ଜେଏସଡବ୍ଲ୍ୟୁ ପେଣ୍ଟ୍ସର ଜଏଣ୍ଟ ଏମ୍‌ଡି ତଥା ସିଇଓ ସୁନ୍ଦରେସନ ଏ.ଏସ୍. କହିଛନ୍ତି, ଆମେ ଭବିଷ୍ୟତର ପେଣ୍ଟ୍ସ କମ୍ପାନୀ ନିର୍ମାଣ କରୁଥିବାବେଳେ ଗ୍ରାହକମାନଙ୍କୁ ଏକ ସୂଚିତ ପସନ୍ଦ ପ୍ରଦାନ କରାଇବାରେ ଆମର ଲକ୍ଷ୍ୟ ରହିଛି। ଏପରିକି ଏହି ପ୍ରଚାର ଅଭିଯାନ ଜରିଆରେ ଗ୍ରାହକମାନଙ୍କୁ ସଚେତନ କରାଇବ ସହ ବଜାର ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବା। ସେହିଭଳି ଅନେକ ସମୟରେ ଗ୍ରାହକମାନଙ୍କୁ କମ୍ପାନୀଗୁଡ଼ିକୁ ପକ୍ଷରୁ ଯାହା ବଜାର ଜରିଆରେ ଯୋଗାଇ ଦିଆଯାଉଛି, ତାହା କିଣିବାକୁ ସେମାନେ ଅନ୍ଧ ଭାବେ ଆଗେଇଯାଆନ୍ତି ଏବଂ ସେମାନେ କ'ଣ ପାଉଛନ୍ତି ତାହା ସେମାନଙ୍କୁ ମଧ୍ୟ ଜଣା ନ ଥାଏ। ଏପରିକି ଗ୍ରାହକଙ୍କୁ ଉତ୍ସୁକାଇବାର ଏକ ମାଧ୍ୟମ ଭାବେ ସୱାଲିଆ ଗ୍ରାହକମାନଙ୍କୁ ପ୍ରଶ୍ନ ପଚାରିବା ଏବଂ ଠିକ୍ ପସନ୍ଦ କରିବାକୁ ପ୍ରେରିତ କରୁଛି।

# ହାୟର କ୍ୟୁ ଏଲ୍ଇଡି ଟିଭି ସିରିଜ




ନୂଆଦିଲ୍ଲୀ,୨୬।୪

ଦେଶର ପ୍ରମୁଖ ହୋମ୍ ଆପ୍ଲାଏନ୍ସ ଆଣ୍ଡ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ୍ ହାୟର ଆପ୍ଲାଏନ୍ସ ଇଣ୍ଡିଆର ନୂତନ ଉତ୍ପାଦ 'ହାୟର କ୍ୟୁ ଏଲ୍ଇଡି ଟିଭି ସିରିଜ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡ୍ ଗୁଗଲ୍ ଟିଭି ସହ ସିରିଜର ନୂତନ ଉତ୍ପାଦକୁ ବଜାର ପ୍ରବେଶ କରାଇଛି। ବିଶେଷକରି ହାୟର ଅତ୍ୟାଧୁନିକ ବୈଶିଷ୍ଟ୍ୟ ଏବଂ ଶିଳ୍ପ ଶ୍ରେଷ୍ଠ ଚିତ୍ର ଗୁଣ ସହିତ କ୍ୟୁ ଏଲ୍ଇଡି ଟିଭି ସେଗ୍‌ମେଣ୍ଟରେ ମଧ୍ୟ ପ୍ରବେଶ କରିଛି, ଯାହାକି ନୂତନତ୍ୱ ଡିଜାଇନ ଏବଂ ସ୍ମାର୍ଟ ବୈଷୟିକ ଜ୍ଞାନର ଏକ ସମ୍ପୂର୍ଣ୍ଣ ମିଶ୍ରଣ । ଏ ସମ୍ପର୍କରେ ହାୟର ଆପ୍ଲାଏନ୍ସ ଇଣ୍ଡିଆର ସଭାପତି ସତୀଶ ଏନ୍‌ଏସ୍ କହିଛନ୍ତି, ନୂତନ କ୍ୟୁ ଏଲ୍ଇଡି ଟିଭି ସିରିଜର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କ୍ୟୁ ଏଲ୍ଇଡି ଟିଭି ବ୍ୟାପକ ସୁବିଧା ଯୋଗାଇବ। ବିଶେଷକରି ଏହି ଟେଲିଭିଜନ ଦେଖିବାର ଏକ ନୂତନ ତଥା ଇମର୍ସିଭ୍ ଅନୁଭୂତି ଦେବ। ସେହିଭଳି ଏହି ନୂତନ ହାୟର କ୍ୟୁ ଏଲ୍ଇଡି ଟିଭି ସିରିଜରେ ଅତ୍ୟାଧୁନିକ ବୈଶିଷ୍ଟ୍ୟ ଏବଂ ଷ୍ଟାଇଲିଶ୍ ବେଜେଲ୍-କମ୍ ଡିଜାଇନ ଅନ୍ତର୍ଭୁକ୍ତ ରହିଛି। ଏହା ମାଧ୍ୟମରେ ଉପଭୋକ୍ତା ସେମାନଙ୍କର ଅଭିଜ୍ଞତାକୁ ଶେୟାର କରିପାରିବେ। ଏପରିକି ବର୍ତ୍ତମାନର ଉପଭୋକ୍ତାଙ୍କୁ ଦୃଷ୍ଟିରେ ରଖି ଏହାର ଡିଜାଇନ କରାଯାଇଛି। ସେହିପରି ଭାରତୀୟ ଗ୍ରାହକମାନେ ସ୍ମାର୍ଟ ଏବଂ ନିଜ ଜୀବନରେ ଯୋଡ଼ିବାକୁ ନୂତନ ସ୍ମାର୍ଟ ଉତ୍ପାଦ ଖୋଜନ୍ତି। ଏହାକୁ ଧ୍ୟାନରେ ରଖି ଗ୍ରାହକମାନଙ୍କ ପାଇଁ ମନୋରମ ମନୋରଞ୍ଜନ ପାଇଁ କ୍ୟୁ ଏଲ୍ଇଡି ଟିଭି ସିରିଜ ଏସ୍୯କ୍ୟୁ ଟି ସିରିଜର ନୂତନ ପରିସର ମଧ୍ୟ ଆରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ବିଶ୍ୱର ଅଗ୍ରଣୀ ହୋମ୍ ଆପ୍ଲାଏନ୍ସ ଆଣ୍ଡ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ତଥା କ୍ରମାଗତ ୧୪ବର୍ଷ ଧରି ମେଜର ଆପ୍ଲାଏନ୍ସରେ ୱାର୍ଲ୍ଡ ନମ୍ବର ୧ ବ୍ରାଣ୍ଡ୍ ହାୟର ଆପ୍ଲାଏନ୍ସ ଇଣ୍ଡିଆ ଗୁଗଲ୍ ଟିଭି ସହିତ ସିରିଜର ନୂତନ ଉତ୍ପାଦ ଲଞ୍ଚ କରିବାକୁ ଘୋଷଣା କରିଛି ।

# 'ହେଲ୍‌ଥ ଏଜ୍ ଇନ୍‌ସ୍ୟୁରାନ୍ସ'ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୬।୪


ଆନନ୍ଦ ପେଜୱାର

ଭାରତର ପ୍ରମୁଖ ଜେନେରାଲ ବୀମା ସେବା ପ୍ରଦାନକାରୀ କମ୍ପାନୀ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ସମ୍ପୂର୍ଣ୍ଣ କଷ୍ଟମାଇଜେବଲ ଡିଜିଟାଲ ସ୍ୱାସ୍ଥ୍ୟ ଉତ୍ପାଦ 'ହେଲ୍‌ଥ ଏଜ୍ ଇନ୍‌ସ୍ୟୁରାନ୍ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ୯ଟି ମୌଳିକ କ୍ଷତିପୂରଣ କଭର ଏବଂ ୧୮ଟି ଇଚ୍ଛାଧୀନ କଭର ସହ ଏକ ବ୍ୟାପକ ପ୍ଲାନ୍ ଅଫର ପ୍ରଦାନ କରୁଛି। ବିଶେଷକରି ଗ୍ରାହକମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏକ ଟେଲର ମେଡ୍ ସ୍ୱାସ୍ଥ୍ୟ ବୀମା ପଲିସି ଡିଜାଇନ କରିବାକୁ ଏହା ଅନୁମତି ଦେଇଥାଏ। ଫଳରେ ଗ୍ରାହକମାନଙ୍କୁ ଏହା ଏକ ସୁବିଧାଜନକ ଏବଂ ଚିନ୍ତାମୁକ୍ତ ଅଭିଜ୍ଞତା ପ୍ରଦାନ କରିଥାଏ। ସେହିଭଳି ୩ ବର୍ଷ ପର୍ଯ୍ୟନ୍ତ ଦୀର୍ଘକାଳୀନ ପଲିସି ବିକଳ୍ପ ସହ ଉକ୍ତ ପଲିସି ଏକାଧିକ ରାଶି ବୀମା ବିକଳ୍ପ ସହ ୩ ଲକ୍ଷରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରିଥାଏ। ବିଶେଷକରି ଦୀର୍ଘମିଆଦୀ ପଲିସି ୩ ବର୍ଷ ପାଇଁ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ହେଲ୍‌ଥ ଏଜ୍ ପଲିସି କିଣିବା ପାଇଁ ପ୍ରବେଶ ବୟସ ଧାର୍ଯ୍ୟ କରାଯାଇଛି। ବୟସ୍କମାନଙ୍କ ପାଇଁ ୧୮ ରୁ ୬୫ ବର୍ଷ ଏବଂ ପିଲାମାନଙ୍କ ପାଇଁ ୯୧ଦିନ ରୁ ୩୦ ବର୍ଷ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ ରହିଛି। ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ହୋଲ୍-ଟାଇମ୍ ନିର୍ଦ୍ଦେଶକ ଆନନ୍ଦ ପେଜୱାର କହିଥିଲେ, ଆମେ ଗ୍ରାହକମାନଙ୍କୁ ଏକ ସରଳୀକୃତ ଏବଂ ଅଭିନବ ରିସ୍କ ସମାଧାନ ଯୋଗାଇଦେବାରେ ସର୍ବଦା ଆଗରେ ରହିଛୁ, ଯାହା ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିଥାଏ। ବିଶେଷକରି ସ୍ୱାସ୍ଥ୍ୟସେବାକୁ ସୁଲଭ ତଥା ସରଳ ଭାବେ ଦେଶର ବିଭିନ୍ନ ଅଞ୍ଚଳରେ ଉପଲବ୍ଧ କରାଇବା ପାଇଁ ଏକ ଉଦ୍ଦେଶ୍ୟ ସହିତ ଆମେ ହେଲ୍‌ଥ ଏଜ୍ ଇନ୍‌ସ୍ୟୁରାନ୍ସର ଶୁଭାରମ୍ଭ କରିଛୁ। ସେହିଭଳି ଏହା ଆମର ଗ୍ରାହକମାନଙ୍କୁ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ଉତ୍ପାଦ ଯୋଗାଇବା ସହ ସେମାନଙ୍କର ପସନ୍ଦର ପ୍ଲାନ୍ ପ୍ରସ୍ତୁତ କରିବାକୁ ସକ୍ଷମ କରିବ ବୋଲି ସେ ମତପ୍ରକାଶ କରିଛନ୍ତି।

# ଏମ୍‌ପିଏଲ୍‌ର ୧୨୯୭.୯୦ କୋଟି ହାସଲ

**ନୂଆଦିଲ୍ଲୀ,୨୬।୪:** ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମ୍ୟାନ୍‌କାଇଣ୍ଡ ଫାର୍ମା ଲିମିଟେଡ୍ (ଏମ୍‌ପିଏଲ୍) ପକ୍ଷରୁ ୪୦,୦୫୮, ୮୪୪ ଇକ୍ୱିଟି ବିଶିଷ୍ଟ ଶେୟାରର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି ଉକ୍ତ ଅଫରର ଗୋଟିଏ ଦିନ ପୂର୍ବରୁ ଏହାର ଆଙ୍କର ନିବେଶକମାନଙ୍କ ଲାଗି ବିଡିଂ ଖୋଲିବା ନେଇ ମଧ୍ୟ ତାରିଖ ଧାର୍ଯ୍ୟ ହୋଇଛି। ସେହିଭଳି ଏମ୍‌ପିଏଲ୍ ମୋଟ ୭୭ ଆଙ୍କର ନିବେଶକଙ୍କୁ ୧,୨୦,୧୭,୬୫୨ ଇକ୍ୱିଟି ଶେୟାର ଆବଣ୍ଟନକରି ପ୍ରାୟ ୧୨୯୮(୧୨୯୭.୯୦) କୋଟି ଟଙ୍କା ହାସଲ କରିଛି। ଏହି ଆଙ୍କର ନିବେଶକମାନଙ୍କ ମଧ୍ୟରେ ୧୬ଟି ସ୍ଥାନୀୟ ମ୍ୟୁଚୁଆଲ୍ ଫଣ୍ଡ(ଏମ୍‌ଏଫ୍) ସଂସ୍ଥା ସାମିଲ ରହିଛନ୍ତି। ସେହିଭଳି ମୋଟ ୪୧ଟି ସ୍କିମ୍ ଜରିଆରେ ଯେଉଁମାନେ ଏଥିରେ ସାମିଲ ହୋଇଛନ୍ତି। ଏପରିକି ଶେୟାର ପିଛା ୧୦୮୦ ଟଙ୍କା ମୂଲ୍ୟରେ ଇକ୍ୱିଟି ଶେୟାର ଜାରି କରାଯାଇଛି।


**Government of Odisha "e" procurement Notice**

**OFFICE OF THE EXECUTIVE ENGINEER, RURAL WORKS ELECTRICAL DIVISION, SAMBALPUR**

No.O-89:

E-mail - eerwelectricaldivn.sambalpur@gmail.com

Bid Identification No. EE /RWELECT/SBP/02/2023-24

1. Name of the work : SITC of 100 KVA Sub station for new Academic building of Dalmia College, Rajgangpur
2. Estimated Cost : Rs. 10,61,753.00/-
3. Availability of bid document in the website : 11:00 Hours of 29.04.2023 to 17:00 Hours of 09.05.2023
4. Date of Opening of Tenders : 11:30 Hours on dt.10.05.2023

Further details and any corrigendum/Addendum/ cancellation of tender can be seen from the Website www. tendersodisha.gov.in only.

**Executive Engineer**
**R.W Electrical Division, Sambalpur**
**OIPR-25186/11/0003/2324**

**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**

**OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE**

E-mail - eelidvnbls@yahoo.com

No.CAD-346:

**e - Procurement Notice**

**Bid Identification No: 01/2023-24 /DT. 26.04.2023**

1. Name of the Tender inviting Officer-Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work- Installation, Energisation of 04 nos. New CLIP in Sadar Block of Balasore District
3. No.of Package:- 04 No. (BKVY-2020-21)
4. Cost of Tender Amount :- Varies from Rs.902385/- to Rs.1192718/-
5. Date and time of availability of bid document in portal for on-line bidding from 01.05.2023 at. 11.00 hrs to dated.12.05.2023 at 17.00 hrs.
6. Last date and time of receipt of bid in the portal dated 12.05.2023 upto 17.00 hrs.
7. Last date & time to seek clarification dated 11.05.2023 upto 17.00 hrs.
8. Date of opening of Technical bid (Cover-1) dated 15.05.2023 at 11.00 hrs.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt. of Odisha i.e.www.tenderodisha.gov.in.
11. Subsequent Corrigendum/addendum if required shall be available in above portal.

**Sd./- Er.S.K. Choudhary**
**OIPR-32150/11/0001/2324 Executive Engineer, L.I. Division, Balasore**

**OFFICE OF THE NOTIFIED AREA COUNCIL, RAMBHA**

**Rambha N.A.C, Ganjam, Odisha-761028**
**Tel:06810-278336, E-mail:rambhanac123@gmail.com**

**No.1164/NAC** **Dated: 26.04.2023**

**QUOTATION CALL NOTICE**

**No.C-163:**Sealed quotations are invited from the Authorized Dealers / Agencies / Suppliers / Manufactures / for supply of items as pe Annexure I for Rambha NAC Aahar Kitchen.

The rate should be quoted against the item excluding taxes. The quotationer are essentially required to enclose their up date GST Registration Certificate, PAN card, Warranty / Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.

The lowest quotationer should submit EMD in shape of Cash / B.D. / D.D / T.D.A. pledged in favour of Executive Officer, Rambha NAC as mentioned detailed below at the time of agreement. The quotation paper will be available at the cash section from date: 27.04.23 to 9.05.23 to 08.05.23 in the office hour except holidays. The quotation should receive on or before dt.9.05.23 at 1.00 P.M on Tender box/ Speed post / Registered post and the same will be opened on dt 10.05.23 at 11.00 A.M in presence of respective quotationers or their authorized representatives. Any Postal delay will not considered.

The Authority reserves the right to accept, cancel or reject any or all offers without assigning any reason thereof.

| Sl.No. | Description of Items | Paper Cost | |
|---|---|---|---|
| 1 | Annexure-I | 2000 | |

**Sd./- Executive Officer,**
**OIPR-13114/11/0002/2324 N.A.C. Rambha**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER ANANDAPUR CANAL DIVISION, SALAPADA**
**(E-mail Id:eeacd2018@gmail.com)**

**No.A-66:** **E-Procurement Notice No.SE ACD-02 of 2023-24**

| E-Procurement Officer | Name of the Work | Bid Id No. | Tender Cost in Lakh (Appx) | EMD (Online) | Cost of Bid Document (Online) | Class of Contractor | Period of Completion | Availability of tender online for bidding | | Date of Opening |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer, Anandapur Canal Division, Salapada | Repair of Salandi Left Main Canal from RD 16080m to 18500m with provision of temporary bund near RD 18500m for supply of water during Khariff-2023. | ACD-01/2 of 2023-24 | 23.417 | Rs.23500/- | Rs.6,000/- | 'C' & 'B' Class | 01 (One) Calendar Month | 27.04.2023 11.00 AM | 08.05.2023 11.00 AM | 08.05.2023 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/ corrigendum/cancellation if any required will be published in Govt. website only.

**Sd./- Superintending Engineer,**
**OIPR-32408/11/0001/2324 Anandapur Canal Division, Salapada**

**OFFICE OF THE ANGUL MUNICIPALITY, ANGUL**

**No. 1165** **Date: 25.04.2023**

**TENDER CALL NOTICE**

No. C-167: Sealed tenders in prescribed form are invited from the specified class of contractors registered with Govt. of Orissa for the following works. The tender document for the work will be available from the Office of the Executive Officer, Angul Municipality during the office hours in the working day in shape of cash of required amount as mentioned against the work (Non-refundable) from Dt.26.04.2023 to 03.05.2023 upto 1.00 P.M. The tenderers should deposit the E.M.D. at the rate of 1% of the estimated cost as indicated in shape of cash deposit/N.S.C./K.V.P./T.D./Postal Saving Pass Book duly pledged in favour of Executive Officer, Angul Municipality along with the tender documents. The tender will be received upto 11.00 A.M. on Dt.04.05.2023 in the Office of the Executive Officer, Angul Municipality. The tender will be opened on 04.05.2023 at 11.30 A.M. in the presence of the tenderers or their authorized agents if present. The valid RC, PAN Card & GSTIN should be accompanied with the tender documents. All other detail information can be available from the Office of the Executive Officer, Angul Municipality. The authority reserves the right to reject any or all tenders without assigning any reason thereof.

| Sl. No. | Name of the Work | Estimated Amount | Cost of Tender Paper (Non-refundable) | E.M.D. to be Deposited | Class of Contractor | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | Wall Painting of Amalapada Druga Mandap | Rs.70,000/- | Rs.400/- | 1% of the Estimated Cost | 'D' & 'C' Class | One Month |
| 02. | Repairing of Hospital Entrance | Rs.70,000/- | Rs.400/- | - do - | - do - | - do - |
| 03. | Const. of Culvert & repair of road from Raj Kishore Agrawalla House to Goura Chandra Sahu House in Ward No. 22 | Rs.77,000/- | Rs.400/- | - do - | - do - | - do - |
| 04. | Raising of side drain Guard Wall near Sandhya Hotel | Rs.80,000/- | Rs.400/- | - do - | - do - | - do - |
| 05. | Laying of Paver Block with fixing of Guard Stone from Thana Chhak to Stadium Entrance | Rs.1,00,000/- | Rs.600/- | - do - | - do - | - do - |
| 06. | Repair of Community Toilet in Ward No. 2, 18 & 19 of Angul Municipality | Rs.1,08,400/- | Rs.600/- | - do - | - do - | - do - |
| 07. | Steel Barricading at CYCLOO | Rs.1,10,000/- | Rs.600/- | - do - | - do - | - do - |
| 08. | Colouring of SUH Building | Rs.1,25,000/- | Rs.600/- | - do - | - do - | - do - |
| 09. | Renovation of Kadamapadia | Rs.1,70,000/- | Rs.600/- | - do - | - do - | - do - |
| 10. | Laying of Paver Block with fixing of Guard Stone from Stadium Entrance to Gopabandhu Park | Rs.1,75,000/- | Rs.600/- | - do - | - do - | - do - |
| 11. | Colouring and fixing of gate at Kadamapadia | Rs.1,90,000/- | Rs.600/- | - do - | - do - | - do - |
| 12. | Renovation of Toilet and Steel Barricading at Kadamapadia | Rs.1,90,000/- | Rs.600/- | - do - | - do - | - do - |
| 13. | Repair of Community Toilet in Ward No. 7, 8, 9, 10 of Angul Municipality | Rs.1,95,700/- | Rs.600/- | - do - | - do - | - do - |
| 14. | Grading of Jindal ITI Building Slab | Rs.1,98,000/- | Rs.600/- | - do - | - do - | - do - |
| 15. | Collecting and spreading of crusher dust at various places of Municipality area. | Rs.1,98,000/- | Rs.600/- | - do - | - do - | - do - |

**Sd./- Executive Officer, Angul Municipality**
**OIPR-13085/11/0004/2324**

**State Health Assurance Society**

**Deptt. Of Health & Family Welfare, Govt. of Odisha**
**A1 Block, 2nd Floor, Toshali Bhawan, Satya Nagar,**
**Bhubaneswar- 751007, District-Khordha, Odisha**
**Phone/Fax: 0674-2620500, Email ID- snaodisha@gmail.com**

**TENDER CALL NOTICE FOR HIRING AN AGENCY TO DEAL WITH 360° IEC ACTIVITIES FOR PROMOTION OF BIJU SWASTHYA KALYAN YOJANA UNDER SHAS,ODISHA**

Advt. No. 01/2023 Date: 27.04.2023

**No.E-59:**Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana under SHAS, Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the : **www.nhmodisha.gov.in/www.bsky.odisha.gov.in .**

A pre-bid meeting shall be held on 2.05.2023 (11:30 PM) at NHM Conference Hall, Unit-8. Any amendment in the tender document due to decision in pre-bid meeting /extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box on or before **18.05.2023 by 3.00 PM**. The Technical bid will be opened at **on 18.05.2023 at 3.30 PM in the NHM Conference Hall**. Presentation by pre-qualified bidders will be held at **22.05.2023 at 11.30 AM.**

The undersigned reserves the right to reject any or all the tenders / cancel the tender without assigning any reason thereof.

**Sd/- Chief Executive Officer**
**State Health Assurance Society, Odisha**
**OIPR-10170/11/0002/2324**

See Career Appointment on every Wednesday & Saturday

# ମହଙ୍ଗା ପଡ଼ିଲା ଗଞ୍ଜେଇ ସେବନ



ତାରା ଡେଭିସ୍ ଉଡ୍‌ହଲ୍

## ଟାଇଟଲ ହରାଇଲେ ଆମେରିକୀୟ ଲଙ୍ଗଜମ୍ପର

**କଲରାଡୋ ସ୍ପ୍ରିଙ୍ଗ, ୨୬।୪ (ପି.ଟି)**

ଆମେରିକୀୟ ଅଲିମ୍ପିକ୍ ଲଙ୍ଗଜମ୍ପର ତାରା ଡେଭିସ୍ ଉଡ୍‌ହଲ୍ ଗଞ୍ଜେଇ ସେବନ କରି ଅଡୁଆରେ ପଡିଛନ୍ତି। ପଜିଟିଭ୍ ସାବ୍ୟସ୍ତ ହେବା ପରେ ଉଡ୍‌ହଲ୍‌ଙ୍କୁ ଏକ ମାସ ପାଇଁ ବାସନ୍ଦ କରାଯିବା ସହିତ ଜାତୀୟ ଟାଇଟଲକୁ ପ୍ରତ୍ୟାହାର କରି ନିଆଯାଇଛି। ମାରିଉଆନା(ଗଞ୍ଜେଇ)ର ସାଇକୋଆକ୍ଟିଭ୍ କମ୍ପାଉଣ୍ଡ ତାଙ୍କ ନମୁନାରୁ ମିଳିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଟୋକିଓ ଅଲିମ୍ପିକ୍ସରେ ୨୩ ବର୍ଷୀୟ ଉଡ୍‌ହଲ୍ ଷଷ୍ଠ ସ୍ଥାନରେ ରହିଥିଲେ। ଗତ ସପ୍ତାହରୁ ଉଡ୍‌ହଲ୍‌ଙ୍କ ବ୍ୟାନ୍ କାର୍ଯ୍ୟକାରୀ ହୋଇଥିବା ବେଳେ ଫେବୃୟାରୀ ୧୭ ତାରିଖରେ ସେ ବିଜୟୀ ହୋଇଥିବା ଜାତୀୟ ଇନ୍‌ଡୋର ଟାଇଟଲକୁ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି। ଟିଏଚ୍‌ସି ବର୍ଗର ପଦାର୍ଥ ସେବନ ପାଇଁ ୩ ମାସ ବ୍ୟାନ୍‌ର ବ୍ୟବସ୍ଥା ମଧ୍ୟ ରହିଛି। ତେବେ ଯଦି ଏହା ଦ୍ୱାରା ଆଥ୍‌ଲେଟଙ୍କ ଖେଳ ପ୍ରଭାବିତ ହୋଇ ନ ଥାଏ ଦଣ୍ଡାଦେଶ କମ୍ କରାଯିବାର ବ୍ୟବସ୍ଥା ରହିଛି। ଆମେରିକାରେ ଗଞ୍ଜେଇକୁ ନେଇ ତର୍କ ଲାଗି ରହିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନାହିଁ। ୨୨ଟି ଆମେରିକୀୟ ସହରରେ ଏହା ଆଇନତଃ ସେବନଯୋଗ୍ୟ। ତେବେ ୨୦୨୧ ଅଲିମ୍ପିକ୍ସ ଟ୍ରାଏଲରେ ପ୍ରଥମ ଥର ପାଇଁ ଏହାକୁ ବ୍ୟାନ୍ କରାଯିବା ସହିତ ୧୦୦ ମିଟର ଧାବିକା ଶା’ କାରି ରିଚାର୍ଡସନ୍‌ଙ୍କୁ ମଧ୍ୟ ଟାଇଟଲ ହରାଇବାକୁ ପଡିଥିଲା।

# ଓଡ଼ିଶା ଏଫ୍‌ସି ଅପରାଜେୟ

**ଭୁବନେଶ୍ୱର,୨୬।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଏହାର ପ୍ରଥମ ଟାଇଟଲ୍ ଭାବରେ ମଙ୍ଗଳବାର ସୁପର୍ କପ୍ ଫୁଟବଲ୍ ଚାମ୍ପିୟନ ହୋଇଥିଲା। ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍)ର ପୂର୍ବତନ ଚାମ୍ପିୟନ ଦଳ ବେଙ୍ଗାଲୁରୁ ଏଫ୍‌ସିକୁ ୨-୧ରେ ପରାସ୍ତ କରି ଓଏଫ୍‌ସି ସଫଳ ଦଳ ଭାବରେ ଉଭା ହୋଇଥିଲା। ଆଇଏସ୍ଏଲ୍‌ର ସମସ୍ତ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ଓଏଫ୍‌ସି ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲା। ସମୁଦାୟ ୫ଟି ମ୍ୟାଚ ଖେଳି ଅପରାଜେୟ ରହିଥିବା ଓଏଫ୍‌ସି ୪ ବିଜୟ ଓ ଗୋଟିଏ ମ୍ୟାଚ୍ ଡ୍ର ରଖିଥିଲା। ଏହା ମଧ୍ୟରେ ଦଳ ୧୧ ଗୋଲ ସ୍କୋର କରିଥିବା ବେଳେ ବିଜୟର ୪ ପ୍ରମୁଖ କାରଣ ଉପରେ ଆସନ୍ତୁ ନଜର ପକାଇବା।

### ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ବିଜୟ

ଉଭୟ ଓଏଫ୍‌ସି ଓ ହାଇଦ୍ରାବାଦ ଗ୍ରୁପ୍ ବିରେ ସ୍ଥାନ ପାଇଥିଲେ। ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିବା ବେଳେ ଉଭୟ ଦଳର ପଏଣ୍ଟ ସଂଖ୍ୟା ସମାନ ରହିଥିଲା। ଏହି ମ୍ୟାଚରେ ଆରମ୍ଭରୁ ହାଇଦ୍ରାବାଦ ଅଗ୍ରଣୀ ହାସଲ କରିଥିଲା। ତେବେ ପଛରୁ ଆସି ମ୍ୟାଚକୁ ଜିତିବା ସହିତ ବିପକ୍ଷ ଦଳଙ୍କ ପାଇଁ ଏକ ଦୃଢ ମେସେଜ ପ୍ରଦାନ କରିଥିଲା। ଡିଏଗୋ ମରିସିଓ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିବା ବେଳେ ଭିକ୍ଟର ରୋଡ୍ରିଗୁଏଜ ଦଳକୁ ବିଜୟୀ କରିଥିଲେ।

### ମରିସିଓଙ୍କ ପ୍ରଭାବୀ ପ୍ରଦର୍ଶନ

ଚଳିତ ସିଜନରେ ଓଏଫ୍‌ସିର ଟାଇଟଲ ବିଜୟରେ ବ୍ରାଜିଲିଆନ୍ ଖେଳାଳି ଡିଏଗୋ ମରିସିଓଙ୍କ ଭୂମିକା ସବୁଠାରୁ ବେଶୀ ରହିଥିଲା। ଟୁର୍ନାମେଣ୍ଟର ଦ୍ୱିତୀୟ ହାଇଏଷ୍ଟ ସ୍କୋରର ତଥା ଓଏଫ୍‌ସି ପକ୍ଷରୁ ସର୍ବାଧିକ ଗୋଲ ସ୍କୋର କରିଥିଲେ ମରିସିଓ। ଆଇଏସ୍ଏଲ୍‌ର ଗୋଲ୍ଡେନ ବୁଟ୍ ବିଜେତା ମରିସିଓ କେବଳ ଗୋଲ୍ ସ୍କୋର କରୁଥିଲେ ତାହା ନୁହେଁ ବରଂ ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିବା ସହିତ ଆସିଷ୍ଟ ମଧ୍ୟ କରୁଥିଲେ। କେବଳ ଇଷ୍ଟ ବେଙ୍ଗଲ ବିପକ୍ଷ ମ୍ୟାଚକୁ ବାଦ ଦେଲେ ମରିସିଓ ସମସ୍ତ ମ୍ୟାଚରେ ସ୍କୋର କରିଥିଲେ।

## ସୁପର କପ୍ ବିଜୟର ୪ କାରଣ

### ଦୃଢ଼ ରକ୍ଷଣଭାଗ

ଓଏଫ୍‌ସିର ରକ୍ଷଣଭାଗ ଏହି ଟୁର୍ନାମେଣ୍ଟରେ ସବୁଠାରୁ ଦୃଢ ପ୍ରଦର୍ଶନ କରିଥିଲା। ବ୍ୟାକ୍ ଲାଇନର ଖେଳାଳି ପ୍ରତିପକ୍ଷ ଖେଳାଳିଙ୍କୁ ଗୋଲ ପୋଷ୍ଟ ପର୍ଯ୍ୟନ୍ତ ପହଞ୍ଚିବାର ସୁଯୋଗ ଦେଉ ନ ଥିଲେ। ଅଧିନାୟକ କାର୍ଲୋସ ଡେଲଗାଡୋ ରକ୍ଷଣଭାଗର ନେତୃତ୍ୱ ନେଉଥିବା ବେଳେ ଗୋଲକିପର ଅମରିନ୍ଦର ସିଂ କିଛି ଚମତ୍କାର ସେଭ୍ ମଧ୍ୟ କରିଥିଲେ।

### ମ୍ୟାଜିସିଆନ୍ ମିରାଣ୍ଡା

ଆଇଏସ୍ଏଲ୍ ଶେଷ ହେବା ପରେ ଯୋଶେପ୍ ଗୋମ୍ବାଉ କୋଚ୍ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ତାଙ୍କ ସ୍ଥାନରେ କ୍ଲିଫୋର୍ଡ ମିରାଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ ପ୍ରଥମ ଟୁର୍ନାମେଣ୍ଟରେ ସେ ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ କୋଚ୍ ଭାବରେ ମିରାଣ୍ଡାଙ୍କ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଗୋମ୍ବାଉଙ୍କ ପରେ ନୂତନ ଆଇଡିଆ ସହ ସେ ଦଳକୁ ପରିଚାଳନା କରିଥିଲେ। ଭିକ୍ଟର ରୋଡ୍ରିଗୁଏଜ୍, ପ୍ରିନ୍ସଟନ୍ ରେବେଲୋ ଓ ଥୋଇବା ସିଂଙ୍କ ପରି ଖେଳାଳିଙ୍କୁ ଦଳରେ ସାମିଲ କରିବା ସହିତ ଯୁବ ଦଳ ଉପରେ ଭରସା ଦେଖାଇଥିଲେ ଯାହା ଫଳପ୍ରସୂ ହୋଇଥିଲା। ଏହା ସହିତ ବିଜୟ ପାଇଁ କ୍ଲବର ମାଲିକ ଓ ଥିଙ୍କ ଟ୍ୟାଙ୍କକୁ ଧନ୍ୟବାଦ ଜଣାଇଛନ୍ତି ମିରାଣ୍ଡା। ଜଣେ ଭାରତୀୟ କୋଚଙ୍କ ଉପରେ ଭରସା ଦେଖାଇଥିବାରୁ ମୁଁ କ୍ଲବ ନିକଟରେ କୃତଜ୍ଞ ବୋଲି ମିରାଣ୍ଡା କହିଛନ୍ତି।



ସୁପର କପ୍ ଟ୍ରଫି ସହ ଓଡ଼ିଶା ଏଫ୍‌ସି କୋଚ୍ କ୍ଲିଫୋର୍ଡ ମିରାଣ୍ଡା।

# ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ମହିଳା ହକି ଦଳ

**ନୂଆଦିଲ୍ଲୀ,୨୬।୪ (ପି.ଟି):** ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ହାଙ୍ଗଝୌରେ ହେବାକୁ ଥିବା ଏସିଆନ୍ ଗେମ୍ସର ପ୍ରସ୍ତୁତି ପୂର୍ବକ ଭାରତୀୟ ଦଳ ୫ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବ। ମେ’ ୧୮ରୁ ମେ’ ୨୭ ମଧ୍ୟରେ ଏହି ଟୁର ଖେଳାଯିବ। ସିରିଜର ପ୍ରଥମ ୩ ମ୍ୟାଚ ଅଷ୍ଟ୍ରେଲିଆ ଜାତୀୟ ଦଳ ସହିତ ଖେଳିବ ଭାରତ। ଦଳ ଏହାର ପରବର୍ତ୍ତୀ ଦୁଇ ମ୍ୟାଚ୍ ଅଷ୍ଟ୍ରେଲିଆ ଏ’ ସହିତ ଖେଳିବ ବୋଲି ଜଣାପଡିଛି। ସମସ୍ତ ମ୍ୟାଚ ଆଡିଲେଡର ମେଟ୍ ଷ୍ଟାଡିୟମରେ ଖେଳାଯିବ। ଅଷ୍ଟ୍ରେଲିଆ ଜାତୀୟ ଦଳ ସହିତ ପ୍ରଥମ ମ୍ୟାଚ୍ ମେ’ ୧୮ ତାରିଖରେ ଖେଳାଯିବ। ପରବର୍ତ୍ତୀ ଦୁଇ ମ୍ୟାଚ୍ ୨୦ ଓ ୨୧ ତାରିଖରେ ଖେଳାଯିବ। ଅଷ୍ଟ୍ରେଲିଆ ଏ’ ସହିତ ଦୁଇଟି ଯାକ ମ୍ୟାଚ ମେ’ ୨୫ ଓ ୨୭ ତାରିଖରେ ଖେଳାଯିବ। ଅଷ୍ଟ୍ରେଲିଆ ମହିଳା ଦଳ ବିଶ୍ୱ ମାନ୍ୟତାରେ ତୃତୀୟ ସ୍ଥାନରେ ରହିଥିବା ବେଳେ ଭାରତ ଅଷ୍ଟମ ସ୍ଥାନରେ ରହିଛି।

# ଶିବାନୀ ଦେବୀଙ୍କ ଗୋଲ୍‌ରେ ଭାରତ ବିଜୟୀ



କିର୍ଗିଜ ରିପବ୍ଲିକ୍ ବିପକ୍ଷରେ ବିଜୟ ପରେ ଭାରତୀୟ ଦଳ।

**ବିଶ୍‌କେକ୍ (କିର୍ଗିଜ ରିପବ୍ଲିକ୍), ୨୬।୪**

ଏଠାରେ ଚାଲିଥିବା ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ କ୍ୱାଲିଫାୟର୍ସର ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ୧-୦ ଗୋଲରେ କିର୍ଗିଜ ରିପବ୍ଲିକ୍‌କୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚର ୭୭ତମ ମିନିଟରେ ଭାରତ ପକ୍ଷରୁ ଶିବାନୀ ଦେବୀ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଭିକସିତ୍ ବାରାଙ୍କ ଲେଫ୍ଟ କ୍ରସ୍ ଶଟ୍ କିର୍ଗିଜ ଗୋଲକିପର ଭାୟୋଲେଟା ଡୁଡୋଚ୍‌କିନା ଧରିବାକୁ ଚେଷ୍ଟା କରିଥିଲେ। ମାତ୍ର ତାଙ୍କ ହାତରୁ ବଲ୍ ଖସି ଯାଇଥିବାବେଳେ ଶିବାନୀ ସୁଯୋଗର ସଦ୍‌ବ୍ୟବହାର କରି ଗୋଲ ସ୍କୋର କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଓଡ଼ିଶାର ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ମହିଳା ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଜୁନିୟର ଦଳର ସହକାରୀ କୋଚ୍ ଅଛନ୍ତି। ଭାରତ ଓ ମ୍ୟାନମାର ଗୋଟିଏ ଲେଖାଏ ମ୍ୟାଚ କିର୍ଗିଜ ରିପ୍ଲବିକ୍ ବିପକ୍ଷରେ ଜିତିଛନ୍ତି। ଫଳରେ ୨୮ ତାରିଖରେ ହେବାକୁଥିବା ଭାରତ-ମ୍ୟାନମାର ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି। ଏହି ମ୍ୟାଚ ଯିଏ ଜିତିବ ଗ୍ରୁପ୍ ବିଜେତା ହେବ। ଗ୍ରୁପ୍ ବିଜେତା ପରବର୍ତ୍ତୀ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିବ। ମାତ୍ର ଯଦି ମ୍ୟାଚ ଡ୍ର ରୁହେ ତେବେ ପେନାଲ୍ଟି ଶୁଟ୍-ଆଉଟ ମାଧ୍ୟମରେ ବିଜେତା ନିର୍ଣ୍ଣୟ କରାଯିବ।

# ନେପାଳକୁ ହରାଇଲା ଭାରତ



ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଓଡ଼ିଶାର ଫୁଲ ସୋରେନ।

## ଦୃଷ୍ଟିବାଧିତ ମହିଳା କ୍ରିକେଟ

**ପୋଖରା,୨୬।୪(ପି.ଟି)**

ସିମୁ ଦାସ ଓ ଫୁଲ ସୋରେନଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦ୍ୱିପାକ୍ଷିକ ସିରିଜ୍‌ର ଦ୍ୱିତୀୟ ମ୍ୟାଚରେ ନେପାଳକୁ ୯ ଉଇକେଟରେ ପରାସ୍ତ କରିଛି ଭାରତ। ଏହା ସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ବର୍ତ୍ତମାନ ୧-୧ରେ ରହିଛି। ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୨ ରନ୍ କରିଥିଲା। ସରିତା ଘିମିରେ ୫୬ ରନ୍ କରିଥିବା ବେଳେ ବିମଳା ରାୟ ୨୯ ଓ ବିନିତା ପୁନ ୧୮ ରନ୍ କରିଥିଲେ। ଭାରତ ପକ୍ଷରୁ ସୁଷମା ପଟେଲ, ଗଙ୍ଗା ଓ ଫୁଲ ସୋରେନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସିମୁ ଦାସଙ୍କ ଅପରାଜିତ ୬୬ ଓ ଫୁଲ ସୋରେନଙ୍କ ଅପରାଜିତ ୬୫ ରନ୍ ବଳରେ ଭାରତ ୧୪.୩ ଓଭରରେ ୧ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ଗଙ୍ଗା ୨୨ ରନ୍ କରି ଆଉଟ ହୋଇଥିଲେ। ମଙ୍ଗଳବାର ଖେଳା ଯାଇଥିବା ପ୍ରଥମ ମ୍ୟାଚକୁ ନେପାଳ ଜିତିଥିଲା। ସିମୁ ଦାସଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନେପାଳ ୨୦ ଓଭରରେ ୧୭୨/୧୦ (ସରିତା ଘିମିରେ-୫୬ , ବିମଳା ରାୟ-୨୯, ବିନିତା ପୁନ-୧୮, ସୁଷମା ପଟେଲ-୧/୧୫, ଗଙ୍ଗା-୧/୨୧, ଫୁଲ ସୋରେନ୍-୧/୨୬)। ଭାରତ ୧୪.୩ ଓଭରରେ ୧୭୪/୧(ସିମୁ ଦାସ-୬୬*, ଫୁଲ ସୋରେନ୍-୬୫*, ଗଙ୍ଗା-୨୨)।

# ଇଂଲିଶ ଖେଳାଳିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ଛାଡ଼ିବାକୁ ପ୍ରସ୍ତାବ

**ଲଣ୍ଡନ,୨୬।୪(ପି.ଟି):** ୬ ଜଣ ଇଂଲଣ୍ଡ ଜାତୀୟ ଦଳର ଖେଳାଳିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ଛାଡିବାକୁ ଆଇପିଏଲ୍ ଫ୍ରାଞ୍ଚାଇଜିଙ୍କ ପକ୍ଷରୁ ଅଫର ମିଳିଥିବା ଜଣାପଡିଛି। ବିଭିନ୍ନ ଟି ୨୦ ଲିଗ୍‌ରେ ଖେଳିବା ପାଇଁ ବାର୍ଷିକ ୫ ମିଲିୟନ ପାଉଣ୍ଡର ଅଫର ଦିଆଯାଇଥିବା ଜଣାପଡିଛି। ୧୦ଟି ଆଇପିଏଲ୍ ଫ୍ରାଞ୍ଚାଇଜି ବର୍ତ୍ତମାନ କାରିବିୟାନ୍ ପ୍ରିମିୟର୍ ଲିଗ୍, ସାଉଥ୍ ଆଫ୍ରିକା ଟି ୨୦ ଲିଗ୍, ୟୁଏଇର ଗ୍ଲୋବାଲ ଟି୨୦ ଲିଗ୍ ଓ ଆମେରିକାର ମେଜର ଲିଗରେ ଟିମ୍ କିଣିଛନ୍ତି। କେଉଁ ଫ୍ରାଞ୍ଚାଇଜି ପକ୍ଷରୁ କେଉଁ ଖେଳାଳିଙ୍କୁ ଅଫର ଦିଆଯାଇଛି ତାହା ସ୍ପଷ୍ଟ ହୋଇ ନାହିଁ। ଆଗାମୀ ଦିନରେ ଆବୁଧାବିରେ ମଧ୍ୟ ଏକ ଟି୨୦ ଲିଗ୍ ଖେଳା ଯିବାର କାର୍ଯ୍ୟକ୍ରମ ରହିଛି। ଖେଳାଳିଙ୍କୁ ୧୨ ମାସର କଣ୍ଟ୍ରାକ୍ଟ ପ୍ରଦାନ କରାଯିବା ନେଇ ପ୍ରସ୍ତାବ ଦିଆଯାଇଥିବା ବେଳେ ଏହି ଖେଳାଳି ମାନେ ବିସିସିଆଇ କିମ୍ବା ଇସିବି ଅଧୀନରେ ଖେଳିବେ ନାହିଁ ବୋଲି ସର୍ତ୍ତ ରହିଥିଲା।

## ଏସିଆ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍

# ପ୍ରି-କ୍ୱାର୍ଟରରେ ସିନ୍ଧୁ, ଶ୍ରୀକାନ୍ତ

**ଦୁବାଇ, ୨୬।୪ (ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଡବଲ ଅଲିମ୍ପିକ୍ ମେଡାଲିଷ୍ଟ ପି.ଭି. ସିନ୍ଧୁ ଓ ଭେଟେରାନ କିଡାମ୍ବି ଶ୍ରୀକାନ୍ତ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଫଳରେ ଦୁହେଁ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ତେବେ ତାରକା ଖେଳାଳି ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ମେଡାଲିଷ୍ଟ ମହିଳା ଡବଲ୍ସ ଯୋଡ଼ି ଟ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ମଧ୍ୟ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିକଟରେ ମାଡ୍ରିଡଠାରେ ସ୍ପେନ୍ ମାଷ୍ଟର୍ସ ଟୁର୍ନାମେଣ୍ଟରେ ରନରଅପ୍ ହୋଇଥିବା ସିନ୍ଧୁ ମହିଳା ସିଙ୍ଗଲ୍ସର ଏକ ମ୍ୟାଚରେ ଚାଇନିଜ୍ ତାଇପେର ୱେନ୍ ଚି ହସୁଙ୍କୁ ୨୧-୧୫, ୨୨-୨୦ରେ ପରାସ୍ତ କରିଛନ୍ତି। ସେହିପରି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ମାତ୍ର ୨୫ ମିନିଟ ସମୟ ମଧ୍ୟରେ ଅଦନାନ ଇବ୍ରାହିମ୍‌ଙ୍କୁ ୨୧-୧୩, ୨୧-୮ରେ ହରାଇ ଦେଇଛନ୍ତି। ଆଗାମୀ ମ୍ୟାଚରେ ସେ ବିଶ୍ୱର ୫ ନମ୍ବର ଖେଳାଳି କୋଡାଇ ନାରାଓକାଙ୍କୁ ଭେଟିବେ। ମହିଳା ଡବଲ୍ସ ମ୍ୟାଚରେ ଟ୍ରିସା-ଗାୟତ୍ରୀ ଯୋଡ଼ି ଇଣ୍ଡୋନେସିଆର ଲାନି ଟ୍ରିଆ ମାୟାସାରି ଓ ରିବକା ସୁଗିଆର୍ଟୋଙ୍କୁ ୧୭-୨୧, ୨୧-୧୭, ୨୧-୧୮ରେ ହରାଇ ଦେଇଛନ୍ତି। ମିକ୍ସଡ ଡବଲ୍ସ ଯୋଡ଼ି ରୋହନ କପୁର ଓ ସିକ୍କି ରେଡ୍ଡୀ ମଧ୍ୟ ସେମାନଙ୍କ ଓପନିଂ ମ୍ୟାଚ ଜିତିଛନ୍ତି। ସେମାନେ ମାଲେସିଆର ଟାନ୍ ପେଙ୍ଗ ସୁନ୍ ଓ ଟିଆ ୟି ସିଙ୍କୁ ୨୧-୧୨, ୨୧-୧୬ରେ ପରାସ୍ତ କରିଛନ୍ତି। ଲକ୍ଷ ସେନ୍ କିନ୍ତୁ ବିଶ୍ୱର ୭ ନମ୍ବର ଖେଳାଳି ସିଙ୍ଗାପୁରର କେଅନ ୟିଉଙ୍କଠାରୁ ୭-୨୧, ୨୧-୧୩ରେ ପରାସ୍ତ ହୋଇଛନ୍ତି।

# ମୟୂରଭଞ୍ଜ ୬-୧ ଗୋଲରେ ବିଜୟୀ



ପାରାଦୀପ ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ସାହାଣୀ କପ୍ ଫୁଟ୍‌ବଲ

**ଭୁବନେଶ୍ୱର, ୨୬।୪ (କ୍ରୀଡ଼ା ପ୍ରତିନିଧି)**

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ବୁଧବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ମୟୂରଭଞ୍ଜ ଦଳ ବିଜୟୀ ହୋଇଥିବା ବେଳେ କୋରାପୁଟ-ଗଞ୍ଜାମ ଓ ପାରାଦୀପ-ଝାରସୁଗୁଡ଼ା ମ୍ୟାଚ ଡ୍ର ରହିଛି। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ୬-୧ ଗୋଲରେ ବଲାଙ୍ଗୀରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଫଗୁ ହେମ୍ବ୍ରମ ୧୪, ୫୧, ୫୯ ଓ ୯୨ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିବାବେଳେ ବିନ୍ଦୁ ହେମ୍ବ୍ରମ ୨୮ ଓ ୪୦ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ବଲାଙ୍ଗୀର ପକ୍ଷରୁ ସମ୍ବିତ ନାଏକ ୫୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କଟକର ଓଟିଏମ୍ ଗ୍ରାଉଣ୍ଡରେ କୋରାପୁଟ ଓ ଗଞ୍ଜାମ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। କୋରାପୁଟର ଈଶ୍ୱର ଜାନି ୧୭ ଓ ଗଞ୍ଜାମର ବିଜୟ କୁମାର ବାରିକା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି କଟକ ବିଡ଼ାନାସୀ ପଡ଼ିଆରେ ପାରାଦୀପ-ଝାରସୁଗୁଡ଼ା ମ୍ୟାଚ ୧-୧ ଗୋଲରେ ଡ୍ର’ରେ ଶେଷ ହୋଇଛି। ଝାରସୁଗୁଡ଼ାର ତୁଷାର କାନ୍ତାନାଗ ୬ଷ୍ଠ ମିନିଟରେ ଏବଂ ପାରାଦୀପର ସହଦପ୍ତ ରଥ ୮୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।



ଉଜ୍‌ବେକିସ୍ତାନରେ ଅନୁଷ୍ଠିତ ଜୁନିୟର କାନୋଇ ସ୍ପ୍ରିଣ୍ଟ ଏସିଆନ ଚାମ୍ପିୟନଶିପ୍‌ର ସି୪ ମହିଳା ୫୦୦ ମିଟର ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଛି। ଲୋଇଚୋନ୍‌ବାମ ହେନା ଦେବୀ ଭାରତୀୟ ଦଳର ଅଂଶବିଶେଷ ଥିବାରୁ କାୟାକିଂ ଓ କାନୋଇଂ ଇଭେଣ୍ଟରୁ ଓଡ଼ିଶାକୁ ସର୍ବପ୍ରଥମ ଅନ୍ତର୍ଜାତୀୟ ପଦକ ମିଳିଛି।

# ବେସାହାରା


ଜ୍ୟୋତି-ସୁପ୍ରିୟା

ମଣିଷ ଜୀବନରେ ବେଳେବେଳେ ଅଜାଣତରେ ହେଉ ଅବା ଜାଣତରେ ଭୁଲ୍ ହୋଇଥାଏ। କିନ୍ତୁ ଏପରି ସମୟ ଆସେ ଏହି ସାମାନ୍ୟ ଭୁଲ୍ ଭବିଷ୍ୟତରେ ଭୟଙ୍କର ରୂପ ନେଇଥାଏ। ସାମାନ୍ୟ ତ୍ରୁଟି ପାଇଁ କିପରି ଦୁଇଟି ପରିବାର ଅଯଥାରେ ଟେନ୍ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାର ପରିଣାମ କ'ଣ ହେଉଛି ତାହାକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ବେସାହାରା'। ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଦ୍ୱିତୀୟ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଯୋଗୀ' ଫେମ୍ ନିର୍ଦ୍ଦେଶକ ନିରଞ୍ଜନ ବେହେରା। ''ଏହା ଏକ ମୌଳିକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ମଦ କିପରି ଦୁଇଟି ପରିବାରକୁ ସମସ୍ୟା ମୁହଁକୁ ଠେଲିଦେଉଛି ତାହା ଏଥିରେ ଦେଖିବାକୁ ମିଳିବ ବୋଲି କହନ୍ତି ନିରଞ୍ଜନ।'' ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ବିଜୁ ବଡ଼ଜେନା ଏବଂ ପପି ସନ୍ତୁକା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରଦୀପ 'ପ୍ରେମ ପାଇଁ ମହାଭାରତ' ଶୀର୍ଷକ ସିନେମା ପ୍ରଯୋଜନା କରିଥିଲେ, ଯାହା ଦର୍ଶକଙ୍କ ମନକୁ ଛୁଇଁପାରିଥିଲା। ତେବେ ଏହି ଫିଲ୍ମଟି ବଡ଼ ପରଦାରେ କି କମାଲ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।


ଅନନ୍ୟା

# ଭୁଲନ୍ତି ନାହିଁ ଅନନ୍ୟା

ଚଙ୍କି ତନୟା ଅନନ୍ୟା ଗୋଟିଏ ଜିନିଷକୁ କଦାପି ଭୁଲି ନ ଥାନ୍ତି। ପ୍ରତିଦିନ ଯେମିତି ହେଲେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇଥାଆନ୍ତି ସେ। ପୁଣି ଏଥିରେ ତାଙ୍କର ସବୁଠାରୁ ପ୍ରିୟ ଖାଦ୍ୟ କ'ଣ ଜାଣନ୍ତି ? ପିଜା। ଅର୍ଥାତ୍, ପ୍ରତିଦିନ ପିଜା ନ ଖାଇଲେ ତାଙ୍କୁ ଯେମିତି କେମିତି କେମିତି ଲାଗିଥାଏ। ଏ ନେଇ ଅନନ୍ୟା ପାଣ୍ଡେ କହନ୍ତି, 'ପିଜା ଏକ ଫାଷ୍ଟଫୁଡ୍ ମୁଁ ଜାଣିଛି। ତଥାପି ଏହାକୁ ପ୍ରତିଦିନ ନ ଖାଇଲେ ମୋ ମନକୁ ଶାନ୍ତି ଆସି ନ ଥାଏ। ବେଳେବେଳେ ନିଜେ ପିଜା ପ୍ରସ୍ତୁତ କରି ଖାଇଥାଏ। ନିକଟରେ ମୋ ସାଙ୍ଗମାନଙ୍କୁ ନେଇ ଏକ ପିଜା ପାର୍ଟି କରିଥିଲି। ଏହି ସମୟରେ ସେମାନଙ୍କୁ ମୁଁ ନିଜ ଦ୍ୱାରା ପ୍ରସ୍ତୁତ ପିଜା ଖୁଆଇଥିଲି। ସେମାନେ ମଧ୍ୟ ଏହି ପିଜାକୁ ଖାଇ ମୋତେ ବେଶ୍ ପ୍ରଶଂସା କରିଥିଲେ।' ଅନନ୍ୟା ଏ ପର୍ଯ୍ୟନ୍ତ ସେପରି ଆଖିଦୃଷିଆ ଫିଲ୍ମରେ ଅଭିନୟ କରିପାରି ନାହାନ୍ତି। ତାଙ୍କ ବଲିଉଡ୍ କ୍ୟାରିୟର ହୋଇଛି ମାତ୍ର ଚାରି ବର୍ଷ, ଆଉ ଏହା ଭିତରେ ସେ ଅଭିନୟ କରିଥିବା ସିନେମାଗୁଡିକ ହେଲା- 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨', 'ପତି ପତ୍ନୀ ଔର ୱ୍', 'ଖାଲି ପିଲି', 'ଗେହେରାୟିଁୟା' ଏବଂ 'ଲାଇଗର'। ତାଙ୍କୁ ନେଇ ନିର୍ମିତ ହୋଇଥିବା 'ଖୋ ଗୟି ହମ୍ କାହାଁ'ର ଶୁଟିଂ ଶେଷ ହୋଇଥିବା ବେଳେ ଆଉ ଏକ ଅନଟାଇଟଲ୍‌ଡ ସିନେମାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।

# ନୁସରତ୍‌ଙ୍କ ନୂଆ ଯୋଜନା

ନୁସରତ୍ ଭରୁଚାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ଅଭିନୟ ସହ ସେ ଆଉ ଏକ କ୍ଷେତ୍ରରେ ପାଦ ରଖିବାକୁ ଯାଉଛନ୍ତି। ତାହା ହେଲା ସମାଜସେବା। କେବଳ ସେତିକି ନୁହେଁ, ଏଥିପାଇଁ ସେ ଏକ ଗ୍ରୁପ୍ ଗଠନ କରିଛନ୍ତି। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, 'ଲୋକମାନଙ୍କ ସହ ସବୁବେଳେ ଜଡ଼ିତ ହୋଇ ରହିବାର ଅନ୍ୟତମ ମାଧ୍ୟମ ହେଲା ସମାଜସେବା। ଜୀବନରେ ଯଦି କାହା ପାଇଁ କିଛି କରିପାରିଲି ତେବେ ତାହା ମୋ ପାଇଁ ବଡ଼ କଥା। ସମାଜସେବାକୁ ନେଇ ଅନେକ ଚିନ୍ତା କରିବା ପରେ ଏଭଳି ନିଷ୍ପତ୍ତି ନେଇଛି। ମୋର କେତେ ଜଣ ସାଙ୍ଗଙ୍କ ସହ ମିଶି ଏଭଳି କାମକୁ ଆଗେଇ ନେବୁ। ଯଦି ଅନ୍ୟ କେହି ଆମ ସହ ଯୋଗ ଦିଅନ୍ତି ତେବେ ତାଙ୍କୁ ମଧ୍ୟ ସ୍ୱାଗତ କରିବୁ। ଅନେକ ସ୍ଥାନ ବୁଲିବା ପରେ ଥରେ ମୋ ମନରେ ସମାଜସେବା କଥା ଉଠିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି।' ଗତ ବର୍ଷ ନୁସରତଙ୍କ ଅଭିନୀତ ଚାରୋଟି ଫିଲ୍ମ ରିଲିଜ୍ ହୋଇଥିଲା। ସେଗୁଡ଼ିକ ହେଲା- 'ଜନହିତ ମେଁ ଜାରି', 'ରାମସେତୁ', 'ସେଲ୍‌ଫି' ଏବଂ 'ତୁ ଝୁଟି ମେଁ ମକ୍କାର'। ଏବର୍ଷ ମଧ୍ୟ ତାଙ୍କ ହାତରେ ତିନୋଟି ସିନେମା- 'ଅକେଲି', 'ଛୋରି-୨' ଏବଂ 'ଛତ୍ରପତି' ରହିଛି।


ନୁସରତ୍

# ଗୁଡୁ ଗ୍ୟାଙ୍ଗଷ୍ଟର


ଶିବାନୀ

ଏଥର ରଜରେ ଏକ ବିଗ୍ ବଜେଟ ଫିଲ୍ମ ପରଦା ଉପରକୁ ଆସୁଛି। ଆଉ ତା'ପୂର୍ବରୁ ଏହାର ପ୍ରମୋର ଦିନରାତି ଏକାଠି କରିଦେଇଛି ପ୍ରଯୋଜନା ସଂସ୍ଥା। ବିଶେଷଭାବରେ ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି 'ଗୁଡୁ ଗ୍ୟାଙ୍ଗଷ୍ଟର'। ଏକ ରହସ୍ୟରୋମାଞ୍ଚ ତଥା ଆକ୍ସନଭରା କାହାଣୀକୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଅନ୍‌ସ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରୀତମ ସାହୁ। ଚିତ୍ର ବିଷୟରେ ଅଶୋକ କହନ୍ତି, 'ଏହି ଫିଲ୍ମର କାହାଣୀରେ କ'ଣ ରହିଛି ତାହା ମୁଁ ନିଜେ କହିବା ଧୃଷ୍ଟତା ହେବ। ଯେତେବେଳେ ଦର୍ଶକ ଏହାକୁ ପରଦା ଉପରେ ଦେଖିବେ ସେତେବେଳେ ଅନ୍ୟ ସିନେମାର କାହାଣୀଠାରୁ ଏହାର ଭିନ୍ନତା ନିଜେ ଉପଲବ୍ଧ କରିପାରିବେ। ଶୁଟିଂ ସମୟରେ କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରାଯାଇଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଏଥର ରଜରେ ଦର୍ଶକ ଏହି ଫିଲ୍ମରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ସିଦ୍ଧାନ୍ତ ମହାପାତ୍ର, ନମ୍ରତା ଥାପ୍ପା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ଏଲି ପାଢ଼ୀ, କେକେ, ବବି ମିଶ୍ର, ରାକ୍ଷୀ ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଏହାର କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଗୀତଗୁଡ଼ିକୁ ରଚନା କରିଛନ୍ତି ପୁଷ୍ପକ ପରିଡ଼ା, ରଞ୍ଜନ ନାୟକ ଏବଂ ତପୁ ନାୟକ। ଏଗୁଡ଼ିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ। ଫିଲ୍ମଟିର ମୁଖ୍ୟ ସହଯୋଗୀ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମାନସ ମହାପାତ୍ର।

# ଯଦି ସୁଯୋଗ ମିଳେ..

ମାଲାୟାଲମ ଫିଲ୍ମର ସୁପରଷ୍ଟାର ମହେଶ ବାବୁଙ୍କ ପରି ଜଣେ ନାମୀ ଅଭିନେତାଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ କିଏ ବା ନ ଚାହେଁ କହିଲେ ? ଅବଶ୍ୟ ପୂର୍ବରୁ ଏଭଳି ଏକ ସୁଯୋଗ କିଆରା ଆଡଭାନୀଙ୍କୁ ମିଳିଥିଲା। କିନ୍ତୁ ଏବେ ପୁଣି ଥରେ ଏହି ଯୋଡ଼ି ଏକାଠି ଦର୍ଶକଙ୍କ ସାମ୍ନାକୁ ଆସିବେ। ଜଣେ ନବାଗତ ପ୍ରଯୋଜକ ଏ ନେଇ ଉଦ୍ୟମ ଜାରି ରଖିଛନ୍ତି। ଏ ବିଷୟରେ କିଆରା କହନ୍ତି, 'ମୁଁ କେବଳ ଏପରି ଅଫର ବିଷୟରେ ଶୁଣିଛି। ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ କିଛି ଅଫିସିଆଲ ସୂଚନା ଦିଆଯାଇନାହିଁ। ଯଦି ପୁଣି ଥରେ ମହେଶଙ୍କ ସହ ଅଭିନୟ କରିବାର ସୁଯୋଗ ମିଳେ ତେବେ କଦାପି ମନା କରିବି ନାହିଁ।' ଏହା ପୂର୍ବରୁ ମହେଶ ବାବୁ ଏବଂ କିଆରା ମାଲାୟାଲମ ଫିଲ୍ମ 'ଭାରତ ଆନି ନିନୁ'ରେ ଆକ୍ଟିଂ କରିସାରିଛନ୍ତି। ୨୦୧୮ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। କୋରାଟାଲା ଶିବା ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡ଼ିକୁ ସ୍ୱରରେ ସଜାଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ଦେବୀ ଶ୍ରୀ ପ୍ରସାଦ।


କିଆରା-ମହେଶ ବାବୁ

# ଯଦି ହଁ କହିଥାଆନ୍ତି....

ଅଭିନୟ ଜୀବନ ଏଭଳି ଏକ ରାସ୍ତା ଯେଉଁଠି ଅନେକ ଘଟଣା ଘଟିଥାଏ। ତା' ଭିତରେ ଏଭଳି କିଛି ଘଟଣା ଦେଖିବାକୁ ମିଳେ ଯାହାକୁ ଭୁଲିବା ଏତେଟା ସହଜ



ନୁହେଁ। ଆଉ ସେହିପରି ଏକ କଥାକୁ ଏବେ ବି ମନେ ପକାଇ ଇମୋଶନାଲ ହୋଇପଡ଼ନ୍ତି ପ୍ରିୟଙ୍କା ଚୋପ୍ରା। ଥରେ ମନେ ପକାନ୍ତୁ ନା ଯଶ ଚୋପ୍ରାଙ୍କ ସୁପରହିଟ୍ ଫିଲ୍ମ 'ମୋହବତେଁ'କୁ। ଏହି ଫିଲ୍ମରେ ଶାହରୁଖ ଖାଁ, ଅମିତାଭ ବଚ୍ଚନ, ଐଶ୍ୱର୍ଯ୍ୟା ରାୟଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। ସେଥିରେ ଏକ ଭୂମିକା ପାଇଁ ପ୍ରଯୋଜକ ପ୍ରିୟଙ୍କାଙ୍କୁ ଯୋଗାଯୋଗ କରିଥିଲେ। ବେଶ୍ କିଛି ଚିନ୍ତା କରିବା ପରେ ସେ ଏହି ଅଫରଟିକୁ ହାତଛଡ଼ା କରିଥିଲେ। ଶେଷରେ ପ୍ରିୟଙ୍କାଙ୍କ ସ୍ଥାନରେ ନବାଗତା ସମିତା ସେଟ୍ଟିଙ୍କୁ ସାଇନ୍ କରାଯାଇଥିଲା। ଏ ନେଇ ପ୍ରିୟଙ୍କା କହନ୍ତି, 'ସେତେବେଳେ ମୁଁ ମିସ୍ ୱାର୍ଲ୍ଡ ପ୍ରତିଯୋଗିତା ପାଇଁ ପ୍ରିପେୟାର ହେଉଥାଏ। ଠିକ୍ ସେହି ସମୟରେ ମୋତେ ଏଭଳି ଅଫର ମିଳିଥିଲା। ମୋର ପ୍ରସ୍ତୁତି କାଳେ ପ୍ରଭାବିତ ହେବ ଭାବି ଅଫରଟିକୁ ହାତଛଡ଼ା କରିଥିଲି। କିନ୍ତୁ ପରେ ଯେତେବେଳେ ଫିଲ୍ମଟି ସୁପରହିଟ୍ ହେଲା, ସେତେବେଳେ ମୋର କାଷ୍ଟି କଥା ମନେ ପଡ଼ିଲା ବେଳକୁ ମନ ଦୁଃଖ ହୋଇଥିଲା। ଅବଶ୍ୟ ଆକ୍ଟିଂ ଲାଇନ୍‌ରେ ଏଭଳି ଘଟଣା ଘଟିଥାଏ। ଭଲ ଭଲ ଅଫର କେବଳ ମୋ ହାତରୁ ନୁହେଁ ଅନେକ ନାମୀ କଳାକାର ମଧ୍ୟ ଏଭଳି ସୁଯୋଗକୁ ମନା କରିବାର ନଜିର ରହିଛି।' ତାମିଲ ଫିଲ୍ମ ମାଧ୍ୟମରେ ପ୍ରିୟଙ୍କା ବଡ଼ ପରଦାରେ ଏଣ୍ଟ୍ରି କରିଥିଲେ। ଏହି ଫିଲ୍ମଟିର ଟାଇଟଲ ଥିଲା 'ଥାମିଜାନ୍'। ଅନ୍ୟପକ୍ଷରେ ତାଙ୍କର ଡେବ୍ୟୁ ହିନ୍ଦୀ ସିନେମା ଥିଲା 'ଦ ହିରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'।

# ଦେବାଶିଷଙ୍କ ଆକଳନ


ଦେବାଶିଷ-ପ୍ରିୟା

ଦିନ ଥିଲା ସେ ଆଲବମ୍ ଜଗତରେ ରାଜ୍ କରୁଥିଲେ। ପରବର୍ତ୍ତୀ ସମୟରେ ବଡ ପରଦାରେ ସେ ବେଶ୍ କେତୋଟି ସିନେମାରେ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ୨୦୨୧ରେ ରିଲିଜ ହୋଇଥିବା ଐତିହାସିକ ଫିଲ୍ମ 'ଶହୀଦ ରଘୁ ସର୍ଦ୍ଦାର'ର ଟାଇଟଲ ଭୂମିକାରେ ଅଭିନୟ କରି ସେ ସାଉଁଟିଥିଲେ ଅନେକ ପ୍ରଶଂସା। ଏବେ ସେ ଅଭିନୟ କରିଥିବା ଏକ ନୂଆ ସିନେମା 'ଚନ୍ଦ୍ରମା'କୁ ନେଇ ଚର୍ଚ୍ଚା। ଖାସ୍ କଥା ହେଲା, ଏହି ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ଦେବାଶିଷ। ଏହାର କାହାଣୀ ଏକ ଭୌତିକ ଘଟଣା ଉପରେ ଆଧାରିତ। ଧୁନ୍ ମ୍ୟୁଜିକାଲ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ପ୍ରଥମ ଟ୍ରେଲର ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ବର୍ତ୍ତମାନ ଚିତ୍ରଟି ଓଡ଼ିଆ ଭାଷାରେ ନିର୍ମିତ ହେଉଛି। ପରବର୍ତ୍ତୀ ସମୟରେ ହିନ୍ଦୀ, ତାମିଲ, ତେଲୁଗୁ, ମାଲାୟାଲମ ଭାଷାରେ ପ୍ରସ୍ତୁତ ହେବ ବୋଲି ଏହାର କ୍ରିଏଟିଭ ହେଡ୍ ସୂଚନା ଦେଇଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି କେପି ଏବଂ ସହ-ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ରବି ମହାନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ବିଶ୍ୱ ଭୂଷଣ ମହାପାତ୍ର। ଏହି ଚଳଚ୍ଚିତ୍ରରେ ଦେବାଶିଷ ପାତ୍ର, ଭୂମିକା ଦାଶ ଓ ପ୍ରିୟା ଚୌଧୁରୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଖୁବ୍ ଶୀଘ୍ର ଏହା ପ୍ୟାନ ଇଣ୍ଡିଆ ସ୍ତରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଇଣ୍ଡିଆନ ଓମେନ୍ସ ଲିଗ୍ ଆରମ୍ଭ

**ଇଣ୍ଡିଆନ ଓମେନ୍ସ ଲିଗ୍‌ର ୬ଷ୍ଠ ସଂସ୍କରଣ ଗୁଜରାଟର ବିଭିନ୍ନ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହୋଇଛି । ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହା ମଧ୍ୟରେ ଓଡ଼ିଶାର ୨ ଦଳ ଓଡ଼ିଶା ଏଫ୍‌ସି ଏବଂ ସ୍ପୋର୍ଟ୍ସ ଓଡ଼ିଶା ସାମିଲ ରହିଛି। ଇତିହାସ ଦେଖିଲେ ଗୋକୁଲମ୍ କେରଳ ସର୍ବାଧିକ ୨ ଥର ଟାଇଟଲ ବିଜୟୀ ହୋଇଛି । ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣରେ ଚାମ୍ପିୟନ ହୋଇଥିଲା ।**

## ଇତିହାସ

ଭାରତରେ ମହିଳା ଫୁଟବଲ୍‌ର ବିକାଶ ପାଇଁ ଆରମ୍ଭ ହୋଇଥିଲା ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)। ୨୦୧୬ରେ ହୋଇଥିଲା ଏହାର ପ୍ରଥମ ସଂସ୍କରଣ। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଧୀରେ ଧୀରେ ଏହାର କାୟା ବୃଦ୍ଧି ଘଟି ଏବେ ଏହା ୧୬ ଦଳରେ ପହଞ୍ଚିଛି। ଇତିମଧ୍ୟରେ ୬ଷ୍ଠ ସଂସ୍କରଣରେ ଏହି ଟୁର୍ନାମେଣ୍ଟ ପହଞ୍ଚିଥିବା ବେଳେ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ୍, ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବ୍, ସେଥୁ ଓ ଗୋକୁଲମ୍ କେରଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ୍ କେରଳ ସର୍ବାଧିକ ଦୁଇ ଥର ଟାଇଟଲ୍ ହାସଲ କରିବାରେ ସଫଳ ହୋଇଛି। ଏହି ଟୁର୍ନାମେଣ୍ଟର ଚାମ୍ପିୟନ୍ ଦଳକୁ ଏସିଆନ୍ ଏଏଫ୍‌ସି କପ ଖେଳିବାର ସୁଯୋଗ ମିଳିଥାଏ। ଚଳିତ ବର୍ଷର ଇଣ୍ଡିଆନ୍ ଓମେନ୍ସ ଲିଗ ଗୁଜରାଟରେ ଖେଳା ଯାଉଥିବା ବେଳେ ଓଡ଼ିଶାରୁ ୨ଟି ଦଳ ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ଅଂଶଗ୍ରହଣ କରୁଛି। ବିଗତ ୭ ବର୍ଷ ମଧ୍ୟରେ କେବଳ ୨୦୨୦-୨୧ ସିଜନ କୋଭିଡ୍ ପାଇଁ ସମ୍ଭବ ହୋଇ ନ ଥିଲା।

## କିଭଳି ଥିଲା ଆରମ୍ଭ

ଭାରତରେ ମହିଳା ଫୁଟବଲରଙ୍କ ପାଇଁ କୌଣସି ପ୍ରଫେସନାଲ ଲିଗ୍ ନ ଥିବା ବେଳେ ୧୯୯୧ରୁ ଏହାକୁ ଆରମ୍ଭ କରିବାକୁ ପ୍ରୟାସ ହୋଇଥିଲା। ସେ ସମୟରେ କେବଳ ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ଏକମାତ୍ର ସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟ ରହିଥିଲା। ସମାନ ସମୟରେ କୋଲକାତା, ମୁମ୍ବାଇ ଓ ଗୋଆରେ ମହିଳା ଫୁଟବଲ୍ ଲିଗ୍ ଆରମ୍ଭ ହୋଇଥିଲା। ତେବେ ଏସବୁ କେବଳ ସମାନ ରାଜ୍ୟ ମଧ୍ୟରେ ସୀମିତ ରହିଥିବା ବେଳେ ଅର୍ଥ ଅଭାବରୁ ଏହା କିଛି ବର୍ଷ ମଧ୍ୟରେ ବନ୍ଦ ହୋଇଯାଇଥିଲା। ତେବେ ୨୦୧୪ରେ ଭାରତୀୟ ମହିଳା ଫୁଟବଲ ଦଳ ସାଉଥ୍ ଏସିଆନ୍ ଫୁଟବଲ୍ ଫେଡେରେଶନ (ସାଫ୍) ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିବା ପରେ ମହିଳା ଫୁଟବଲ ଲିଗ୍‌କୁ ନେଇ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ୍) ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ୨୦୧୪ରୁ ରୂପରେଖ ପ୍ରସ୍ତୁତ ହେବା ପରେ ପ୍ରଥମ ଥର ପାଇଁ ୨୦୧୬ରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଆରମ୍ଭରୁ କେବଳ ଭାରତୀୟ ଖେଳାଳିଙ୍କୁ ସୁଯୋଗ ମିଳୁଥିବା ବେଳେ ୨୦୧୭ ସିଜନରୁ ବିଦେଶୀ ଖେଳାଳିଙ୍କୁ ମଧ୍ୟ ଏହି ଲିଗ୍‌ରେ ଖେଳିବା ପାଇଁ ଅନୁମତି ମିଳିଥିଲା।

## କଟକରେ ଉଦ୍‌ଘାଟନୀ ସିଜନ

ପ୍ରଥମ ଥର ପାଇଁ ଅନୁଷ୍ଠିତ ଟୁର୍ନାମେଣ୍ଟର ମୁଖ୍ୟ ରାଉଣ୍ଡରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟର ପ୍ରିଲିମିନାରୀ ରାଉଣ୍ଡରେ ୨୦ ଦଳ ଅଂଶଗ୍ରହଣ କରିଥିଲେ। ୫ଟି ସୁପର ଲିଗ୍ ଦଳ ଓ ୩ଟି ଆଇ ଲିଗ୍ ଦଳ ଯୋଗ୍ୟତା ହାସଲ କରିଥିବା ବେଳେ ବିଭିନ୍ନ ରାଜ୍ୟରୁ ଅନ୍ୟ ୧୨ ଦଳ ଯୋଗ ଦେଇଥିଲେ। କଟକରେ ଅକ୍ଟୋବର ୧୭ରୁ ୨୬ ମଧ୍ୟରେ ଏହି ମ୍ୟାଚ୍‌ଗୁଡିକ ଖେଳା ଯାଇଥିଲା। ୬ଟି ଦଳ ମୁଖ୍ୟ ରାଉଣ୍ଡକୁ ଉନ୍ନୀତ ହୋଇଥିବା ବେଳେ ଏହାର ମ୍ୟାଚ୍‌ଗୁଡିକ ଦିଲ୍ଲୀରେ ଖେଳା ଯାଇଥିଲା। ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ୍ ୩-୦ରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବ୍‌କୁ ପରାସ୍ତ କରି ପ୍ରଥମ ସଂସ୍କରଣ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଦ୍ୱିତୀୟ ସଂସ୍କରଣରେ ଓଡ଼ିଆ କ୍ଲବ ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବ୍ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ପରବର୍ତ୍ତୀ ସଂସ୍କରଣରେ



୨୦୧୭-୧୮ ସିଜନ ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବ ଦଳ



ବାଲା ଦେବୀ

ମଦୁରାଇର ଦଳ ସେଥୁ ଚାମ୍ପିୟନ ହୋଇଥିବା ବେଳେ ବିଗତ ଦୁଇ ବର୍ଷ ଧରି ଗୋକୁଲମ୍ କେରଳ ଟାଇଟଲ ବଜାୟ ରଖିଛି।

## ଫର୍ମାଟ

ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟରେ ଏହି ଟୁର୍ନାମେଣ୍ଟ ଖେଳା ଯାଇଥାଏ। ଗୋଟିଏ ଭେନ୍ୟୁରେ ୧୨ ରାଉଣ୍ଡର ମ୍ୟାଚ୍ ପରେ ଅଧିକ ପଏଣ୍ଟ ଅର୍ଜନ କରିଥିବା ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥାଏ। ବିଗତ ସିଜନର ୪ ଶ୍ରେଷ୍ଠ ଦଳ ସହିତ ବିଭିନ୍ନ ରାଜ୍ୟର ମହିଳା ଲିଗ୍ ଚାମ୍ପିୟନ୍ ଦଳଙ୍କୁ ସିଧାସଳଖ ମୁଖ୍ୟ ରାଉଣ୍ଡ ପାଇଁ ଯୋଗ୍ୟତା ମିଳିଥାଏ। ଅନ୍ୟ ଦଳଗୁଡିକ ଯୋଗ୍ୟତା ପର୍ଯ୍ୟାୟ ମାଧ୍ୟମରେ ମୁଖ୍ୟ ରାଉଣ୍ଡରେ ସାମିଲ ହୋଇଥାଏ। ଚଳିତ ବର୍ଷ ୧୬ ଟିମ୍ ମୁଖ୍ୟ ରାଉଣ୍ଡରେ ସାମିଲ ହେବେ। ଟୁର୍ନାମେଣ୍ଟ ଶେଷ ସୁଦ୍ଧା ଯଦି ଦୁଇ ଅବା ଅଧିକ ଦଳର ପଏଣ୍ଟ ସମାନ ରହିଥାଏ ତେବେ ଉନ୍ନତ ଗୋଲ ବ୍ୟବଧାନରେ ବିଜୟୀ ଦଳ ନିର୍ଦ୍ଧାରଣ କରାଯିବ। ଗୋଲ ବ୍ୟବଧାନ ସମାନ ରହିଲେ ଉଭୟ ଦଳ ପରସ୍ପର ମଧ୍ୟରେ ସ୍କୋର କରିଥିବା ଗୋଲକୁ ହିସାବକୁ ନିଆଯିବ। ଏଥିରେ ଯଦି ଫଇସଲା ନ ହୁଏ ତେବେ କେଉଁ ଦଳ ସର୍ବାଧିକ ଗୋଲ ସ୍କୋର କରିବା ସହିତ କମ୍ ରେଡ୍ ଓ ୟେଲୋ କାର୍ଡ ପାଇଛି ତାହାକୁ ବିଚାରକୁ ନିଆଯିବ। ଏସବୁ ପରେ ମଧ୍ୟ ଯଦି ବିଜେତା ନିର୍ଣ୍ଣୟ ସମ୍ଭବ ନ ହୁଏ ତେବେ ଟସ୍ ମାଧ୍ୟମରେ ବିଜେତା ଚୟନ କରାଯିବ।

## ରେକର୍ଡ

ଟୁର୍ନାମେଣ୍ଟର ସଫଳତମ ଦଳ ଭାବରେ ଗୋକୁଲମ୍ କେରଳ ଦୁଇଥର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଅନ୍ୟପକ୍ଷରେ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ୍, ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବ୍ ଓ ସେଥୁ ଥରେ ଲେଖାଏ ଚାମ୍ପିୟନ ଓ ରନର ଅପ୍ ରହିଛନ୍ତି। ଏହି ଟୁର୍ନାମେଣ୍ଟରେ ସର୍ବାଧିକ ଗୋଲ ଦେବାର ରେକର୍ଡ ବର୍ତ୍ତମାନର ଭାରତୀୟ ଦଳ ଅଧିନାୟିକା ନାନ୍‌ଗୋମ୍ ବାଲାଦେବୀଙ୍କ ନାମରେ ରହିଛି। ସେ ୨ଟି ସିଜନରେ ଅଂଶଗ୍ରହଣ କରି ମୋଟ ୩୮ଟି ଗୋଲ ସ୍କୋର କରିଛନ୍ତି। ନେପାଳର ଖେଳାଳି ସବିତ୍ରା ଭଣ୍ଡାରୀ ସମାନ ୨ଟି ସିଜନ ଖେଳିଥିବା ବେଳେ ୩୧ ଗୋଲ୍ ସ୍କୋର କରିବା ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଖେଳାଳି ନୋଙ୍ଗମାଇଥେମ୍ ରତ୍ନବାଳା ଦେବୀ ଓ ସାନ୍ଧିୟା ରଙ୍ଗନାଥନ୍ ୪ଟି ଲେଖାଏ ସିଜନ ଖେଳିଥିବା ବେଳେ ୨୫ଟି ଲେଖାଏ ଗୋଲ ସ୍କୋର କରି ଯୁଗ୍ମ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ପ୍ୟାରୀ ଖାଖା ଓ ସସ୍ମିତା ମଲିକ୍ ଉଭୟ ୭ଟି ଲେଖାଏ ଗୋଲ ସ୍କୋର କରି ସର୍ବାଧିକ ସ୍କୋରରଙ୍କ ତାଲିକାରେ ୧୩ତମ ସ୍ଥାନରେ ରହିଛନ୍ତି। ସସ୍ମିତା ଗୋଟିଏ ଏବଂ ପ୍ୟାରୀ ୩ଟି ସିଜନରେ ଅଂଶଗ୍ରହଣ କରିଛନ୍ତି। ଗୋଟିଏ ସିଜନରେ ସର୍ବାଧିକ ଗୋଲ ଦେବାର ରେକର୍ଡ ନାନ୍‌ଗୋମ୍ ବାଲାଦେବୀଙ୍କ ନାମରେ ରହିଛି। ୨୦୧୮-୧୯ ସିଜନରେ ମଣିପୁର ପୋଲିସ୍ ପକ୍ଷରୁ ସେ ସର୍ବାଧିକ ୨୬ ଗୋଲ ସ୍କୋର କରିଥିଲେ।

# ସ୍ପୋର୍ଟ୍ସ ଓଡ଼ିଶାର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୬।୪ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଓମେନ୍ସ ଲିଗ୍‌ର ୬ଷ୍ଠ ସଂସ୍କରଣ ବୁଧବାରଠାରୁ ଗୁଜରାଟର ୩ଟି ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ୨ଟି ଦଳ ଭାଗ ନେଉଥିବାବେଳେ ପ୍ରଥମ ଦିବସରେ ସ୍ପୋର୍ଟ୍ସ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଏଫ୍‌ସି ଗୁରୁବାରଠାରୁ ଏହାର ଅଭିଯାନ ଆରମ୍ଭ କରିବ। ଶାହିବାଗ୍ ପୋଲିସ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍ 'ଏ' ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୩-୨ ଗୋଲରେ ଦିଲ୍ଲୀର ହୋପ୍ସ ଫୁଟବଲ କ୍ଲବକୁ ପରାସ୍ତ କରିଛି। ଫଳରେ ଓଡ଼ିଶା ଦଳକୁ ୩ ପଏଣ୍ଟ ମିଳିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଫଳରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ବେଶ୍ ରୋଚକ ହୋଇଥିଲା। ୫୧ତମ ମିନିଟରେ ରେଖା ପୌଦେଲ ଏକ ଗୋଲ ଦେଇ ଓଡ଼ିଶା ଦଳକୁ ଅଗ୍ରଣୀ କରିଥିଲେ। ୫୮ତମ ମିନିଟରେ ମନୀଷା ନାଏକ ଆଉ ଏକ ଗୋଲ ସ୍କୋର କରି ଅଗ୍ରଣୀ ବ୍ୟବଧାକୁ ୨-୦ରେ ପହଞ୍ଚାଇଥିଲେ। ପଛୁଆ ରହିବାପରେ କାଉଣ୍ଟର ଆଟାକ୍ କରି ସଫଳ ହୋଇଥିଲା ହୋପ୍ସ ଫୁଟବଲ କ୍ଲବ। ୭୪ତମ ମିନିଟରେ ଶୈଳଜା ଗୋଟିଏ ଗୋଲ ପରିଶୋଧ କରିଥିଲେ। ୮୧ତମ ମିନିଟରେ ରଜନୀ ବାଳା ଆଉ ଏକ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୯୦ ମିନିଟ ମଧ୍ୟରେ ଖେଳ ବରାବର ସ୍ଥିତିରେ ରହିବାପରେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୫ ମିନିଟରେ ଅଞ୍ଜୁ ଏକ ଗୋଲ ଦେଇ ସ୍ପୋର୍ଟ୍ସ ଓଡ଼ିଶାକୁ ବିଜୟୀ କରିଥିଲେ। ସ୍ପୋର୍ଟ୍ସ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଗୋକୁଲମ୍ କେରଳ ଏଫ୍‌ସି ସହିତ ଖେଳିବ।

ପ୍ରଥମ ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଟ୍ରାନ୍ସଷ୍ଟାଡିଆରେ ଗୋକୁଲମ୍ କେରଳ ୮-୨ ଗୋଲରେ ଇଷ୍ଟବେଙ୍ଗଲ ଏଫ୍‌ସିକୁ ଏବଂ ମିସାକା ୟୁନାଇଟେଡ ଏଫ୍‌ସି ୨-୦ରେ ମାତା ରୁକ୍ମଣୀ ଫୁଟବଲ କ୍ଲବକୁ ପରାସ୍ତ କରିଛି। ସେହିପରି ଶାହିବାଗ୍ ପୋଲିସ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ମୁମ୍ବାଇ ନାଇଟ୍ସ ଏଫ୍‌ସି ୧-୦ ଗୋଲରେ କାହାଣୀ ଫୁଟବଲ କ୍ଲବକୁ ହରାଇ ଦେଇଛି।


ଇଷ୍ଟବେଙ୍ଗଲ ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# କୋଲକାତାର ତୃତୀୟ ବିଜୟ


ତୃତୀୟ ଉଇକେଟରେ ୮୦ ରନର ଭାଗୀଦାରି ଅବସରରେ ନୀତୀଶ ରାଣା ଓ ଭେଙ୍କଟେଶ ଆୟାର।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ରାଜସ୍ଥାନ ବନାମ ଚେନ୍ନାଇ**

**ସ୍ଥାନ:ଜୟପୁର, ସମୟ: ରାତି ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ବେଙ୍ଗାଲୁରୁ, ୨୬।୪**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ରେ କୋଲକାତା ନାଇଟ ରାଇଡର୍ସ (କେକେଆର) ତୃତୀୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ୨୧ ରନରେ ପରାସ୍ତ କରିଛି। ଜାସନ ରୟଙ୍କ ଅର୍ଦ୍ଧଶତକ ସହାୟତାରେ କୋଲକାତା ୨୦ ଓଭରରେ ୫ ଉଇକେଟ ହରାଇ ୨୦୦ ରନ କରିଥିଲା। ଜବାବରେ ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୭୯ ରନ କରି ପାରିଥିଲା। ଚଳିତ ସିଜନରେ କୋଲକାତା ନିକଟରୁ ଆରସିବିର ଏହାଥିଲା ଦ୍ୱିତୀୟ ପରାଜୟ।

ଦୁର୍ବଳ ବୋଲିଂ ଓ ଫିଲ୍ଡିଂ ପରେ ଖରାପ ବ୍ୟାଟିଂ ଆରସିବି ପାଇଁ ମହଙ୍ଗା ପଡ଼ିଥିଲା। କେକେଆର ଅଧିନାୟକ ନୀତୀଶ ରାଣାଙ୍କ ଏକାଧିକ କ୍ୟାଚ ଡ୍ରପ୍, ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଶାହାବାଜ ଅହମଦ କ୍ରମାଗତ ବିଫଳ ହେବା, କେବଳ ବିରାଟ କୋହଲିଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବ୍ୟାଟର ଶୀଘ୍ର ଆଉଟ ହେବା ଆଦି ଆରସିବି ପରାଜୟର ଗୋଟିଏ ଲେଖାଏ କାରଣ ଥିଲା। ବିରାଟ ୩୭ ବଲ୍‌ରୁ ୬ ଚୌକା ସହାୟତାରେ ସର୍ବାଧିକ ୫୪ ରନ ସଂଗ୍ରହ କରିଥିବାବେଳେ ମଧ୍ୟଭାଗରେ ମହୀପାଲ ଲୋମରୋର ୩୪ ରନ କରିବାକୁ ସକ୍ଷମ ହୋଇଥିଲେ। ଫାଫ୍ ଡୁପ୍ଲେସି ୧୭ ଏବଂ ଗ୍ଲେନ ମ୍ୟାକ୍ସୱେଲ ୫ ରନରେ ଆଉଟ ହେବା ସହିତ ଆରସିବିର ଆଶା ମଉଳି ଯାଇଥିଲା। ଦୀନେଶ କାର୍ତ୍ତିକ (୧୮ ବଲ୍‌ରୁ ୨୨) ଓ ସୂୟାଶ ପ୍ରଭୁଦେଶାଇ (୯ ବଲ୍‌ରୁ ୧୦)ଙ୍କର ଦଳକୁ ବିଜୟୀ କରିବାକୁ ଯେଉଁ ଭୋକିଲା ମନୋଭାବ ଆବଶ୍ୟକ ତାହାର ଅଭାବ ପରିଲକ୍ଷିତ ହୋଇଥିଲା। କୋଲକାତା ବୋଲରଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ ୩ଟି ଏବଂ ସୂୟାଶ ଶର୍ମା ଓ ଆନ୍ଦ୍ରେ ରସେଲ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ଜାସନ ରୟ ଓ ଏନ. ଜଗଦୀଶନଙ୍କ ମାଧ୍ୟମରେ ଦୃଢ଼ ଓପନିଂ ଭାଗୀଦାରି ଗଢ଼ିଥିଲା। ଦୁହେଁ ପ୍ରଥମ ଉଇକେଟରେ ୫୬ ବଲ୍‌ରୁ ୮୩ ରନ ଯୋଗକରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଟପ୍ ଅର୍ଡରରେ ଜାସନ ରୟ ୨୯ ବଲ୍‌ରୁ ୫୬ (୪ ଚୌକା, ୫ ଛକା), ଜଗଦୀଶନ ୨୯ ବଲ୍‌ରୁ ୨୭ ଓ ଭେଙ୍କଟେଶ୍ ଆୟାର ୩୧ (୨୬ ବଲ, ୩ ଚୌକା) ରନ କରିଥିବାବେଳେ ମଧ୍ୟଭାଗରେ ଅଧିନାୟକ ନୀତୀଶ ରାଣା ମାତ୍ର ୨୧ ବଲ୍‌ରୁ ୪୮ ରନ ସଂଗ୍ରହ କରିଥିଲେ। ନିଜ ଇନିଂସ ମଧ୍ୟରେ ନୀତୀଶ ୩ ଚୌକା ଓ ୪ ଛକା ମାରିଥିଲେ। ଲୋୟର ଅର୍ଡରରେ ରିଙ୍କୁ ସିଂ ୧୦ ବଲ୍‌ରୁ ୧୮ ଓ ଡେଭିଡ ୱାଇଜ୍ ମାତ୍ର ୩ ବଲ୍‌ରୁ ୧୨ ରନ କରିବାରୁ କେକେଆର ସ୍କୋର ୨୦୦ ସ୍ପର୍ଶ କରିଥିଲା। ଆରସିବି ପକ୍ଷରୁ ୱାନିନ୍ଦୁ ହସରଙ୍ଗା ଓ ବିଜୟ କୁମାର ବ୍ୟସକ ୨ଟି ଲେଖାଏ ଏବଂ ମହମ୍ମଦ ସିରାଜ ଗୋଟିଏ ଉଇକେଟ ନେଇଥିଲେ। ଶାହାବାଜ ଅହମଦ ଓ ହର୍ଷଲ ପଟେଲ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୦୦/୫ (ଜାସନ ରୟ-୫୬, ନୀତୀଶ ରାଣା-୪୮, ଭେଙ୍କଟେଶ ଆୟାର-୩୧, ଏନ. ଜଗଦୀଶନ-୨୭, ୱାନିନ୍ଦୁ ହସରଙ୍ଗା-୨/୨୪, ବିଜୟ କୁମାର ବ୍ୟସକ-୨/୪୧, ମହମ୍ମଦ ସିରାଜ-୧/୩୩)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୯/୮ (ବିରାଟ କୋହଲି-୫୪, ମହୀପାଲ ଲୋମରୋର-୩୪, ଦୀନେଶ କାର୍ତ୍ତିକ-୨୨, ବରୁଣ ଚକ୍ରବର୍ତ୍ତୀ-୩/୨୭, ଆନ୍ଦ୍ରେ ରସେଲ-୨/୨୯, ସୂୟାଶ ଶର୍ମା-୨/୩୦)।

# କ୍ରିକେଟରଙ୍କ ଉନ୍ନତିରେ କ୍ରିକେଟର ବିକାଶ

**ଭୁବନେଶ୍ୱର,୨୬।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ପୁରୁଷ ସିନିୟର କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବରେ ନିଯୁକ୍ତ ହୋଇଥିବା ଦୀନେଶ ମୋଙ୍ଗିଆ ବୁଧବାର ଓଡ଼ିଶାରେ ପହଞ୍ଚିବା ସହିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ମୋଙ୍ଗିଆ ଓଡ଼ିଶା କ୍ରିକେଟ ପାଇଁ ତାଙ୍କର ଯୋଜନା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ସେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କ୍ରିକେଟ ପରାମର୍ଶଦାତା କମିଟି, ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ରଣଜୀ ଟ୍ରଫି ଫାଇନାଲରେ ପହଞ୍ଚିବା ଓସିଏର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଥିଲେ। ଓଡ଼ିଶାରେ କ୍ରିକେଟରେ ବିକାଶ ପାଇଁ ପ୍ରଥମେ କ୍ରିକେଟର ମାନଙ୍କ ଉନ୍ନତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହା ସହିତ ଆଗାମୀ ଦିନରେ ଏକ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ କରାଯିବା ନେଇ ମୋଙ୍ଗିଆ ସୂଚନା ଦେଇଥିଲେ। ସମସ୍ତ ଯୁବ ପ୍ରତିଭାଙ୍କ ନିକଟରେ ଏହା ଏକ ପ୍ରକୃଷ୍ଟ ସୁଯୋଗ ବୋଲି କହିବା ସହ ଭବିଷ୍ୟତ ପାଇଁ ଭଲ ସ୍ପିନର ଖୋଜିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିବ। ଓଡ଼ିଶା ଟିମ୍‌ରେ ପ୍ରତିଭାର କୌଣସି ଅଭାବ ନଥିବା ସେ ଅନୁଭବ କରନ୍ତି। ବିଗତ ବର୍ଷର ଫାଇନାଲିଷ୍ଟ ବେଙ୍ଗଲକୁ ଦଳ ଯେଉଁଭଳି ପରାସ୍ତ କରିଥିଲା ଚଳିତ ସିଜନରେ ସମସ୍ତ ଖେଳାଳି ସମାନ ଢଙ୍ଗରେ ପ୍ରଦର୍ଶନ ଦେବା ନେଇ ସେ ଆଶା କରୁଥିବା କହିଥିଲେ ମୋଙ୍ଗିଆ।


ଓସିଏ ସିଇଓ ସୁବ୍ରତ ବେହେରାଙ୍କ ସହ କୋଚ୍ ଦୀନେଶ ମୋଙ୍ଗିଆ।


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ